

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 249, Monday, 1 January 2024, Puri, Pages- 17, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୪୯, ସୋମବାର, ୧ ଜାନୁଆରୀ ୨୦୨୪, ପୁରୀ, ୧୭ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia



RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 249, Monday, 1 January 2024, Puri, Pages- 17, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୪୯, ସୋମବାର, ୧ ଜାନୁଆରୀ ୨୦୨୪, ପୁରୀ, ୧୭ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org




■ Vol. 10, Issue. 249, Monday, 1 January 2024, Puri, Pages- 17, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୪୯, ସୋମବାର, ୧ ଜାନୁଆରୀ ୨୦୨୪, ପୁରୀ, ୧୭ ପୃଷ୍ଠା, ମୂଲ୍ୟ - ୭ ଟଙ୍କା

### ବର୍ଷର ଶେଷ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା

## ତପ୍ତପାଣି ଘାଟିରେ ଓଲଟିଲା ପର୍ଯ୍ୟଟକ ବସ୍

- ୩୫ରୁ ଉର୍ଦ୍ଧ ଆହତ: ୬ ଗୁରୁତର
- ମା' ତାରାତାରିଣୀଙ୍କ ଦର୍ଶନ ସାରି ଫେରୁଥିବା ସମୟରେ ଅଘଟଣ
- ଓଲଟିଲା ଟୁରିଷ୍ଟ ବସ୍, ୧୦ରୁ ଉର୍ଦ୍ଧ ଆହତ
- ଲୁଲୁଙ୍ଗରେ ଖସିପଡ଼ି ଯୁବକଙ୍କ ମୃତ୍ୟୁ



ଗଞ୍ଜାମ/ବ୍ରହ୍ମପୁର(ଅମୃତ ମିଡିଆ)

ରବିବାର ଥିଲା ୨୦୨୩ ବର୍ଷର ଶେଷ ଦିନ ଓ ରବିବାର । ଆଜି ଛୁଟି ଥିବାରୁ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟଟକଙ୍କର ଭିଡ଼ ଲାଗିରହିଥିଲା । ରାଜ୍ୟର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ବର୍ଷର ଶେଷ ଦିନକୁ ଆନନ୍ଦ ଉଲାସରେ କଟେଇବାକୁ ଚାହିଁଥିଲେ । ମାତ୍ର କିଛିସ୍ଥାନରେ ଦେଖିବାକୁ ମିଳିଥିଲା ଅଘଟଣ । ଯାଜପୁର ଦଶରଥପୁର ପଟନ୍ନା ଗାଁରୁ ୬୦ରୁ ଅଧିକ ଯାତ୍ରୀ ଗଜପତି ଜିଲ୍ଲା ଜିରାଙ୍ଗ ଓ ଖସଡ଼ା ଜଳପ୍ରପାତ ବୁଲିବାକୁ ଯାଇଥିଲେ । ସେଠାରେ ପିକନିକ୍ ମନାଇବା ପରେ ଯାଜପୁର ଅଭିମୁଖେ ବାହାରିଥିଲା ବସ । କିନ୍ତୁ ତପ୍ତପାଣି ଘାଟି ବେଲଗଡ଼ ଗ୍ରାମ ନିକଟରେ ବସଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା । ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ଦିଗପହଣ୍ଡି ମେଡିକାଲରେ ଭର୍ତି କରାଯାଇଥିଲା । ଆଉ ୬ ଗୁରୁତରଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି । ସେହିପରି ଭାରସ୍ୟାମ ହରାଇ ରାସ୍ତା କଡ଼କୁ ଓଲଟିଲା ଯାତ୍ରୀବାହୀ ଟୁରିଷ୍ଟ ବସ, ୧୦ ରୁ ଉର୍ଦ୍ଧ ଯାତ୍ରୀ ଆହତ ହୋଇଥିବା ସୂଚନା । ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବାଲିଆ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ଦେଖିବାକୁ ମିଳିଛି । ଭାରସ୍ୟାମ ହରାଇ ଲକ୍ଷ୍ମୀନାରାୟଣ ନାମକ ଏକ ବସ ରାସ୍ତା କଡ଼କୁ ଓଲଟି ପଡ଼ିଥିବା ବେଳେ ୧୦ ରୁ ଉର୍ଦ୍ଧ ଆହତ ହୋଇଛନ୍ତି । ତେବେ ମିଳିଥିବା ସୂଚନା ପ୍ରକାରେ ଲକ୍ଷ୍ମୀ ନାରାୟଣ ନାମକ ଏକ ଟୁରିଷ୍ଟ ବସ ଭଦ୍ରକ ଅଂଚଳର ୪୫ ରୁ ଉର୍ଦ୍ଧ ଯାତ୍ରୀଙ୍କୁ ନେଇ ପୁରୁଷୋତ୍ତମପୁର ନିକଟସ୍ଥ ମା ତାରାତାରିଣୀଙ୍କ ଦର୍ଶନ ସରିବ ପରେ ଚିଲିକା ଅଭିମୁଖେ ବାହାରିଥିଲେ । ଏହି ସମୟରେ ବସଟି ଭାରସ୍ୟାମ ହରାଇ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବାଲିଆ ଛକ ନିକଟରେ ରାସ୍ତା କଡ଼କୁ ଓଲଟିପଡିଥିଲା । ଯାହା ଫଳରେ ବସରେ ଥିବା ୪୫ ଜଣ ଯାତ୍ରୀ ମଧ୍ୟରୁ ୧୦ ଯାତ୍ରୀ ଆହତ ହୋଇଛନ୍ତି । ବାରିପଦା ଲୁଲୁଙ୍ଗ ଝରଣା ଠାରେ ପିକ୍‌ନିକ୍ ପାଇଁ ଆସିଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ଲୁଲୁଙ୍ଗରେ ଖସିପଡି ଯୁବକ ମୃତ ମୃତ ଯୁବକ ବାଲେଶ୍ୱର ଏଲଟିଆର ଅଞ୍ଚଳର ରିଙ୍କୁ ଜେନା ବୋଲି ଜଣାପଡ଼ିଛି ।

## ଦାୟିତ୍ୱ ଗ୍ରହଣ କଲେ ନୂଆ ଡିଜିପି ଅରୁଣ ଷଡ଼ଙ୍ଗୀ

### ସମସ୍ତଙ୍କ ସହଯୋଗରେ ଦାୟିତ୍ୱ ନିର୍ବାହ କରିବି: ଡିଜିପି



କଟକ(ବ୍ୟୁରୋ)

ଦାୟିତ୍ୱ ନେଲେ ନୂଆ ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ । ଶୁକ୍ରବାର, ଏହି ବରିଷ୍ଠ ଆଇପିଏସ କଟକ ପୋଲିସ ମୁଖ୍ୟାଳୟରେ ପୋଲିସ ମହାନିର୍ଦ୍ଦେଶକ ଭାବରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଗତକାଲି ରାଜ୍ୟ ସରକାର ୧୯୯୦ ବ୍ୟାଚର ଆଇପିଏସ୍ ଅଫିସର ଅରୁଣ ଷଡ଼ଙ୍ଗୀଙ୍କୁ ଅତିରିକ୍ତ ପୋଲିସ ଡିଜି ଦାୟିତ୍ୱ ଦେଇଥିଲେ । ସୂଚନାଥାଉକି, ପୋଲିସ ଡିଜି ସୁନୀଲ ବଂଶଲଙ୍କ କାର୍ଯ୍ୟକାଳ ଡିସେମ୍ବର ୩୧ ଅର୍ଥାତ୍ ରବିବାର ଶେଷ ହେଉଛି । ତେବେ ନୂଆ ଡିଜିପି ହେବା ପୂର୍ବରୁ ଆଇପିଏସ୍ ଅରୁଣ ଷଡଙ୍ଗୀ ବିପିଏସ୍‌ପିଏର ନିର୍ଦ୍ଦେଶକ ରହିଥିଲେ । ୧୯୦୦ ମସିହାରେ ଆଇପିଏସ ପାଇବା ପରେ ତାଳଚେରରେ ଝଉଚଡ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ଏହାପରେ ରାୟଗଡ଼ା ଏସପି ଭାବରେ ପୋଷ୍ଟିଂ ମିଳିଥିଲା । ଏହାପରେ ବ୍ରହ୍ମପୁର, ଜଗତସିଂହପୁର, ଭୁବନେଶ୍ୱର ଓ ରାଉରକେଲାରେ ଏସପି ଭାବେ ସେବା ପ୍ରଦାନ କରିଥିଲେ । ଅନ୍ୟପଟେ ନୂଆ ପୋଲିସ ଡିଜି ପଦବୀ ପାଇଁ ରାଜ୍ୟ ସରକାର ୭ ଜଣଙ୍କ ନାଁ ୟୁପିଏସସିକୁ ସୁପାରିଶ କରିସାରିଛନ୍ତି । ୧୯୮୮ରୁ ୧୯୯୦ ବ୍ୟାଚ୍ ମଧ୍ୟରେ ଥିବା ମୋଟ୍ ୮ ଜଣ ଆଇପିଏସ୍ ଅଫିସରଙ୍କ ମଧ୍ୟରୁ ଜଣଙ୍କୁ ବାଦ୍ ଦେଇ ଅନ୍ୟ ୭ ଜଣଙ୍କ ନାମ ୟୁପିଏସସିକୁ ପଠାଯାଇଛି । ୭ଜଣ ଆଇପିଏସ୍ ହେଲେ ୧୯୮୮ ବ୍ୟାଚ୍‌ର ଅରୁଣ କୁମାର ରାୟ, ୧୯୮୯ ବ୍ୟାଚ୍‌ର ଏ.ଏମ୍.ପ୍ରସାଦ, ବି.ରାଧିକା, ଏସଏମ୍ ନରୱଣେ ଏବଂ ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ୱାଇ ବି ଖୁରାନିଆ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଓ ବିପିଏସ୍‌ପିଏ ନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ରହିଛନ୍ତି । ପୁଲିସ ଡିଜି ଭାବେ ଦାୟିତ୍ୱ ନେବା ପରେ ଅରୁଣ ଷଡ଼ଙ୍ଗୀ କହିଛନ୍ତି, ଓଡ଼ିଶା ପୁଲିସର ଗରିମା ଓ ଗୌରବ ଅଛି । ଗତ କିଛି ବର୍ଷ ଧରି ବହୁ ସଫଳତା ପାଇଛି ପୁଲିସ । ସମସ୍ତଙ୍କ ସହଯୋଗରେ ଦାୟିତ୍ୱ ନିର୍ବାହ କରିବି । ଲୋକଙ୍କୁ ଗୁଣାତ୍ମକ ପୁଲିସ ସେବା ଉପରେ ଧ୍ୟାନ ଦେବି ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି ।

### ଭିଜିଲାନ୍ସ ଜାଲରେ ରେଶମ ଶିଳ୍ପ ବିଭାଗର କ୍ଷେତ୍ରସହାୟକ

ବାରିପଦା(ଅମୃତ ମିଡିଆ)




ଦଢ଼ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ସହକାରୀ ରେଶମ ଶିଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟର ଚାନ୍ଦୁଆ କ୍ଷେତ୍ର ସହାୟକ ବିଭୁତି କୁମାର ମଲ୍ଲିକ ଭିଜିଲାନ୍ସ ହାତେର ରେଡ ହ୍ୟାଣ୍ଡ ରେ ଧରା ପଡିଛନ୍ତି. ସୂଚନା ଅନୁଯାୟୀ, ମୟୁରଭଞ୍ଜ ଜିଲ୍ଲାର ବଶିଆଇ, ବହଳଦା, କୁସୁମୀ ଆଦି ବ୍ଲକେର ଟସର ଚାଷ ପାଇଁ ଅସନ ଓ ଅର୍ଜୁନ ବୃକ୍ଷେରାପଣ କାର୍ଯ୍ୟର ଫିଜିବିଲିଟି ରିପର୍ଟ ଦେବାପାଇଁ ଯଶିପୁର ଅଞ୍ଚଳର ଶିରିଷ ଚନ୍ଦ୍ର ମହାନ୍ତଙ୍କୁ ବାରିପଦା ସ୍ଥିତ ସହକାରୀ ରେଶମ ନିର୍ଦ୍ଦେଶକ କାର୍ଯ୍ୟାଳୟର ଚାନ୍ଦୁଆ ଡିଭିଜନ କ୍ଷେତ୍ର ସହାୟକ ବିଭୁତି କୁମାର ମଲ୍ଲିକ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ଶିରିଷ ଅସହାୟ ହୋଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ଭିଜିଲାନ୍ସ ବିଭାଗକୁ ଏହି ଅଭିଯୋଗ ହସ୍ତଗତ ହେବା ପରେ ଭିଜିଲାନ୍ସ ୩୪/ ତା ୨୯.୧୨.୨୩ ରିଖ ଏକ ମାମଲା ରୁଜୁ କରି ଶିରୀଶ ଙ୍କୁ କେମିକାଲ ରଙ୍ଗ ବୋଳା ଟଙ୍କା ଲାଞ୍ଚ ପ୍ରଦାନ ପାଇଁ ଦିଆଯାଇଥିଲା । ଆଜି ସନ୍ଧ୍ୟାରେ କ୍ଷେତ୍ର ସହାୟକ ବିଭୁତି କୁମାର ମଲ୍ଲିକ ଏହି ଲାଞ୍ଚ ଟଙ୍କା ବାରିପଦା ଅଫିସ ପରିସରେର ନେଉଥିବା ବେଳ ଧରିବା ପାଇଁ ଭିଜିଲାନ୍ସ ଟିମ ଯୋଜନା ମୁତାବକ ଛକି ରହିଥିଲେ । ତାଙ୍କ ଠାରୁ ରାସାୟନିକ ରଙ୍ଗ ବୋଳା ଲାଞ୍ଚ ଟଙ୍କା ଭିଜିଲାନ୍ସ ଜବତ କରିବା ସହିତ ବାରିପଦାର ଷ୍ଟେସନ ବଜାର ସ୍ଥିତ କାର୍ଯ୍ୟାଳୟ, ଘର ଓ ଅନ୍ୟାନ୍ୟ ସ୍ଥାନେର ଯାଞ୍ଚ ପ୍ରକ୍ରିୟା କରିବା ସହିତ ଭିଜିଲାନ୍ସ ବିଭାଗ ଗିରଫ କରିଛି । ଏହାକୁ ନେଇ ଭିଜିଲାନ୍ସ ବିଭାଗ ଦ୍ୱାରା ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ପ୍ରକ୍ରିୟା ଜାରି ଥିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି ।

### କେନ୍ଦ୍ର ସରକାରଙ୍କ ବଡ଼ ଆକ୍ସନ

## ତେହରିକ୍-ଏ-ହୁରିୟତକୁ କଲେ ଆତଙ୍କୀ ସଂଗଠନ ଘୋଷଣା

ନୂଆଦିଲ୍ଲୀ



କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରର ତହରିକ୍-ଏ-ହୁରିୟତକୁ ଆତଙ୍କୀ ସଂଗଠନ ଘୋଷଣା କରିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି । ଅମିତ ଶାହ ଲେଖିଛନ୍ତି "ତେହରିକ୍-ଏ-ହୁରିୟତ ଜମ୍ମୁ କଶ୍ମୀରକୁ ୟୁଏପିଏ ଅନୁଯାୟୀ ଏକ ଅବୈଧାନିକ ସଂଘ ଘୋଷଣା କରାଯାଇଛି । ଏହି ସଂଗଠନ ଜମ୍ମୁ କଶ୍ମୀରକୁ ଭାରତଠାରୁ ଅଲଗା କରିବା ଏବଂ ଇସଲାମୀ ଶାସନ ସ୍ଥାପନ କରିବା ପାଇଁ ଗିତିବିଧରେ ଲିପ୍ତ ଥିଲା । ଏମିତିକି ଜମ୍ମୁ କଶ୍ମୀରେ ବିଚ୍ଛିନ୍ନତାବାଦକୁ ପ୍ରଶୟ ଦେବା, ଭାରତ ବିରୋଧରେ କୁପ୍ରଚାର ପ୍ରଚାର କରିବା ଏବଂ ଆତଙ୍କୀ ଗତିବିଧି ମଧ ଜାରି ରଖିଥିଲା ।" "ଆତଙ୍କବାଦୀ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜିରୋ ଟଲରାନ୍ସ ନୀତି ଅନୁଯାୟୀ ଭାରତ ବିରୋଧୀ ଗତିବିଧିରେ ସାମିଲ ଥିବା କୌଣସି ବ୍ୟକ୍ତି କିମ୍ବା ସଂଗଠନକୁ ତୁରନ୍ତ ବିଫଳ କରିଦିଆଯିବ ।"ଏହା ପୂର୍ବରୁ ଜମ୍ମୁ କଶ୍ମୀରରେ ପରିଚାଳିତ ରାଜନୀତିକ ଦଳ ମୁସଲିମ୍ ଲି ଜମ୍ମୁ କଶ୍ମୀର- ମସରତ ଆଲମ ଗୋଷ୍ଠୀକୁ କେନ୍ଦ୍ର ସରକାର ୟୁଏପିଏ ଅନୁଯାୟୀ ଅବୈଧ ଘୋଷଣା କରିଥିଲେ ।

## ରାଜ୍ୟରେ ଆଉ ୫ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି । ଆଜି ଆଉ ୫ କରୋନା ପଜିଟିଭ ଚିହ୍ନଟ । ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି । ଅପରପକ୍ଷରେ ଜଣେ ଆକ୍ରାନ୍ତ ସୁସ୍ଥ ହୋଇଥିବା ସୂଚନା ଦିଆଯାଇଛି । ରାଜ୍ୟରେ ସପ୍ତାହକ ମଧ୍ୟରେ ୧୮ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି । ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି । ପରିସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ବିଭାଗ ପକ୍ଷରୁ କୁହାଯାଇଛି । ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରାଜ୍ୟର ସମସ୍ତ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲକୁ କରୋନା ନିୟମାବଳି ନିମନ୍ତେ ଚିଠି ଲେଖି ଅବଗତ କରିବା ଜନସାଧାରଣଙ୍କୁ ସତର୍କ ରହିବା ସହିତ ଭୟଭୀତ ନହେବାକୁ ପରାମର୍ଶ ଦେଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୫ କରୋନାରେ ସଂକ୍ରମିତ ହୋଇଛନ୍ତି । ନୂଆ ସଂକ୍ରମିତଙ୍କୁ ମିଶାଇ ମୋଟ ସଂଖ୍ୟା ୧୮ରେ ପହଞ୍ଚିଛି । ସଂକ୍ରମିତଙ୍କ ମଧ୍ୟରୁ ଜଣେ ଆରୋଗ୍ୟ ଲାଭ କରିଥିବା ଜଣାପଡ଼ିଛି । ସଂକ୍ରମିତି ହୋଇଥିବା ସମସ୍ତ ୧୮ ଜଣ ସଙ୍ଗରୋଧରେ ରହିଛନ୍ତି ଏବଂ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି କରୋନା ପାଇଁ ଭୟଭୀତ ହେବାର ଆବଶ୍ୟକତା ନାହିଁ । ବହୁବିଧ ରୋଗୀମାନେ ଜନଗହଳି ସ୍ଥାନକୁ ଯାଆନ୍ତୁ ନାହିଁ, ଯଦି ବା ଯାଉଛନ୍ତି ତୁଣ୍ଡି ପିନ୍ଧିବାକୁ ଡା. ମିଶ୍ର କହିଛନ୍ତି । ଅନ୍ୟପକ୍ଷରେ ରାତି ପାହିଲେ ଇଂରାଜୀ ନୂଆବର୍ଷ । ଜିରୋ ନାଇଟ ପାଳନ ଅବସରରେ କରୋନା ସଂକ୍ରମଣ ବୃଦ୍ଧି ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । କରୋନା ମୁକାବିଲା ପାଇଁ ପ୍ରସ୍ତୁତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜନସ୍ୱାସ୍ଥ୍ୟ ବିଭାଗ ସମସ୍ତ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲକୁ ଚିଠି ଲେଖି ଅବଗତ କରିଛି । ବିଶେଷ କରି ରାଜ୍ୟରେ ସର୍ବେକ୍ଷଣ ସହିତ ପରୀକ୍ଷଣକୁ ବୃଦ୍ଧି କରିବାକୁ କୁହାଯାଇଛି । ସ୍ୱତନ୍ତ୍ର ଅମ୍ଳଜାନ ସଂଯୋଗ ଶଯ୍ୟା ପ୍ରସ୍ତୁତ ରଖିବା, ଆବଶ୍ୟକୀୟ ଔଷଧ ଓ ପରୀକ୍ଷା କିଟ୍ ମହଜୁଦ ରଖିବାକୁ ନିର୍ଦ୍ଦେଶ ରହିଛି । ସେହିପରି ଜିଲା ପ୍ରଶାସନ ସହିତ ସହଯୋଗ ରକ୍ଷା କରି ଏ ଦିଗରେ ସଚେତନ କରିବା ସହିତ ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବାକୁ ମଧ କୁହାଯାଇଛି ।

### ବିଚ୍ ରାସ୍ତରେ ଡ୍ରାଇଭରକୁ ଗୁଳିମାଡ଼

ସୁନ୍ଦରଗଡ଼(ଅମୃତ ମିଡିଆ)

ସୁନ୍ଦରଗଡ଼ କୁତ୍ରା ଥାନା କିରିଂସେଲା ଗାଁରେ ଅଭାବନୀୟ ଘଟଣା । ଯୁବକଙ୍କ ଉପରକୁ ଦୁର୍ବୃତ୍ତଙ୍କ ଗୁଳିମାଡ଼ । କୁତ୍ରା ପୋଲିସର ଛାନ୍‌ଭିନ୍ ଆରମ୍ଭ କରିଛି । ଖବର ଅନୁଯାୟୀ, ଗୁଳିମାଡ଼ରେ ଗୁରୁତର ଯୁବକଙ୍କ ନାମ ସୁବାସ ନାୟକ । ସେ ପେଶାରେ ଜଣେ ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭର । ରବିବାର ଦିନ ନିଜ ପିକ୍‌ଅପ୍ ଭ୍ୟାନ୍ ନେଇ ଯାଉଥିବା ବେଳେ ଘଟିଲା ଅଘଟଣ । କାରରେ ୪ଜଣ ଯୁବକ ଆସି ସୁବାସଙ୍କ ଉପରକୁ ଗୁଳିମାଡ଼ କରିଥିଲେ । ଗୁଳିଟି ଯୁବକଙ୍କ ମୁହଁ ତଳେ ବାଜି ପାର ହୋଇଯାଇଛି । ଯାହାଫଳରେ ଯୁବକ ଜଣଙ୍କ ଗୁରୁତର ହୋଇଛନ୍ତି । ଗୁରୁତର ଅବସ୍ଥାରେ ଯୁବକଙ୍କୁ ରାଉରକେଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

### ବର୍ଷର ଶେଷ 'ମନ୍ କୀ ବାତ୍'


## ୨୦୨୩ ସଫଳତାର କାହାଣୀ ବଖାଣିଲେ ପ୍ରଧାନମନ୍ତ୍ରୀ

- ୨୦୨୪ ନବବର୍ଷର ଶୁଭେଚ୍ଛା ଜଣାଇଲେ ମୋଦି
- ବଖାଣିଲେ ଚନ୍ଦ୍ରଯାନ-୩ର ସଫଳତା



ନୂଆଦିଲ୍ଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବର୍ଷର ଶେଷ 'ମନ କି ବାତ୍' କାର୍ଯ୍ୟକ୍ରମ । ୧୦୮ତମ ରେଡିଓ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି ମୋଦି । ୧୦୮ ଅଙ୍କ ପ୍ରଧାନମନ୍ତ୍ରୀ ବିଶେଷ ବୋଲି କହିଛନ୍ତି । ୧୦୮ ଅଙ୍କର ପବିତ୍ରତା ରହିଛି । ଏହାକୁ ଅଧ୍ୟୟନ କରିବାର ଅବଶ୍ୟକତା ରହିଛି । ୧୦୮ ମାଳା, ୧୦୮ ଜପ, ୧୦୮ ଦିବ୍ୟ କ୍ଷେତ୍ର, ମନ୍ଦିରରେ ୧୦୮ ସିଡ଼ି, ୧୦୮ ଘଣ୍ଟ ଓ ୧୦୮ ଅଙ୍କ ଉପରେ ଲୋକଙ୍କର ଅଗ୍ରୀମ ଆସ୍ଥା ଓ ବିଶ୍ୱାସ ସହିତ ଯୋଡ଼ି ହୋଇ ରହିଛି । ୧୦୮ତମ 'ମନ୍ କି ବାତ୍' ଭାଗ ଖାସ୍ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଏହା ସହିତ ୨୦୨୩ ବର୍ଷରେ ଆଥଲେଟିକ୍ସ ଖେଳକୁ ନେଇ ପ୍ରଶଂସା କରିଛନ୍ତି ପିଏମ୍ ମୋଦି । ଚଳିବ ବର୍ଷ ଆଥଲେଟିକ୍ସରେ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଏସିଆନ୍ ଗେମ୍ସରେ ୧୦୭ ମେଡାଲ୍ ଏବଂ ଏସିଆଲ୍ ପାରା ଗେମ୍ସରେ ୧୧୧ ପଦକ ଜିତିଛନ୍ତି । ଦିନିକିଆ କ୍ରିକେଟ୍ ବିଶ୍ୱକପରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ଦେଶବାସୀଙ୍କ ହୃଦୟ ଜିତିଛି । ୨୦୨୪ ହେବାକୁ ଥିବା ପ୍ୟାରିସ୍ ଅଲିମ୍ପିସରେ ଖେଳାମାନେ ଭଲ ପ୍ରଦର୍ଶନ କରିବେ ବୋଲି ସମସ୍ତେ ଆଶା ରଖିଛନ୍ତି । 'ମନ କି ବାତ୍'ରେ ପ୍ରଧାନମନ୍ତ୍ରୀ ଫିଟ୍ ଇଣ୍ଡିଆ ପ୍ରଶଂଗ ଉଠାଇଛନ୍ତି । ଫିଟ୍ ଇଣ୍ଡିଆ ସମ୍ବନ୍ଧରେ ଇନପୁଟ୍ ଦେବା ପାଇଁ ଲୋକଙ୍କ ଅନୁରୋଧ କରିଛନ୍ତି । ପ୍ରତିକ୍ରିୟା ଆସିଲେ ଖୁସି ହେବି ମୋଦି କହିଛନ୍ତି । ସେହିପରି ଷ୍ଟାଟ୍-ଅପ୍ସରେ 'ନମୋ' ଆପ୍ କୁ ନେଇ ଲୋକେ ଦେଇଥିବା ପରାମର୍ଶକୁ ମଧ୍ୟ 'ମନ କି ବାଦ୍' ଉଠାଇଥିଲେ ମୋଦି । ଭାରତ ପ୍ରୟାସ ପାଇଁ ଅନ୍ତରାଷ୍ଟ୍ରୀୟ ସ୍ତରରେ ବାଜରା ଦିବସ ପାଳନ ହୋଇଥିବା ବୋଲି ପିଏମ୍ କହିଛନ୍ତି । ଚନ୍ଦ୍ରଯାନ-୩ର ସଫଳତା ବଖାଣିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସାରା ବିଶ୍ୱରୁ ଏବେ ବି ଚନ୍ଦ୍ରଯାନ-୩ ସଫଳତାର ଶୁଭେଚ୍ଛା ଆସୁଛି । ଦେଶର ବୈଜ୍ଞାନିକଙ୍କ ପାଇଁ ଏହା ସମ୍ଭବ ହୋଇଛି । ବିଶେଷକରି ମହିଳା ବୈଜ୍ଞାନିକ ଦେଶକୁ ଗୌରବାନିତ କରିଛନ୍ତି । 'ମନ କି ବାତ୍'ରେ ଆତ୍ମନିର୍ଭର ଭାରତର ପ୍ରସଂଗ ଉଠାଇଛନ୍ତି ପ୍ରଧାନମନ୍ତ୍ରୀ । ବିକଶିତ ଭାରତ ଭାବନା ଏବଂ ଆତ୍ମନିର୍ଭରତାର ଭାବନା ଓତପ୍ରୋତ ଭାବେ ଜଡ଼ିତ । ୨୦୨୪ରେ ଏହି ଭାବନାକୁ ଆହୁରି ପ୍ରଖର କରିବାର ଆଛି ବୋଲି ମୋଦି କହିଛନ୍ତି । ଏହି ଅବସରରେ ଦେଶବାସୀ ୨୦୨୪ ନବ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ନୂଆବର୍ଷରେ ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ ସହ ସଫଳତା କାମନା କରିଛନ୍ତି ପ୍ରଧାନମନ୍ତ୍ରୀ ।

# ପୃଥିବୀର ନିମ୍ନ ଭାଗରେ ରହିଛି ଦୁଇଟି ପାତାଳ ଲୋକ



**ପୃଥିବୀ ତଳେ ଦୁଇଟି ପାତାଳ ଲୋକ ରହିଛି । ବୈଜ୍ଞାନିକମାନେ ଏହାର ନାମ ବ୍ଲବ ରଖିଛନ୍ତି । ଆମେରିକା, ଚୀନ୍ ଏବଂ ଇଂଲଣ୍ଡର ବୈଜ୍ଞାନିକମାନେ ସେମାନଙ୍କ ରିସର୍ଚ୍ଚରେ ଜରିଆରେ ଏହା କହିଛନ୍ତି । ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ ଏହି ପାତାଳ ଲୋକ ପୃଥିବୀର ମେଣ୍ଟ ତଳେ ୨୯୦୦ କିଲୋମିଟର ଦୂରରେ ରହିଛି ।**

ବୈଜ୍ଞାନିକମାନେ ଯେତେବେଳେ ଭୂକମ୍ପର ତରଙ୍ଗ ମାପ କରୁଥିଲେ, ସେହି ସମୟରେ ଏହି ପାତାଳ ଲୋକ ବିଷୟରେ ଜାଣିବାକୁ ପାଇଲେ । ଏହାର କାରଣ ହେଉଛି ପୃଥିବୀର ବିଭିନ୍ନ ଜିନିଷ ସହିତ ଭୂକମ୍ପର ତରଙ୍ଗ ଭିନ୍ନ ଭାବରେ ଜଡିତ ରହିଥାଏ । ରିସର୍ଚ୍ଚ ସମୟରେ ଏଥିରେ ଲୁହା ସାମଗ୍ରୀ ମଧ୍ୟ ମିଳିଥିଲା । ପ୍ରାୟତଃ କୁହାଯାଏ ଯେ ପୃଥିବୀ ତଳେ ପାତାଳ ଲୋକ ଅଛି । ତେବେ ରିସର୍ଚ୍ଚ ଜରିଆରେ ବୈଜ୍ଞାନିକମାନେ ପାତାଳ ଲୋକ ସମ୍ବନ୍ଧୀୟ ଅନେକ ମଜାଦାର ସୂଚନା ଦେଇଛନ୍ତି । ବୈଜ୍ଞାନିକମାନଙ୍କ କହିବା ଅନୁସାରେ, ପୃଥିବୀ ତଳେ ଦୁଇଟି ପାତାଳ ଲୋକ ରହିଛି । ବୈଜ୍ଞାନିକମାନେ ଏହାର ନାମ ବ୍ଲବ ରଖିଛନ୍ତି । ଆମେରିକା, ଚୀନ୍ ଏବଂ ଇଂଲଣ୍ଡର ବୈଜ୍ଞାନିକମାନେ ସେମାନଙ୍କ ରିସର୍ଚ୍ଚରେ ଜରିଆରେ ଏହା କହିଛନ୍ତି । ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ ଏହି ପାତାଳ ଲୋକ ପୃଥିବୀର ମେଣ୍ଟ ତଳେ ୨୯୦୦ କିଲୋମିଟର ଦୂରରେ ରହିଛି । ଏହା ସବୁଠାରୁ ଗଭୀର ମଧ୍ୟରେ ରହିଅଛି । ତେବେ ଆଜି ଆମେ ଆପଣଙ୍କୁ ଏହା ବିଷୟରେ କିଛି ବିଶେଷ କଥା ଜଣାଇବୁ, ଯେ ଏହି ପାତାଳ ଲୋକ କିପରି ନିର୍ମାଣ ହୋଇଛି କେଉଁଠି ରହିଛି ।

### ଏହିପରି ନିର୍ମାଣ ହୋଇଛି ପାତାଳ ଲୋକ:

ଚାଇନାର ଏକାଡେମୀ ଅଫ୍ ସାଇନସ୍ସେ୍‌ର ରିପୋର୍ଟ ଅନୁଯାୟୀ, ଅନ୍ତର୍ଜାତୀୟ ବୈଜ୍ଞାନିକମାନଙ୍କର ଏକ ଟିମ୍ ପୃଥିବୀର ଗଭୀରରେ ଥିବା ଦୁଇଟି ପାତାଳ ଲୋକକୁ ଆବିଷ୍କାର କରିଛନ୍ତି । ସୂଚନା ଅନୁସାରେ, ସେଗୁଡିକ ୪.୫ ଲକ୍ଷ ବର୍ଷ ପୂର୍ବେ ଗଠିତ ହୋଇଥିଲା । ପୃଥିବୀ ସୃଷ୍ଟି ହେବାପରେ ଏଗୁଡ଼ିକ ସୃଷ୍ଟି ହୋଇଛି । ଏହା ସେହି ସମୟ କଥା ଯେତେବେଳେ ମଙ୍ଗଳ ଥିୟା ଗ୍ରହ ପ୍ରାଚୀନ ପୃଥିବୀ ସହିତ ମୁହାଁମୁହିଁ ହୋଇଥିଲେ । କୁହାଯାଏ ଏହି ଧକ୍କା ପରେ ଚନ୍ଦ୍ର ସୃଷ୍ଟି ହୋଇଥିଲା ।

### କେଉଁଠାରେ ଅଛି ପାତାଳ ଲୋକ ?

ରିସର୍ଚ୍ଚ ରିପୋର୍ଟରେ ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ ପୃଥିବୀ ଭିତରେ ଅନେକ ପାତାଳ ଲୋକ ରହିଛି । ଏଥିମଧ୍ୟରୁ ଦୁଇଟି ପାତାଳ ଲୋକ ରିସର୍ଚ୍ଚ ଜରିଆରେ ସାମ୍ନାକୁ ଆସିଛି । ପ୍ରଥମ ପାତାଳ ଲୋକ ଆଫ୍ରିକୀୟ ମହାଦେଶ ଭିତରେ ରହିଛି । ଏଥି ସହିତ ଦ୍ୱିତୀୟ ପାତାଳ ଲୋକ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ରହିଛି ବୋଲି କୁହାଯାଉଛି । ଏହା ସେହି ସମୟରେ ସୃଷ୍ଟି ହେଲା, ଯେବେ ପୃଥିବୀ ସହ ଅନ୍ୟ ଏକ ଗ୍ରହ ଧକ୍କା ହୋଇଥିଲା । କୁହାଯାଉଛି ଏହି ପାତାଳ ଲୋକ ପୃଥିବୀକୁ ଘେରି ରହିଛି । ଯାହାକୁ ଲୋ-ଶିଅର୍-ଭେଲୋସିଟି ପ୍ରୋଭିନ୍ସ କୁହାଯାଏ ।

### କିପରି ମିଳିଲା ଏହି ସୂଚନା ?

ବୈଜ୍ଞାନିକମାନେ ଯେତେବେଳେ ଭୂକମ୍ପର ତରଙ୍ଗ ମାପ କରୁଥିଲେ, ସେହି ସମୟରେ ଏହି ପାତାଳ ଲୋକ ବିଷୟରେ ଜାଣିବାକୁ ପାଇଲେ । ଏହାର କାରଣ ହେଉଛି ପୃଥିବୀର ବିଭିନ୍ନ ଜିନିଷ ସହିତ ଭୂକମ୍ପର ତରଙ୍ଗ ଭିନ୍ନ ଭାବରେ ଜଡିତ ରହିଥାଏ । ରିସର୍ଚ୍ଚ ସମୟରେ ଏଥିରେ ଲୁହା ସାମଗ୍ରୀ ମଧ୍ୟ ମିଳିଥିଲା । ବୈଜ୍ଞାନିକମାନେ କହିଛନ୍ତି ଯେ ଏହା ସହ ଜଡିତ ଅନେକ ସୂଚନା ଭବିଷ୍ୟତରେ ସାମ୍ନାକୁ ଆସିପାରେ । ପୃଥିବୀ ସହିତ ଜଡିତ ଅନେକ ରହସ୍ୟର ଉତ୍ତର ମଧ୍ୟ ମିଳିପାରେ । ପାତାଳ ଲୋକରେ ଲୁହା ମିଳିବା ଖବର ଶୁଣି ବୈଜ୍ଞାନିକମାନେ ଖୁସି ହୋଇଛନ୍ତି ।

# ନୋଷ୍ଟ୍ରାଡାମସ୍ ଭବିଷ୍ୟବାଣୀ-୨୦୨୪

## ଲାଲ ଶତ୍ରୁ ଭୟରେ ହଲଦିଆ ହୋଇଯିବ



ବିଶ୍ୱରେ ଅନେକ ଭବିଷ୍ୟବକ୍ତା ଏବଂ ଦାର୍ଶନିକ ଅଛନ୍ତି। ଫରାସୀ ଦାର୍ଶନିକ ନୋଷ୍ଟ୍ରାଡାମସ୍ ସେମାନଙ୍କ ମଧ୍ୟରୁ ଅନ୍ୟତମ। ୨୦୨୪ ବର୍ଷ ଆରମ୍ଭ ହେବାକୁ ପ୍ରାୟ ଦୁଇ ମାସ ବାକି ଅଛି । ଏଭଳି ପରିସ୍ଥିତିରେ ସମସ୍ତେ ଜାଣିବାକୁ ଆଗ୍ରହୀ ଯେ ନୂଆ ବର୍ଷ ସେମାନଙ୍କ ପାଇଁ କିମ୍ବା ଦେଶ ତଥା ବିଶ୍ୱ ପାଇଁ କିପରି ରହିବ । ଶହ ଶହ ବର୍ଷ ପୂର୍ବେ ୨୦୨୪ ବର୍ଷ ପାଇଁ ନୋଷ୍ଟ୍ରାଡାମସ୍ ପୂର୍ବାନୁମାନ କରିଥିଲେ । ଯଦି ତାଙ୍କର କଥା ସତ୍ୟ ବୋଲି ପ୍ରମାଣିତ ହୁଏ ତେବେ ଆଗାମୀ ବର୍ଷ ବିଶ୍ୱ ପାଇଁ ଭଲ ହେବ ନାହିଁ । ଜର୍ମାନରେ ହିଟଲରଙ୍କ ଅଭ୍ୟୁଦୟ ଏବଂ ଆମେରିକାର ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କୁ ଗୁଳିକରି ହତ୍ୟା ସମେତ ପ୍ରାୟ ୧୦୦ ଜଣଙ୍କ ପାଇଁ ନୋଷ୍ଟ୍ରାଡାମସ୍ ପୂର୍ବାନୁମାନ କରିଥିଲେ । ସେ ତାଙ୍କ କବିତା ମାଧ୍ୟମରେ ଭବିଷ୍ୟବାଣୀ କରୁଥିଲେ । ବିଶ୍ୱର ଲୋକମାନେ ତାଙ୍କ କବିତାଗୁଡ଼ିକୁ ଡିକୋଡ୍ କରି ତାଙ୍କର ଭବିଷ୍ୟବାଣୀ ଲୋକଲୋଚନକୁ ଆଣୁଛନ୍ତି ।୨୦୨୪ ପାଇଁ ନୋଷ୍ଟ୍ରାଡାମସ ଭବିଷ୍ୟବାଣୀ ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି । ତାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ୨୦୨୪ରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନରେ ଅସ୍ଥିରତା ଉପୁଜିପାରେ ଏବଂ ସେଠାରେ ଗୃହଯୁଦ୍ଧ ପରି ପରିସ୍ଥିତି ଉପୁଜିପାରେ ।ନୋଷ୍ଟ୍ରାଡାମସଙ୍କ ଅନୁଯାୟୀ ନୂଆ ବର୍ଷରେ ଆମେରିକା ଏବଂ ଚୀନ୍ ମଧ୍ୟରେ ଯୁଦ୍ଧ ହୋଇପାରେ । ସେ ତାଙ୍କ କବିତାରେ କହିଛନ୍ତି ଯେ 'ଲାଲ ଶତ୍ରୁ ଭୟରେ ହଳଦିଆ ହୋଇଯିବ, ମହାସାଗରରେ ଭୟ ଆସିବ।' ଅନେକ ଲୋକ ଲାଲ ଶତ୍ରୁକୁ କମ୍ୟୁନିଷ୍ଟ ଚୀନ୍ ବୋଲି ଭାବୁଛନ୍ତି ।ନୋଷ୍ଟ୍ରାଡାମସ୍ ତାଙ୍କ ପୁସ୍ତକରେ ଲେଖି ଚେତାବନୀ ଦେଇଛନ୍ତି ଯେ ୨୦୨୪ ମସିହାରେ ପରମାଣୁ ବିସ୍ଫୋରଣ ହେବ । ଯାହା ଜଳବାୟୁ ଉପରେ ଗଭୀର ପ୍ରଭାବ ପକାଇବ । ନୋଷ୍ଟ୍ରାଡାମସ୍ କହିଛନ୍ତି ଯେ ୨୦୨୪ ମସିହାରେ ଅନେକ ଜଳବାୟୁ ପରିବର୍ତ୍ତନ ହେବ ଏବଂ ପୃଥିବୀ ପୂର୍ବ ଅପେକ୍ଷା ଅଧିକ ଉତ୍ତପ୍ତ ହେବ।

# ଘରକୁ ମା'ଲକ୍ଷ୍ମୀଙ୍କ ଆଗମନର ସୂଚନା

*ଧନସମ୍ପତ୍ତିର ଦେବୀ ହେଉଛନ୍ତି ମା' ଲକ୍ଷ୍ମୀ। ତାଙ୍କ କୃପାଦୃଷ୍ଟି ପଡ଼ିଲେ ଘରୁ ଅଭାବ ଦୂର ହୋଇଥାଏ ବୋଲି କୁହାଯାଏ । ତେବେ ମା'ଲକ୍ଷ୍ମୀ ସମସ୍ତଙ୍କ ଘରେ ବିଜେ ହୁଅନ୍ତି ନାହିଁ । ତେଣୁ ଅନେକ ସମୟରେ ଦେଖାଯାଏ ମା'ଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଲୋକେ ପୂଜାପାଠ କରନ୍ତି । ଶାସ୍ତ୍ରବିତ୍‌ଙ୍କ କହିବା ଅନୁଯାୟୀ ଲକ୍ଷ୍ମୀଙ୍କ ଆଗମନକୁ ନେଇ ପୂର୍ବରୁ ସୂଚନା ମିଳିଥାଏ। ଏକ ପକ୍ଷୀ ଏହି ସୂଚନା ଦେଇଥାଏ । ତେବେ ଅନେକ ଏହାକୁ ଜାଣିପାରନ୍ତି ନାହିଁ । କୋଇଲି ଯଦି ଘର*



*ଉପରେ ବସେ, ତା'ହେଲେ ଜାଣି ନିଅନ୍ତୁ ଘରକୁ ଲକ୍ଷ୍ମୀଙ୍କ ଆଗମନ ହେବ। ସେହିପରି ଘରେ ଥିବା ବଗିଚାର କୌଣସି ଗଛ ଉପରେ ବସି କୋଇଲି ଯଦି ବାରମ୍ବାର ରାବ ଦିଏ, ତା'ହେଲେ ବି ଜାଣିବେ ଯେ ଆପଣଙ୍କ ଘରକୁ ଲକ୍ଷ୍ମୀଙ୍କ ଆଗମନ ହେବ । ଏଥିସହ ଯଦି ଘରକୁ ଚୁଚୁନ୍ଦ୍ରା ମୂଷା ଆସୁଛନ୍ତି, ତେବେ ଜାଣିବେ ନିକଟ ଭବିଷ୍ୟତରେ ଆପଣଙ୍କୁ ଧନପ୍ରାପ୍ତି ହେବ ।*

# ଭଗବାନଙ୍କ କୃପା



ଶ୍ରୀମଦ୍ ଭାଗବତ ପୁରାଣରେ ଉଲ୍ଲେଖ ରହିଛି ଯେ କଳିଯୁଗରେ ଭଗବାନଙ୍କ କୃପା ଲାଭ କରିବା ଅନ୍ୟ ତିନି ଯୁଗ ଅପେକ୍ଷା ସରଳ । କାରଣ ଭଗବାନଙ୍କୁ ପ୍ରସନ୍ନ କରିବାର ସବୁଠୁ ସରଳ ଉପାୟ ସଂକୀର୍ତ୍ତନକୁ କଳିଯୁଗରେ ଭକ୍ତିର ମାଧ୍ୟମ କରାଯାଇଛି। ସତ୍ୟ ଯୁଗରେ ସମାଧି, ରୂପ, ଧ୍ୟାନ ଏବଂ ଯୋଗ ବଳରେ ଭଗବାନଙ୍କୁ ପ୍ରସନ୍ନ କରାଯାଉଥିଲା । ତ୍ରେତୟା ଯୁଗରେ ବଡ଼ ବଡ଼ ଯଜ୍ଞ ଏବଂ ଦ୍ୱାପର ଯୁଗରେ ବିଧିପୂର୍ବକ ପୂଜାର୍ଚ୍ଚନା ଦ୍ୱାରା ଭଗବାନ ପ୍ରସନ୍ନ ହେଉଥିଲେ । କଳିଯୁଗରେ କେବଳ ଈଶ୍ୱରଙ୍କ ନାମ ଜପ କରିବା ଦ୍ୱାରା ସେ ସହଜରେ ମିଳିଯାଆନ୍ତି । ତେବେ ଏଥିପାଇଁ ଈଶ୍ୱରଙ୍କ ପ୍ରତି ଗଭୀର ଆସ୍ଥା ଏବଂ ବିଶ୍ୱାସ ରଖିବା ଆବଶ୍ୟକ । ଏ ସମ୍ପର୍କରେ ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ ଭାଗବତରେ କହିଛନ୍ତି...

"ଯ ପଠତେ ପ୍ରଯତୋ ନିତ୍ୟଂ ଶ୍ଲୋକଂ ଭଗବତଂ ସୁତଃ । ଅଷ୍ଟଦଶପୁରାଣାନାଂ ଫଳମାପ୍ନୋତି ମାନବଃ ।" ଅର୍ଥାତ୍ ଯିଏ ପ୍ରତିଦିନ ପବିତ୍ର ମନରେ ଭାଗବତର ଗୋଟିଏ ଶ୍ଲୋକ ପାଠ କରିଥାଏ, ସେହି ପୁରୁଷ ଅଠରଟି ପୁରାଣ ପଢ଼ିବାର ପୁଣ୍ୟ ପ୍ରାପ୍ତି ହୋଇଥାଏ । ସେହିପରି ଭଗବାନ ଆହୁରି କହିଛନ୍ତି, "ନିତ୍ୟଂ ମମ କଥା ଯତ୍ର ତତ୍ର ତିଷ୍ଠନ୍ତି ବୈଷ୍ଣବଃ । କଳିବ୍ରହ୍ମା ନରାସ୍ତ ବୈ ଯେଦର୍ଚ୍ଚୟନ୍ତି ସଦା ମମ ।।" ଅର୍ଥାତ୍ ଯେଉଁଠି ପ୍ରତିଦିନ ମୋ କଥା ପାଠ କିମ୍ବା ଚର୍ଚ୍ଚା କରାଯାଏ, ସେଠାରେ ପ୍ରହ୍ଲାଦ ଆଦି ବିଷ୍ଣୁ ପାରିଷଦ ବିଦ୍ୟମାନ ଥାଆନ୍ତି । ଯେଉଁ ମନୁଷ୍ୟ ସର୍ବଦା ମୋର ଭାଗବତ ଶାସ୍ତ୍ରର ପୂଜା ଉପାସନା କରିଥାଏ, ସେ କଳିଯୁଗରେ ସବୁ ଅଧିକାର ପ୍ରାପ୍ତ କରିଥାଏ । ଏପରି ମନୁଷ୍ୟ ସର୍ବଦା କଳିଯୁଗର ପ୍ରଭାବରୁ ମୁକ୍ତ ହୋଇଥାଏ । "ଯତ୍ର ତତ୍ର ଭବେତ୍ ପୂଣ୍ୟଂ ଶାସ୍ତ୍ରଂ ଭାଗବତଂ କଲୌ । ତତ୍ର ତତ୍ର ସଦୈବାହଂ ଭବାମି ତ୍ରିଦଶୈଃ ସହା ।" ଅର୍ଥାତ୍, ଭଗବାନ କହୁଛନ୍ତି- କଳିଯୁଗରେ ଯେଉଁ ଠାରେ ପବିତ୍ର ଶ୍ରୀମଦ୍ ଭାଗବତ ପୁରାଣ ରହିବ ସେଠାରେ ମୋର (ଭଗବାନଙ୍କର) ବାସ ରହିବ । କେବଳ ସେତିକି ନୁହେଁ ସମସ୍ତ ତୀର୍ଥ, ନଦୀରେ ମଧ୍ୟ ମୁଁ ବାସ କରିବି । ସମ୍ପୂର୍ଣ୍ଣ ଯଜ୍ଞ, ସାତ ପୁର ଏବଂ ସମସ୍ତ ପବିତ୍ର ପର୍ବତରେ ମୁଁ ବାସ କରିଥାଏ ।



# ବରକୋଳି

ବରକୋଳି ଖାଇଲେ କେଶ ଘନ, ଲମ୍ବା ଓ ସୁସ୍ଥ ହୋଇଥାଏ। ହଜମ ଶକ୍ତି ବଢାଇବାରେ ଏହା ସାହାଯ୍ୟ କରିଥାଏ। ନିୟମିତ ସକାଳୁ ୨-୪ଟି ବରକୋଳି ଖାଇଲେ ହଜମ ଶକ୍ତିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ। ବରକୋଳିର ଆଚାର ମଧ୍ୟ ପ୍ରସ୍ତୁତ କରି ଖିଆଯାଏ। ଯାହା ବେଶ୍ ସ୍ୱାଦିଷ୍ଟ। ଥଣ୍ଡା ସମୟରେ ଏହାକୁ ଅଧିକ ପରିମାଣରେ ଖାଇବା ଅନୁଚିତ। ଏହାଦ୍ୱାରା କାଶ ଓ କଫ ହେବାର ଆଶଙ୍କା ଥାଏ।



***ବରକୋଳି ସାଧାରଣତଃ ଶୀତଦିନେ ମିଳିଥାଏ। ଏହାକୁ ଖାଇଲେ ଥଣ୍ଡା ଓ ଗାଲୁଆ ହୋଇଥାଏ ବୋଲି କୁହାଯାଏ। ହେଲେ ଏଥିରେ ଥିବା କିଛି ଭିଟାମିନ୍ସ ଆମ ଶରୀର ପାଇଁ ବେଶ୍ ଲାଭକାରୀ। ବରକୋଳି ଦୁଇ ପ୍ରକାରର ମିଳିଥାଏ ଗୋଟିଏ ଖଟା ଲାଗେ ଅନ୍ୟଟି ମିଠାଲାଗେ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ଶରୀର ପାଇଁ ଉପଯୋଗୀ ବୋଲି ଆୟୁର୍ବେଦରେ ବର୍ଣ୍ଣନା କରାଯାଇଛି।***

# ସଫଳତା ପାଇଁ ଉଚିତ ମାର୍ଗଦର୍ଶନ ଆବଶ୍ୟକ



**ପରମାତ୍ମା ଏକ ଏବଂ ଯଦି ସମସ୍ତ ଶାସ୍ତ୍ର ଏହାର ସନ୍ଦେଶ ଅଟେ, ତେବେ ସେମାନଙ୍କ ମଧ୍ୟରେ କୌଣସି ମତାନ୍ତର ନ ହେବା ଉଚିତ।**

ପ୍ରତ୍ୟେକ ମଣିଷ ଜୀବନରେ ସଫଳତା ପାଇ ପାରି ନ ଥାନ୍ତି । ଏହାର ସବୁଠୁ ବଡ଼ କାରଣ ହେଉଛି ଉଚିତ ମାର୍ଗଦର୍ଶନର ଅଭାବ । ପ୍ରାଚୀନ ଭାରତରେ ପ୍ରାୟ ସାଢ଼େ ୩ ହଜାର ବର୍ଷ ପୂର୍ବେ ଜଣେ ଯୋଗୀ ରାଜା ହୋଇଥିଲେ । ତାଙ୍କର ମାର୍ଗଦର୍ଶକ ଭଗବାନ କୃଷ୍ଣ ଥିଲେ । ଏହି ଯୋଗୀ ରାଜାଙ୍କ ନାମ ଥିଲା ଯୁଧିଷ୍ଠିର । ଯିଏ ଯୁଦ୍ଧ ପଡ଼ିଆରେ ମଧ୍ୟ ନିଜର ମାନସିକ ସନ୍ତୁଳନ ବଜାୟ ରଖିଥିଲେ । ଥରେ ଉପଯକ୍ତ ମାର୍ଗ ସଂପର୍କରେ ଯୁଧିଷ୍ଠିର କହିଲେ ଯେ, ବ୍ୟବହାରିକ ମନୁଷ୍ୟର ଅନୁକରଣ ହେଉଛି ଉଚିତ ମାର୍ଗ । ଅର୍ଥାତ୍ ଯୋଗୀଙ୍କୁ ମହାଯୋଗୀ ଅନୁସରଣ କରିବା ଉଚିତ୍ । କାରଣ ଯୋଗୀଠାରୁ ମହାଯୋଗୀ ଅଧିକ ବ୍ୟବହାରିକ ହୋଇଥାନ୍ତି । ଯୁଧିଷ୍ଠିର କହିଲେ ଏହା ଉଚିତ ମାର୍ଗ ଅଟେ । ଯଦି ସମସ୍ତ ଶାସ୍ତ୍ର ଗୋଟିଏ ପରମାତ୍ମାଙ୍କ ସନ୍ଦେଶ ଅଟନ୍ତି ତେବେ ଜଣେ ଅନ୍ୟଠାରୁ ଭିନ୍ନ ମତ ମତପୋଷଣ କରୁଛନ୍ତି କାହିଁକି ପରମାତ୍ମା ଏକ ଏବଂ ଯଦି ସମସ୍ତ ଶାସ୍ତ୍ର ଏହାର ସନ୍ଦେଶ ଅଟେ, ତେବେ ସେମାନଙ୍କ ମଧ୍ୟରେ କୌଣସି ମତାନ୍ତର ନ ହେବା ଉଚିତ । ଯୁଧିଷ୍ଠିର ଜଣେ ଯୋଗ୍ୟ ରାଜା ଥିଲେ । ଦ୍ୱିତୀୟ ଏକ ପ୍ରଶ୍ନ ଜୀବନର ଲକ୍ଷ୍ୟ କ'ଣ ଅଟେ ଉତ୍ତରରେ ରାଜା ଯୁଧିଷ୍ଠିର କହିଲେ ଯେ, ଜୀବନର ପରମ ଲକ୍ଷ୍ୟ ଭୌତିକ, ବୌଦ୍ଧିକ, ମାନସିକ ଏବଂ ଆଧ୍ୟାତ୍ମିକତା ସବୁ ଏକ ଅଟେ । ଆଧ୍ୟାତ୍ମିକତାର ତତ୍ତ୍ୱ ପ୍ରତ୍ୟେକ ମନୁଷ୍ୟ ଭିତରେ ଲୁଚି ରହିଛି, ଯେ ପର୍ଯ୍ୟନ୍ତ ନିଜ ଭିତରେ ଥିବା 'ମୁଁ'କୁ ଜାଣିନାହଁ ସେ ପର୍ଯ୍ୟନ୍ତ ତୁମେ ଅନ୍ୟକୁ ଜାଣିବାକୁ ଚେଷ୍ଟା କରିଛ କିନ୍ତୁ ନିଜକୁ ଜାଣିନରହଁ ।

# ମନି ପ୍ଲାଣ୍ଟ ଗଛ କରିଦେଇପାରେ କାଙ୍ଗାଳ



ଘରେ ଯେପରି କେବେ ଟଙ୍କାର ଅଭାବ ପରିଲକ୍ଷିତ ନ ହେବ, ସେହି ଆଶାରେ ଲୋକେ ଘରେ ମନିପ୍ଲାଣ୍ଟ ଲଗାଇଥାନ୍ତି । କିନ୍ତୁ ଯଦି ଏହି ଗଛ ଲଗାଇବା ଦ୍ୱାରା ଆପଣଙ୍କ ଘରେ ଉନ୍ନତି ନୁହେଁ ଅବନତି ପରିଲକ୍ଷିତ ନୁହେଁ, ସବୁବେଳେ ଧନସମ୍ପତ୍ତିରେ ଭରପୂର ରହୁଥିବା ଘରେ ଟଙ୍କାର ଅଭାବ ଅନୁଭୂତ ହୁଏ, ତେବେ ଆପଣ ଜାଣି ରଖନ୍ତୁ ଆପଣ ମନିପ୍ଲାଣ୍ଟ ଲଗାଇବାରେ ଠିକ୍ ଭାବେ ବାସ୍ତୁଶାସ୍ତ୍ରକୁ ପାଳନ କରି ନାହାନ୍ତି । ତେଣୁ ଜାଣି ରଖନ୍ତୁ, କିପରି ଏହି ଗଛ ଲଗାଇବେ ଯାହାକୁ ଆପଣଙ୍କ ଆଶା ମୁତାବକ ଫଳ ଦେବ ।

୧- ଘରର ସୁଖ ଏବଂ ସମୃଦ୍ଧି ବଜାୟ ରହୁ ବୋଲି ଚାହୁଁଥିଲେ ଘରର ଉତ୍ତର-ପୂର୍ବ ଦିଗରେ କଦାପି ଏହି ଗଛ ଲଗାନ୍ତୁ ନାହିଁ । କୁହାଯାଏ ଯଦି ଆପଣ ଏହି ଦିଗରେ ଏକ ମନି ପ୍ଲାଣ୍ଟ ଲଗାନ୍ତି ତେବେ ଆପଣ ଋଣଗ୍ରସ୍ତ ହେବେ।

୨- ମନି ପ୍ଲାଣ୍ଟକୁ ସର୍ବଦା ଦକ୍ଷିଣ-ପୂର୍ବ ଦିଗରେ ରଖିବା ଉଚିତ ।

୩- ମନି ପ୍ଲାଣ୍ଟ କୁଣ୍ଡକୁ ସିଧାସଳଖ ଭୂମିରେ ରଖିବା ଉଚିତ୍ ନୁହେଁ, ତଳେ ଆପଣ ଏକ ଷ୍ଟାଣ୍ଡ୍ କିମ୍ବା ଟେବୁଲ୍ ରଖିବା ଉଚିତ୍ ।

୪- ମନିପ୍ଲାଣ୍ଟର ଓହଳକୁ ଭୂମିରେ ବିଛାଇ ହେବାକୁ ଦିଅନ୍ତୁ ନାହିଁ, ଏକ ଦଉଡି କିମ୍ବା କାଠ ସାହାଯ୍ୟରେ ଏହାକୁ ଉପର ଦିଗରେ ନିଅନ୍ତୁ ।

୫- ଏହି ଗଛରେ ପାଣିଦେଇ ସବୁବେଳେ ଏହାର ଯତ୍ନ ନିଅନ୍ତୁ, ଏହାକୁ ଶୁଖିବାକୁ ଦିଅନ୍ତୁ ନାହିଁ ।

୬- ଯଦି ଆପଣଙ୍କର ମନି ପ୍ଲାଣ୍ଟ ଶୁଖିଯାଉଛି ତେବେ ଏହା ଦୁର୍ଭାଗ୍ୟର ସଙ୍କେତ ଅଟେ ।

୭- ମନି ପ୍ଲାଣ୍ଟର ଶୁଖିଲା ପତ୍ରକୁ ତୁରନ୍ତ ବାହାର କରନ୍ତୁ ।

୮- ଉପହାର ସ୍ୱରୂପ କାହାକୁ ଏହି ଗଛ ଦିଅନ୍ତୁ ନାହିଁ ।

୯- ବାସ୍ତୁଶାସ୍ତ୍ର ଅନୁଯାୟୀ ମନି ପ୍ଲାଣ୍ଟକୁ ଉପହାର ଦେବା ଦ୍ୱାରା ଶୁକ୍ର ଗ୍ରହ କୁପିତ ହୋଇଥାନ୍ତି ।

# ବିଷ ବଳୟରେ କଟକ ସହର

## ବାୟୁମଣ୍ଡଳରେ ଅତି ସୂକ୍ଷ୍ମ କଣିକାର ମାତ୍ରା ସର୍ବାଧିକ



**କଟକ (ବ୍ୟୁରୋ):** ବିଷାକ୍ତ ହେଉଛି କଟକ ସହରର ବାୟୁମଣ୍ଡଳ। ସହରର ବାୟୁ ଆଉ ଶ୍ୱସନଯୋଗ୍ୟ ହୋଇ ରହିନାହିଁ। ବାୟୁମଣ୍ଡଳରେ ଅତି ସୂକ୍ଷ୍ମକଣିକା ସର୍ବାଧିକ ପରିମାଣରେ ଅଛି। ଏହି କଣିକାମାନ ସହଜରେ ଶ୍ୱାସକ୍ରିୟାରେ ଶରୀରକୁ ଯାଇ ଫୁସ୍‌ଫୁସକୁ ଆକ୍ରାନ୍ତ କରିପାରେ। ସହରର ବାୟୁମଣ୍ଡଳରେ ଅଧିକ ସମୟରେ ରହିଲେ, ଶ୍ୱାସକ୍ରିୟାଜନିତ ରୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଡିସେମ୍ବର ୨୯ ତାରିଖ ସେଣ୍ଟ୍ରାଲ୍ ପଲ୍ୟୁସନ କଣ୍ଟ୍ରୋଲ୍ ବୋର୍ଡ(ସିପିସିବି) ପକ୍ଷରୁ ଏଭଳି ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ସିପିସିବି ପକ୍ଷରୁ ଦେଶର ୨୩୪ଟି ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ସର୍ଭେ କରାଯାଇଥିବାବେଳେ ଦେଶର ୧୫ଟି ସହରର ବାୟୁମଣ୍ଡଳ ଅତି ଦୁର୍ବଳ ଜଣାପଡ଼ିଛି। ଓଡ଼ିଶାର ୪ଟି ସହର ମଧ୍ୟରୁ କଟକ ସହର ତୃତୀୟ ସ୍ଥାନରେ ରହିଛି। ଅତି ଦୁର୍ବଳ ବାୟୁମଣ୍ଡଳ ରହିଥିବା ଓଡ଼ିଶାର ଅନ୍ୟ ସହର ମଧ୍ୟରେ ଅନୁଗୁଳ, ବାଲେଶ୍ୱର, ତାଳଚେର ଆଦି ଅଛି। ନଦୀ, ସବୁଜିମା ବଳୟରେ ଥିବା କଟକ ସହରର ବାୟୁମଣ୍ଡଳ ଅତ୍ୟନ୍ତ ସ୍ୱାସ୍ଥ୍ୟ ଉପଯୋଗୀ ଥିଲା। କିନ୍ତୁ ପୂର୍ବ ସ୍ଥିତିକୁ ଠିକ୍‌ରେ ପରିଚାଳନା ନ କରିବା ଦ୍ୱାରା ବାୟୁର ଗୁଣାତ୍ମକ ମାନ ଅତ୍ୟନ୍ତ ଦୁର୍ବଳ ହୋଇଛି। ଗତକାଲି ସିପିସିବି ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ କଟକ ସହରର ବାୟୁର ଗୁଣାତ୍ମକ ସୂଚକାଙ୍କ (ଏକ୍ୟୁଆଇ) ୩୧୭ ଓ ପ୍ରମିନାଣ୍ଟ ପଲ୍ୟୁଟାଣ୍ଟ୍ ମାତ୍ରା ୨.୫ ମାଇକ୍ରୋମିଟର ରହିଛି। କଟକ ସହରର ବାୟୁର ଏଭଳି ସ୍ଥିତିରୁ ଜଣାପଡ଼ିଛି, ବାୟୁମଣ୍ଡଳରେ ଅତି ସୂକ୍ଷ୍ମ କଣିକାର ମାତ୍ରା ଅଧିକ ପରିମାଣରେ ରହିଛି। ଏହି ବାୟୁରେ ଅଧିକ ସମୟ ଚଳାଚଳ ହେଲେ, ଶ୍ୱାସକ୍ରିୟାଜନିତ ରୋଗ ହେବାର ସମ୍ଭାବନା ଅଧିକ। କଟକ ବାୟୁମଣ୍ଡଳର ସ୍ଥିତି ତାଳଚେର ଠାରୁ ବି ଅଧିକ ଜଟିଳ ବୋଲି ରିପୋର୍ଟରୁ ସୂଚନା ମିଳିଛି। ତାଳଚେରର ଏକ୍ୟୁଆଇ ୩୧୬ ରହିଥିବାବେଳେ କଟକର ୩୧୭ ରହିଛି। ଏବେଠୁ ପ୍ରତିକାର ବ୍ୟବସ୍ଥା ନ କଲେ, ଆଗକୁ ସ୍ଥିତ ସଙ୍ଗୀନ ହେବା ଜଳଜଳ ଦିଶୁଛି। ଏଭଳି ରିପୋର୍ଟ ଜଣାପଡ଼ିବା ପରେ ବୁଦ୍ଧିଜୀବୀ ଓ ପରିବେଶବିତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ବିଶିଷ୍ଟ ପରିବେଶ ବିଜ୍ଞାନୀ ଡକ୍ଟର ଆଶୁତୋଷ ଦେବତା କହିଛନ୍ତି ଯେ, କଟକ ସହରର ଏକ୍ୟୁଆଇ ୩ ଶହରୁ ଅଧିକ ହେବା ଅର୍ଥ ଏହାର ବାୟୁ ଅତି ଦୁର୍ବଳ। ଏହି ବାୟୁରେ ଅଧିକ ସମୟ ରହିଲେ, ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ବହୁ ସମ୍ଭାବନା ରହିଛି। କଟକ ସହରର ବାୟୁ ଅତି ଦୁର୍ବଳ ହେବା ପଛରେ ଦୁଇ ତିନିଟି ପ୍ରମୁଖ କାରଣ ରହିଛି। କଟକ ସହରରେ ଗାଡ଼ିମଟର ସଂଖ୍ୟା ଉଦ୍‌ବେଗଜନକ ଭାବେ ବଢ଼ିଯାଇଛି। ଗାଡିମଟରରୁ ନିର୍ଗତ ଧୂଆଁରେ କାର୍ବନ ମନୋଅକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଆଦି ବିଷାକ୍ତ ଗ୍ୟାସ୍ ବାୟୁମଣ୍ଡଳକୁ ବିଷାକ୍ତ କରୁଛି। ଦ୍ୱିତୀୟରେ ସହର ବର୍ଜ୍ୟବସ୍ତୁର ଦୁର୍ବଳ ପରିଚାଳନା, ରାସ୍ତାଘାଟରେ କଂକ୍ରିଟ ଆବର୍ଜନା, ବ୍ୟାପକ ଗଛକଟା ଇତ୍ୟାଦି ବାୟୁରେ ବିଷାକ୍ତ ଗ୍ୟାସ୍ ପରିମାଣ ବଢ଼ାଇବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। କେବଳ କଟକ ନୁହେଁ, ଓଡ଼ିଶାର ଅନୁଗୁଳ, ବାଲେଶ୍ୱର, ତାଳଚେର, ରାଉରକେଲା, କଳିଙ୍ଗନଗର ଆଦି ସହର ମଧ୍ୟ ଏହି ସ୍ଥିତିରେ ରହିଛି ବୋଲି ଡକ୍ଟର ଦେବତା କହିଛନ୍ତି। କଟକ ସହରର ଜନସାଧାରଣ, ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମସ୍ତେ ସଜାଗ, ସତର୍କ, ସଚେତନ ନ ହେଲେ, ଆଗକୁ ସ୍ଥିତି ଗମ୍ଭୀର ହେବ ବୋଲି ଡକ୍ଟର ଦେବତା ଚେତାବନୀ ଦେଇଛନ୍ତି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁଳି ଚାଳନା

# ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଚୌଦ୍ୱାର ଥାନା ଅନ୍ତର୍ଗତ କରଞ୍ଜି ପଂଚାୟତର ଗୋଡ଼ଧୂଆ ଅଂଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁଳି ଚାଳନା କରିଥିବା ବ୍ୟକ୍ତିକୁ ଚୌଦ୍ୱାର ପୁଲିସ୍ ଦ୍ୱାରା ଗିରଫ୍ କରାଯାଇ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ସୂଚନାଥାଉକି, ଗୋଡ଼ଧୂଆ ଅଂଚଳର ସିଂଘାରାଇ ବାନାରାଙ୍କ ପୁଅ ମହାନ୍ତି ବାନରା (୩୦) ନିଜ ଭଉଣୀ ଦାସମା ସିଙ୍କୁଙ୍କ ଘରକୁ ତାଙ୍କ ଶ୍ୱଶୁରଙ୍କ ଦ୍ୱାଦଶାହ କର୍ମରେ ଯୋଗ ଦେଇ ଫେରୁଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହେଟା ଓରଫ୍ ରାମ ସିଙ୍କୁ (୪୦) ତାଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବା ପାଇଁ ଧମକ୍ ଦେଇଥିଲେ । ଏହାର କିଛି ସମୟ ପରେ ରାମ ସିଙ୍କୁ ଗୋଟିଏ ବନ୍ଧୁକ ଧରି ସେଠାରେ ପହଂଚି ବାନରାଙ୍କ ଉପରକୁ ଗୁଳି ଚଳାଇଥିବା ବେଳେ ସୌଭାଗ୍ୟବଶତଃ ସେ ବଂଚିଯାଇଥିଲେ। ଏ ନେଇ ଶ୍ରୀ ବାନାରା ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ବିଶ୍ୱରଂଜନ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଏସ୍‌ବିଶ୍ୱାଳ ଘଟଣାର ତଦନ୍ତ କରି ରାମ ସିଙ୍କୁକୁ ଗିରଫ୍



କରିବା ସହ ତା' ନିକଟରୁ ବନ୍ଧୁକ ଏବଂ ଗୁଳି ତିଆରି ପାଇଁ ଆବଶ୍ୟକୀୟ ବିଭିନ୍ନ ସାମଗ୍ରୀ ଜବତ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

# ଅମୃତ ଭାରତ ଟ୍ରେନ୍‌କୁ ସ୍ୱାଗତ

**କଟକ (ବ୍ୟୁରୋ):** ବେଙ୍ଗାଲୁରୁରୁ ଅମୃତ ଭାରତ ଟ୍ରେନ୍‌କୁ କଟକ ରେଳ ଷ୍ଟେସନରେ ଜୋରଦାର ସ୍ୱାଗତ। ପତାକା ଦେଖାଇ ଯାତ୍ରାର ଶୁଭ ଆରମ୍ଭ କରାଯାଇଛି । ସକାଳ ସାତଟା ସମୟରେ ଏହି ଟ୍ରେନ କଟକ ଷ୍ଟେସନରୁ ଛାଡିଛି। ଏହି ସମୟରେ ରେଳବାଇର ଉଚ୍ଚ କର୍ତ୍ତୃପକ୍ଷ ଓ ବିଜେପି ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ଅମୃତ ଭାରତ ଟ୍ରେନରେ ଜେନେରାଲ କୋଚ୍ ସହ ସେକେଣ୍ଡ କ୍ଲାସ୍ ସ୍ଲିପର କୋଚ୍ ରହିଛି। ଏହି ଟ୍ରେନରେ ମୋଟ ୧୯ଟି ବଗି ରହିଛି। ବଗି ଗୁଡିକରେ ଅତ୍ୟାଧୁନିକ ବାଇଓ ଟଏଲେଟ୍ ବ୍ୟବସ୍ଥା ରହିଛି। ଏହି ଟ୍ରେନ ଏବେ ସପ୍ତାହକୁ ଥରେ ଚାଲିବ। ଓଡିଶାରେ ଏହି ଟ୍ରେନର ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଓ ବ୍ରହ୍ମପୁର ଷ୍ଟେସନରେ ରହଣୀ ବ୍ୟବସ୍ଥା ରହିଛି।

# ଡିସିପିଙ୍କୁ ଭେଟିଲେ ବିଜେପି ପ୍ରତିନିଧିଦଳ

## ସିଏମସିର ଡେପୁଟି ମେୟରଙ୍କ ନାଁରେ ଫେରାଦ

**କଟକ (ବ୍ୟୁରୋ):** କଟକ ଡିସିପିଙ୍କୁ ଭେଟିଲେ ବିଜେପି ପ୍ରତିନିଧି ଦଳ। କଟକ ମହାନଗର ନିଗମ ଡେପୁଟି ମେୟରଙ୍କ ନାମରେ ରାସନ କାର୍ଡ ଏବଂ ଭୋଟର କାର୍ଡରେ ଦୁଇଟି ନାଁ ରହିବା ଘଟଣାକୁ ନେଇ କଟକ ଡିସିପିଙ୍କୁ ଭେଟିଛି ବିଜେପି ପ୍ରତିନିଧି ଦଳ। ଦମୟନ୍ତୀ ମାଝୀଙ୍କର ୨୦୧୫ରେ ଭୋଟର କାର୍ଡରେ ନା ଦମୟନ୍ତୀ ମାରାଣ୍ଡି ଥିବାବେଳେ ୨୦୨୨ରେ କିଭଳି ଭୋଟର ସଂଶୋଧନ କାର୍ଡରେ କିଭଳି ଦମୟନ୍ତୀ ମାଝି ହେଲା, ସେ ନେଇ ଅଭିଯୋଗ କରିଛି ବିଜେପି। ସେହିପରି ରାସନ କାର୍ଡ ଜଣେ ଗରିବ ହିତାଧିକାରୀଙ୍କ ପାଇଁ ହୋଇଥିବାବେଳେ ଡେପୁଟୀ ମେୟରଙ୍କୁ କିଭଳି ଏଥିରେ ସାମିଲ କରାଗଲା, ସେ ନେଇ ପ୍ରଶ୍ନ କରିଛି ବିଜେପି। ତେବେ ଏହି ନା ବଦଳାଇବା ସହ ରାସନକାର୍ଡ ହିତାଧିକାରୀରେ ସାମିଲ କରାଇଥିବା କଟକ ମହାନଗର ନିଗମର ବସ୍ତି ଅଧିକାରୀ, ଫୁଡ ସେଫ୍ଟି ଅଫିସର ସହ ଯୋଗାଣ ବିଭାଗ ଅଧିକାରୀ ସାମିଲ ରହିଛନ୍ତି । ତେଣୁ ଏହାକୁ ତଦନ୍ତ କରାଯାଇ ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେପି ପ୍ରତିନିଧି ମଣ୍ଡଳୀ।

# ମ୍ୟୁନିସିପାଲ ହାଇସ୍କୁଲର ୧୯୮୮ବ୍ୟାଚ୍ ବନ୍ଧୁମିଳନ

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଚୌଦ୍ୱାର ମ୍ୟୁନିସିପାଲ ହାଇସ୍କୁଲର ୧୯୮୮ମସିହା ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ଯୋଗ ଦେବା ସହ ସ୍କୁଲ ସମୟର ବିଭିନ୍ନ ସ୍ମୃତିକୁ ମନେ ପକାଇବା ସହ ଏହି ସ୍କୁଲକୁ ରାଜ୍ୟ ସରକାର ଫାଇଭ୍‌ଟି ଯୋଜାନରେ ରୂପାନ୍ତରିତ କରି ଅନେକ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରିଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଆଗାମୀ ଦିନରେ ବିଦ୍ୟାଳୟର ସମସ୍ତ କାର୍ଯ୍ୟକ୍ରମକୁ




ସହଯୋଗ କରିବା ନିମନ୍ତେ ସମସ୍ତେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁବାଷ ସାହୁ, ପ୍ରଶାନ୍ତ ସାହୁ, ସନାତନ ମହାନ୍ତି, ସୁଦେଷ୍ଣା ନାୟକ, ଅଞ୍ଜୁଲତା ସାହୁ, ପବିତ୍ର ଭୂୟାଁ ଓ ସୁଧାଂଶୁ ନାୟକ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶିକ୍ଷଣ ଶିବିର

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କଖଡ଼ି ଗ୍ରାମପଂଚାୟତ ସ୍ଥିତ କଖଡ଼ି ଉଚ୍ଚ ବିଦ୍ୟାଳୟ ପରିସରରେ ମୁଣ୍ଡଳୀ ଏନ୍‌ଡ଼ିଆରଏଫ୍ ଟିମ୍ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ କଖଡ଼ି ଗ୍ରାମପଂଚାୟତର ସରଂପଚ କଳ୍ପନା ଛତାର, ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରଂଜିତ୍ କୁମାର ସ୍ୱାଇଁ, ମହାନଦୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବିକାଶ ଚନ୍ଦ୍ର ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଖଡ଼ି ବିଜୁ ଜନତା ଦଳର ସଭାପତି ରଂଜନ କୁମାର ମୁଦୁଲିଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏନ୍‌ଡିଆରଫ୍ ଟିମ୍‌ର ପ୍ରଶିକ୍ଷଣ ମୁଖ୍ୟ ଅଭିଷେକ ମିଶ୍ର ଓ ସହଯୋଗୀଙ୍କ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ଭୂମିକମ୍ପ, ସୁନାମି ଓ ଦୁର୍ଘଟଣା ସମୟରେ କିଭଳି ଭାବେ ଆଜିର ଯୁବଶକ୍ତି ମୁକାବିଲା କରିପାରିବେ ଏବଂ ଦୁର୍ଘଟଣାଗ୍ରସ୍ତ ଲୋକମାନଙ୍କୁ କିଭଳି ଭାବରେ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ଯୋଗାଇ ଦେବେ ଏବଂ ସଂଘବଦ୍ଧ ଭାବେ ସମାଜ, ରାଜ୍ୟ, ଦେଶ ଓ ଜାତିକୁ ସୁରକ୍ଷା ଦେଇପାରିବେ ତାହା ଉପରେ ପ୍ରାକ୍ଟିକାଲ ଭାବେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଚୌଦ୍ୱାର ଅଂଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଷୋଡ଼ଶ ବାର୍ଷିକ ଉତ୍ସବ ସ୍ଥାନୀୟ ଗାନ୍ଧିଛକ ସ୍ଥିତ ଟାଉନ୍ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ହରେକୃଷ୍ଣ ସାହୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରତ୍ନାକର ରାଉତ, ମୁଖ୍ୟବକ୍ତା ବାବାଜୀ ବିଶ୍ୱନାଥ ଦାସ, ସମ୍ମାନିତ ଅତିଥି ସୁଧାଂଶୁ ଶେଖର ଜେନା ଓ ସଙ୍ଗୀତ ନିର୍ଦ୍ଦେଶ ବିକାଶ ଶୁକ୍ଲା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉଦ୍‌ଘାଟକ ଭାବେ ସ୍ୱାମୀ ହିମାଂଶୁ ଭୂଷଣ ମହାରାଜ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉତ୍ସବର ଶୁଭ ଉଦ୍‌ଘାଟନ କରିଥିବା ବେଳେ ଶିଶୁବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଗାୟତ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ମାନସ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ବିବେକାନନ୍ଦ ଡ୍ୟାନ୍ସ ସ୍କୁଲର ଅଧ୍ୟକ୍ଷା ନମିତାରାଣୀ ରାଉତରାୟ ଓ ଶିକ୍ଷାକେନ୍ଦ୍ରର ମୁଖ୍ୟ ପରିଚାଳକ ରାଜେଶ କୁମାର ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ନିରୂପମା ମହାପାତ୍ର, ସରିତା ଜେନା, ପୁଷ୍ପାଞ୍ଜଳି ନାୟକ, ବିନୋଦିନୀ ରାଉତ, ଭବାନୀ ଶଙ୍କର ମୁର୍ମୁ, ସ୍ମୃତିରଂଜନ ପୃଷ୍ଟି, ମଧୁସ୍ମିତା ସାହୁ, ରଶ୍ମିତା ବେହେରା, ବିଷ୍ଣୁପ୍ରିୟା ସାହୁ, ରଶ୍ମିରେଖା ମହାନ୍ତି, ଲକ୍ଷ୍ମୀ ନାଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଦୀପ୍ତିମୟୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟସେବା ଶିବିର

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ଚୌଦ୍ୱାର ଥାନା ଅନ୍ତର୍ଗତ ଶଙ୍କରପୁର ଗ୍ରାମ ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଏକ ବହୁମୁଖୀ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ପ୍ରାକ୍ତନ ବିଧାୟକ ଧର୍ମାନନ୍ଦ ବେହେରା ଉଦ୍‌ଘାଟନ କରିଥିବାବେଳେ ଶଙ୍କରପୁର ଗ୍ରାମପଂଚାୟତ ସରପଂଚ ପ୍ରମୋଦିନୀ ଖଟୁଆ, ସମିତି ସଭ୍ୟ ସୁକାନ୍ତ କୁମାର ରାଉତ, ସରୋଜ ଖଟୁଆ, ପ୍ରଶାନ୍ତ ହାତୀ, ଇମ୍ଫାର ମାନବ ସମ୍ବଳ ମୁଖ୍ୟ ଜି. ଶାରଦା ପ୍ରସାଦ ରାଓ, ଦେବାଶିଷ ତ୍ରିପାଠୀ, ଉମେଶ ଚନ୍ଦ୍ର ପଟ୍ଟନାୟକ, ପି.କେ ସାହୁ, ସଞ୍ଜିବ ପୁରୋହିତ, ଆଶିଷ ଦାସ, ଜ୍ଞାନରଂଜନ ବେହେରା, ଶୁଭଶ୍ରୀ ନାୟକ, ମନୋଜ ମହାପାତ୍ର, ନିର୍ଲିପ୍ତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ହାଇଟେକ୍ ମେଡ଼ିକାଲର ସ୍ତ୍ରୀ ଓ ପ୍ରସୂତି, ଶିଶୁରୋଗ, ଭେଷଜ, ଚର୍ମରୋଗ, ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ଡାକ୍ତର ଏବଂ ଇମ୍ଫାର ଭେଷଜ ବିଶେଷଜ୍ଞ ଡାକ୍ତର ସବ୍ୟସାଚୀ ମହପାତ୍ରଙ୍କ ଦ୍ୱାରା ପ୍ରାୟ ୪୨୬ଜଣ ରୋଗୀଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ଆବଶ୍ୟକୀୟ ରୋଗୀମାନଙ୍କର ମଧୁମେହ ଓ ଇସିଜି ପରୀକ୍ଷା ମଧ୍ୟ କରାଯାଇଥିଲା। ବିଆଇପିଏଫ୍ ଦ୍ୱାରା କରାଯାଇଥିବା ଏହି ବହୁମୁଖୀ ମାଗଣା ସ୍ୱାସ୍ଥ୍ୟସେବା ଶିବିରକୁ ଅଞ୍ଚଳବାସୀ ଖୁବ୍ ପ୍ରଶଂସ କରିଥିବା ବେଳେ ଇମ୍ଫାର ମାନସ ରଂଜନ ପ୍ରଧାନ ଓ ବରିଷ୍ଠ ଲୋକସଂପର୍କ ଅଧିକାରୀ ଧ୍ରୁବଚରଣ ରାଉତ ପରିଚାଳନା କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ରନାଥଙ୍କ ସ୍ମୃତି ଦିବସ

**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ):** ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ପଞ୍ଚାୟତ ବିଜେପି କାର୍ଯ୍ୟାଳୟରେ ଓଡ଼ିଶାର ବରପୁତ୍ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ସ୍ମୃତି ଦିବସ ପାଳିତ ହୋଇଛି। ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିକାଶ



ପରିଷଦର ଅଧ୍ୟକ୍ଷ ଶାରଦା ପ୍ରଧାନ ଯୋଗ ଦେଇ ସ୍ୱର୍ଗତ ପଟ୍ଟନାୟକ ଜଣେ ନିଷ୍ଠାପର, ଧର୍ଯ୍ୟବାନ ଓ ତ୍ୟାଗପୂର୍ଣ୍ଣ ଭାବେ କାର୍ଯ୍ୟ କରି ନିଶ୍ଚିନ୍ତକୋଇଲି ଅଞ୍ଚଳକୁ ବିଭିନ୍ନ କ୍ଷେତ୍ରରେ ବହୁ ବିକାଶ କରିଥିବା ସଂକ୍ରାନ୍ତରେ ଆଲୋଚନା କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଯୁବ ପିଢିଙ୍କୁ ଆହ୍ୱାନ ଦେଇଥିଲେ । ଏଥିରେ ଜୋନ୍ ସଭାପତି ଅଶୋକ ସାହୁ , ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଦେବଦତ୍ତ କର, ମଣ୍ଡଳ ସଭାପତି କୈଳାସ ବେହେରା, ରଂଜନ ରାଉତ, ନିର୍ମଳ ରାଉତ, ସମିତିସଭ୍ୟ ଭବାନୀ ବେହେରା, ସୁରେନ୍ଦ୍ରନାଥ ରାଉତ, ହରମୋହନ ପଣ୍ଡା,ସୁରେନ୍ଦ୍ରନାଥ ଜେନା, ପ୍ରଫୁଲ୍ଲଚନ୍ଦ୍ର ଦାସ, ବିକାଶ ମହାପାତ୍ର ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଭାଗ୍ୟଧର ନାୟକ ଓ ଉତ୍ତମ ଚରଣ ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସୁରେନ୍ଦ୍ରନାଥ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ଅଜିତ୍ କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପବିତ୍ର ମୋହନ ମାହାଲାଙ୍କୁ ଶିକ୍ଷକ ଗୌରବ ସମ୍ମାନ

**ଚଣ୍ଡିଖୋଲ (ଅମୃତ ମିଡିଆ):** ରାଜ୍ୟ ଶିକ୍ଷକ ନେତା ତଥା ୪୮୮ ବର୍ଗ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟାପକ, କର୍ମଚାରୀ ସମନ୍ୱୟ ସମିତିର ସଭାପତି ତଥା ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କୁ ମାହାଙ୍ଗା-ବଡଚଣା ସାହିତ୍ୟ ଓ ସଂସ୍କୃତି ପରିଷଦ ୩୦ତମ ସାମ୍ବତ୍ସରିକ ଉତ୍ସବ ବାଲିଚନ୍ଦ୍ରପୁର ପକ୍ଷରୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ପରିଷଦର ସଭାପତି ଭକ୍ତ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ରାଜ୍ୟର ବିଶିଷ୍ଟ ଜନନେତା, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମାହାଲାଙ୍କୁ ସମ୍ମାନ ସୂଚକ ମାନପତ୍ର, ଉପଢୌକନ ପ୍ରଦାନ କରିଥିଲେ। ରାଜ୍ୟର ବିଶିଷ୍ଟ ଶିକ୍ଷାବିତ୍ ଭାବେ ବର୍ଷ ବର୍ଷ ନିରବଚ୍ଛିନ୍ନ ଭାବେ ଓଡିଶାର ଶିକ୍ଷକ ସମାଜର ସମ୍ମାନ ତଥା ଗୌରବ ପାଇଁ ଯେଉଁ ଅପରିଶ୍ରମ ପ୍ରଚେଷ୍ଟା ଓ ଅବିରତ ସାଧନା ଜାରି ରଖିଛନ୍ତି। ବହୁ ଅନୁଷ୍ଠାନ ତାଙ୍କର ନିଷ୍ଠାପର ସାଧନାକୁ ଯଥୋଚିତ ସମ୍ମାନ ଜଣାଇ ବହୁ ସମ୍ମାନରେ ଭୂଷିତ କରିଛନ୍ତି । ବିଧାୟକ ଅମର ପ୍ରସାଦ ଶତପଥୀ ବ୍ୟକ୍ତିଗତ ଭାବେ ତାଙ୍କୁ ପ୍ରସଂଶା କରି ବଡଚଣାର ଜଣେ ସୁଯୋଗ୍ୟ ସନ୍ତାନ ଭାବେ ଅବିହିତ କରିବା ଆମ ଅଂଚଳ ପାଇଁ ଗର୍ବ ଓ ଗୌରବର ବିଷୟ । ସେ ଯେପରି ଜଣେ କୃତବିଦ୍ୟ ପ୍ରାଧ୍ୟାପକ, ନିତିନିଷ୍ଠ ଅଧ୍ୟକ୍ଷ ସେହିପରି ଜଣେ କର୍ମଦକ୍ଷ ଶିକ୍ଷକ ନେତା ଭାବେ ନିଜକ ସ୍ୱାଭିମାନ ବଜାୟ ରଖି ଆମ ଅଂଚଳର ସୁନାମରେ ଆଉ ଗୋଟେ ଫର୍ଦ୍ଦ ଯୋଡିବାରେ ସଫଳ ହୋଇପାରିଛନ୍ତି। ଏହା ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିବେ । ତାଙ୍କର ଏହି ସମ୍ମାନ ଲାଭ ସମ୍ବାଦରେ ଓଡିଶାର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ଅଧ୍ୟାପକ, ଅଧ୍ୟାପିକା ତଥା ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଦୀର୍ଘ ଜୀବନ କାମନା କରିଛନ୍ତି।




## ୨୦୨୪ ନବବର୍ଷର ଶୁଭେଚ୍ଛା

ନବବର୍ଷ ଉପଲକ୍ଷେ ବାସୁଦେବପୁରର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।



ପ୍ରତାପ କୁମାର ମହାନ୍ତି

ଯୁବ ସମାଜସେବୀ


# ରାସ୍ତା ଉନ୍ନତିକରଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ):** ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା କଟକ ଚାନ୍ଦବାଲି ରାସ୍ତା ପଟ୍ଟନାୟକ ଛକ ଠାରୁ କୂଳ ବଡ଼କ୍ଷୀର ଭାୟା ମାଳିଆଛକରୁ କଟରପଡ଼ା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଦୀର୍ଘଦିନ ହେବ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ଶେଷ ହୋଇନାହିଁ । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଖାମଖିଆଲି ନୀତି ଯୋଗୁଁ ଯେତିକି ରାସ୍ତା କାର୍ଯ୍ୟ କରାଯାଇଛି ତାହା ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ପୂର୍ବରୁ ହୋଇଥିବା ଢଳେଇ ରାସ୍ତାରେ ଗୋଡ଼ି ଉଠି ଦେଖାଯାଉଥିବା ବେଳେ ବର୍ତ୍ତମାନ କରାଯାଉଥିବା ପିଚୁ ରାସ୍ତା କାର୍ଯ୍ୟ କୁ ମଧ ସମ୍ପୂର୍ଣ୍ଣ ସରକାରୀ ନୀତିନିୟମ ଉଲ୍ଲଂଘନ କରାଯାଇ ନିର୍ମାଣ କାର୍ଯ୍ୟ ହେଉଥିବା ଦେଖାଯାଇଛି । ଏଭଳି ନିମ୍ନମାନର କାମ ହେଉଥିବା ଦେଖି କେତେକ ଗାମବାସୀ ରାସ୍ତା କାର୍ଯ୍ୟ ବନ୍ଦ କରି ଦେଇଥିବା ଜଣାଯାଇଛି । ରାଜ୍ୟ ଶ୍ରମମନ୍ତ୍ରୀ ଖୋଦ୍ ଶାରଦା ନାୟକଙ୍କ ପୈତୃକ ଗ୍ରାମରେ ଥିବା ଘର ଆଗରେ ଉକ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଏଭଳି ନିମ୍ନମାନର କରାଯାଉଥିବା ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଉକ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତା ୮.୨୦୦ କି.ମି ଦୈର୍ଘ୍ୟକୁ ଉନ୍ନତିକରଣ କାର୍ଯ୍ୟ ନିମନ୍ତେ ୭କୋଟି ୨୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ପୂର୍ବରୁ ଥିବା ପିଚୁକୁ ସମ୍ପୂର୍ଣ୍ଣ ଉଠାଯାଇ ତା' ଉପରେ ପୁର୍ନବାର ମେଟ୍ଟାଲ, ପଡ଼ି ପିଚୁ ହେବା ପାଇଁ ସରକାରୀ ଭାବେ ବିଭାଗୀୟ ପକ୍ଷରୁ ଆକଳନ କରାଯାଇଥିଲା ବେଳେ ଠିକାଦାର ଜଣକ ଏହି ନିୟମରେ କାର୍ଯ୍ୟ କରୁନାହାଁନ୍ତି । ରାସ୍ତାରେ ଥିବା ପୁରୁଣା ପିଚୁକୁ ଉଠାଇ ଦେଇ ତାହାକୁ ଜେସିବି ସାହାଯ୍ୟରେ ଭାଙ୍ଗି ପୁର୍ନବାର ଉକ୍ତ ରାସ୍ତାରେ ପକାଇ ରୋଲିଂ କରୁଥିବାରୁ କେତେକ ଗ୍ରାମବାସୀ ଏହାକୁ ବିରୋଧ କରୁଛନ୍ତି । କାର୍ଯ୍ୟ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନଥିବାବେଳେ ଅଜୟ କୁମାର ନାୟକ, ୱାର୍ଡ଼ସଭ୍ୟ କାହ୍ନୁଚରଣ ନାୟକ, ମଥୁରା ସେଠୀ, ରବୀନ୍ଦ୍ର ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି । ସରକାରୀ ନୀତି ନିୟମ ଅନୁଯାୟୀ ରାସ୍ତା କାର୍ଯ୍ୟ କରାନଗଲେ ଏହାର ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆବଶ୍ୟକ ହେଲେ ରାଜରାସ୍ତାକୁ ଓହ୍ଲାଇବା ନେଇ



ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଚିରାଚରିତ ଢଙ୍ଗରେ ରାସ୍ତା କାର୍ଯ୍ୟର ତଦନ୍ତ କରାଯିବ ସତ୍ୟାସତ୍ୟ ଜଣାପଡ଼ିଲେ ଠିକାଦାରଙ୍କ ବିଲ କାଟ କରାଯିବ ବୋଲି ପ୍ରକାଶ କରିଥିଲେ।

## ସମ୍ପାଦକୀୟ...

# ଶାନ୍ତିପଥରେ ଉଲ୍‌ଫା

ଦୀର୍ଘବର୍ଷର ପରିଶ୍ରମ ରଙ୍ଗ ଆଣିଛି । ଆସାମ୍‌ରେ ଶାନ୍ତି ଫେରିଛି । ଦେଶର ପୂର୍ବାଞ୍ଚଳ ରାଜ୍ୟ ଆସାମ । ଯେଉଁଠାରେ ଆଜିକୁ ଦୀର୍ଘ ବର୍ଷ ଧରି ଉଗ୍ରବାଦୀ କାର୍ଯ୍ୟକଳାପ ଜାରି ରହିଥିଲା । ପ୍ରାୟ ୧୯୭୯ ମସିହାରୁ ଆସାମରେ ଆରମ୍ଭ ହୋଇଥିଲା ଉଲ୍‌ଫାର କାର୍ଯ୍ୟକଳାପ ଯାହା ଥିଲା ସମ୍ପୂର୍ଣ୍ଣ ରୂପେ ଏକ ଉଗ୍ରବାଦୀ ସଙ୍ଗଠନ । ଯାହାକୁ ପରିଚାଳନା ଦାୟିତ୍ୱରେ ଥିଲେ, ପରେଶ୍ ବରୁଆ ଏବଂ ଅରବିନ୍ଦ ରାଜଖୋୱା । ଏମାନେ ହୁଏତ ସାଧାରଣ ବର୍ଗର , ତେବେ ଆସାମ୍‌ରେ ଉଲଫା ଭଳି ସମ୍ପୂର୍ଣ୍ଣ ଏକ ଉଗ୍ରବାଦୀ ସଙ୍ଗଠନ ଯାହାକି ୧୯୭୯ ମସିହାରେ ଆରମ୍ଭ ହୋଇଥିଲ । କୌଣସି ବି ଉଗ୍ରବାଦୀ ସଙ୍ଗଠନ, ସେମାନଙ୍କର ଉଦ୍ଦେଶ୍ୟ କେବେ ବି ଭଲ ନ ଥାଏ । ମନ୍ଦର ବୁନିଆଦ୍ ଉପରେ ସର୍ବଦା ଛିଡ଼ା ହୋଇଥାଏ ସେଭଳି ଉଗ୍ରବାଦୀ ସଙ୍ଗଠନ । ବିଶ୍ୱରେ କୌଣସି ବି ଉଗ୍ରବାଦୀ ସଙ୍ଗଠନର ଉଦ୍ଦେଶ୍ୟ କେବେ ବି ମହତ୍ ନ ଥାଏ ଯାହାର ପ୍ରମାଣ ଆମେ ଅନେକ ଥର ଆମେ ଇତିହାସରୁ ପାଇଛୁ । ଇତିହାସ ଯାହା କହେ ପ୍ରାୟତଃ ପ୍ରଥମ ଶତାବ୍ଦୀରୁ ହିଁ ଆରମ୍ଭ ହୋଇଯାଇଥିଲା ସେଭଳି ଉଗ୍ରବାଦ; ହୁଏତ୍ ତା' ପୂର୍ବରୁ ବି ଆରମ୍ଭ ହୋଇଯାଇଥିଲା ଉଗ୍ରବାଦ ତେବେ ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁଦିନରୁ ହିଁ ଆରମ୍ଭ ହୋଇଯାଇଥିଲା ଉଗ୍ରବାଦ ଯାହା କାରଣରୁ ଯୀଶୁଖ୍ରୀଷ୍ଟଙ୍କ ଭଳି ଜଣେ ବିଶ୍ୱବିଖ୍ୟାତ ଧର୍ମଗୁରୁଙ୍କୁ ମାରି ଦିଆଯାଇଥିଲା କ୍ରୁଶବିଦ୍ଧ କରି । ସତରେ କେତେ ଦୁଃଖର ବିଷୟ ଯାହାକୁ ଆଜି ବି ମନେ ରଖିଛି ସାରାବିଶ୍ୱ । ସେତେବେଳେ ସମାଜରେ ଚାଲିଥିଲା ରାଜା ରାଜୁଡ଼ା ଶାସନ ଯାହା ଦୀର୍ଘ ଦିନ ଧରି ଚାଲି ଆସିଥିଲା ସମାଜରେ । ଯାହା ଧୀରେ ଧୀରେ ଭାରତରୁ ଉଠିଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ବିଶ୍ୱର ଅନ୍ୟାନ୍ୟ ପ୍ରାନ୍ତରୁ ମଧ୍ୟ ହଟିଯାଇଥିଲା ଯାହା ପଛରେ ମୁଖ୍ୟ କାରଣ ହେଉଛି ଅସତ୍ୟ, ଅନ୍ୟାୟ । କେତେକ ହାତଗଣତି ରାଜାମହାରାଜାଙ୍କୁ ଛାଡ଼ିଦେଲେ ବାକି ଅଧିକାଂଶ ଥିଲେ ମିଥ୍ୟାଚାରୀ ଯେଉଁଠାରୁ ଆରମ୍ଭ ହୋଇଥିଲା ରାଜା ମହାରାଜାଙ୍କ ବିପକ୍ଷରେ ଜନ ଆନ୍ଦୋଳନ ଯାହାକୁ ପରବର୍ତ୍ତୀ ସମୟରେ ବିଦ୍ରୋହର ରୂପରେଖ ଦିଆଯାଇଥିଲା । ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଭାରତରେ ବହୁ ପୂର୍ବରୁ ହୁଏତ ଆରମ୍ଭ ହୋଇଯାଇଥିଲା ଜନ ଆନ୍ଦୋଳନ , ଜନ ବିଦ୍ରୋହ । ଯାହାର ଅନେକ ଉଦାହରଣ ଦିଆଯାଇପାରେ । କେବଳ ଭାରତ କାହିଁକି , ସାରା ପୃଥିବୀରେ ସେଭଳି ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା ତଥାକଥିତ କୁଶାସନ ବିରୋଧରେ, ତଥା କଥିତ ରାଜା ରାଜୁଡ଼ା ଶାସନ ବିରୋଧରେ ଯାହାର ଝଲକ୍ ଏବେ ବି ଦେଖିବାକୁ ମିଳୁଛି । ରାଜାରାଜୁଡ଼ା ଶାସନର ବିଲୋପ ପରେ ବି ବର୍ତ୍ତମାନର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମଧ୍ୟ ଦେଖିବାକୁ ମିଳୁଛି ସେହିଭଳି ଜନ ଆନ୍ଦୋଳନ ଯାହା କ୍ଷମଣୀୟ । ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାର ଅଧିକାର ସଭିଙ୍କ ରହିଛି । ହେଲେ ଆନ୍ଦୋଳନ ଯେବେ ବିଦ୍ରୋହର ରୂପରେଖ ନିଏ, ତାହା ଅତି ଭୟଙ୍କର ହୋଇଯାଏ । ତେବେ ତା'ଠାରୁ ଭୟଙ୍କର ହୋଇଯାଏ ଉଗ୍ରବାଦୀ ଅବା ମାଓବାଦୀଙ୍କ ଆକ୍ରମଣ । ଆହୁରି ଭୟଙ୍କର ହୋଇଯାଏ ସନ୍ତ୍ରାସବାଦୀଙ୍କ ଆକ୍ରମଣ ଯାହାର ବର୍ଣ୍ଣନା ଏଠାରେ କରାଯାଇନପାରେ ଯାହା ଶୁଣିଲେ ହିଁ ଲାଗିବ ଭୟଙ୍କର । ତେବେ ସେ ଉଗ୍ରବାଦ ହେଉ କି ମାସବାଦ, କ କେହି ବି ସମାଜ ପାଇଁ କେବେ ବି ଶୁଭଙ୍କର ନୁହେଁ । ତେଣୁ ଏମାନଙ୍କୁ ଦୃଢ଼ ହସ୍ତରେ ଦମନ ଜରୁରୀ । ସରକାର ବି ତାହା କରୁଛନ୍ତି, ହେଲେ ସେମାନେ କି ଡରିବା ଜନ୍ତୁ । ପ୍ରକୃତରେ ସେମାନେ ହିଁ ଜନ୍ତୁ ଯାହାଙ୍କ ପାଇଁ ନିୟମ ଅତି କଠୋର ହେବା ଦରକାର । ଏତେ କଠୋର ଯାହା ବିଷୟରେ ଶୁଣିଲେ ଦେହରୁ ଆପେ ଆପେ ଶୁଖିଯିବ ରକ୍ତ । ତଥାପି ଭାରି ଅବୁଝା ଏବଂ ଅଝାଡୁଆ ସେମାନେ । ଯେମିତି କି ଆସାମର ଉଲ୍‌ଫା ସଙ୍ଗଠନ ଯେଉଁମାନେ ହୁଏତ ସାଧାରଣ ବର୍ଗର , ତେବେ ଆସାମ୍‌ରେ ଉଲଫା ଭଳି ସମ୍ପୂର୍ଣ୍ଣ ଉଗ୍ରବାଦୀ ସଙ୍ଗଠନ ଯାହା କି ଆରମ୍ଭ ହୋଇଥିଲ ୧୯୭୯ ମସିହାରେ । ବିଶ୍ୱର ଯେ କୌଣସି ଉଗ୍ରବାଦୀ ଅବା ସନ୍ତ୍ରାଦବାଦୀ ସଙ୍ଗଠନ, ସେମାନଙ୍କର ଉଦ୍ଦେଶ୍ୟ କେବେ ବି ଭଲ ନ ଥାଏ । ମନ୍ଦର ବୁନିଆଦ୍ ଅବା ପରମ୍ପରା ଉପରେ ସର୍ବଦା ଛିଡ଼ା ହୋଇଥାଏ ସେଭଳି ଉଗ୍ରବାଦୀ ସଙ୍ଗଠନ ଯାହା ସମ୍ପୂର୍ଣ୍ଣ ରୂପେ ନକାରାତ୍ମକ । ପୃଥିବୀରେ କୌଣସି ବି ଉଗ୍ରବାଦୀ ସଙ୍ଗଠନର ଉଦ୍ଦେଶ୍ୟ କେବେ ବି ମହତ୍ ନ ଥାଏ ଯାହାର ପ୍ରମାଣ ଆମେ ଅନେକ ଥର ଇତିହାସରୁ ପାଇଛୁ । ଇତିହାସ ଯାହା କହେ ପ୍ରାୟତଃ ପ୍ରଥମ ଶତାବ୍ଦୀରୁ ହିଁ ଆରମ୍ଭ ହୋଇଯାଇଥିଲା ସେଭଳି ଉଗ୍ରବାଦ; ହୁଏତ୍ ତା' ପୂର୍ବରୁ ବି ଆରମ୍ଭ ହୋଇଥାଇପାରେ ଉଗ୍ରବାଦ । ତେବେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ମରଣ ଦିନରୁ ହିଁ ଆରମ୍ଭ ହୋଇଯାଇଥିଲା ଉଗ୍ରବାଦ ଯାହା କାରଣରୁ ଯୀଶୁଖ୍ରୀଷ୍ଟଙ୍କ ଭଳି ଜଣେ ବିଶ୍ୱବିଖ୍ୟାତ ଧର୍ମଗୁରୁଙ୍କୁ ମାରି ଦିଆଯାଇଥିଲା କ । ମାରି । ସତରେ କେତେ ଦୁଃଖର ବିଷୟ ଯାହାକୁ ଆଜି ବି ମନେ ରଖିଛି ସାରାବିଶ୍ୱ । ବର୍ତ୍ତମାନର ଦୁନିଆରେ ଯେଭଳି ଭାବେ ଉଗ୍ରବାଦ କାର୍ଯ୍ୟକଳାପ ବ୍ୟାପି ଚାଲିଛି ଯାହାର ଦମନ ଅତି ଜରୁରୀ । ଆସାମ୍‌ର ଉଲ୍‌ଫା ସଙ୍ଗଠନ ଯାହା ୧୯୭୯ ମସିହାରୁ ରାଜ୍ୟରେ ସକ୍ରିୟ ଥିଲା ଏବଂ ସରକାରଙ୍କ ବିରୋଧରେ ଲଗାତାର ବିଦ୍ରୋହ କରି ଆସୁଥିଲା ଏକ ସ୍ୱତନ୍ତ୍ର ଆସାମ୍ ଗଠନ ପାଇଁ ହେଲେ ହତିଆର ମାଧ୍ୟମରେ ଯାହାକୁ ସମ୍ପୂର୍ଣ୍ଣ ପ୍ରତିହତ କରିବାର ପ୍ରଚେଷ୍ଟା କରୁଥିଲା ଆସାମ୍ ସରକାର । ସରକାରଙ୍କ ଦୀର୍ଘ ଦିନର ସ୍ୱପ୍ନ ସଫଳ ହେବାକୁ ଯାଉଛି । କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ରାଜ୍ୟ ମୁଖ୍ୟ ହିମନ୍ତ ବିଶ୍ୱଶର୍ମାଙ୍କ ସମନ୍ୱୟରେ ଆୟୋଜିତ ବୈଠକରେ ଉଲ୍‌ଫା ମୁଖ୍ୟ ଅରବିନ୍ଦଙ୍କ ସହମତିରେ ଉଲ୍‌ଫା ବାଲା ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ନେଇ ସେ ପ୍ରତିଶ୍ରୁତି ଦେଇଛନ୍ତି ।

## ଜ୍ଞାନାମୃତ

# ଜ୍ଞାନୀଗୁରୁ

ପୁରାଣ ଯୁଗରେ ଦୁଇଜଣ ଋଷି ପ୍ରତିମ ରହୁଥିଲେ । ରୌଭ ଏବଂ ଭରଦ୍ୱାଜ । ଅଳ୍ପ କିଛି ବ୍ୟବଧାନରେ ଅବସ୍ଥାପିତ ଉଭୟଙ୍କ ଆଶ୍ରମ ମଧ୍ୟରେ ସେଭଳି ବିଶେଷ କିଛି ସୁସମ୍ପର୍କ ନଥିଲା । ଋଷି ରୌଭ ଏବଂ ଋଷି ଭରଦ୍ୱାଜଙ୍କ ମଧ୍ୟରେ ସାମାନ୍ୟ ଫରକ୍ ଅବଶ୍ୟ ରହିଥିଲା । ରୌଭଙ୍କ ଆଶ୍ରମ ଯାହା ଆରମ୍ଭରୁ କିଛିଟା କୋଳାହଳମୟ ରହୁଥିଲା, ହେଲେ ପରେ ଧୀରେ ଧୀରେ ସେହି ପରିବେଶରେ ପରିବର୍ତ୍ତନ ଆସିଲା । ସେଠାକୁ ଭକ୍ତମାନଙ୍କ ଗମନାଗମନ ହ୍ରାସ ପାଇବାରେ ଲାଗିଲା । ସେପରି ସ୍ଥିତି ଉତ୍ପନ୍ନ ହେବାର କାରଣ ଅବଶ୍ୟ ଖୋଜୁଥିଲେ ରୌଭ ଋଷି । କୌଣସି ବି କାର୍ଯ୍ୟରେ ଉନ୍ନତ ଜ୍ଞାନ କୌଶଳର ଆବଶ୍ୟକତା ରହିଛି । ବ୍ୟକ୍ତି ହେଉ କି ସଂସ୍ଥା ହେଉ, ସମସ୍ତେ ଏଥିରେ ବିଶ୍ୱାସ କରନ୍ତି ଏବଂ ବିଶ୍ୱାସ ବି କରିବା ଉଚିତ୍ କାରଣ ସେହି ପ୍ରକ୍ରିୟାରେ ହିଁ ହୋଇଥାଏ ଜୀବନର ଉନ୍ନତି । ଅନ୍ୟଥା ଅବନତି । ପାଖାପାଖି ଦୁଇଟି ଆଶ୍ରମ ଦାୟିତ୍ୱରେ ଦୁଇ ଋଷି ଥାଇ ଜଣଙ୍କ ଆଶ୍ରମରେ ଭକ୍ତଙ୍କ ସମାଗମ ବଢ଼ି ବଢ଼ି ଚାଲିଥିଲାବେଳେ ଅନ୍ୟଜଣଙ୍କ ଆଶ୍ରମ ଜନଶୂନ୍ୟ । ଏପରି ପଛରେ କାରଣ କ'ଣ ହୋଇପାରେ । ଜ୍ଞାନର ଅଭାବରେ ଯାହା ହୁଏ, ସେପରି ହୋଇଛି । ଋଷି ରୌଭଙ୍କ ପାଖରେ ଜ୍ଞାନର ଅଭାବ ଥିଲା, ହେଲେ ଋଷି ଭରଦ୍ୱାଜଙ୍କ ନିକଟରେ କିନ୍ତୁ ରହିଥିଲା ବିଶେଷ ଜ୍ଞାନ । ଯେହେତୁ ସେ ଅତୀତରେ ଜଣେ ଉତ୍ତମ ଗୁରୁଙ୍କ ସଂସ୍ପର୍ଶରେ ଆସିଥିଲେ । ସେ ପାଇଁ ସେ ତାଙ୍କ ଜୀବନରେ ସେହି ଜ୍ଞାନ ବଳରେ, ସେହି ଜ୍ଞାନର ଆକର୍ଷଣ ବଳରେ ଅନେକ ଭକ୍ତଙ୍କୁ ନିଜ ଆଶ୍ରମ ଆଡ଼କୁ ଆକର୍ଷିତ କରାଇପାରିଥିଲେ । ହେଲେ ତାଙ୍କର ପଡ଼ୋଶୀ ଋଷି ଭରଦ୍ୱାଜଙ୍କ ପାଖରେ ଥିଲା ଜ୍ଞାନର ଅଭାବ । ସେ ପାଇଁ ସେ ଥରେ ବସିଗଲେ ତପସ୍ୟାରେ । ହେଲେ ତପସ୍ୟା ନେଇ ତାଙ୍କ ପାଖରେ ସେଭଳି କୌଣସି ଜ୍ଞାନ ନ ଥିଲା କାରଣ ତପସ୍ୟା ପାଇଁ ସେ କୌଣସି ଗୁରୁଙ୍କୁ ଗ୍ରହଣ କରିନଥିଲେ । ତଥାପି ସେ ଆରମ୍ଭ କରିଦେଇଥିଲେ ତପସ୍ୟା । ଦିନ ପରେ ଦିନ ଏବଂ ବର୍ଷ ପରେ ବର୍ଷ ବିତିଯାଇଥିଲା । ସେହିଭଳି ତପସ୍ୟାରେ ସେ ବସିଥିଲେ ବି ଫଳ କିନ୍ତୁ ଶୂନ । ଥରେ ଇନ୍ଦ୍ରଦେବ ରୌଭଙ୍କ ତପସ୍ୟାରେ ବିଚଳିତ ହୋଇ ଋଷି ମହାଶୟଙ୍କୁ ତାଙ୍କର ଗୁରୁଙ୍କ ବିଷୟରେ ପ୍ରଶ୍ନ ପଚାରନ୍ତେ ସେ କିନ୍ତୁ ନିରୁତ୍ତର ରହିଲେ । ବିନା ଗୁରୁରେ ବି ସେ କିଛି ଜ୍ଞାନ ଆହରଣ କରିପାରିବେ ବୋଲି କହିବାରୁ ଇନ୍ଦ୍ରଦେବ କିନ୍ତୁ ସେଥିରେ ଏକମତ ହୋଇପାରିନଥିଲେ । ସେ ତାଙ୍କୁ ବାରମ୍ବାର ବୁଝାଇବା ପରେ ଶେଷରେ ଅବଶ୍ୟ ରାଜି ହୋଇଯାଇଥିଲେ ଋଷି ଭରଦ୍ୱାଜ । ସେ ବୁଝିଯାଇଥିଲେ ଯେ ଜୀବନରେ ଗୁରୁଙ୍କର ରହିଛି ଆବଶ୍ୟକତା ପ୍ରତି କ୍ଷେତ୍ରରେ ଏବଂ ପ୍ରତି ସ୍ତରରେ । ସେଣୁ ଗୁରୁଙ୍କୁ କେବେ ବି ଅଣଦେଖା କରି ହେବନି କି ଗୁରୁଙ୍କୁ କେବେ ବି ଅବହେଳା କରିହେବନି । ଏଣୁ ଜ୍ଞାନ ପାଇଁ ଗୁରୁଙ୍କର ରହିଛି ନିଶ୍ଚିତ ଆବଶ୍ୟକତା ।

# ନୂତନ ବର୍ଷର ମାନବୀୟ ଅନୁଚିନ୍ତା

### ପ୍ରଦୋଷ କୁମାର ଦାସ

ନୂଆ ବର୍ଷ ନୂଆ ଚିନ୍ତନର ପରିଚାୟକ ହେଉ । ନୂଆ ବର୍ଷ କୁ ସ୍ୱାଗତ କରିବା ଅବସରରେ ପୁରାତନ ବର୍ଷଟି ଆମ ପାଇଁ ସମୀକ୍ଷା ର ବର୍ଷ ହୋଇ ଏହି ନୂତନ ବର୍ଷ ସହ ପାଦେ ପାଦେ ଆମକୁ ଅନୁପ୍ରେରଣା ଦେଉଥାଏ ବୋଲି ପ୍ରଭୁ ଙ୍କ ନିକଟରେ ପ୍ରାର୍ଥନା କରୁଛି । ସମୟ କାହାକୁ ଅପେକ୍ଷା କରେ ନାହିଁ । ମୁହୂର୍ତ୍ତ ମୁହୂର୍ତ୍ତ ହୋଇ ଦଣ୍ଡ, ଦିନ ମାସ ଓ ବର୍ଷ ପୂରଣୀ ର ଏକ ବାର୍ଷିକ ସୋପାନ ତାର ଘଟଣାବହୁଳ ବର୍ଷ ଟିଏ ଶେଷ ହୋଇ ଇତିହାସ ପୃଷ୍ଠା ରେ ସ୍ମୃତି ର ସ୍ୱାକ୍ଷର ରହିଥାଏ । ସମୟର ଏହି ଧାରା ନିରଳସ ଭାବେ କେଉଁ ଅନାଦି କାଳ ରୁ ଚାଲି ଆସିଛି । ଏହା ଆଗକୁ ମଧ୍ୟ ଏହିପରି ଚାଲି ରହିବ । ସମୟର ଚକ ଆଗକୁ ଆଗକୁ ଥକାହୀନ ଚାଲିଛି । ଜନ୍ମ ମୃତ୍ୟୁ ଜରା ବ୍ୟାଧି , ଆଲୋକ ଅନ୍ଧାର, ବର୍ଷା ଆଉ ଖରା, ଛଅ ଋତୁର ଭଳି ଭଳି ବର୍ଣ୍ଣଛଟା ସମେତ ରାତି ଆଉ ଦିନ ଭଳି ବିଦାୟ ଓ ସ୍ୱାଗତିକା, ଆମ ଜୀବନ ଓ ଚେତନାକୁ ସମୟକୁ ସମୟ ମର୍ମେ ମର୍ମେ ଅନୁଭବ ଦେଇଥାଏ । ଏଥିରେ ଆମକୁ ପ୍ରତି ସମୟ ଚେତନା ଉଦ୍ଦୀପ୍ତ ହେବାକୁ ପଡିବ । ଏହାର ଅନ୍ତଃକରଣରେ ଆମର ବିଚାରବୁଦ୍ଧିର ପ୍ରତିପନ୍ନତା ନିହିତ ରହିଥିବାରୁ ଆମେ ମାନ୍ୟୀୟ ଗୁଣରେ ଆଭୁଷିତ ଅଟୁ । ଏଥିପାଇଁ ବିଶ୍ୱ ନିୟନ୍ତାଙ୍କୁ କୋଟି କୋଟି ଦଣ୍ଡବତ । ଚଳିତ ଏହି ନବ ବର୍ଷ ଆମ ପାଇଁ କିଭଳି ସୁଖଦ ଓ ସ୍ମୃତିମୟ ହେବ, ତା ପାଇଁ ଆମକୁ ସ୍ୱାନ୍ତକରଣରେ ସଚେତନ ହେବାକୁ ପଡ଼ିବ । ବହୁ ସ୍ମୃତିରାଜିର ଗନ୍ତାଘର ପୁରୁଣା ବରଷଟି ଏବେ ବିଦାୟୀ ବର୍ଷ ଭାବେ ଇତିହାସ ହୋଇଛି । ଅତୀତର ସେହି ସାରା ବର୍ଷ ର ପ୍ରତି ଦିନରେ ରେଖାଙ୍କିତ ତଥା ଲିପିବଦ୍ଧ ହୋଇସାରିଥିବା ବିଗତ ଘଟଣାବଳୀ ତଥା ଅତୀତ ସ୍ମୃତିରାଜୀ ନିଶ୍ଚିତ ଭାବରେ ଆମ ସଭିଏଁ ଆମର ପ୍ରତି ଜୀବନର ଅତୀତ ସ୍ମୃତିରାଜି ବୋଲି ଭୁଲି ଯିବା ଅନୁଚିତ । ପୁରୁଣା ବର୍ଷ ସହିତ କେତେ କେତେ ସକରାତ୍ମକ ଆଉ ନକରାତ୍ମକ କାର୍ଯ୍ୟ ଓ କାରଣ ରହିଥିଲା, ଏହାର ସବିଶେଷ ରୋମନ୍ଥନ କରିବା ନିହାତି ଜରୁରୀ ଅଟେ । ଦିନ ବିତିଯାଏ, ସ୍ମୃତି ରହିଯାଏ । ଏହାର ସଫଳ କାର୍ଯ୍ୟ କାରଣର ନିର୍ଯ୍ୟାସ ନିକାଳି ଆଗାମୀ ଦିନରେ ଏହାର ସମ୍ପଶୋଧିତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ହୁଏତ ଆଗାମୀ ଦିନରେ ସଫଳତା ସ୍ମରିଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ଏକ ଆଶାନ୍ୱିତ ଭାବ ଉଦ୍ଦିପକ ପନ୍ଥା ହେବା ଉଚିତ । ଆମର ପ୍ରତିଟି ବରଷ ଆମ ଜୀବନକାଳରେ ଅଙ୍ଗାଙ୍ଗୀ ଭାବେ ନିବିଡ ଜଡ଼ିତ । କିଏ କହିପାରେ ହୁଏତ ଆପେ ବଞ୍ଚିଗଲେ ଆପଣା ବାପର ନାଁ । ଆପଣା ଘରପରିବାର ଏକାନ୍ତରେ ହୁଏତ ଆପଣାର ବୋଲି ସଭିଏଁ ଭାବି ନେଇ ପାରନ୍ତି । ହେଲେ ଏ ବଞ୍ଚିବାରେ ଯେପରି ଆପଣା ଘର ପରିବାରର ସ୍ୱାର୍ଥ ଓ ସହକାର ରହିଛି, ସେହିପରି ଅନ୍ୟ କୁ ଆପଣାର କରି ଲୋଡ଼ିବା ପଣରେ ପରିପୃଷ୍ଟ ଜୀବନ କେତେ ତୃପ୍ତି ର ଅବକାଶ ଆଣେ, ତାହା କେବଳ ଅନୁଭବୀ ହିଁ ମରମେ ବୁଝିପାରେ । ସେହିପରି ଆପଣଙ୍କର ଗୋଟିଏ ଜୀବନର ପରିପୃଷ୍ଟି ସକଳ ପ୍ରାଣର ସମୃଦ୍ଧି ଓ ସହକାରର ଫଳ ଶୃତି ଅଟେ ବୋଲି ଭୁଲି ଯିବାର ଆଶ୍ଚର୍ଯ୍ୟ । ନିହାତି ଶୁଭଚିନ୍ତକ ନୁହେଁ । ବସୁଧୈବ କୁଟୁମ୍ବକମ ନ୍ୟାୟରେ ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ଆଜି ବିପର୍ଯ୍ୟସ୍ତ ଅବସ୍ଥା ରେ । ସାମ୍ପ୍ରତିକ ବିଶ୍ୱରେ ଅନେକ ଦେଶ ପଡ଼ୋଶୀ ଦେଶ ଓ ବିଦେଶ ସହ ନିହିତ ସ୍ୱାର୍ଥ ସିଦ୍ଧି ପାଇଁ ଯୁଦ୍ଧରେ ବ୍ୟାପୃତି ସମଗ୍ର ବିଶ୍ୱର ଶାନ୍ତି ପ୍ରତିଷ୍ଠା ପାଇଁ ଅନ୍ତରାୟ ସୃଷ୍ଟି କରୁଛି । ସ୍ଥାନେ ସ୍ଥାନେ , ଏକାଧିକ ଅଞ୍ଚଳରେ ମୁଷ୍ଟିମେୟ ଙ୍କ ଲାଗି ଗୁଳିଗୋଳା ବିସ୍ଫୋରଣ, ରକ୍ତପାତ, ରାହାଜାନୀ, ଚୋରି ଲୁଣ୍ଠନ, ଦୁଷ୍କର୍ମ, ମିଥ୍ୟାଚାର, ଅନ୍ୟାୟ ଅତ୍ୟାଚାର ,ପରଶ୍ରୀକାତରତା , ସ୍ୱାର୍ଥପରତା, ସାଧାରଣରେ ଶାନ୍ତି ବ୍ୟାହତ କରିବା ସହ ପ୍ରଭାବିତ ଜନଜୀବନ ଦାରୁଣ ଦୁଃଖ ବେଦନାରେ ଅସହାୟ ହେଉଛନ୍ତି । ଜୋରଦାର ମୁଳକ ତାର ନୀତି ରେ ଗୋଷ୍ଠୀ ଗୋଷ୍ଠୀ, ସମ୍ପ୍ରଦାୟ ସମ୍ପ୍ରଦାୟ ଭାଗ ଭାଗ ହୋଇ ଅଶାନ୍ତ ପରିବେଶ ସାଧାରଣ ମାନବ ଜୀବନକୁ ଏକବାର ଅସହାୟ ତଥା କଳୁଷିତ କରି ରଖିଥିବା ପ୍ରକାଶ । ସର୍ବ ଧର୍ମ ସମନ୍ୱୟ ରକ୍ଷା କରି ସକଳ ଘଟରେ ନାରାୟଣ ରହିଛନ୍ତି ବୋଲି ଅନେକ ନିଜକୁ ପରୋକ୍ଷରେ ଅମଣିଷ ବୋଲି ପ୍ରତିପାଦନ କରିବାରେ ଲାଗିପଡିଥିଲେ ମଧ୍ୟ ଆପଣା କୃତକର୍ମ ପାଇଁ ପଶ୍ଚାତାପ ଏବେ ସୁଦୂର ପରାହତ ଅଟେ । ଏବେ ବିଶ୍ୱ ର ଅନେକ ସ୍ଥାନରେ କ୍ଷୁଧା ରେ ନିପୀଡିତ ଅସଂଖ୍ୟ ପ୍ରାଣ । କ୍ଷୁଧା ଜର୍ଜରିତ ମଣିଷ ର କ୍ଷୁଧାର ଅପନୋଦନ ପାଇଁ ଆମକୁ ବୁଝି ଆବଶ୍ୟକ କର୍ତ୍ତବ୍ୟକର୍ମ ନିର୍ଦ୍ଧାରଣ କରିବାକୁ ପଡ଼ିବ । ଅତୀତର ଯେଉଁ ଘଟଣାବଳୀ ସାଧାରଣରେ ଅଗ୍ରହଣୀୟ ଥିଲା, ତାର ସମ୍ପଶୋଧିତ ପନ୍ଥା ଆମକୁ ଆଚିରିବାକୁ ପଡ଼ିବ । ସକରାତ୍ମକ ଚିନ୍ତାଧାରା ସମାଜ କୁ ଉଦବୁଦ୍ଧ କରିଥାଏ । ଏଥିପାଇଁ ଆମକୁ ସଚେତନ ହେବାକୁ ପଡ଼ିବ । ବିବେକର ଡାକରାକୁ ଅନୁସରଣ କରି ଆମ ସମସ୍ତଙ୍କୁ ସତ୍ୟନିଷ୍ଠ ଭାବନା ରେ ଉଦବଦ୍ଧ ହେବାକୁ ହିଁ ପଡ଼ିବ । ମନେ ରଖିବାକୁ ପଡିବ ଯେ, ବିଶ୍ୱ ଶାନ୍ତି ସହାବସ୍ଥାନ ପାଇଁ ଆମକୁ ସର୍ବ ଧର୍ମ ସମନ୍ୱୟ ରକ୍ଷା କରିବାକୁ ସଚେତନ ହେବାକୁ ପଡ଼ିବ । ଆମ ଘର ପରିବାର ସୁରକ୍ଷା ପାଇଁ ଆମ ସମାଜ ସନ୍ନିତିର ସୁରକ୍ଷା ଜରୁରୀ । ସମାଜର ସୁରକ୍ଷା ପାଇଁ ଆମ ଅଞ୍ଚଳ, ଆମ ରାଜ୍ୟ ର ସୁରକ୍ଷା ମଧ୍ୟ ଜରୁରୀ । ରାଜ୍ୟ ର ସୁରକ୍ଷା ଆମ ଦେଶ ସୁରକ୍ଷିତ ରହିଲେ ସମ୍ଭବ ହୋଇପାରିବ । ଦେଶର ସୁରକ୍ଷା ପାଇଁ ଆମର ପଡୋଶୀ ଦେଶ ସମେତ ସାରା ବିଶ୍ୱରେ ଶାନ୍ତି ଓ ସୁରକ୍ଷା ପାଇଁ ବିଚାର ଆଣି ଦେଶ ଦେଶ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଅନିର୍ବାର୍ଯ୍ୟ ଅଟେ । ସମୟ ଅତିକ୍ରାନ୍ତ ସହିତ ତାରିଖ ବଦଳି ପାରେ, ହେଲେ ପ୍ରତିଟି ତାରିଖର ଘଟଣା ବହୁଳ ଦିନଟି ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ହେଉ ବୋଲି ଆପଣା ପ୍ରତିଟି କର୍ତ୍ତବ୍ୟ ସମ୍ପାଦନ କୁ ଗଠନମୂଳକ ଭାବେ ସୁସମ୍ପହତ କରିବା ଆବଶ୍ୟକ । ଇତିହାସ ର ଆଇନାରେ ପ୍ରତିଟି ବର୍ଷ ନିଶ୍ଚୟ ଘଟଣାବହୁଳ । ତେବେ ଦିନ ପରେ ଦିନ ଗଡି ଚାଲିଥିଲା ବେଳେ ଗୋଟିଏ ବର୍ଷ ପୂରଣ ନିଶ୍ଚୟ ଏକ ସୋପାନ ମାତ୍ର । ଏହି କ୍ରମରେ ଆମେ ସମସ୍ତେ ପୁରୁଣା ବର୍ଷ କୁ ବିଦାୟ ଦେଇ ନବବର୍ଷରେ ଉପନୀତ ହୋଇସାରିଛେ । ଏହି ଭାବ ପ୍ରବଣ ମୁହୂର୍ତ୍ତରେ ଆମେ ଗୋଟିଏ ଜୀବନ ନୁହେଁ କୋଟି ଜୀବନର ନାୟକ ଭାବେ ଏକାନ୍ତ ଓ ଏକାତ୍ମ ହୋଇ ଯଦି ସଦାଚାରିତା ସହିତ ଆମର ଆଗାମୀ ପ୍ରତିଟି କର୍ମପନ୍ଥାକୁ ଗଠନମୂଳକ ଓ ପରାର୍ଥ ଉତ୍ସର୍ଗୀକୃତ କରାଇପାରିବା, ତେବେ ଆମ ଜୀବନ କାଳରେ ଆମ ସହ ନୂଆ ନୂଆ ଯୋଡ଼ି ହୋଇ ଆସୁଥିବା ପ୍ରତିଟି ନୂତନ ବର୍ଷ ଏକ ଅଭିଳକ୍ଷିତ , ସୌହାର୍ଦ୍ଦ୍ୟପୂର୍ଣ୍ଣ ତଥା ଚେତନାଉଦ୍ଦିପ୍ତ ବର୍ଷ ହୋଇ ସମୟଚକ୍ରରେ ଆଗାମୀ ଉତ୍ତରପୀଢୀ ତଥା ପ୍ରତି ଜୀବନ ଉପରେ ନିଶ୍ଚିତ ଭାବରେ ସକାରାତ୍ମକ ପ୍ରଭାବ ପକାଇପାରିବ । ତେବେ ସବୁରି ଜୀବନ ଜ୍ଞାନମୟ ହେବ, ଏଥିରେ ସନ୍ଦେହ ନାହିଁ । ଏହି ନବ ବର୍ଷ ବିଶ୍ୱ ଶାନ୍ତି ସହାବସ୍ଥାନ ପାଇଁ ଏକ ସମୃଦ୍ଧି ର ବର୍ଷ ହେଉ । ସମଗ୍ର ମାନବ ଜାତି ତାର ସମସ୍ତ ମାନବୀୟ ଗୁଣର ଉପଲବ୍ଧି ପାଉ । ଜୟ ଜୀବନ । ଜୟ ଜଗତ ।।

ସ୍ତମ୍ଭକାର, ନାଚୁଣୀ, ଖୋର୍ଦ୍ଧା
ପିନ୍ :- ୭୫୨୦୩୪(ଫୋନ:- ୬୩୭୦୪୯୫୯୪୪)
mailparipraka s@gmail.com

# ନୂଆ ବର୍ଷର ନୂଆ ସଂକଳ୍ପ

### ଦିପ୍ତିମୟୀ ନାୟକ

ନୂଆବର୍ଷରେ ଅନେକ ଲୋକ ଅନେକ ସଂକଳ୍ପ ନେଇଥାନ୍ତି । କିଏ ନିଜ ଜୀବନକୁ ନୂଆ କରି ଆରମ୍ଭ କରିବାକୁ ପ୍ରତିଜ୍ଞା କରୁଥାଏ ତ ପୁଣି ଆଉ କିଏ ନିଜ ଖରାପ ଅଭ୍ୟାସକୁ ନିଜଠାରୁ ଦୂରେଇଦେବା କଥା କହୁଥାଏ । ଏହି ନୂଆବର୍ଷ ପ୍ରତିବର୍ଷ ଭଳି ଲୋକଙ୍କୁ ନୂଆ ନୂଆ ସ୍ୱପ୍ନ ଦେଖେଇଥାଏ । ଆଉ ଏହି ସ୍ୱପ୍ନ ସବୁ ଭିତରେ ଏହି ମଣିଷ ଯେମିତି ଖୋଲା ଆକାଶ ତଳେ ଉଡି ବୁଲୁଥାଏ । କେବେ ସେ ନିଜକୁ ମୁକ୍ତ ଆକାଶର ପକ୍ଷୀ ଭାବୁଥାଏ ତ ଆଉ କେବେ ସବୁ ପାଇଯାଇଛି କହି ଖୁସିରେ ଆତ୍ମବିହୋର ହୋଇ ଉଠୁଥାଏ । ତେବେ ଏହି ନୂଆବର୍ଷରେ ପ୍ରତ୍ୟେକ ଲୋକ ନିଜ ପରିବାର, ସାଙ୍ଗସାଥି ଏବଂ ବନ୍ଧୁ ପରିଜନ ମାନଙ୍କ ସହ ଭୋଜି ଭାତର ଆସର କରି ମଜା ମସ୍ତି କରିଥାନ୍ତି । ଆଉ କିଛି ନିଜ ଲକ୍ଷ୍ୟସ୍ଥଳରେ ପହଁଚିବା ପାଇଁ ଏହି ନୂଆବର୍ଷରେ ସଂକଳ୍ପ ନେଇଥାନ୍ତି । କିଏ ନିଜ ଭଙ୍ଗା ହୃଦୟକୁ ଯୋଡିବାପାଇଁ ଚେଷ୍ଟା କରେ ତ ଆଉ କିଏ ନିଜ ମନ୍ଦ ଅଭ୍ୟାସ ଠାରୁ ନିବୃତ ରହିବାକୁ ଚେଷ୍ଟା କରେ ତ ପୁଣି କିଏ ସାମାଜିକ ପ୍ରତିଷ୍ଠା ପାଇବାପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଥାଏ ଆଉ କିଏ ପୁଣି କହୁଥାଏ ହେ ଭଗବାନ ମୋର ପଛେ ଯାହା କ୍ଷତି ହୋଇଯାଉ କିନ୍ତୁ ମୋ ପରିବାରର କିଛି କ୍ଷତି ନହେଉ । ତେବେ ଏହି ସଂକଳ୍ପର ଲମ୍ବା ଲିଷ୍ଟ ଭିତରେ ପୂର୍ବବର୍ଷର କିମ୍ବା କିଛି ବର୍ଷ ପୂର୍ବର ଅଧା ଅଧୁରା ସ୍ୱପ୍ନ ଯୋଡ଼ା ହୋଇଥାଏ ଯାହା ଏହି ମଣିଷକୁ ବେଳେବେଳେ ବିଚଳିତ କରିଥାଏ । ତେବେ ନୂଆବର୍ଷ ପାଇଁ ଆମେ ଯେଉଁ ସଂକଳ୍ପ କଥା କହୁଛେ ଆମେ ତ କିଛି ବର୍ଷ, କିଛି ମାସ, ଆଉ କିଛି ଦିନ ଆଗରୁ ନେଇସାରିଛେ ବାସ୍ ଆଉ କିଛି ଦିନ, ଆଉ କିଛି ମାସ, ଆଉ କିଛି ବର୍ଷକୁ ଅପେକ୍ଷା କରିବାକୁ ପଡିବ । କେବଳ ଅପେକ୍ଷା ନୁହେଁ ଆମର ମନୋବଳକୁ ସେତିକି ସୁଦୃଢ କରିବାକୁ ପଡିବ ଯେମିତି ଏହି କିଛି ସଂକଳ୍ପ ଆମର ପୂରଣ ହେବ । ତେବେ ନୂଆବର୍ଷ ପାଇଁ ସମସ୍ତଙ୍କୁ ଖୁସିତ ନିହାତି ଲାଗିବ ହେଲେ ପୁରୁଣା ବର୍ଷର ପୁରୁଣା ଅଦରକାରୀ କ୍ୟାଲେଣ୍ଡର ପୃଷ୍ଠା ଭଳି ନିଜ ନିଜ ପୁରୁଣା ଦିନ ସବୁ ମନେ ପଡିବ । ଅବଶ୍ୟ ନୂଆବର୍ଷ ଆସିଲେ ସବୁଠି ଶୁଭେଚ୍ଛାର ଶୁଅ ଛୁଟିବ । ହେଲେ ଭାଗ୍ୟ ପରିବର୍ତ୍ତନ ହେବନି । କିନ୍ତୁ ଫୋନରେ ନିଶ୍ଚିନ୍ତ ଭାବରେ ଅନ୍ୟ ମାନଙ୍କର ଶୁଭେଚ୍ଛା ବାର୍ତ୍ତାରେ ଫୋନ ମେମୋରୀ ଭର୍ତ୍ତି ହୋଇଯାଇଥିବ ।ଆଉ ହଁ ପ୍ରାୟ ଲୋକ ଏହି ନୂଆବର୍ଷରେ ଜ୍ୟୋତିଷ ମାନଙ୍କ ପାଖକୁ ଯାଆନ୍ତି ନିଜ ଭାଗ୍ୟ ଓ ଭବିଷ୍ୟତକୁ ନେଇ ଚିନ୍ତିତ ଥାଆନ୍ତି । ଆଗକୁ କଣ ହେବ କଣ ନାହିଁ ଏହି ଚିନ୍ତାରେ ବାରମ୍ବାର ଜ୍ୟୋତିଷ ମାନଙ୍କୁ ହାତ ଦେଖେଇବାକୁ ଲାଗିଯାଆନ୍ତି । କାହାର ଧନ, ମାନ, ସ୍ୱାସ୍ଥ୍ୟ, ପ୍ରେମ ପାଇବାକୁ ଇଚ୍ଛା ଥାଏ ତ ଆଉ କିଏ ମନ୍ଦିର ଯାଇ ମାନସିକ କରି ଆସୁଥାଏ । କିନ୍ତୁ ଗୋଟେ କଥା କୁହନ୍ତୁ ବିଗତ ବର୍ଷରୁ ଆପଣ ଯଦି ଆପଣଙ୍କ ରାଶି ଦେଖି ସବୁ କାର୍ଯ୍ୟ ତୁଲାଉଛନ୍ତି ତେବେ ଆପଣ କଣ ସେଥିରେ ସଫଳ ହୋଇଥାନ୍ତି । ଆମ ମନ ହିଁ ଜାଣିଥାଏ ନୂଆ ପୁରୁଣାର ପାର୍ଥକ୍ୟ । କାରଣ ଏହି ମନ ହିଁ ତ ପ୍ରତ୍ୟେକ ବର୍ଷର ଅନୁଭୂତିକୁ ସାଇତି ରଖିଛି ।କାରଣ ଏହି ଅନୁଭୂତି ହିଁ ମଣିଷକୁ ଉଚିତ ମାର୍ଗ ଦର୍ଶନ କରାଇଛି । ତେବେ ଏହି ନୂଆ ବର୍ଷର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ସମସ୍ତେ ଭଲରେ ରୁହନ୍ତୁ ଖୁସିରେ ରୁହନ୍ତୁ । ପ୍ରତ୍ୟେକ ପରିବାରରେ ଖୁସିର ଲହରୀ ଖେଳିଯାଉ ହସ ଖୁସିର ସଂସାର ଚଳୁଥାଉ । ନୂଆ ଆଶା, ନୂଆ ସମ୍ଭାବନାକୁ ନେଇ ନୂଆ ଆରମ୍ଭରେ ନୂଆ ସୁଯୋଗ, ନୂଆ ଚିନ୍ତାଧାରା, ନୂଆ ପ୍ରୟାସ ଜାରି ରହିଥାଉ ।ଆଉ ଏହି ନୂଆ ସଂକଳ୍ପକୁ ନେଇ ପ୍ରତ୍ୟେକ ଲୋକଙ୍କର ପ୍ରତ୍ୟେକଟି ସ୍ୱପ୍ନ ପୂରଣ ହେଇଯାଉ ।

ଯୁବ ସାମ୍ବାଦିକା
ଦିପ୍ତିମୟୀ ନାୟକ
ଅନ୍ଧାରୁଆ, ଭୁବନେଶ୍ୱର
୯୦୯୦୬୬୧୫୮୬

# କୁଣିଆଁଙ୍କୁ କାନ୍ଥୁଭାରା

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏକ ଗୃହସ୍ଥଙ୍କର ଗୃହ ଜୀର୍ଣ୍ଣ ହୋଇ କାନ୍ଥର ଏକ ପଟର ନୂଆଣିଆଁ ହୋଇ ରହିଛି । ପୂର୍ବେ ଚାଳଘର ଥିଲା ଚାଳଘର କାନ୍ଥ ବର୍ଷା ଦିନେ ନୂଆଣିଆ ହୋଇପାରେ ଏହା ମରାମତି ପାଇଁ ପଇସା, ଲୋକବଳ ସମୟ ନିଶ୍ଚେ ଦରକାର ଥିଲା ହେଲେ ଜଣେ କୁଣିଆଁ ଆସିଛନ୍ତି ସେ ସେ କାନ୍ଥର ଅବସ୍ଥାରେ ଉଦବେଗ ପ୍ରକାଶ କରିଛନ୍ତି । କାମଟି ସାରନ୍ତୁ ଏଇ ଭାବନା ।କୁଣିଆଁ କେତେ ପ୍ରକାର, ପିତୃ କୁଣିଆଁ, ପିତାଙ୍କର ଭଉଣୀ ଘର ଯାହା ବ୍ୟକ୍ତିଙ୍କର ପିଇସୀ ଘର, ପିଉସୀ ପିଉସା ଏହା ମାନଙ୍କର ସନ୍ତାନ ସନ୍ତତି ଏମାନେ ପିତୃ କୁଣିଆଁ । ମାତୃ କୁଣିଆଁ ନିଜର ମାମୁଁ ମାଉସୀଘର ଏଇ ମାନଙ୍କର ଘରର ମାମୁଁ, ମାଇଁ ତାଙ୍କର ପିଲା ମାଉସୀ, ମଉସା, ତାଙ୍କର ପିଲା ଏହା ବାଦ ଅଛନ୍ତି ଆତ୍ମବନ୍ଧୁ ନିଜର ଶ୍ୱଶୁର ଘର ଶ୍ୱଶୁର ଶାଶୁ ଶାଳକ, ଶଳାଭାଉଜ, ଶାଳୀ ଶାଳୀର ସ୍ୱାମୀ ଓ ଏମାନଙ୍କର ପିଲା ଝିଲା, ସୂର୍ଯ୍ୟବନ୍ଧୁ ସହ ସଙ୍ଗାତ ଅଭଜା, ବଉଳ ଚାନ୍ଦ, ପରି ସମ୍ବନ୍ଧ ସହିତ ପିଲା କାଳର ପାଠ୍ୟ ସହଚର ଖେଳ ସହଚର, ବଡ଼ୁ କୁଣିଆଁ ଏଇ ଜାମାତା ପ୍ରଥମ କରି ଶ୍ୱଶୁର ଘରକୁ ପୁନଇେ ଖାଇବାକୁ ଆସନ୍ତି । ସେ ଯଦି ଆସି କାନ୍ଥଭରା ଧରିବା ହୁଏ ତେବେ ଲୋକ ପାଖରେ ପଇସା ନାହିଁ ଏ ପାଇଁ ବ୍ୟକ୍ତ କରିହୁଏନାହିଁ ଲଜ୍ଜିତ ହେବାକୁ ହୁଏ । ଜମାତା ଓଜ ବା ତାଙ୍କ ସ୍ତ୍ରୀକୁ ଦରିଦ୍ର ଘର ଝିଅ କହି ଦୁଃଖ ଦେଇପାରନ୍ତି । ଏଗଲା କୁଣିଆଁ ବ୍ୟକ୍ତିଗତ ଜୀବନ ଚର୍ଯ୍ୟାରେ । ଆଉ ଅଛନ୍ତି କୁଣିଆଁ ସେଥିରୁ ଝିଅ ବିବାହ, ପୁଅ ବିବାହରେ ନିମନ୍ତ୍ରିତ ଅତିଥିମାନେ ନିଜର ଗୃହରୁ ଯଦି ଦୈବ ବଶତଃ କିଛି ଅଘଟଣ ଘଟି କାହାର ଦେହାନ୍ତ ହୁଏ ସେ କାମରେ ଶ୍ମଶାନକୁ ଶବ ନେଇଯିବା ମାଲଭାଇ ବା ମାଲବାହୀ ଶବ ସହିତ ଶ୍ମଶାନ ଅନୁଗମନକାରୀ ଶୁଦ୍ଧକ୍ରିୟାରେ ଯୋଗ ଦେବା ବ୍ୟକ୍ତିମାନେ ବନ୍ଧୁରେ ଯାଆନ୍ତି । 'ଉତ୍ସବ ବ୍ୟସନେ ଶ୍ଚୈବ ଦୁର୍ଭିକ୍ଷେ ଶତ୍ରୁବିଗ୍ରହେ ରାଜଦ୍ୱାରେ ଶ୍ମଶାନେ ଶ୍ଚ ଯଃ ତିଷ୍ଠତି ସଃବାନ୍ଧବଃ ।' ଏପରି କାବ୍ୟ ଥିବାରୁ ଏମିତି ବହୁ ପ୍ରକାର ବ୍ୟକ୍ତିଗତ ବନ୍ଧୁରେ ଆସନ୍ତି । ହେଲେ ସମୁହ ବନ୍ଧୁ, ବହୁ କ୍ଷେତ୍ରରେ ଦେଖାଯାନ୍ତି ଏ ମଧ୍ୟରେ ଗେଷ୍ଟ ଆପ୍ରିସିଏଟ, ରାଜ୍ୟର ଗେଷ୍ଟ, ଦେଶର ଗେଷ୍ଟ, ଅତିଥି ଗୁରୁଭାଇ ଭଉଣୀ, ଏମାନେ ବନ୍ଧୁରେ ଆସନ୍ତି । ଜାତିପୁଅ ବି ବନ୍ଧୁ, ବିଦେଶରେ ଏକ ଦେଶରେ ଏକ ପ୍ରଦେଶରେ ଏକ ଭାଷାଭାଷୀ, ଏକ ଧର୍ମୀୟ ଲୋକମାନେ ପରସ୍ପର ବନ୍ଧୁ । ଥରେ ବିଜୁ ବାବୁ ମାନ୍ଦ୍ରାଜ ପ୍ରାନ୍ତ ରାଜ୍ୟକୁ ଏକ କାର୍ଯ୍ୟରେ ଯାଇଥିଲେ । ସେଠାରେ ତାଙ୍କର ବକ୍ତବ୍ୟରେ କିଛି ରାଜ ନେତା ଓ ସଭାସଦ ଭାଷଣରେ ସୁଚାଇଥିଲେ ଓଡ଼ିଶାର ରାଜା-ଗଜପତି ପୁରୁଷୋତ୍ତମଙ୍କୁ କାଞ୍ଚିରାଜାଙ୍କ କନ୍ୟା ପଦ୍ମାବତୀଙ୍କୁ ବିବାହ କରିଥିବାରୁ ଏହା ଆମ ଓଡ଼ିଶା ଲୋକଙ୍କର ମାମୁଁଘର । ଯଦି କେହି ତିରୁନାଲାର ପଣ୍ଡିଚେରୀର ଶନିଶ୍ଚର ମନ୍ଦିର ଦର୍ଭାକେଶ୍ୱର ଶିବ ମନ୍ଦିର ନଳତୀର୍ଥ ବୁଲିବାକୁ ଯାଆନ୍ତି ଦେଖିବେ କଳିଙ୍ଗରାଜ ସେ ମନ୍ଦିର କରାଇବା ଲେଖାଅଛି । ବର୍ତ୍ତମାନ କୁଶ ଏହି ଶିବକୁଶ ସହିତ ଜଡ଼ିତ ଯେ ସଦା ପବିତ୍ର ଭୂମିରେ ବାସ କରନ୍ତି । ଏ ମନ୍ଦିର ଭାରତର ବିଚିତ୍ର ମନ୍ଦିର, କଳିଙ୍ଗ ରାଜ କରାଇଛନ୍ତି ଅର୍ଥ ଓଡ଼ିଶାର ରାଜାଙ୍କର ପ୍ରାଚୀନ କୀର୍ତ୍ତି । ଏହା ମଧ୍ୟ ଏବେ କୁଣିଆଁ ରାଜ୍ୟ । ଚୋଳମାନେ ଦିନେ ଏ ରାଜ୍ୟରେ ଶାସକ ଥିଲେ, ଚୋଳଗଙ୍ଗ ଦେବ ମନ୍ଦିର ତୋଳାଇ ଥିଲେ ଯାହା ଏକାମ୍ରବନର ଏହି ଲିଙ୍ଗରାଜ ମନ୍ଦିର । କାଞ୍ଚି ଓ ଭୁବନେଶ୍ୱର ନାମ ଏକାମ୍ରବନ । ଆମ୍ବଗଛର ଜଙ୍ଗଲ ବୋଲି ଧରାଯାଏ । ଏହି ଶିବ ସଭ୍ୟତାର ସାହାଯ୍ୟ ଅଛି ଓଡ଼ିଶାରେ ଦେବୀ ପାବାର୍ତୀଙ୍କ ନାମ ଗୌରୀ । କାଞ୍ଚିରେ କାମାକ୍ଷୀ ମଦୁରାଇରେ ମୀନାକ୍ଷୀ, କାଶିରେ ଅନ୍ନପୂର୍ଣ୍ଣା । ଅତଏବ ଶୈବ ସଂସ୍କୃତି ଏପରି ଶୈବ ଭକ୍ତବନ୍ଧୁ ଆମ ରାଜ୍ୟଲୋକ ଶିବ ଅନୁରାଗୀଙ୍କର ନିଶ୍ଚୟ ବନ୍ଧୁ । ସପ୍ତପୁରୀରେ ଚାରିଧାମରେ ଆମ ଓଡ଼ିଶା ଆସେ । ଶଙ୍କରାଚାର୍ଯ୍ୟଙ୍କର ଆଶ୍ରମ ଏହି ଚାରିଧାମରେ ରହି ଏକ ଏକତା ସୃଷ୍ଟି କରୁଛି । ବିଷ୍ଣୁ ଶୈବ ମିଶ୍ରଣରେ ଭାରତ ବର୍ଷର ଏକତା ଏଥିରେ ଓଡ଼ିଶା ଲୋକ ନିଶ୍ଚେ ସର୍ବତ୍ର ବାନ୍ଧବ । ଆମ ରାଜ୍ୟରେ ଶକ୍ତିପୂଜା ସର୍ବତ୍ର ଗ୍ରାମେ ଗ୍ରାମେ ଗ୍ରାମ ଦେବତୀ ଥିବାବେଳେ ଅଷ୍ଟଚଣ୍ଡୀ ଅଷ୍ଟକିଳା ରୂପେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପୁପୂଜିତ ପୁଣି ନାମକରା ଅନେକ ଦେବୀପୀଠ ଓଡ଼ିଶାରେ ଆହୁରି ଅଛି । ଶାକ୍ତ ମତରେ ସବୁ ଓଡ଼ିଆ ଲୋକ ଦେବୀପୂଜାରେ ରହୁଥିବାରୁ ସମସ୍ତେ ମାତୃପୂଜକ ଭାଇ ଭଉଣୀ ସମ୍ପର୍କଲିପ୍ତ । ଆମ ରାଜ୍ୟରେ ସୂର୍ଯ୍ୟପୂଜା ସର୍ବତ୍ର ପ୍ରତି ରବିବାର ବ୍ରତ ପାଳନ ଅନେକ କରନ୍ତି । ରବି ନାରାୟଣ ବ୍ରତ ଶାମ୍ବଦଶମୀ ମାଘ ସପ୍ତମୀ, ରଥ ସପ୍ତମୀ ଏପରିକି ଛଟ ପୂଜା ପରି ଅନେକ ପୂଜାରେ ସୂର୍ଯ୍ୟପୂଜା । ସୂର୍ଯ୍ୟଙ୍କର ଜନ୍ମ ଭୂମି କଳିଙ୍ଗ ଶେ ଯୋଗୁଁ ଏକ ନମ୍ବର ଓଡ଼ିଆ ହେଉଛନ୍ତି ସୂର୍ଯ୍ୟ ଦେବତା । ଅରୁଣସ୍ତମ୍ଭ ଶ୍ରୀମନ୍ଦିର ସିଂହଦ୍ୱାରରେ ରହିଛି ମନ୍ଦିର ମଧ୍ୟରେ ସୂର୍ଯ୍ୟ ମନ୍ଦିର ଅଛି । ସୂର୍ଯ୍ୟପୂଜା ବିନା ଅନ୍ୟପୂଜା ଶ୍ରୀ ମନ୍ଦିରରେ ଆରମ୍ଭ ହୁଏନାହିଁ । ଗଣେଶ ପୂଜା ଶ୍ରୀମନ୍ଦିରରେ ଅଛି । କଣେଶ ଏକ ସୁନ୍ଦର ମୂର୍ତ୍ତି ପଶ୍ଚିମ ଦିଗରେ ଜଗନ୍ନାଥଙ୍କ ପଛପଟରେ ଅଛନ୍ତି । ବଟୁକ ଗଣେଶ ଦକ୍ଷିଣରେ ରୋଷ ଶାଳରେ ଗଣେଶ ଜାଗ୍ରତ । ମହା ବିନାୟମ ସ୍ୱତନ୍ତ୍ର ପୀଠ ପୂର୍ବେ ଅଭଙ୍ଗ କଟକ ଜିଲ୍ଲାରେ ଥିଲା ଏବେ ଏହା ଯାଜପୁର ସୀମାନ୍ତରେ ଅଛି । ପ୍ରତି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଥରେ ଗଣେଶଙ୍କ ପୂଜା କରିଆସୁଛନ୍ତି । ଗୁଡ଼ିଆଙ୍କ ଇଷ୍ଟ ଶ୍ରୀଗଣେଶ । ଶିବ, ଦୁର୍ଗା, ଚଣ୍ଡୀ ଆଦି ମନ୍ଦିରରେ ଦକ୍ଷିଣ ଦିଗରେ ଗଣେଶ ଦେବତାଙ୍କର ପାର୍ଶ୍ୱଦେବତା ଭାବେ ପୂଜା ପାଉଛନ୍ତି । ଗାଣପତିଙ୍କ ମଧ୍ୟରେ ବନ୍ଧୁତ୍ୱ ଅଛି । ରାଜ୍ୟ ମାନଙ୍କରେ ଆଇଏଏସ ଓ ଆଇପିଏସ ଅଫିସର ଅନ୍ୟ ରାଜ୍ୟରୁ ବହୁ ସମୟରେ ଆସନ୍ତି । ରାଜ୍ୟପାଳ ବିଚାରପତି ହାଇକୋର୍ଟ ମୁଖ୍ୟ ବିଚାରପତି ଅନ୍ୟର ରାଜ୍ୟରୁ ଆସୁଛନ୍ତି । ଅନେକ ବେଳେ ରାଜ୍ୟସଭାକୁ ଏକ ରାଜ୍ୟର ଲୋକ ଅନ୍ୟ ରାଜ୍ୟରୁ ଆସୁଛନ୍ତି । ସେମାନେ ସର୍ବଭାରତୀୟ ସ୍ତରରେ ମନ୍ତ୍ରୀପଦ ଭାଜନ ହେଉଛନ୍ତି । ଅତଏବ ଏମାନେ ବନ୍ଧୁ ହୋଇ ଆସୁଛନ୍ତି ମାତ୍ର ରାଜ୍ୟ ସଞ୍ଚାଳକ ଦେଶ ସଞ୍ଚାଳକ ହୋଇ ଯାଉଛନ୍ତି । ଏହାଙ୍କୁ ରାଜ୍ୟର ପ୍ରଗତିରେ କିଛି ମତ ରଖିଲେ ଗାଉଁଲୀ ଭାଷାରେ କୁଣିଆଁଙ୍କୁ କାହିଁକି କାନ୍ଥ ଭରା ଲାଗୁଛି କୁହାଯିବ କି ? ପ୍ରତି ଘରର ବୋହୂମାନେ କୁଣିଆଁ ହୋଇ ଆସୁଛନ୍ତି ପରେ ଗୃହିଣୀ ଗୃହଲକ୍ଷ୍ମୀ ହୋଇଯାଉଛନ୍ତି । ଏଠାରେ ବୋହୂ ସେଘରର ଝିଅ ନୁହଁ ମାତ୍ର ଘରର ଦାୟିତ୍ୱ ସେ ନିର୍ବାହ କରୁଛନ୍ତି । ଏଥିରେ ଶାଶୁ ଶ୍ୱଶୁର ବୋହୂକୁ କହିବେ କି କୁଣିଆଁଙ୍କୁ କାହିଁକି କାନ୍ଥଭରା ଲାଗିଛି ?ଅନେକ ବର୍ଷ କେହି କୌଣସି ଭୂମିରେ ବାସ କଲେ ସେ ସ୍ଥାନ ଯାଗାଜମି କିଣି ସ୍ଥାୟୀ ବସତି କରି ସ୍ଥାନରେ ନାଗରିକ ହୋଇ ଭୋଟ ଅଧିକାର ପାଉଛନ୍ତି । ଏମିତି ସୋନିଆଁ ଗାନ୍ଧୀ ସେମିତି ସେ ପାରି ବଙ୍ଗଳାର ଲୋକ ଆମ ରାଜ୍ୟରେ ସ୍ଥାୟୀ ନାଗରିକ ହୋଇଗଲେଣି । ନବୀନ ବାବୁ ପିଲାକାଳ ଓଡ଼ିଶାରେ କଟାଇ ନାହାଁନ୍ତି ଏବେ ପାଞ୍ଚ ଥର ମୁଖ୍ୟମନ୍ତ୍ରୀ ଓଡ଼ିଆ ଠିକ୍ କହିପାରୁ ନାହିଁ ହେଲେ ତାଙ୍କର ବିରୁଦ୍ଧାଚାରୀ କେହି ନୁହଁନ୍ତି । ସେ ପ୍ରକୃତରେ ରାଜନୈତିକ ସଂକଟରେ ଆସି ଦଳପତି ଓ ମୁଖ୍ୟମନ୍ତ୍ରୀ ହୋଇ ଲୋକପ୍ରିୟ ତାଙ୍କରି ବିକଳ୍ପ ନାହିଁ । ଅନେକ ଅଫିସରେ ସ୍ୱରାଜ୍ୟ ଛାଡ଼ି ଚାକିରୀ କର୍ମ ରହିତ ପରେ ପର ରାଜ୍ୟରେ ବାସ କରି ନାଗରିକ ହୋଇ ରହିଛନ୍ତି । ଗୁଜରାଟୀ, ମାରୱାଡ଼ି, ମୁସଲିମ ଏମିତି ବି ଅନ୍ୟତ୍ର ଆସି ଓଡ଼ିଶାରେ କେବଳ ନୁହଁନ୍ତି ସର୍ବତ୍ର ଥିବା ଦେଖାଯାଉଛି । ସେ ସ୍ଥାନର ପ୍ରଗତିରେ ସେମାନେ ଭାଗୁଆଳୀ ଅତଏବ ଏମାନଙ୍କୁ କୁଣିଆଁକୁ କାନ୍ଥଭରା କୁହାଯାଇ ନପାରେ । ଉପଦେଶ ଦେବା ମନା ନାହିଁ ମାତ୍ର କାର୍ଯ୍ୟ ସମ୍ପାଦନ ପାଇଁ ଶ୍ରମ, ଧନ ଲଗାଇ କରାଇ ପାରିଲେ କୌଣସି କୁଣିଆଁଙ୍କୁ କାନ୍ଥଭରା ଲାଗିବା କୁହାଯିବା ଅନର୍ଥକ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ୨୧ ଦିନ ହେବ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି ଅଗ୍ନିଶମ କର୍ମଚାରୀ



**ଜୟପୁର(ଅମୃତ ମିଡିଆ) :** ବିଭିନ୍ନ ଦଫା ଦାବି ନେଇ ଓଡିଶା ଅଗ୍ନିଶମସେବା କର୍ମଚାରୀ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟନିର୍ବାହ କରୁଥିବା ବେଳେ ଜୟପୁର ଅଗ୍ନିସମ କେନ୍ଦ୍ରର କର୍ମଚାରୀମାନେ ମଧ କଳାବ୍ୟାଜ ପରିଧାନ କରି ୨୧ ଦିନ ହେବ କାର୍ଯ୍ୟରତ ଅଛନ୍ତି । କର୍ମଚାରୀମାନେ ଦାବି କରିଛନ୍ତି ଯେ ପୋଲିସ ବିଭାଗର ହାବିଲଦାର, କନେଷ୍ଟବଳଙ୍କ ପରି ସମାନ ପରୀକ୍ଷା ଦେଇ ଆଗ୍ନିକ ଭାବେ ନିଯୁକ୍ତି ପାଇଥିଲେ ମଧସେମାନଙ୍କ ଦରମାରେ ତାରତମ୍ୟ ରହିଛି । ୨୦୧୦ରୁ ଓଡିଶା ପୋଲିସ୍ କନଷ୍ଟେବଳଓ । ବିଲଦାର ପାଉଥିବା ଦରମା ସହ ମୁଖ୍ୟ ଆଗ୍ନିକ, ଆଗ୍ନିକଙ୍କ ବେତନ ସମାନ ଥିଲା ।ଏହା ପରଠାରୁ ଦରମାରେ ଅସଙ୍ଗତି ହେବା ଆରମ୍ଭ ହୋଇଯାଇଥିଲା । ଏ ନେଇ ବାରମ୍ବାର ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନଥିଲା । ସେହିପରି ମୁଖ୍ୟଆଗ୍ନିକ ଓ ଆଗ୍ନିକ ସଂଘ ୧୯୮୦ରୁ ଗଠିତ ହୋଇ ସେମାନଙ୍କ ଦାବି ଉପସ୍ଥାପନ କରିଆସୁଥିଲେ ମଧ ୨୦୧୪ ମସିହା ପରଠାରୁ ସଂଘକୁ ଅକାମୀ କରି ଦିଆଯାଇଛି । ଫଳରେ କର୍ମଚାରୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରିପାର ୁନାହାଁନ୍ତି । ଓଡିଶା ପୋଲିସ୍ କର୍ମଚାରୀଙ୍କ ଭଳି ସମାନ ଦରମା ଓ ସଂଘକୁ କାର୍ଯ୍ୟକ୍ଷମ କରିବା ଦାବିରେ ୨୦୧୮ ମସିହାରେ ଅଗ୍ନିଶମ କର୍ମଚାରୀ ମାନେ ରାଜ ରାସ୍ତାକୁ ଓହ୍ଲାଇଥିଲେ । କର୍ମଚାରୀ ମାନଙ୍କ ଦାବିଖୁବ ଶୀଘ୍ର ପୂରଣ ହେବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜୟପୁର ଅଗ୍ନିଶମ କେନ୍ଦ୍ର ସମ୍ମୁଖରେ କଳାବ୍ୟାଜ ପିନ୍ଧି ଆନ୍ଦୋଳନ କରୁଥିବା କର୍ମଚାରୀ ମାନେ ଗଣ ମାଧ୍ୟମକୁ କହିଛନ୍ତି ।

# ବିଧାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଦେଖି ସହିପାରିଲେନି ସରପଞ୍ଚ

**ନୀଳଗିରି(ଅମୃତ ମିଡିଆ) :** ରାଜ୍ୟରେ ବି ଜେ ଡି ସରକାର ଥିବା ବେଳେ ବାଲେଶ୍ଵର ଜିଲ୍ଲାରେ ଏକ ମାତ୍ର ବିଜେପି ବିଧାୟକ ଥିବା ସୁକାନ୍ତ କୁମାର ନାୟକ ତାଙ୍କ ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିଚାଲିଥିବା ବେଳେ କିଛି ଶାସକ ଦଳର ସରପଞ୍ଚ ଏହାକୁ ସହି ନପାରି ବିଭିନ୍ନ ସମୟରେ ପ୍ରତିବାଦ, ଧାରଣା, ଅଭିଯୋଗ କରିଆସୁଛନ୍ତି । ସେହିଭଳି ଏକ ଘଟଣା ନିକଟରେ ଘଟି ଯାଇଥିବା ବେଳେ କିଛି ଶାସକ ଦଳର ସରପଞ୍ଚଙ୍କୁ ଧରି ୧୨ନମ୍ବର ଜିଲ୍ଲାପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ ବିଧାୟକଙ୍କ ବିରୋଧରେ ଉପଜିଲ୍ଲପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ନିକଟରେ ବିଧାୟକ କଳକାଦ ଛକ ଠାରୁ ଟିଆକଟା ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉନ୍ନତିକାରଣ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କହି ୪କୋଟି ୭୮ଲକ୍ଷ୍ୟ ଟଙ୍କା ମଞ୍ଜୁର କରାଇଥିଲେ। ସେହି ଅର୍ଥକୁ କାର୍ଯ୍ୟକାରୀ କରିବା ପୂର୍ବରୁ କଳକାଦ ଛକ ଠାରେ ସହସ୍ରାଧିକ କର୍ମୀଙ୍କ ଗହଣରେ ଫଳକ ମାରି ଶିଳାନ୍ୟାସ କରୁଥିବା ବେଳେ ସ୍ଥାନୀୟ ସରପଞ୍ଚ ଶିବାଜି ସିଂ କିଛି ସମର୍ଥକଙ୍କୁ ଧରି ଫଳକ ମାରଯାଇଥିବା ପାଚେରୀ ଉପରେ ବସି ତାଙ୍କ ନାମ ନଥିବାରୁ ପ୍ରତିବାଦ କରିଥିଲେ ଓ ଫଳକକୁ ଭାଙ୍ଗି ଦେଇଥିଲେ। ଏଥିରେ ରାଗିଯାଇ ସ୍ଥାନୀୟ କିଛି ମହିଳା ପୁରୁଷ ସରପଞ୍ଚଙ୍କ ଏପରି କାର୍ଯ୍ୟକୁ ପ୍ରତିବାଦ କରି ମାରିବାକୁ ଗୋଡାଇଥିଲେ। ସରପଞ୍ଚ ଘଟଣା ସ୍ଥଳରୁ ପଳାଇ ଗଲେ। ସରପଞ୍ଚଙ୍କ ଏପରି ବେଆଇନ କାର୍ଯ୍ୟକୁ ବିରୋଧ କରି ସାଂସଦଙ୍କୁ ଅବଗତ କରାଇଥିଲେ ଏବଂ ସରପଞ୍ଚ ଙ୍କୁ ଗିରଫ ଦାବିକରି ରାସ୍ତାରୋକ କରିଥିଲେ। ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଘଟଣା ସ୍ଥଳରେ ପହଞ୍ଚିବା ପରେ ଲୋକଙ୍କଠାରୁ ଘଟଣା ବିଷୟରେ ଶୁଣି ବରହମପୁର ଥାନାରେ ସରପଞ୍ଚଙ୍କ ବିରୋଧରେ ଏତଲା ଦେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତହିଁ ପରଦିନ ଶାସକ ଦଳର କିଛି ସରପଞ୍ଚ ୧୨ନମ୍ବର ଜିଲ୍ଲାପରିଷଦଙ୍କ ନେତୃତ୍ୱରେ ବିହାୟକଙ୍କ ବିରୋଧରେ ଉପଜିଲ୍ଲା ପାଳଙ୍କ ଠାରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ମୁଖ୍ୟମନ୍ତ୍ରୀ ସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରୁଥିବା ବେଳେ ତାଙ୍କରି ଦଳର ସରପଞ୍ଚ ଜଣେ ଜନ ପ୍ରତିନିଧି ହୋଇ ଉନ୍ନତି ମୂଳକ କାର୍ଯ୍ୟକୁ ବିରୋଧ କରିବା ଦଳ ପ୍ରତି ଅବମାନନା ନୁହେଁ କି ? ନୀଳଗିରି ବି ଜେ ଡି ଦୁଇ ଫଳ ହେବା ଦେଖିବାକୁ ମିଳିଥିବା ବେଳେ ସରପଞ୍ଚଙ୍କ ଏପରି କାର୍ଯ୍ୟ ଦଳକୁ ଭାଙ୍ଗିବାର ପ୍ରୟାସ ନୁହେଁ ତ ବୋଲି ବୁଦ୍ଧିଜିବୀ ପ୍ରଶ୍ନ କରିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

**କୋକସରା(ଅମୃତ ମିଡିଆ) :** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ପରିସର ଠାରେ ଶନିବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଶ୍ରୀମତୀ ସ୍ନେହଁପ୍ରଭା ମାଝୀ ଙ୍କ ଅଧକ୍ଷ ତାରେ ଅନୁଷ୍ଠିତ ଏହି ଶିବିରରେ ଧର୍ମଗତ ବିଧାୟକ ମୋ।ଷଧି ବାଗ ଯୋଗଦେଇ ଭିନ୍ନକ୍ଷମ ମାନଙ୍କ ପ୍ରତି ସରକାର ବିଭିନ୍ନ ପ୍ରକାରର ସୁବିଧା ଯୋଗାଇ ଦେଉଥିବା ମତପ୍ରକାଶ କରିଥିଲେ । ଉକ୍ତ ଭୀମଭୋଇ ଭିନ୍ନକ୍ଷମ ଶିବିରରେ ଡ଼ାଃ ସୁନୀଲ ପାଢ଼ୀ ଅସ୍ଥି ସଲ୍ୟ ବିଶେଷଜ୍ଞ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ ,ଅନନ୍ତ ଚରଣ ମେହେର ମାନସିକ ବିଶେଷଜ୍ଞ, ରେନ୍ଦୋ ମାଝୀ ମେଡ଼ିକାଲ କଲେଜ୍ ଡଃ ତନ୍ମୟ ବେହେରା ଚକ୍ଷୁ ବିଶେଷଜ୍ଞ, ରେଣ୍ଡ ମାଝୀ ମେଡ଼ିକାଲ କଲେଜ୍ କଳାହାଣ୍ଡି ଡଃ ସୁଚରିତା ସା କର୍ଣ୍ଣ ଗଳା ନାଶା ବିଶେଷଜ୍ଞ , ରେଣ୍ଡୋ ମାଝୀ ମେଡିକାଲ କଲେଜ୍ ଭବାନୀପାଟଣା ମୁଖ୍ୟ ଚିକିତ୍ସା ଳ ୟ, ଜିଲ୍ଲା ଭିନ୍ନ କ୍ଷମ ପୁନର୍ବାସ କେନ୍ଦ୍ର କଳାହାଣ୍ଡି ର ଶ୍ରୀ ବାଦଲ କୁମାର ପଟ୍ଟନାୟକଙ୍କ ବରିଷ୍ଠ ଶ୍ରବଣବିତ୍,ଶ୍ରୀ ନିବାସ ଚନ୍ଦ୍ର ସାହୁ ଚଳନ ପ୍ରଶିକ୍ଷକ ଉପସ୍ଥିତ ଥିଲେ। ସାଇଟ୍ ସେଭର ସଂସ୍ଥା ତରଫରୁ ତ୍ରିଲୋଚନ ନେତ୍ର ଚିକିତ୍ସାଳୟ ମାଧମରେ ୭୦ ଜଣ ଙ୍କୁ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୩୦ ଜଣଙ୍କୁ ଚଷମା ପ୍ରଦାନ କରା ଯାଇଥିଲା। ଶିବିରରେ ୨୨୭ ଜଣ ପଞ୍ଜିକରଣ କରିଥିବା ବେଳେ ୧୫୬ ଜଣଙ୍କୁ ଡିଜେବୁଲ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ଏବଂ ୫୫ ଜଣଙ୍କୁ ବସ ପାସ, ୧୦ ଜଣଙ୍କୁ ଡ୍ର।ଏ ଲୋନ,୩ ଜଣଙ୍କୁ ଟ୍ରାଇ ସାଇକେଲ, ଏବଂ ୨ଜଣଙ୍କୁ ହୁଇଲ ଚେୟାର ଆଦି ପ୍ରଦାନ କରାଯାଇଥିବା କୋକସରା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ସୁଚନା ପ୍ରଦାନ କରିଥିଲେ ।

# The grand 11ର ଖୋଲିଲା ଦ୍ୱିତୀୟ ସେଲୁନ ଆଣ୍ଡ୍ ସ୍ପା

**ଭୁବନେଶ୍ୱର(ବ୍ୟୁରୋ) :** ଖାରବେଳ ନଗର ଠାରେ ଥିବା ପ୍ରଥମ ଷ୍ଟୋର ର ଅପୂର୍ବ ସଫଳତା ପରେ ଭୁବନେଶ୍ୱର ଉପକଣ୍ଠ କେଶୁରା ଠାରେ ମେଗା ଲଞ୍ଚ କରିଛିଏହାର ଦ୍ୱିତୀୟ ଷ୍ଟୋର। ଏହି ସ୍ପା ଓ ସେଲୁନ ରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ଅଫର ରହୁଥିବା ରୁ ଗ୍ରାହକଙ୍କ ର ପ୍ରଥମ ପ୍ରସନ୍ଦ ବୋଲି ଏହାର ମୁଖ୍ୟ ସୁବ୍ରତ କୁମାର ବିଶାଳ ମିଡ଼ିଆ ଙ୍କୁ ସୂଚନା ଦେଇଥିଲେ। ଏଠାରେ scrub. ଅଏଲ ମସାଜ. Dry ମସାଜ. Cream ସହିତ ଅନ୍ୟାନ୍ୟ ଅତ୍ୟାଧୁନୀକ ଯନ୍ତ୍ର ଏଠାରେ ବ୍ୟବହାର କରାଯାଉଛି। ଗ୍ରାହକଙ୍କ ଆର୍ଥିକ ସ୍ଥିତି କୁ ନଜର ରେ ରଖି ଏହାର ମୁଖ୍ୟ ମୂଲ୍ୟ



ମଧ କମ ରଖିଛନ୍ତି। ଏହି ଷ୍ଟୋର ରେ ଅଭିଜ୍ଞତା ପୂର୍ଣ ବିୟୁଟିସିଆନ ରହିଛନ୍ତି। ଏଠାକୁ ଉଭୟ ପୁରୁଷ ଏବଂ ମହିଳା ମାନଙ୍କ ଆସିବା ପାଇଁ ବ୍ୟବସ୍ଥା ହେଇ ଥିବା ବେଳେ ଏହା ସରକାରଙ୍କର ଲାଇସେନ୍ସ ପ୍ରାପ୍ତ ଅନୁଷ୍ଠାନ ବୋଲି କହିଥିଲେ ଅନୁଷ୍ଠାନର md ସୁପ୍ରଭା ନାୟକ ସୂଚନା ଦେଇଛନ୍ତି ।

# ହାତୀ ଆକ୍ରମଣରେ ବ୍ୟକ୍ତିଙ୍କ ମୃତ୍ୟୁ : ଶବ ରଖି ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ଔପଦା(ଅମୃତ ମିଡିଆ) :** ଔପଦା ବ୍ଲକ ଗଡସାହି ପଞ୍ଚାୟତ ଭରଡ଼ା ବାଟି ଗାଆଁ ର ଭଗବାନ ଲେଙ୍କା (୫୮) ହାତୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ନେଇ ଗ୍ରାମବାସୀ ମାନେ ଶବ ରଖି ମୁଖ୍ୟ ରାସ୍ତା ଅବରୋଧ କରିଥିବାର ଜଣାଯାଇଛି। ଘଟଣାରୁ ଜଣାଯାଏ ସ୍ୱର୍ଗତ ଲେଙ୍କା ଉପରଗଡ ରେ ନିଜ ଚାଷ ଜମିରେ ନଟା ସଫା କରିବା ପାଇଁ ଦିନ ୧୦ ଟା ବେଳେ ଯାଇଥିଲେ। ସେଠାରେ ହାତୀ ତାଙ୍କୁ ଆକ୍ରମଣ କରି ଜୀବନରୁ ମାରି ଦେଇଥିବାର ପରିବାର ଲୋକ ଅଭିଯୋଗ କରିଥିଲେ। ଖବର ପାଇ ଗ୍ରାମବାସୀ ମାନେ ଶବ କୁ ଆଣି ଔପଦା କପ୍ତିପଦା ମୁଖ୍ୟ ରାସ୍ତାର ଗଡସାହି ଯାତ୍ରୀ ବିଶ୍ରମଗାର ଠାରେ ଶବ ରଖି କ୍ଷତି ପୁରଣ ଦାବି କରି ରାସ୍ତା ଅବରୋଧ କରିଥିଲେ। ଏହା ବ୍ୟତୀତ ବାରମ୍ବାର ବନବିଭାଗ ଅବହେଳା ନେଇ ରାସ୍ତା ଉପରେ ନିଆଁ ଜାଳି ହୋ ହାଲ୍ଲା କରିଥିଲେ। ଘଟଣା ସ୍ଥଳରେ ବନବିଭାଗର କର୍ମଚାରୀ ପହଞ୍ଚିବାପରେ ଲୋକ ମାନେ ତାଙ୍କୁ ଠେଲା ପେଲା କରିବା ସହ ଗାଳି ଗୁଲଜ କରିଥିଲେ।ଖବର ପାଇ ଘଟଣା ସ୍ଥଳରେ ତହସିଲଦାର ମିତାଲି ମଧୁଛନ୍ଦା ପାତ୍ର,ଆଇ ଆଇସି ଶ୍ରବଣ କୁମାର ମହାରଣା, ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି ପହଞ୍ଚି ଲୋକଙ୍କୁ ବୁଝା ସୁଝା କରୁଥିବାର ଜଣା ଯାଇଛି। ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ରାଜ୍ୟ ଆଇନଜୀବୀ ସଙ୍ଘର ୫୨ ତମ ସମ୍ମିଳନୀ ଫୁଲବାଣୀ ଠାରେ ଅନୁଷ୍ଠିତ



**ଫୁଲବାଣୀ(ଅମୃତ ମିଡିଆ) :** ରାଜ୍ୟ ଓକିଲ ସଂଘ ପକ୍ଷରୁ ୫୨ ତମ ଦୁଇଦିନିଆ ଆଇନଜୀବୀ ସମ୍ମିଳନୀ ଫୁଲବାଣୀ ବାର ଆସୋସିଏସନ ନେତୃତ୍ୱରେ କନ୍ଧମାଳ ଜିଲ୍ଲା ସଦର ମହକୁମା ସ୍ଥିତ କରନେସନ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ସୁପ୍ରିମକୋର୍ଟ ଅବସର ପ୍ରାପ୍ତ ବିଚାର ପତି ତଥା ଓଡ଼ିଶାର ପୂର୍ବତନ ମୁଖ୍ୟ ବିଚାରପତି ଭି. ଗୋପାଳ ଗୌଡା ଏବଂ ସରକାର ଙ୍କର ଆଇନମନ୍ତ୍ରୀ ଜଗନ୍ନାଥ ସରକା ଯୋଗ ଦେଇ ଉଦଘାଟନ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମ୍ମିଳନୀ ଅବସରରେ ସମସ୍ତ ଆଇନଜୀବୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଇନଜୀବୀ ସଙ୍ଘ କଲ୍ୟାଣ ପାଣ୍ଠି ନିମନ୍ତେ ୧୦ କୋଟି ଟଙ୍କା ଅର୍ଥ ରାଶି ଘୋଷଣା କରିଥିଲେ। ଆଇନଜୀବୀ ସମ୍ମିଳନୀରେ ଅତିଥି ମାନଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟ ଅବସର ପ୍ରାପ୍ତ ଶ୍ରୀଯୁକ୍ତ ଗୌଡା ଯୋଗ ଦେଇ କହିଲେ ଡ଼ଃ ବିଆର୍ ଆମ୍ବେଦକର ଏକ ଉତ୍ତମ ସମ୍ବିଧାନ ଆମକୁ ଦେଇଛନ୍ତି। ଭାରତର ସଂସ୍କୃତି ୫ ହଜାର ବର୍ଷ ପୁରୁଣା ଏଭଳି ସଂସ୍କୃତି ଅନ୍ୟ କୌଣସି ଦେଶରେ ନାହିଁ। ସମ୍ବିଧାନ ରେ ବୈପ୍ଳବିକ ପରିବର୍ତ୍ତନ ଘଟିଛି। ଧାରା ୧୪ ଓ ୧୯ ଉଲ୍ଲେଖନୀୟ । ୧୪ ଧାରାରେ ଆଇନ ଆଖିରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ କୌଣସି ପାତର ଅନ୍ତର ନାହିଁ। ଧାରା ୧୯ ରେ ମତ ପ୍ରକାଶ ଅଧିକ, ସ୍ୱାଧୀନ ବକ୍ତବ୍ୟ, ଶାନ୍ତିପୂର୍ଣ୍ଣ ଅଧିକାର, ସଙ୍ଗଠନ, ସ୍ୱାଧୀନ ଚଳ ପ୍ରଚଳ,ବୃତ୍ତିଗତ ଅଧିକାର, ବାଣିଜ୍ୟ ଓ ବ୍ୟବସାୟ ଉଲ୍ଲେଖ ରହିଛି। ସମ୍ବିଧାନରେ ଧର୍ମ ନିରପେକ୍ଷତା (ସିକୁଲାରିଜିମ ) ୪୨ ତମ ସମ୍ବିଧାନ ସଂଶୋଧନ ର ବ୍ୟବସ୍ଥା ରହିଛି। ଭାରତର କୌଣସି ଧର୍ମ ନାହିଁ। ସବୁ ଧର୍ମ ସମାନ, ଧାରା ୨୫ ରୁ ୨୮ରେ ଏ ସମ୍ପର୍କରେ ଉଲ୍ଲେଖ ଅଛି। ରାଇଟ ଟୁ ରିଲିଜଅନ ଧାରା ୧୫ ରେ ଶିକ୍ଷାଗତ ଅଧିକାର ରହିଛି। କିଛି ନିର୍ଦ୍ଦିଷ୍ଟ ଙ୍କ ପାଇଁ କଲେଜ ଓ ମେଡ଼ିକାଲ କଲେଜ ରେ ସିଟ ରିଜର୍ଭେସନ ବ୍ୟବସ୍ଥା ରହିଛି ଯାହାକି ଧାରା ୧୪ ର ବିରୋଧା ଚରଣ କରୁଛି। ନେହେରୁ ( ପ୍ରଥମ ପ୍ରଧାନ ନ୍ତ୍ରୀ ) କହିଲେ, ସେ କେପିଟାଲିଷ୍ଟ ବା ଜମିଦାର ନୁହଁନ୍ତି । ସେ ଧାରା ୩୧ କୁ ସଂଶୋଧନ କଲେ ଓ ଲ୍ୟାଣ୍ଡ ରିଫୋର୍ମସ ଆକ୍ଟ ଆଣିଲେ ଯାହା ଫଳରେ ଆଜି ଚାଷୀ, ଶ୍ରମିକ ଓ ଗରୀବ ର ପିଲା ଆଇ ଏ ଏସ ପାଇ ଗୁରୁତ୍ୱ ପୂର୍ଣ୍ଣ ପଦବୀରେ ରହି ପାରୁଛନ୍ତି। ସମ୍ବିଧାନ ରେ ଜୁଡିସିଆଲ ରିଭ୍ୟୁର ବ୍ୟବସ୍ଥା ରହିଛି। ଯାହାକି ଆଂଶିକ , ସମ୍ବିଧାନ ର ଭବିଷ୍ୟତ କୁ ସୁନିଶ୍ଚିତ କରିବାକୁ ଆଇନଜୀବୀ ମାନେ ଆଗେଇ ଆସିବାକୁ ପଡ଼ିବ। ସମ୍ବିଧାନ କୁ ସୁରକ୍ଷା ଓ ସରଂକ୍ଷିତ ଆଇନଜୀବୀ ମାନେ କରିପାରିବେ।

# ଦ୍ୱିତୀୟ ସିନ୍ଦେର ଝରଣ ମହୋତ୍ସବ-୨୦୨୩ ପାଳିତ

**କଳାହାଣ୍ଡି(ଅମୃତ ମିଡିଆ) :** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପାଡେପଦର ଗ୍ରାମପଞ୍ଚାୟତ ନିକଟସ୍ଥ ଖମାରପଦର (ଭୁତଗୁଡା) ଠାରେ ୨ୟ ତମ ୨୦୨୩ ସିନ୍ଦେର୍ ଝରଣ କମିଟିଙ୍କ ମିଳିତରେ ଆୟୋଜନ ଏହି ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୂଖ୍ୟ ଅତିଥି ଭାବେ ପାଡ଼େପଦର ଗ୍ରାମପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ସମ୍ବାରୀ ମାଝୀ, ସମ୍ମାନିତ ଅତିଥି ଭାବେ ପାଡ଼େପଦର ଗ୍ରାମପଞ୍ଚାୟତ ର ସମିତି ସଭ୍ୟ ମୋହନ ସାଗର, ମୂଖ୍ୟ ବକ୍ତା ଭାବରେ ପାଡ଼େପଦର ଗ୍ରାମପଞ୍ଚାୟତ ର ସମାଜସେବୀ ତଥା ଯୁବ ନେତା ଶ୍ରୀଯୁକ୍ତ ଶଙ୍କର ପ୍ରସାଦ ନାଏକ, ସିନ୍ଦେର୍ ଝରଣ କମିଟି ସଭାପତି ଶ୍ରୀଯୁକ୍ତ ଯୁଗୁ ମାଝୀ, ସମ୍ପାଦକ ଶ୍ରୀ ରଞ୍ଜନ କୁମାର ନାଏକ, ଉପ ସଭାପତି ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ନାଏକ, ସହ ସମ୍ପାଦକ ଶ୍ରୀ ସଲମନ ନାଏକ କୋଷାଧକ୍ଷ ଶ୍ରୀ ଯୋଗୀନ୍ଦ୍ର ସାଗର, ସୁବାସ ମାଝୀ, ଯଶେଫ ସାଗର, ପୀତବାସ ନାଏକ, ସୁରେନ୍ଦ୍ର ମାଝୀ, ଶୁକ୍ର ମାଝୀ, ହେବଲ ନାଏକ, ଯୋଗୀନ୍ଦ୍ର ସୁନା, ଗଙ୍ଗା ଧର ନାଏକ, ମହେଶ୍ୱର ସାଗର, ଦୁର୍ଯୋଧନ ଟାକ୍ରି, ରମେଶ ନାଏକ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚକୁ ସିନ୍ଦେର ଝରଣ କମିଟିର ସହ ସମ୍ପାଦକ ତଥା ଯୁବ ସାମ୍ବାଦିକ ସଲମାନ ନାଏକ ପରିଚାଳନା କରିଥିଲେ।ଏହି ଅବସରରେ ସିନ୍ଦେର୍ ଝରଣ କମିଟି ତରଫରୁ ଗତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ସାଂସଦ ଭବନରେ ବକ୍ତୃତ ଦେଇ ଅଞ୍ଚଳ ର ଗୌରବ ଆଣି ଥିବାରୁ ସୁଶ୍ରୀ ଆଫିଆ ବସିର୍ ଙ୍କୁ ସମ୍ବର୍ଦ୍ଧନା କରିଥିଲେ ଏବଂ ସସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରକାରର ଖେଳ ଆୟୋଜିତ ହୋଇଥିଲା ଏଥିରେ ତୀର ଚାଳନା ପ୍ରତିଯୋଗୀତା, ହାଣ୍ଡିପିଟା ପ୍ରତିଯୋଗୀତା, ମହିଳା ମାନଙ୍କ ପାଇଁ ମେଜିକ୍ ଚୈର୍ ପ୍ରତିଯୋଗୀତା ଏବଂ ରେକର୍ଡ ଡାନ୍ସ ପ୍ରତିଯୋଗୀତା ମାନ ଆୟୋଜନ କରାଯାଇଥିଲା। କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ ଅତିଥି ମାନଙ୍କ ଦ୍ୱାର ପୁରସ୍କୃତ କରାଯାଇଥିଲା।

# ଡାଇନାମିକ୍ ପ୍ରଗତି ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ପ୍ରତିଭା ଚୟନ

**ରସୁଲପୁର(ଅମୃତ ମିଡିଆ) :** ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଂଚାୟତ ସାରଙ୍ଗପୁର ସ୍ଥିତ ଡାଇନାମିକ୍ ପ୍ରଗିତ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ବାର୍ଷିକ ପ୍ରତିଭା ଚୟନ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ସଭାରେ ପ୍ରଶିକ୍ଷଣ କେନ୍ଦ୍ରର ମୁଖ୍ୟ ଇନ୍ଦ୍ରମଣୀ ରାଉତ ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବରେ ଠାକୁର ମୁଣ୍ଡା ଥାନା ଅଧିକାରୀ ବାସନ୍ତି ଦଳାଇ, ମୁଖ୍ୟବକ୍ତା ଭାବରେ ଫ୍ଲିପ୍‌କାର୍ଟ କମ୍ପାନୀର ଇଂଜିନିଅର ଦେବାଶିଷ ଚକ୍ର, ସମ୍ମାନିତ ଅତିଥି ଭାବରେ ସମାଜସେବୀ ଲିଜାରଣୀ ମଲ୍ଲିକ, ଶିକ୍ଷକ ହେମନ୍ତ କୁମାର ସାହୁ, କାର୍ତ୍ତିକେଶ୍ୱର ଭୂୟାଁ, ରାହାସ ବିହାରୀ ଦାସ, ଶୁକଦେବ ପାତ୍ର, ଆଶୁତୋଷ ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ରର ପ୍ରଶିକ୍ଷଣ ଶୈଳିକୁ ପ୍ରଶଂସା କରିବା ସହ ଏହି ଅନୁଷ୍ଠାନ ବହୁ ମେଧାବୀ ବିଦ୍ୟାର୍ଥୀ ଗଢି ତୋଳି ପାରିବାରେ ସିଦ୍ଧହସ୍ତ । ଏହାଛଡା ମେଧାବୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଅତ୍ୟନ୍ତ ପ୍ରସଂଶନୀୟ ଅଟେ। ପ୍ରତ୍ୟେକ ବର୍ଷ ଗରୀବ ମେଧାମାନଙ୍କୁ ସହାୟତା ଓ ସମ୍ମାନ ପ୍ରଦାନ ପରମ୍ପରା ସାମଜରେ ଏକ ଉଲ୍ଲେଖନୀୟ



ଉଦାହରଣ ସୃଷ୍ଟି କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ୨୦୨୨-୨୩ ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ରୀ, କୃତି ବିଦ୍ୟାର୍ଥୀ ଭାବରେ ୧୦ମ ଶ୍ରେଣୀ ଛାତ୍ରୀ ପୂଜାରାଣୀ ସାହୁ, ସ୍ମୃତିରେଖା ଦାସ, ଲକ୍ଷ୍ମୀପ୍ରିୟା ସାହୁ, ୯ମ ଶ୍ରେଣୀରୁ ରାଜେଶ ବେଜ୍, ଆକାଶ କୁମାର ସାହୁ, ରାଜଲକ୍ଷ୍ମୀ ସେନାପତି, ଅର୍ଚ୍ଚିତା ସାହୁ, ୭ମ ଶ୍ରେଣୀରୁ ଶୁଭଶ୍ରୀ ଶୁଭଦର୍ଶିନୀ ରଣା, ରାକେଶ ଜେନା, ଗୌରବ ସାହୁ, ୬ଷ୍ଠ ଶ୍ରେଣୀର ବିଦ୍ୟାର୍ଥୀ ସତ୍ୟବ୍ରତ ସେନାପତି, ଶୁଭଲକ୍ଷ୍ମୀ ନାୟକ, ଜଗନ୍ନାଥ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଥିଏଟର ପ୍ଲେ ଓ ମ୍ୟୁଜିକ ବ୍ୟାଣ୍ଡ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**ବାଲିଅନ୍ତା(ଅମୃତ ମିଡିଆ) :** ପ୍ରତାପଶାସନ +୨ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଥିଏଟର ପ୍ଲେ ଓ ମ୍ୟୁଜିକ ବ୍ୟାଣ୍ଡ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି । ନ୍ତନୂଆ ଓଡିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ବିଭିନ୍ନ କଲେଜରୁ ପ୍ରଥମ ସ୍ଥାନ ଅଧିକାର କରି ଆସିଥିବା ପ୍ରତିଯୋଗୀ




ଓ ଟିମ ଏହି ଆନ୍ତଜିଲ୍ଲା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଥିଏଟର ପ୍ଲେରେ ଓଡିଶା ସିନେଜଗତର ପ୍ରତିଷ୍ଠିତ ବେକ୍ତିତ୍ୱ ଡ଼ଃ ରଜନୀ ରଞ୍ଜନ, ଶୈଳେନ୍ଦ୍ର ମିଶ୍ର, ହୃଷିକେଶ ମହାପାତ୍ର ଓ ମ୍ୟୁଜିକରେ ନାରାୟଣ ସାହୁ, ପବିତ୍ର କୁମାର ସାହୁ ଓ ଯଜ୍ଞ ଦାସ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧକ୍ଷ ଦୁର୍ଗେଶ ନନ୍ଦିନୀ ସାମଲ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଅଧ୍ୟାପିକା ରୋନା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆଜାଦ ଖାଁ, ଅକ୍ଷୟ ସ୍ୱାଇଁ,ସୁନିତା ପତଙ୍ଗଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

# ପଞ୍ଚାୟତ ପ୍ରହଲ୍ଲାଦ କଲେଜରେ ବାର୍ଷିକ ଉତ୍ସବ

**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ) :** ନିଶ୍ଚିନ୍ତକୋଇଲି ବ୍ଲକ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ଏବଂ ନୂଆ-ଓ କାର୍ଯ୍ୟ ଉଦଯାପିତ ହୋଇଯାଇଛି । ଅଧ୍ୟାପକ ଡ଼ଃ ନିରଞ୍ଜନ ଶତପଥିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶକ୍ତି, ଶିଳ୍ପ, ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦାନ କରି ନୂଆ-ଓ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପଦକ୍ଷେପ ଯାହାଦ୍ଵାରା ଛାତ୍ର ଛାତ୍ରୀଙ୍କ ଲୁକାୟିତ ପ୍ରତିଭା କୁ ଲୋକଲୋଚନକୁ ଅଣାଯାଇପାରିବ ଏବଂ ଛାତ୍ର ଛାତ୍ରୀ ମାନେ ଯେକୌଣସି କାର୍ଯ୍ୟ କରନ୍ତୁ ଆଗ୍ରହର ସହକାରେ କଲେ ତାହା ଫଳପ୍ରଦ ହୋଇପାରିବ ଏବଂ କେବଳ ସରକାରୀ ଚାକିରୀ ପଛରେ ନଗୋଡ଼ାଇ ବ୍ୟପାର, ବଣିଜ, ଅଧିବ୍ୟବସାୟ ସବୁଥିରେ ମନ ପ୍ରାଣ ଦେଇ କଲେ ସର୍ବୋଚ୍ଚ ଶିଖରରେ ପହଁଚିବା ସମ୍ଭବ ବୋଲି



ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦାନ କରି କଲେଜ ରବିକାଶ ପାଇଁ ଯାହାକିଛି ଆବଶ୍ୟକ ତାହା ଯୋଗାଇଦେବେ ବୋଲି ପ୍ରକାଶ କରିଥିଲେ ଏବଂ ସମ୍ମାନିତ ଅତିଥି ଭାବେ ଓଡିଶା ଚଳଚିତ୍ର ନିଗମ ଅଧକ୍ଷ ସତ୍ୟବ୍ରତ ତ୍ରିପାଠୀ ପ୍ରମୁଖ ଯୋଗଦାନ କରି କଲେଜ ଛାତ୍ରୀ ଙ୍କ ନିମନ୍ତେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧକ୍ଷା ରୋଜି ସେଠି, ଉପାଧକ୍ଷ ଅଶୋକ କୁମାର ଓଝା, ସମାଜସେବୀ ପିତାମ୍ବର ସାହୁ, ବିଜେଡି ବ୍ଲକ ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ଅଧକ୍ଷ ଗିରିଶରଞ୍ଜନ ମହାପାତ୍ର,ପରିଚାଳନା କମିଟି ସଭାପତି ଅଧ୍ୟାପକ ପଲ୍ଲୁ ଚକ୍ରବର୍ତ୍ତୀ, ଜିଲ୍ଲା ପରିଷଦ ଜସ୍ମିତା ସେଠି, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ , ସମିତିସଭ୍ୟ ପ୍ରଦୋଷ ସାହୁଙ୍କ ସମେତ ବହୁ ବିଶିଷ୍ଟ ଅତିଥି ବୃନ୍ଦ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନା ରେ କଲେଜର ସମସ୍ତ କର୍ମଚାରୀ, ଛାତ୍ର ଛାତ୍ରୀ ଏବଂ ଅଭିଭାବକ ମାନେ ସହଯୋଗ କରିଥିଲେ । ଶେଷରେ ଛାତ୍ରୀ ମାନଙ୍କୁ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା ।

# ନଗରପାଳଙ୍କ ନେତୃତ୍ୱରେ ଅକ୍ଷତ ବିତରଣ ଅଭିଯାନ

**ବାରିପଦା/ଉଦଳା(ଅମୃତ ମିଡିଆ) :** ଅଯୋଧାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ନେଇ ବିଶ୍ୱ ହିନ୍ଦୁ ପରିଷଦ, ଉଦଳା ଶାଖା ତରଫରୁ ନିମନ୍ତ୍ରଣ ଓ ଅକ୍ଷତ ବିତରଣ ଅଭିଯାନ ଆରମ୍ଭ ହୋଇଛି । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଏହାର ନେତୃତ୍ୱ ନେଇଥିବା ବେଳେ ପ୍ରାନ୍ତ ଧର୍ମ ପ୍ରସାର ବିଭାଗର ସମ୍ପାଦକ ହରିହର ତ୍ରିପାଠୀ, ଜିଲ୍ଲା ସଂଯୋଜକ ଡ଼ା.ଖଗେଶ୍ୱର ସିଂହ, ନାରାୟଣ ପୃଷ୍ଟି, ସୁଶାନ୍ତ ବାରିକ, ଅଂଶୁମାନ ପ୍ରଧାନ, ଦେବିଶଙ୍କର କର, ଅବିନାଶ ସାହା, ସିତାକାନ୍ତ ମହାପାତ୍ର, ମୁକ୍ତିକାନ୍ତ ନାୟକ ପ୍ରମୁଖ ସହଯୋଗ କରୁଛନ୍ତି । ଏହି ଅବସରରେ ସ୍ଥାନୀୟ ଅଷ୍ଟଶମ୍ଭୁ ମନ୍ଦିରରୁ ଏକ କଳସ ଶୋଭାଯାତ୍ରା ବାହାରି ମୁଖ୍ୟ ବଜାର ପରିକ୍ରମା କରିଥିଲା । ଭଜନ କିର୍ତନ, ଜୟ ଶ୍ରୀ ରାମ ଧ୍ୱନି ସହିତ ବେଦମନ୍ତ୍ରରର ଉଚାରଣରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା ।



# ୨୦୨୩କୁ ବିଦାୟ : ପର୍ଯ୍ୟଟନସ୍ଥଳୀରେ ପ୍ରବଳଭିଡ଼

# ନୂତନବର୍ଷକୁ ସ୍ୱାଗତ ପାଇଁ ଚାରିପଟେ ଭୋଜିଭାତର ଆସର

**ଅସ୍ତରଙ୍ଗ (ଅମୃତ ମିଡିଆ):** ପର୍ଯ୍ୟଟନରତୁରେ ମଜା ନେବା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ପୀରଜାହାନିଆ ଓ ଗଙ୍ଗାଦେବୀ ନିକଟରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼ । ଶୀତରତୁପାଇଁ ପର୍ଯ୍ୟଟକଙ୍କ ମନରେ ଅନେକ ଉନ୍ମାଦନା । ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ କୁ ଉପଭୋଗ କରି ହେନ୍ତାଳ ବଣ ସହ ପୀରଜାହାନିଆ ନିକଟରେ ବଣଭୋଜିର ଆସର ଜମୁଛି । ବିଶେଷ କରି ଡିସେମ୍ବର ମାସଶେଷ ଦିନ ଥିବାରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ମୁହାଁଣ ପାଲଟିଛି ଏକ ପ୍ରକୃଷ୍ଟ ସ୍ଥାନ । ଝାଉଁ ଜଙ୍ଗଲ ରେ ଅବସ୍ଥିତ ଏହି ପୀଠଟି ଏବେ ପିକିନିକି ସ୍ପଷ୍ଟ ପାଇଁ ପ୍ରଥମ ପସନ୍ଦ ପାଲଟିଛି. ପ୍ରାକୃତିକ



ସୌନ୍ଦର୍ଯ୍ୟ ଭରପୁର ଏହି ପୀରଜାହାନିଆ ପୀଠ । ପ୍ରତିବର୍ଷ ପର୍ଯ୍ୟଟନ ରତୁରେ ଶୋଭାଉପଭୋଗ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ପୀରଜାହାନିଆ ପୀଠ ହେଉଛି ହିନ୍ଦୁ ଓ ମୁସଲିମଙ୍କ ସମନ୍ୱୟ ପୀଠ । ପର୍ଯ୍ୟଟକ ଆସିଲେ ପୀରବାବାଙ୍କୁ ଦର୍ଶନ ସହ ସମୁଦ୍ରରେ ସ୍ନାନ କରିବା ମଜା ସହ ବଣଭୋଜିର ମଜା ନେଉଛନ୍ତି। ୨୦୨୩ବର୍ଷ ବିଦାୟ ନେବାକୁ ଆଉ ଅଳ୍ପ କିଛି ସମୟ ଥିବାରୁ କିଏ ନିଜ ପରିବାର ସହ ଆଉ କିଏ ସାଙ୍ଗସାଥି ସହିତ ପିକିନିକି ପାଇଁ ଆସୁଛନ୍ତି । ବଣଭୋଜିରେ ସ୍ୱାଦିଷ୍ଟ ବ୍ୟଞ୍ଜନ ସହିତ ନାଚ ଗୀତ ମଜା ବି ଉଠାଉଛନ୍ତି ପର୍ଯ୍ୟଟକ. ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକ ଙ୍କୁ ଯେତିକି ଆକୃଷ୍ଟ କରିଥାଏ, ଏଠାକାର ବଣଭୋଜି କରିବାର ମଧ ନିଆରା ଆନନ୍ଦ ରହିଥାଏ । ପର୍ଯ୍ୟଟନ ରତୁ ଥିବାରୁ ପର୍ଯ୍ୟଟନସ୍ଥଳୀ ସମ୍ପୂର୍ଣ ଲୋକାରଣ୍ୟ ହେଉଛି ।

## ନର୍ଭେରାମ କମ୍ପାନୀର ଗ୍ରାମସଭା ସଫଳ



**ଯୋଡ଼ା (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତ ଅଧିନସ୍ଥ ଟୋଣ୍ଟ ଗ୍ରାମରେ ନର୍ଭେରାମ ପାୱାର ଏଣ୍ଡ ଷ୍ଟିଲ ପ୍ରାଇଭେଟ ଲିମିଟେଡ଼ ଦ୍ୱାରା ଗ୍ରାଇଣ୍ଡିଙ୍ଗ ଓ ୨ଏମ ଟି ପି ଏ ର ଆଇରନ ଓର ପେଲେଟ ପ୍ଲାଣ୍ଟ ର ସ୍ଥାପନ ନିମନ୍ତେ ଏ ୧୯.୨୪ ପ୍ରାଇଭେଟ ଜମି ଅଧିଗ୍ରହଣ ପାଇଁ ଆଜି ସ୍ୱତନ୍ତ୍ର ଭୁ-ଅର୍ଜନ ଅଧିକାରୀ କାର୍ଯ୍ୟାଳୟ ଙ୍କ ନୋଟିସ କ୍ରମେ ଭଦ୍ରାସାହି ପଞ୍ଚାୟତ ତରଫରୁ ଏକ ସ୍ୱତନ୍ତ୍ର ଗ୍ରାମସଭା ପଞ୍ଚାୟତ ଅଫିସ କାର୍ଯ୍ୟାଳୟ, ଭଦ୍ରାସାହି ଠାରେ ଅନୁଷ୍ଠିତ ହୋଇଥିଲା ।ଏହି ଗ୍ରାମସଭା ରେ ମଞ୍ଚାସିନ ଥିଲେ ବଡ଼ବିଲ ତହସିଲଦାର ଡି.ଏସ. ଜୋସି,ପଦ୍ମଶ୍ରୀ ଡକ୍ଟର ତୁଳସୀ ମୁଣ୍ଡା, ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ, ସ୍ୱତନ୍ତ୍ର ଭୁ-ଅର୍ଜନ ଅଧିକାରୀ ଅନିତା ନାଏକ, ସମିତି ସଭ୍ୟ,ଯଶୋବନ୍ତ ପାତ୍ର,ଯୋଡ଼ା ବ୍ଲକ ର ଜି.ପି.ଓ କାହ୍ନୁ ମାଝୀ, ନାଏବ ସରପଞ୍ଚ ସୁରେଶ ମୁଣ୍ଡା ଉପସ୍ଥିତ ଥିଲେ । ନର୍ଭେରାମ କମ୍ପାନୀର ଏହି ପ୍ରସ୍ତାବିତ ପ୍ରକଳ୍ପରେ ଯେଉଁ ମାନଙ୍କର ଜମି ପ୍ରଭାବିତ ହେଉଛି ସେହି ଲୋକ ମାନେ କମ୍ପାନୀ ସପକ୍ଷରେ ମତ ଦେଇ ନିଜର ପାରିବାର ସଦସ୍ୟଙ୍କୁ କର୍ମନିଯୁକ୍ତି ଦେବାକୁ ଦାବି ରଖିଥିଲେ । ଏହି ସର୍ତ୍ତକୁ କମ୍ପାନୀ ମାନି ନେଇଥିବା ବେଳେ ଜମି ମାଲିକ ମାନଙ୍କୁ ଜମି ମୂଲ୍ୟର ଅଢେଇ ଗୁଣ ଦେବାକୁ ସରକାରୀ ଅଧିକାରୀଙ୍କ ସମ୍ମୁଖରେ ମାନି ନେଇଥିବା ଜଣା ପଡ଼ିଛି । ତେବେ ଭଦ୍ରାସାହି ପଞ୍ଚାୟତ ଟୋଣ୍ଟ ଅଞ୍ଚଳର ଜନ ସାଧାରଣ ଜମି ଜମା ନଯାଉଥିବା ବ୍ୟକ୍ତି ବିଶେଷ ଏହାକୁ ବିରୋଧ କରୁଥିବା ଜଣା ପଡ଼ିଛି । ଏହି ଗ୍ରାମ ସଭାରେ ନର୍ଭେରାମ କମ୍ପାନୀ ର ଉପ ସଭାପତି ସଦାନନ୍ଦ ରଣା କହିଥିଲେ ପୂର୍ବରୁ କମ୍ପାନୀ ଅଞ୍ଚଳ ବାସୀଙ୍କୁ ଦେଇଥିବା ପ୍ରତିଶୃତି କାର୍ଯ୍ୟକାରୀ କରିଛି ଏହାକୁ ଆଗକୁ ଆହୁରି ପ୍ରସସ୍ଥ କହିବାକୁ ନିର୍ଭର ପ୍ରତିଶୃତି ଦେଉଥିବା ଜଣା ପଡ଼ିଛି ।

## ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

### କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ

**ନୂଆପଡ଼ା (ଅମୃତ ମିଡିଆ):** ନୂଆପଡ଼ା ସଦର ମହକୁମା ଠାରେ ନ୍ୟାସନାଲ କଲେଜ୍ ପରିସର ମଧ୍ଯରେ ନୂଆ ଓଡ଼ିଶା ନବିନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ ଅତିଥି ଦ୍ୱାରା କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଅଛି ।ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ସମ୍ମାନିତ ଅତିଥି ରୂପେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶ ସମ୍ବଲପୁର ପ୍ରଭାତୀ ଗୁରୁ, ବିଧାୟକ ପ୍ରତିନିଧି ଜୟ ଢୋଲକିଆ, କଲେଜ୍ ପରିଚାଳନା ସଭାପତି ଖିତିଶ ବୋଧନକର, ରାମଲାଲ ହଂସ, ନୂ ଓ କାର୍ଯ୍ୟକ୍ରମ ସଂଯୋଜକ, ନେସନାଲ କଲେଜ୍ ଅଧକ୍ଷା ପ୍ରମୁଖ ଯୋଗ ଦେଇଥିଲେ ।ଗତ ନଭେମ୍ବର ୨୫ ରୁ ଆରମ୍ଭ ହୋଇ ଡିସେମ୍ବର ୩୦ ତାରିଖ ରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କାର ସହ ପ୍ରଶଂସା ଏବଂ ମାନପତ୍ର ପ୍ରଦାନ କରିଥିଲେ। ଏହି ନୂଆ ଓ କାର୍ଯ୍ୟକ୍ରମ କୁ ତିନି ଭାଗରେ ବିଭକ୍ତ କରି ସାଂସ୍କୃତିକ, କ୍ରୀଡା ଏବଂ ସାମାଜିକ ସୁରକ୍ଷା । ସାଂସ୍କୃତିକ ବିଭାଗ ରେ ଝୁଟି, କବିତା ଆବୃତ୍ତି,ପୁରାତନ ଖାଦ୍ୟ ପ୍ରସ୍ତୁତି, ଶାଶୁ ଘର ବେଳେ କାନ୍ଦିବା,ବକ୍ତୃତା, ଗପ, ଛୋଟ ରିଲ ପ୍ରସ୍ତୁତି ସହ, କ୍ରୀଡା ରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ।

# ଭିଡିଓ କନ୍‌ଫରେନ୍ସିଂରେ 'ଅମୃତ ଭାରତ' ଏକ୍ସପ୍ରେସର ଶୁଭାରମ୍ଭ

# ବ୍ରହ୍ମପୁରଠାରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସ୍ୱାଗତ

**ବ୍ରହ୍ମପୁର (ଅମୃତ ମିଡିଆ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅଯୋଧ୍ୟା ଧାମ ରେଳ ଷ୍ଟେସନରୁ ଭିଡ଼ିଓ କନଫରେନ୍ସିଂ ଜରିଆରେ ମାଲଦା ଟାଉନ-ବେଙ୍ଗାଲୁରୁ 'ଅମୃତ ଭାରତ' ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି । ଏହି 'ଅମୃତ ଭାରତ' ଏକ୍ସପ୍ରେସ ଓଡ଼ିଶା ମଧ ଦେଇ ଗଡ଼ିବ । ଏହି ପରିପ୍ରେକ୍ଷୀରେ ଅମୃତ ଭାରତ ଏକ୍ସପ୍ରେସ ରବିବାର ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ବ୍ରହ୍ମପୁର ଠାରେ ପହଞ୍ଚିଥିଲା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ବର୍ଷର ଉପହାର ସ୍ୱରୂପ ଦେଇଥିବା ଏହି 'ଅମୃତ ଭାରତ' ଏକ୍ସପ୍ରେସକୁ ଭବ୍ୟ ସ୍ୱାଗତ ପାଇଁ ବିଜେପି କାର୍ଯ୍ୟକର୍ତ୍ତା ମାନେ ବ୍ରହ୍ମପୁରର ଆରାଧ ଦେବୀ ମାଁ ବୁଢ଼ୀ ଠାକୁରାଣୀଙ୍କ ଆଜ୍ଞାମାଳ ନେଇ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିଥିବା 'ଅମୃତ ଭାରତ' ଏକ୍ସପ୍ରେସକୁ ପୂଜାର୍ଚ୍ଚନା କରିବା ସହ ମହିଳା ମୋର୍ଚ୍ଚାର ନାରୀ ନେତ୍ରୀ ମାନେ ବନ୍ଦାପନା କରିଥିଲେ । ପୁରୋହିତଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣ ସହ ଆଳତି କରାଯାଇଥିଲା । ବିଜେପି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ନଡ଼ିଆ ଭାଙ୍ଗାଯାଇ ଏହି 'ଅମୃତ ଭାରତ' ଏକ୍ସପ୍ରେସର ବ୍ରହ୍ମପୁର ରେଳ ଷ୍ଟେସନରୁ ପ୍ରସ୍ଥାନ ପାଇଁ ଶୁଭାରମ୍ଭ କରାଯାଇଥିଲା ।



ବିଜେପି କାର୍ଯ୍ୟକର୍ତ୍ତା ମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇବା ସହ ବାଜା ବଜାଇ ରେଳ ଷ୍ଟେସନରେ ଥିବା ଯାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୟ ଜୟ ଗାନରେ ବ୍ରହ୍ମପୁର ରେଳ ଷ୍ଟେସନ ପ୍ରକମ୍ପିତ ହେଉଥିବା ଦେଖିବାକୁ ମିଳିଥିଲା । ଏହି ଭବ୍ୟ ସ୍ୱାଗତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାନସଭା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି,ଜିଲ୍ଲା ସଭାପତି ଡ଼ା.ସୁବାସ ସାହୁ,ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର,ଜିଲ୍ଲା ଉପସଭାପତି ତଥା ମିଡ଼ିଆ ପ୍ରଭାରୀ ସୁନିଲ କୁମାର ସାହୁ,ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ,ଜିଲ୍ଲା ସମ୍ପାଦକ ତଥା କର୍ପୋରେଟର ପ୍ରଦୀପ ଶତପଥି,ସୁଶିଳା ମଲ୍ଲିକ,ବାଳକୃଷ୍ଣ ସାମନ୍ତରା,ଯୁବନେତା ସିଦ୍ଧାନ୍ତ ଗଙ୍ଗଦେବ,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ,ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ ଦେବୀ, ବରିଷ୍ଠ ନେତ୍ରୀ ଏସ୍.ରାଣୀ, ନିବେଦିତା ପାଢ଼ୀ,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର,ବରିଷ୍ଠ ନେତା ତଥା ରେଲୱେ କମିଟି ସଦସ୍ୟ ଡ଼ା.ଅମୁଲ୍ୟ ଚୌଧୁରୀ,ପୂର୍ବତନ ଜିଲ୍ଲା ଉପସଭାପତି ପ୍ରବୀର ପାତ୍ର, ଗୋସାଇଁନୂଆଗାଁ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ଚୌଧୁରୀ,ଗାନ୍ଧୀ ନଗର ମଣ୍ଡଳ ସଭାପତି ପ୍ରଫୁଲ୍ଲ ପାଣିଗ୍ରାହୀ,ପୁରୁଣା ବ୍ରହ୍ମପୁର ମଣ୍ଡଳ ସଭାପତି କେ.ଟୁଙ୍ଗୁରୁ ପାତ୍ର,ଜି.ରାଜେନ୍ଦ୍ର ପ୍ରସାଦ,ପ୍ରଦୀପ ମିଶ୍ର,ଏସ୍.ଶ୍ରନୀବାସ, ବାଙ୍କନିଧି ସେଠୀ,ସୁମନ ଶତପଥି, ଦେବୁନ୍ ପଟ୍ଟନାୟକ,ରବିନ୍ଦ୍ର ସାହୁ, ଜଗନ୍ନାଥ ଜେନା,ମନୋଜ ମହାରଣା ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ସିଦ୍ଧନଇ ପଞ୍ଚାୟତରେ ଭତ୍ତା ବଣ୍ଟନରେ ରାଜନୀତି

### ଭତ୍ତା ପାଇବାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

**ଆସିକା (ଅମୃତ ମିଡିଆ):** ଗୋଟିଏ ପଟେ ହଜାର ହଜାର ଦରଖାସ୍ତ । ଭତା ପାଇବା ପାଇଁ ହାଉଯାଉ । ଅନ୍ୟପଟେ ଭତ୍ତା କୋଟା ପଡିଛି ଖାଲି । ଭତା ପାଇବାରୁ ବଞ୍ଚିତ ହେଉଛନ୍ତି ଯୋଗ୍ୟ ହିତାଧିକାରୀ । ସାମାଜିକ ସୁରକ୍ଷା ବିଭାଗ କହିବା ମୁତାବକ, ପ୍ରଥମେ ବିକଳାଙ୍ଗ, ବିଧବା ଲୋକଙ୍କୁ ଦିଆଯିବା ପରେ ଯାହା ବଳକା ରହିବ ତାକୁ ଅଧିକ ବୟସ ଅଧାରରେ ଦିଆଯିବ । ସେଥିପାଇଁ ବ୍ଲକରେ ଶହ ଶହ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ଆବେଦନ ପତ୍ର ରହିଛି । କିନ୍ତୁ ସେହି ହିତାଧିକାରୀଙ୍କୁ ବାଛି ଭତା ଦେବାରେ ବିଭାଗ ନିଜର ଅପାରଗତା ପ୍ରଦର୍ଶନ କରୁଥିବା ଜଣାଯାଇଛି । ଏଭଳି ଏକ ଚିତ୍ର ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ସିଦ୍ଧନଇ ପଚାଂୟତ ବାଦଗଡ ଗ୍ରାମରେ ଦେଖିବାକୁ ମିଳିଛି । ଏହି ଗ୍ରାମର କନକ ସାହୁ (୬୭) ଜଣେ ନିହାତି ଗରିବ ଶ୍ରେଣିର ଲୋକ । ଦିର୍ଘ ୨ ବର୍ଷ ହେଲା ଆବେଦନ କରିଛନ୍ତି । ଏନେଇ ଭଞ୍ଜନଗର ଅଭିଯୋଗ ଶୁଣାଣୀରେ ମଧ ଆବେଦନ କରି ଜଣାଇଛନ୍ତି । ସେହିପରି ବନବାସୀ ସାହୁ (୬୩) ପରିଣତ ବୟସରେ କାଳାତି ପ୍ରୁଛ କରୁଛନ୍ତି । ଗ୍ରାମର ରୋହିତ ସେଠି ଜଣେ ଅନ୍ଧ ବ୍ୟକ୍ତି ରହିଥିବା ବେଳେ ସୁରେନ୍ଦ୍ର ଜେନା ମଧ ୯୮ ପ୍ରତିଶତ ଅନ୍ଧ ଅଛନ୍ତି । ବାଦଗଡ ଗ୍ରାମର ଜାନି ସ୍ୱାଇଁ, ବିଧବା ମହିଳା ଲକ୍ଷ୍ମୀ ବେହେରା, ଭରତ ମହନ୍ତ, ସୁବାଷ ଚନ୍ଦ୍ର ବେହେରା, ତନୁ ମହନ୍ତ, ବନବାସୁ ସାହୁ, ଜାନି ସ୍ୱାଇଁ, ଭଗବାନ ସ୍ୱାଇଁ ପ୍ରଭୃତି ଦିର୍ଘ ବର୍ଷ ହେଲା ଭତା ପାଇବାରେ ବଚିଂତ ରହିଛି । ଅନେକ ଥର ବ୍ଲକ ଠାରୁ ଆରମ୍ଭ କରି ପଚାଂୟତ ଏବଂ ଉପଜିଲ୍ଲାପାଳଙ୍କ ଠାରେ ମଧ ଜଣାଇଛନ୍ତି । କିନ୍ତୁ କୌଣସି ଫଳପ୍ରଦ ହୋଇନାହିଁ । ରାଜ୍ୟ ସରକାର ସାମାଜିକ ସୁରକ୍ଷା ଅଧିକାର ବଳରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଅନେକ ସୁବିଧା ସୁଯୋଗ ସରକାରୀ ସ୍ତରରେ ପ୍ରଦାନ କରୁଥିବା ବେଳେ ଭତା ବଟଂନରେ ରାଜନୈତିକ ବିବାଦ ରହୁଥିବା ଅଭିଯୋଗ କରାଯାଉଛି । ବାଦଗଡ ଗ୍ରାମରେ ଯୋଗ୍ୟ ହିତାଧିକାରୀଙ୍କ କହିବା ଅନୁଯାୟୀ ବଳକା ଭତାକୁ ବିକଳାଙ୍ଗ, ବିଧବାଙ୍କୁ ଅଗ୍ରାଧିକାର ଭିତିରେ ପ୍ରଦାନ କରିବା ପାଇଁ ନିୟମ ରହିଥିବା ବେଳେ ଗାଁ ଗଣ୍ଡାରେ ଏହାକୁ ନେଇ ରାଜନୀତିକରଣ କରାଯାଉଛି । ସେଥିପାଇଁ ଅତି ଦୟନୀୟ ଅବସ୍ଥାରେ ରହୁଥିବା ଯୋଗ୍ୟ ହିତାଧିକାରୀ ଠିକ ସମୟରେ ଭତା ପାଉନାହାଁନ୍ତି ବୋଲି ଅଭିଯୋଗ କରାଯାଉଛି ।

## କଂଗ୍ରେସର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ



**କୋଣାର୍କ (ଅମୃତ ମିଡିଆ):** ଗୋପ ବ୍ଲକ ଅର୍ନ୍ତଗତ ନାଗପୁର ପଂଚାୟତରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି । ଗଙ୍ଗାଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନିମାପଡା ର୍ନ୍ବାଚନ ମଣ୍ଡଳୀର କଂଗ୍ରେସ ଆଶାୟୀ ପ୍ରାର୍ଥି ସିଦ୍ଧାର୍ଥ ଶଙ୍କର ରାଉତରାୟ ଯୋଗଦେଇ କହିଥିଲେ । ଏ୍ୱେ ସମୟ ଆସିଛି, ରାଜ୍ୟରେ ଚାଲିଥିବା ଅତ୍ୟାଚାର, ଦୁର୍ନିତି, ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ । ରାଜ୍ୟରେ ଚାଲିଥିବା ଏକଛତ୍ରବାଦ ଶାସନର ପତନ ନହେଲେ ଆମ ରାଜ୍ୟ ଅଗ୍ରଗତି କରିପାରିବ ନାହିଁ । ବିଶେଷକରି ନିମାପଡା-ଗୋପ ର୍ନ୍ବାଚନ ମଣ୍ଡଳୀରେ ଯେପରି ଦୁର୍ନିତି, ଭ୍ରଷ୍ଟାଚାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଏହାର ମୂଳ ଉତ୍ପାଟନ କରି ବିକାଶର୍ଦ୍ଧାର୍ତ୍ତା ବାଣ୍ଟିବା ହେଉଛି ଆମର ଲକ୍ଷ୍ୟ । ତେଣୁ ଏହି ବିକାଶଧାରାକୁ ଆଗେଇ ନେ୍ୱା ପାଇଁ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ତାଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗୋପ ବ୍ଲକ କଂଗ୍ରେସ ସଭାପତି ଭାସ୍କର ସେଠ୍, ପୁରୀ ଜିଲ୍ଲା ଉପ ସଭାପତି ଲକ୍ଷ୍ମୀଧର ପ୍ରଧାନ, ସାଧାରଣ ସଂପାଦକ ରମେଶ ଚନ୍ଦ୍ର ବ୍ୱେହେରା, ର୍ବିନ୍ଦ୍ର ପରିଡା, ନାଗପୁର ପଚାଂୟତ ସମିତିସଭ୍ୟ ପଚାଂନନ ପରିଡା ପ୍ରମୁଖ ଯୋଗଦେଇ କଂଗ୍ରେସର ଆଭିମୁଖ୍ୟ ସଂପର୍କରେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ । କଂଗ୍ରେସର ଆଦର୍ଶ, ନୀତିନିୟମ ସହ ଆଶାୟୀ ପ୍ରାର୍ଥି ସିଦ୍ଧାର୍ଥ ଶଙ୍କର ରାଉତରାୟଙ୍କ ଉପରେ ଆସ୍ଥା ପ୍ରକଟ କରି ନାଗପୁର ପଚାଂୟତ୍ର୍ବିଜେପି ଓ ବିଜେଡି ଦଳର ପ୍ରଭାକର ସାହୁ, ପୂର୍ଣ୍ଣଚନ୍ଦ୍ର ବ୍ୱେହେରା, ପ୍ରକାଶ ଭୋଇ, ସୁକାନ୍ତ ସାହୁ, ପ୍ୱିତ୍ର ସାହୁ, ସୁଜିତ୍ ବ୍ୱେହେରା, ଦିଲ୍ଲିପ ସେଠୀ, ସନ୍ତୋଷ ସାହୁ, ପ୍ରଭଞ୍ଜନ ପୃଷ୍ଟି, ଶିବ ପୃଷ୍ଟି ପ୍ରମୁଖ ୩୦ର୍ବିଜେପି ଓ ବିଜେଡି ପରିବାର ତାଙ୍କ ଦଳ ପରିତ୍ୟାଗ କରିର୍ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେଇଥିଲେ । ପରେ ସେମାନଙ୍କୁ ସିଦ୍ଧାର୍ଥଙ୍କ ସହ ଅନ୍ୟ ନେତାମାନେ ଦଳୀୟ ଉତ୍ତୋରୀୟ ଦେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୁମର ରାଉତ, ବୃନ୍ଦାବନ ସ୍ୱାଇଁ, ସୁଦର୍ଶନ ବଳବନ୍ତରାୟ,ର୍ବୃନ୍ଦାବନ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ ।

## ସାନଖେମୁଣ୍ଡିରେ ଭାରତ ସଂକଳ୍ପ ଯାତ୍ରା ଉଦ୍‌ଘାଟିତ

**ଧରାକୋଟ (ଅମୃତ ମିଡିଆ):** ସାନଖେମୁଣ୍ଡି ବ୍ଲକର ୯. ଗୋପାଳପୁର ପଂଚାୟତ ପ୍ରାଙ୍ଗଣରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ର ଶୁଭ ଉଦଘାଟନ ବି.ଜେ.ପି ର ବରିଷ୍ଠ ନେତା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ସ୍ୱାଇଁ ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲି । ଦେଶର ପ୍ରଗତିରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଙ୍କ ବରିଷ୍ଠ ନେତୃତ୍ୱ ତ୍ୟାଗ ସୁଚିନ୍ତିତ ବିଚାରଧାରା ଉପରେ ମୁଖ୍ୟ ଅତିଥି ଶ୍ରୀ ବିଜୟ କୁମାର ସ୍ୱାଇଁ ଆଲୋକପାତ କରିଥିଲେ । ଉଜ୍ଜଳା, ପି.ଏନ. କିସାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଷୟରେ ପ୍ରମୁଖ ହିତାଧିକାରୀ ମାନେ ଲୋକମାନଙ୍କୁ ଜଣାଇଥିଲେ । ଏଂବ ପ୍ରଧାନମନ୍ତ୍ରୀ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲି । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ସୁମିତ୍ରା ନାୟକ, ଗ୍ରାମ ସେବକ ବିଶ୍ୱନାଥ ସେଠି, ଏ.ବି.ଡି.ଓ. ଶ୍ରୀମତୀ ଜୟନ୍ତୀ ମୁଣ୍ଡା ଠ.ଖ.ଡ ସୁଜିତ କୁମାର ଶବର, ଯୁବ ମୋର୍ଚ୍ଚା ଜିଲ୍ଲା ଉପ ସଭାପତି ଗ. ଚିନ୍ମୟ ରେଡ୍ଡୀ ରାଜ୍ୟ ପରିଷଦ ସଭ୍ୟ ସନ୍ତୋଷ କୁମାର ପ୍ରଧାନ, ମଣ୍ଡଳ ସଭାପତି ସୁନୀଲ ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ । ବହୁ ସଂଖ୍ୟାରେ ମହିଳା ଚାଷୀ ଆଦିବାସୀ ଏହି ସଭାରେ ଅଂଶଗ୍ରହଣ କରିଥିଲେ ।

## ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଶିବିର

**ବ୍ରହ୍ମପୁର (ଅମୃତ ମିଡିଆ):** ସ୍ଥାନୀୟ ରାମାଧୀନ ସଂସ୍କୃତି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ତରଫରୁ ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଲଟା ଗ୍ରାମ ସ୍ଥିତ ମା ନାରାୟଣୀ ହାଇସ୍କୁଲ ଠାରେ ଗତ ୨୫ ତାରିଖ ଠାରୁ ଆରମ୍ଭ ହୋଇଥିବା ୭ ଦିନିଆ ଶିବିର ଆଜି ଉଦଯାପିତ ହୋଇଯାଇଛି । ଶିବିରାର୍ଥୀ ମାନେ ଫୁଲଟାରେ ପରିବେଶ ପରିମଳ ସୁରକ୍ଷା, ନିଶା ନିବାରଣ, ଯୌତୁକ ପ୍ରଥା ବିରୋଧୀ, ଭୋଟର ସଚେତନତା ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରି ପ୍ରଶଂସା ଭାଜନ ହୋଇଛନ୍ତି । ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ହରିହର ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର କୋଠିଆ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମମତା ନାହାକ, ବିଶିଷ୍ଟ ଅତିଥି ଭାବେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପାଳ ପ୍ରମୁଖ ଯୋଗ ଦେଇଥିଲେ ।

# ଖେଳପଡ଼ିଆ ନିର୍ମାଣ ଦାବିରେ କ୍ରୀଡ଼ାବିତ୍ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ନୂଆପଡ଼ା (ଅମୃତ ମିଡିଆ):** ନୂଆପଡ଼ା ବ୍ଲକ ସାଲିହା ପଞ୍ଚାୟତ ଝାଲବାହାଲ ଗାଁରେ ଖେଳପଡ଼ିଆ ନିର୍ମାଣ ଦାବି ହୋଇଛି । ଏନେଇ ଆଜି ଗାଁର ଯୁବ କ୍ରୀଡ଼ାବିତ୍ ?ମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆଜି ପୂର୍ବାହ୍ନରେ ଗରିବ ସେନା ସଂଗଠନର ଜିଲ୍ଲା ସଭାପତି ରବି ମଙ୍ଗରାଜଙ୍କ ନେତୃତ୍ୱରେ ଗାଁର ଯୁବକମାନେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ସେଠାରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମଧାହ୍ନରେ ନୂଆପଡ଼ା ବିଡିଓ ବିପିନ ବିହାରୀ ଦୀପ, ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ ଓ ରେଞ୍ଜର ଆଲୋକ ମାଝିଙ୍କୁ ଦାବିପତ୍ର ଦେଇଛନ୍ତି । ତେବେ, ଛାତ୍ରଛାତ୍ରୀଙ୍କ ଖେଳକୁଦ ପାଇଁ ପୂର୍ବରୁ ଚିହ୍ନଟ




ସ୍ଥାନରେ ଖେଳପଡ଼ିଆ ନିର୍ମାଣ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଖେଳପଡ଼ିଆ ପାଇଁ ଗାଁର ଯୁବକ ଘନଶ୍ୟାମ ସାହୁ, ହେମନ୍ତ ରାଉତ, କ୍ରିଷ୍ଣା ମାଝି, ପୁରନ ରାଉତ, ବାଳେଶ୍ୱର ପ୍ରସାଦ ସାହୁ, ଶିବେଶ୍ୱର ରାଉତ, ଭୋଲାଶଙ୍କର ରାଉତ, ଈଶ୍ୱର ରାଉତ, ଦିଲୀପ କୁମାର ସାହୁ, ଦେଓକୁମାର ସାହୁ ପ୍ରମୁଖ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି । ପ୍ରକାଶଥାଉକି, ଝାଲବାହାଲ ଗାଁରେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିଚାଳିତ ହେଉଛି । କିନ୍ତୁ ପିଲାଙ୍କ ଖେଳକୁଦ ପାଇଁ କୌଣସି ଖେଳପଡ଼ିଆ ନିର୍ମାଣ ହୋଇନଥିବାରୁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ଗାଁର ଏକ ସରକାରୀ ଜମିକୁ ସ୍କୁଲ ପିଲାଙ୍କ ଖେଳ ପଡ଼ିଆ ନିର୍ମାଣ ପାଇଁ ଚିହ୍ନଟ ହୋଇଥିଲା । ବର୍ତ୍ତମାନ ଉକ୍ତ ସରକାରୀ ଜମିରେ ବନ ବିଭାଗ ତରଫରୁ ନର୍ସରୀ କାମ ଚାଲୁଛି । ଏହାକୁ ଗାଁ ଲୋକେ ବିରୋଧ କରି ବନ ବିଭାଗକୁ ନର୍ସରୀ ତିଆରି ପାଇଁ ବାରଣ କରି ନିରାଶ ହୋଇଥିଲେ । ଏନେଇ ଗାଁରେ ବୈଠକ କରି ଉକ୍ତ ସରକାରୀ ଜମିରେ ଭୌଗଳିକ ଦୃଷ୍ଟିକୋଣରୁ ଖେଳପଡ଼ିଆ ନିର୍ମାଣ ପାଇଁ ନିଷ୍ପରି ନେଇଛନ୍ତି । ଏନେଇ ପୂର୍ବରୁ ଗାଁର ଯୁବକମାନେ ଅନେକ ଥର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଜିଲ୍ଲାପାଳ, ବିଡିଓ, ତହସିଲଦାର ଓ ରେଞ୍ଜରଙ୍କୁ ଅବଗତ କରିଥିଲେ ବି କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗ କରିଛନ୍ତି ।



# ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହାୟତାରେ ନାଟକ ଦ୍ୱାରା ସାମାଜିକ ପରିବର୍ତ୍ତନକୁ ପ୍ରୋତ୍ସାହନ

**ଯାଜପୁର(ଅମୃତ ମିଡିଆ):** ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ଗୋବରଘାଟି ପଂଚାୟତର ମିରିଗିଚରା ଗ୍ରାମର ଗୋବିନ୍ଦ ଗାଇପାଇ (୨୪) 'ନୁକ୍କଡ଼ ନାଟକ'ର ମ୍ମାଧ୍ୟମରେ ସାମାଜିକ ପରିବର୍ତନ ଆଣିବା ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି। ତାଙ୍କର ଯାତ୍ରା ଏକ ବ୍ୟକ୍ତିଗତ ଦୁଃଖଦ ଘଟଣାରୁ ଆରମ୍ଭ ହୋଇଥିଲା ଯେତେବେଳେ ମଦ୍ୟପାନ ଯୋଗୁଁ ସେ ତାଙ୍କ ଭାଇକୁ ହରାଇଥିଲେ। ଏହି ବିନାଶକାରୀ ଅନୁଭୂତି ଅନ୍ୟମାନଙ୍କୁ ସମାନ ଭାଗ୍ୟ ଭୋଗିବାରୁ ରୋକିବା ପାଇଁ ଗୋବିନ୍ଦଙ୍କ ସଂକଳ୍ପକୁ ଉତ୍ସାହିତ କରିଥିଲା।ଆର୍ଥିକ ଅଭାବ ସତ୍ୱେ ଗୋବିନ୍ଦଙ୍କ ପରିବାର ଚାଷ ଓ ଛେଳି ପାଳି ଜୀବିକା ନିର୍ବାହ କରୁଥିଲେ। ୨୦୦୮ ମସିହାରେ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ମିଳିଥିବା ଜ୍ୟୋତି ଫେଲୋସିପ୍ ଦ୍ୱାରା ତାଙ୍କ ଶିକ୍ଷାଗତ ଯାତ୍ରାକୁ ସମର୍ଥନ ମିଳିଥିଲା ଏବଂ ସ୍ନାତକ ପର୍ଯ୍ୟନ୍ତ ସେ ଉପକୃତ ହୋଇଥିଲେ। ଏହି ସମୟରେ ସାଂସ୍କୃତିକ ପରିବେଷଣ ଏବଂ ଭୂମିକା-ନାଟକ ପ୍ରତି ତାଙ୍କର ଆଗ୍ରହ ଟାଟା ଷ୍ଟିଲ ଫାଉଣ୍ଡେସନର ଦୃଷ୍ଟି ଆକର୍ଷଣ କରିଥିଲା, ଯାହା ଦ୍ୱାରା ସ୍ଥାନୀୟ ଲୋକଙ୍କ ମ୍ନରେ ସଚେତନତା ସୃଷ୍ଟି କରିବାର ସୁଯୋଗ ମିଳିଥିଲା ।୨୦୨୦ରେ ମହାମାରୀ ଆରମ୍ଭ ହେବା ପରେ ଗୋବିନ୍ଦଙ୍କ ପାଠପଢ଼ା ଶେଷ କରି ଚାକିରି ପାଇବାର ଯୋଜନା ବାଧାପ୍ରାପ୍ତ ହୋଇଥିଲା। ଏହି ସମୟରେ ମଦ୍ୟପାନ ଓ କ୍ଷତିକାରକ ପଦାର୍ଥର ମୁକାବିଲା ପାଇଁ ତାଙ୍କର ସଂକଳ୍ପକୁ ଆହୁରି ଦୃଢ଼ କରିଥିଲା। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହାୟତାରେ ସେ ୧୦ ଜଣିଆ ଏକ ଦଳକୁ ଏକାଠି କରି 'ନୁକ୍କଡ଼ ନାଟକ' ପରିବେଷଣ ମ୍ମାଧ୍ୟମରେ ଶିକ୍ଷା ଓ ସଚେତନତା ସୃଷ୍ଟି କରିବା ପାଇଁ ଅଭିଯାନ ଆରମ୍ଭ କରିଥିଲେ। ସେମାନଙ୍କ ପ୍ରୟାସ ଓଡ଼ିଶାର ୧୫୦ରୁ ଅଧିକ ପଂଚାୟତରେ ପହଂଚିଛି, ଯାହା ଅନେକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି ।ଗୋବିନ୍ଦ ଗାଇପାଇ କହିଛନ୍ତି, "ଭାଇକୁ ହରାଇବା ପରେ ମୁଁ ମଦ୍ୟପାନ ଏବଂ କ୍ଷତିକାରକ ପଦାର୍ଥ ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ସଂକଳ୍ପ ନେଲି। 'ନୁକ୍କଡ ନାଟକ' ଜରିଆରେ ମୁଁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଂଚିବାକୁ ଚେଷ୍ଟା କରୁଛି। ଯଦି କେହି ମୋ ଭାଇଙ୍କ ପାଖରେ ପହଂଚିଥାନ୍ତେ, ହୁଏତ ମୋତେ ଶୋକ କରିବାକୁ ପଡ଼ିନଥାନ୍ତା। ଏହି ପଦକ୍ଷେପ ଦ୍ୱାରା, ମୁଁ ଏହି ଅଂଚଳରେ ଏତେ ସଚେତନତା ସୃଷ୍ଟି କରିବାକୁ ଚାହୁଁଛି ଯେ ମଦ୍ୟପାନ କାରଣରୁ ଅନ୍ୟ କାହାକୁ ତାଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ଶୋକ ପ୍ରକାଶ କରିବାକୁ ପଡିବ ନାହିଁ।"ଗୋବିନ୍ଦ ଏବେ ତାଙ୍କ 'ନୁକ୍କଡ ନାଟକ'ରୁ ୩ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି। ଏହା ବ୍ୟତୀତ, ସେ ଚାଷ ସହ ଜଡିତ ଏବଂ ତାଙ୍କୁ ଟାଟା ଷ୍ଟିଲ ଫାଉଣ୍ଡେସନ ଚାଷ କୌଶଳକୁ ବଢାଇବା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେଇଛି, ଯାହା ଦ୍ୱାରା ସେ ବାର୍ଷିକ ୨ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି ।ଗୋବିନ୍ଦଙ୍କ ଯାତ୍ରା ସ୍ଥାନୀୟ ଲୋକଙ୍କ ମ୍ନରେ ପରିବର୍ତନକୁ ସଶକ୍ତ କରିବା ପାଇଁ ଦୃଢତା, ସଂକଳ୍ପ ଏବଂ ଗଭୀର ପ୍ରତିବଦ୍ଧତାର କାହାଣୀ। ଦୁନିଆରେ ସକାରାତ୍ମକ ପରିବର୍ତନ ଆଣିବାକୁ ଚେଷ୍ଟା କରୁଥିବା ଲୋକଙ୍କ ପାଇଁ ତାଙ୍କ କାର୍ଯ୍ୟ ଆଶା ଓ ପ୍ରେରଣାର ଆଲୋକ ପାଲଟିଛି।



# ନାବାଳିକା ଝିଅକୁ ନେଇ ବାଲ୍ୟ ବିବାହ ଉଦ୍ୟମ ପଣ୍ଡ

**ଟାଙ୍ଗୀ ଚୌଦ୍ୱାର(ଅମୃତ ମିଡ଼ିଆ):**ଚୌଦ୍ୱାର ଅଞ୍ଚଳ ଶବର ସହି ରୁ ଏକ ନାବାଳିକା ବୟସ ୧୫ ବର୍ଷ ଝିଅ ସ୍ଥାନୀୟ ବିଦ୍ୟାଳୟ ରେ ଦଶମ ଶ୍ରେଣୀ ର ଛାତ୍ରୀ କୁ ପଶ୍ଚିମବଙ୍ଗ ମେଦିନପୁର ଅଞ୍ଚଳ ରେ ଏକ ପରିବାର ତାଙ୍କ ନାବାଳକ ପୁଅ କୁ ବିବାହ କରାଇବା ଉଦେଶ୍ୟ ରେ ଚୌଦ୍ୱାର ଶବର ସହି ରେ ନାବାଳିକା ଙ୍କ ଘରେ ଆସିପଂହଁଚି ଥିଲେ। ଏହି ଖବର ପାଇ ଟାଙ୍ଗୀ ଚୌଦ୍ୱାର ବ୍ଲକ ବାଲ୍ୟ ବିବାହ ନିରୋଧ ସଦସ୍ୟ ଶ୍ରୀଯୁକ୍ତ ନରୋତ୍ତମ ଦାସ ଘଟଣା ସ୍ଥଳ ରେ ପଂହଁଚି ଥିଲେ। କଟକ ଜିଲ୍ଲା ଡିସିପି ଓ ଶ୍ରୀମତୀ ପ୍ରଗତି ମହାନ୍ତି ଙ୍କୁ ଯୋଗାଯୋଗ କରିଥିଲେ କ୍ଷ ଡିସିପିଓ ଙ୍କ ସହଯୋଗ ରେ ଟାଙ୍ଗୀ ବ୍ଲକ ଅଙ୍ଗନବାଡି ଚୌଦ୍ୱାର ସୁପରଭାଇଜର ଆରତୀ ମହାନ୍ତି ଯୋଗାଯୋଗ କରାଯାଇଥିଲା ସାଙ୍ଗେ ସାଙ୍ଗେ ସ୍ଥାନୀୟ ଅଙ୍ଗନବାଡି କର୍ମୀ କବିତା ବେହେରା , ସହୟିକା ପ୍ରମିଳା ସାହୁ ଓ ଆଶା କର୍ମୀ ଚଞ୍ଚଳା ଦେହୁରୀ ଓ ସ୍ଥାନୀୟ ଯୁବ ସମାଜସେବୀ ଚିନ୍ମୟ ବେହେରା ଘଟଣା ସ୍ଥଳ ରେ ପଂହଁଚି ସହି ର ମୁରବି, ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଓ ଶିକ୍ଷିତ ଯୁବକ ଙ୍କୁ ଡକାଇ ବୁଝାସୁଝା କରାଇଥିଲେ। ଶେଷରେ ଉଭୟ ପକ୍ଷ ନିଜ ନିଜ ଭୁଲ କୁ ମାନିନେଲେ । ଉଭୟ ପକ୍ଷ ଏକ ଲିଖିତ ନାମା ରେ ସ୍ୱାକ୍ଷର କରି ଥିଲେ କ୍ଷ ପଶ୍ଚିମବଙ୍ଗ ମେଦିନୀପୁର ରୁ ଆସିଥିବା ନାବାଳକ ପରିବାର ଭବିଷ୍ୟତ ରେ ଭୁଲ ର ପୁନରାବୃତ୍ତି ହେବ ନାହିଁ ବୋଲି ଲିଖିତ ନାମା ଦେଇ ନିଜ ରାଜ୍ୟ କୁ ଫେରିଯାଇଥିଲେ କ୍ଷ ନାବାଳିକା ଝିଅ ର ପରିବାର ମଧ ଲିଖିତନାମା ରେ ଜରିଆରେ ନାବାଳିକା ଝିଅ କୁ ପାଠ ପଢ଼ାଇବେ ଓ ୧୮ ବର୍ଷ ପରେ ଝିଅ ର ସହମତି ନେଇ ବିବାହ କରାଇବେ ବୋଲି ପ୍ରତିଶୃତି ଦେଲେ କ୍ଷ ସ୍ଥାନୀୟ ଅଙ୍ଗନବାଡି ଦିଦି ଏହି ବାଲ୍ୟବିବାହ ଯୋଜନା ର ପୁନରାବୃତ୍ତି କିମ୍ବା ନାବାଳିକା ଝିଅ ର ଯଦି ସମସ୍ୟା ଘଟେ ତାହାଲେ ତୁରନ୍ତ ଅଧିକାରୀ ଙ୍କୁ ଜଣାଇବେ ବୋଲି ଏକ ଲିଖିତନାମା ଟାଙ୍ଗୀ ବ୍ଲକ ସିଡିପିଓ ଙ୍କୁ ଜଣାଇଥିଲେ।

# ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡିଶା ଯୁବ ଓଡିଶାର ଉଦଯାପନୀ ଉତ୍ସବ



**କେନ୍ଦ୍ରାପଡା(ଅମୃତ ମିଡିଆ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନିକିରାଇସ୍ଥିତ ବୀରହନୁମାନଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡିଶା ଯୁବ ଓଡିଶା ଓ ନବୀନ ଓଡିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏକ ବର୍ଣ୍ଣାଢ୍ୟ ସମାବେଶର ବିଦ୍ୟାଳୟର ଅଧକ୍ଷ ପ୍ରଫେସର ତୁଷାରକାନ୍ତ ବରାଳ ସଭାପତିତ୍ୱ କରି ନୂଆ ଓଡିଶା କାର୍ଯ୍ୟକ୍ରମ ସମ୍ପର୍କରେ ସଭାକୁ ସମ୍ବୋଧିତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପାଞ୍ଚ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା ସୁଶ୍ରୀ ଲିଲିତା ଦାସ ଯୋଗଦେଇ ନୂଆ ଓଡିଶା, ଯୁବ ଓଡିଶା ଓ ନବୀନ ଓଡିଶା କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ଉପରେ ଆଲୋକପାତ କରି ଏହି କାର୍ଯ୍ୟକ୍ରମ କିଭଳି ଯୁବ ସମାଜର ସ୍ୱପ୍ନକୁ ସାକାର କରିବ ସେ ବିଷୟରେ ଅବଲୋକନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପରିକ୍ଷୀତ ପାତ୍ରତେଯାଗଦେଇ ଶିକ୍ଷା ସହିତ ଆଧାତ୍ମିକ ଚେତନାର ମିଶ୍ରଣରେ କିଭଳି ଛାତ୍ର ଜୀବନରେ ସଫଳତା ସମ୍ଭବ ତାହା ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ମହାକାଳପଡା ଏସ.ଏସ.ବି. ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡଃ. ସୁଧାଂଶୁ ଶେଖର ଦ୍ୱିବେଦୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଦେଶର ଭବିଷ୍ୟତ ବିଶ୍ୱକର୍ମା ଭାବେ ଅବିହିତ କରିଥିଲେ। ସାମାଜିକ ସଚେତନତା, ସାଂସ୍କୃତିକ ନବଜାଗରଣ ଏବଂ କ୍ରୀଡାରେ ପାରଦର୍ଶୀତା କିଭଳି ଯୁବ ସମାଜକୁ ବାସ୍ତବତା ଆଡକୁ ନେଇଯାଏ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧାପକ ଆଲୋକ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ଅଧାପକ ଡଃ. ହେମନ୍ତ କୁମାର ଶତପଥୀ ବିବରଣୀ ପାଠ କରିଥିଲେ। ନୋଡାଲ ଅଧିକାରୀ ପ୍ରଫେସର ହେମନ୍ତ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ମୁଖପତ୍ର "ଅଞ୍ଜନା"ର ଶୁଭ ଉନ୍ମୋଚନ ହୋଇଥିଲା। ଅନ୍ୟମାନଙ୍କ ମଧରେ ଅଧାପକ ଡଃ. ପ୍ରମୋଦ ରାଉତ, ଇଂ ପ୍ରମୋଦ ସାମଲ, ଭକ୍ତବନ୍ଧୁ ଓଝା, ଡଃ. ସଂଗ୍ରାମ ମହାନ୍ତି, ଅମ୍ଳାନ ରାଉତ, ସରୋଜ ଜେନା, ଅଶୋକ ଜେନା, ସୁମିତ୍ରା ମିଶ୍ର, ସାଲିନୀ ପରିଡା, ଓମକାର ଦାସ ପ୍ରମୁଖ ସହଯୋଗ କରିଥିଲେ। ଅଧାପକ ଡଃ. ହିମାଂଶୁ ଭୂଷଣ ପରିଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଓପିଏସ୍ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ କ୍ରୀଡା ଉତ୍ସବ




**କେନ୍ଦ୍ରାପଡା(ଅମୃତ ମିଡିଆ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋସ୍ଥିତ ଓପିଏସ୍ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଉତ୍ତମ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଗୋପୀନାଥ ମଲ୍ଲିକ, ମୁଖ୍ୟବକ୍ତା ଭାବେ ସେକ ବାବୁଜନ୍ , ସମ୍ମାନୀତ ଅତିଥି ଭାବେ ଉପସଭାପତି ଉମାକାନ୍ତ ପରିଡା ଓ ଡମ୍ବରୁଧର ସାହୁ ପ୍ରମୁଖ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦିନୀ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧକ୍ଷା ଅପର୍ଣ୍ଣା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପହିଲାରେ ଇଚ୍ଛାପୁର ରଥଦାଣ୍ଡରେ ବିଶ୍ୱ ପ୍ରାର୍ଥନା ଦିବସ

**କେନ୍ଦ୍ରାପଡା(ଅମୃତ ମିଡିଆ):** ଆସନ୍ତା ଜାନୁଆରୀମାସ ପହିଲା ସକାଳ ୮ଟାରେ ଇଚ୍ଛାପୁରସ୍ଥିତ ରଥଦାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ପ୍ରାର୍ଥନା ଦିବସରେ ଦଳ, ମତ, ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଯୋଗଦେବାକୁ ଦିବ୍ୟ ଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ସମସ୍ତଙ୍କୁ ନିବେଦନ କରିଛନ୍ତି। ବର୍ତ୍ତମାନ ସାରା ବିଶ୍ୱ ଏକ ସଙ୍କଟମୟ ପରିସ୍ଥିତି ଦେଇ ଗତିକରୁଥିବାରୁ ମଣିଷ ମନକୁ ଦୁଃଖ, ଦୈନ୍ୟ, ଭୟ, ଆତଙ୍କ, ଶଙ୍କା, ସନ୍ଦେହ, ଅବିଶ୍ୱାସ ଆଦି ଆଚ୍ଛାଦିତ କରି ରଖିଛି। ଶ୍ରଦ୍ଧା, ପ୍ରେମ, ଶାନ୍ତି, ଆନନ୍ଦ ଭଳି ଦିବ୍ୟ ଗୁଣ ଯେପରି ହଜି ଯାଇଛି। ଯେତେବେଳେ ବିପଦ ଆସେ ଆମେ ହତାଶ ହୋଇ ପଡୁ। ସେତେବେଳେ ବିପଦଭଞ୍ଜନ ସର୍ବମୟ କର୍ତ୍ତାଙ୍କୁ ଦୁଃଖ ଦୂର ପାଇଁ ପ୍ରାର୍ଥନା କରୁ। ପୂର୍ବକାଳରୁ ଏହା ପୂର୍ବ ପୁରୁଷମାନଙ୍କର ଉତ୍ତର ପିଢି ପାଇଁ ଥିଲା ମାର୍ଗଦର୍ଶନ ଓ ଉପଦେଶ। ଏହା ଆମ ଭାରତୀୟ ସଂସ୍କୃତି ଓ ପରମ୍ପରା। ସଂସାରର ଏହି ସମସ୍ୟାକୁ ଦେଖି ଆମର ପୂଜ୍ୟ ପ୍ରାତଃସ୍ମରଣୀୟ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ବହୁତ ବ୍ୟଥିତଓ ଚିନ୍ତିତ। ତେଣୁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ମଣିଷ ମଣିଷ ମଧ୍ୟରେ ସ୍ନେହ, ପ୍ରେମ ଓ ସୌହାର୍ଦ୍ଦ୍ୟ ଭାବ ପ୍ରତିଷ୍ଠା ପାଇଁ ଆମେ ସମସ୍ତେ ଏକାଠି ହୋଇ ଆସନ୍ତା ଜାନୁଆରୀ ପହିଲା ସକାଳ ୮ଟାରେ ଇଚ୍ଛାପୁର ରଥଦାଣ୍ଡରେ ଅନୁଷ୍ଠିତ ବିଶ୍ୱ ପ୍ରାର୍ଥନା ଦିବସରେ ବିଶ୍ୱ ନିୟନ୍ତାଙ୍କୁ ପ୍ରାର୍ଥନା କରିବା ନିମନ୍ତେ ଶ୍ରୀମା' ନିବେଦନ କରିଛନ୍ତି।

# ଖୋର୍ଦ୍ଧାରୋଡ ରେଳ ଶ୍ରମିକ କଂଗ୍ରେସର ବନ୍ଧୁମିଳନ



**ଜଟଣୀ(ଅମୃତ ମିଡିଆ):** ସ୍ଥାନୀୟ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମରେ ଅବସ୍ଥିତ ଶଗଡ଼ିଆ ବାଲୁଙ୍କେଶ୍ୱର ମନ୍ଦିର ଠାରେ ମଣ୍ଡଳ ଭାରପ୍ରାପ୍ତ ସଂଯୋଜକ ସୁନିଲ ଭଞ୍ଜଙ୍କ ଉଦ୍ୟମରେ ଶ୍ରମିକ କଂଗ୍ରେସର ଏକ ବନ୍ଧୁମିଳନ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟାଳୟ ଶାଖା ସଭାପତି ଗୋପାଳ ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସଂଗଠନର ବିଭିନ୍ନ ଉପଲବ୍ଧି ବିଷୟରେ ଆଲୋଚନା ସହ ନୂତନ ବର୍ଷ ପାଇଁ ରଣକୌଶଳ ପ୍ରସ୍ତୁତି କରାଯାଇଥିଲା। ଜଟଣୀ ନଗରପାଳ ଅନନ୍ତ ବେହେରାଙ୍କୁ ଶ୍ରୀ ଭଞ୍ଜ ସ୍ୱତନ୍ତ୍ର ଭାବେ ଉତ୍ତରୀୟ ଓ ଫୁଲ୍ ମାଳ ପିନ୍ଧାଇ ସମ୍ମାନିତ କରିବା ସହ ନବ ନିର୍ବାଚିତ ସହ ସଂଯୋଜକ ନିରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।କେନ୍ଦ୍ରୀୟ ପଦାଧିକାରୀ ଏମ ଜି କେ ରାଓ, ସୁବ୍ରତ ପଣ୍ଡା, ଅକ୍ଷୟ ପ୍ରଧାନ, ସୁଧୀର ପାଢ଼ୀ , ମହେନ୍ଦ୍ର ମହାନ୍ତି, ରୁନି ବେହେରା, ଅର୍ପିତା ମହାନ୍ତି, ବିଜୟଲକ୍ଷ୍ମୀ ଦାଶ, ପି ଜାନକୀ, ସଂଯୁକ୍ତା ମିଶ୍ର, ଶାଖା ସଂପାଦକ ଏଲ ଡି ମହାନ୍ତି, ଧୃଷାସନ୍ ସାହୁଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସଭା ଶେଷରେ ପୂର୍ବତନ ମଣ୍ଡଳ ସଂଯୋଜକ ପ୍ରମୋଦ ସାହାଣୀ ଙ୍କ ପୂର୍ବ ମାନସିକ ଅନୁଯାୟୀ ବାଲୁଙ୍କେଶ୍ୱର ଦେବଙ୍କ ପାଖରେ ଜଳଲାଗି ଓ ପ୍ରସାଦ ସେବନ କରାଯାଇଥିଲା। ଏଥିରେ ରବିନ ପରିମାଣିକ, ଅଖିଳ ଦାସ, ଏମ ସୋମେଶ୍ୱର ରାଓ, ବିଭି ଆପା ରାଓ ଓ ସୁବାସ ଦାସ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ ବୋଲି ମିଡିଆ ସେଲ୍ ମୁଖ୍ୟ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ।

# ଯୁବ ଇଞ୍ଜିନିୟ'ଙ୍କ ସ୍ମୃତିସଭା



**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ବଡ଼ଚଣା ଅନ୍ତର୍ଗତ ବାଲିପଡିଆ ଯୁବକ ସଂଘ ପକ୍ଷରୁବାଲିପଡିଆ ଗ୍ରାମର ଯୁବ ଇଞ୍ଜିନିୟର ସ୍ୱର୍ଗତ ଭାରତ କୁମାର ପ୍ରଧାନ (ଦିଲୁ)ଙ୍କ ବିୟୋଗରେ ୩୦.୧୨.୨୦୨୩ ରିଖ ଶନିବାର ପୂର୍ବାହ୍ନ ୧୦ଘଟିକା ସମୟରେ ଯୁବ ସଙ୍ଘ ପରିସରରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଅଛି। ଉକ୍ତ ବୈଠକରେ ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଉମାକାନ୍ତ ବଳ ସଭାପତିତ୍ୱ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବାଲିପଡିଆ ଯୁବକ ସଂଘ ର ପୂର୍ବତନ ସଭାପତି ଶ୍ରୀଯୁକ୍ତ ବିଷ୍ଣୁ ଚରଣ ପ୍ରଧାନ ଯୋଗ ଦେଇ ସ୍ୱର୍ଗତ ପ୍ରଧାନ ଙ୍କ ଫଟୋ ରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏବଂ ପ୍ରଭାତ କୁମାର ନନ୍ଦ ବେଦ ପାଠ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଶିକ୍ଷକ ପ୍ରଶନ୍ନ କୁମାର ଶତପଥୀ, ପ୍ରଫୁଲ୍ଲ କୁମାର ନନ୍ଦ, ବିମ୍ବାଧର ସ୍ୱାଇଁ, ଧରଣୀଧର ପ୍ରଧାନ,ରମେଶ ଚନ୍ଦ୍ର ଲେଙ୍କା,ରାମ ଚନ୍ଦ୍ର ପଣ୍ଡା , ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଅନିରୁଦ୍ଧ ସାମଲ, ପ୍ରଫୁଲ୍ଲ କୁମାର ପ୍ରଧାନ,ରୁଦ୍ର ପ୍ରସନ୍ନ ସାମଲ, ଧନଞ୍ଜୟ ତ୍ରିପାଠୀ,ଅଶୋକ ଭଞ୍ଜ,ପଦ୍ମନାଭ ପୃଷ୍ଟି,ଗୋପାଳ ଓଝା, ଅଜିତ୍ କୁମାର ପ୍ରଧାନ,ଦେବାଶିଷ ରାଉତରାୟ,ଗଗନ ବିହାରୀ ସ୍ୱାଇଁ,ସୁମନ୍ତ କୁମାର ଜେନା,ମାନସ ପ୍ରଧାନ, ବିରଜା ପ୍ରସନ୍ନ ଦାସ, ସୁନିଲ କୁମାର ମହାନ୍ତି ଦେବାଶିଷ ପ୍ରଧାନ,ପ୍ରମୁଖ ସଭାରେ ଯୋଗ ଦେଇ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପାରମ୍ଭରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।ଶେଷରେ ସୁଧାଂଶୁ ଶେଖର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଖରସ୍ରୋତା ସଚେତନ ନାଗରିକ ମଞ୍ଚର ବୌଦ୍ଧିକ ଆଲୋଚନା

**ବିଂଝାରପୁର(ଅମୃତ ମିଡିଆ):** ଓଡିଶା ସାରସ୍ୱତ ଭଣ୍ଡାରକୁ ବିଂଝାରପୁର ନିର୍ବାଚନ ମଣ୍ଡଳୀର ଅବଦାନ ଉଲ୍ଲେଖନୀୟ ବୋଲି କୁହାଯାଇପାରେ। ଏହି ଅଂଚଳର ଆଦନେତା ବିଚିତ୍ରାନନ୍ଦ ଦାସ, ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସ,ଅମାବାସ୍ୟା ଚନ୍ଦ୍ର ଉପନ୍ୟାସର ଲେଖକ ବାରିଷ୍ଟର ଗୋବିନ୍ଦ ଦାସ,ଆଗଧାଡିର ସ୍ୱାଧିନତା ସଂଗ୍ରାମୀ ଗୋଦାବରୀ ଦେବୀ, ବୈଦ୍ୟନାଥ ଦାଶ, ପ୍ରଭୃତି



ଅନେକ ପ୍ରତିଭା ସମ୍ପନ୍ନ ଓ ସଂଗ୍ରାମୀଙ୍କ ଜନ୍ମ ଏହି ମାଟିରେ ବୋଲି ଖରେସ୍ରୋତା ନାଗରିକ ମଂଚ ପକ୍ଷରୁ ଅୟୋଜିତ ଏକ ବୌଦ୍ଧିକ ଅଲୋଚନାଚକ୍ରେର ମତ ପ୍ରକାଶ ପାଇଛି। ମଂଚର ସଭାପତି ପଦ୍ମାକର ଗୁରୁଙ୍କ ସଭାପତିତ୍ୱେର ମଲ୍ଲିଆ ବରଟୁଣେଇ ହାଇସ୍କୁର ପରିସରେର ଅନୁଷ୍ଠିତ ଏହି ଅଲୋଚନାଚକ୍ରେର ବରିଷ୍ଠ ଉପେଦଷ୍ଟା ହେରକୃଷ୍ଣ ପଣ୍ଡା କହଲେ ଯେ ସମଗ୍ର ବିଂଝାରପୁର ଖରେସ୍ରୋତା ନଦୀ ଅବବାହିକା ଅଂଚେଲର ବହୁ ସ୍ରଷ୍ଟା ଯଥା - ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ଆର୍ଯ୍ୟର୍ଯ୍ୟଜ୍ଞଦତ, ଡଃ ଶ୍ରୀହରି ଧଳ,ଅଧ୍ୟାପକ ଅଜୟ କୁମାର ଓଝା,,ସୁେରନ୍ଦ୍ର କୁମାର ନିଶ୍ର,ଡଃ ଦେବପ୍ରସାଦ ସାମଲ,ଅନ୍ତର୍ଯ୍ୟାମୀ ସାମଲ, ଶରତ କୁମାର ସାହୁ, ସୁଜାତା ପତି,ଡଃ ଚିତରଂଜନ ବେେହରା ,ସୁେରନ୍ଦ୍ର କୁମାର ମହାନ୍ତି, ଜଗନ୍ନାଥ ଧଳ ଦୀର୍ଘ ୪ ଦଶନ୍ଧି ଧରି ଯେଉଁ ସାହିତ୍ୟ ସୃଷ୍ଟି କରି ଆସିଛନ୍ତି ତାହା ଓଡିଆ ସାରସ୍ୱତ ଭଣ୍ଡାରକୁ ରୁଦ୍ଧିମନ୍ତ କରିଛି। ଏ ଅଂଚେଲର ଆଉରୀ ଅେନକ ଅନେଲାଚିତ ପ୍ରତିଭା ରହିଛି ଯାହାର ଗେବଷଣା ନିହାତି ଆବଶ୍ୟକ। ଅଧ୍ୟାପକ ଅଜୟ କୁମାର ଓଝା କହଲେ ଯେ ଦୀର୍ଘ ୪ ଦଶନ୍ଧି ଧରି ସମ୍ବାଦପତ୍ର ମାନଙ୍କେର ସ୍ତମ୍ଭକାର ହେରକୃଷ୍ଣ ପଣ୍ଡା, ଓ ରବିନାରାୟଣ ସାମଲଙ୍କ ରାଷ୍ଟ୍ରୀୟ ଅନ୍ତର୍ରାଷ୍ଟ୍ରୀୟ ଲେଖା ସାରା ଓଡିଶାେର ଅେଲାଡନ ଖେଳାଇ ଆସିଛି। ସଭାପତି ଶ୍ରୀ ଗୁରୁ ତାଙ୍କ ଅଭିଭାଷଣେର କହଲେ ଯେ ଏହି ଅଂଚେଲର ଥିବା ସୁଦକ୍ଷ ସଂଗଠକ ଓ ପ୍ରତିଭାସମ୍ପନ୍ନ ବ୍ୟକ୍ତି କମ ନାହାନ୍ତି। ସେମାନଙ୍କ ସମ୍ପର୍କେର ନିୟମିତ ଅଲୋଚନା କରାଯିବ। ଏଥିେର ଏ ଅଂଚଳର ସାରସ୍ୱତ ପ୍ରେମୀ ବନମାଳୀ ପତି, ସେବର୍ଶ୍ୱର ଧଳ.କୃଷ୍ଣ ଚନ୍ଦ୍ର ଥାଟୋଇ, କେଦାରନାଥ ଦାସ, ନାରାୟଣ ଦାଶ, ଶୁଶାନ୍ତ କୁମାର ନାୟକ, ସୁେବାଧ ନାୟକ, ଶ୍ରୀଧର ସାହୁ,,ରବିନାରାୟଣ ସାମଲ, ହେରକୃଷ୍ଣ ପଣ୍ଡା,ଅଧ୍ୟାପକ ଅଜୟ କୁମାର ଓଝା, ରମାକାନ୍ତ ନାୟକ.ସଚ୍ଚିଦାନନ୍ଦ ଗୁରୁ, ଉତମ କୁମାର ଦାସ, ପୁରୁେଷାତମ ସାହୁ. ସେରାଜ କୁମାର ମଲ୍ଲିକ, ଭାରତ ଭୂଷଣ ମଲ୍ଲିକ, ସୁବାସ ଚନ୍ଦ୍ର ପ୍ରଧାନ ପ୍ରେତ୍ୟକ ନିଜ ମତ ଉପସ୍ଥାପନ କରି ବିଂଝାରପୁରର ସାଂସ୍କୃତିକ ଏକତା ପ୍ରତିଷ୍ଠା ପାଇଁ ଆହ୍ୱାନ କରିଥିଲେ।

# ପ୍ରଥମ ବିଧାୟକ ଲଇଛନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ଜୟପୁର(ଅମୃତ ମିଡିଆ):** ଜୟପୁର ବାପୁଜି ନଗର ଲେବର ଅଫିସ ସମ୍ମୁଖସ୍ଥ ପ୍ରଥମ ବିଧାୟକ ସ୍ୱର୍ଗତ ଲଇଛନ ନାୟକଙ୍କ ପ୍ରତିମୁର୍ତ୍ତି ନିକଟରେ ତିରୋଧାନ ଦିବସ ଆଜି ପାଳିତ ହୋଇଛି । ଜୟପୁର ନାଗରିକ କମିଟିର କର୍ମକର୍ତ୍ତା ଙ୍କ ଦ୍ୱାରା ସ୍ୱର୍ଗତ ଲଇଛନ ନାୟକଙ୍କ ୪୫ ତମ ତିରୋଧାନ



ଦିବସ ପାଳନ ହୋଇଛି । ସ୍ୱର୍ଗତ ଇଇଛନ ନାୟକ ଭାରତ ସ୍ୱାଧିନ ହେବା ପରେ ଜୟପୁର ବିଧାନସଭା ମଣ୍ଡଳିରୁ ପ୍ରଥମ ଥର ବିଧାୟକ ହୋଇ ୨ ଥର ବିଧାୟକ ଭାବେ ନିବାଚିତ ହୋଇଥିଲେ । ଏହି ଅବସରରେ ଜୟପୁର ନାଗରିକ କମିଟିର ସଭାପତି ମିନ କେତନ ଦାସ ବରିଷ୍ଠ ଆଇନଜୀବି ମଦନ ମୋହନ ନାୟକ, ରାମ ନାୟକ, ଭାଗିରଥି ଟାକରି, କୈଳଶ ମିଶ୍ର, ସୁବାସ ଚନ୍ଦ୍ର ପଣ୍ଡା, ବୈରାଗି ସାହୁ, ହରି ରାଓ, କେଦାର ନାଥ ବେହେରା, ବୃନ୍ଦାବନ ଖରା, ଜୀ ବସନ୍ତ ରାଓ, ପ୍ରଫୁଲ କୁମାର ଗୌଡ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଲଇଛନ ନାୟକଙ୍କ ପ୍ରତିମୁର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ ।

# ଜନତାଙ୍କ ଅଙ୍କକଷାରେ ନର୍ଲା ନିର୍ବାଚନମଣ୍ଡଳୀ ନେତାଙ୍କ ଭାଗ୍ୟ







**କଳାହାଣ୍ଡି (ଅମୃତ ମିଡିଆ ):** କଳାହାଣ୍ଡି ଜିଲ୍ଲାର ତିନି ସାଧାରଣ ବିଧାନସଭା ଆସନରୁ ନର୍ଲା ଆସନ ଗୋଟିଏ ଏକ ଚର୍ଚ୍ଚିତ ଆସନ ଭାବରେ ସବୁବେଳେ ଚର୍ଚ୍ଚାରେ ରହିଆସିଛି । ଆସନ୍ତା ୨୦୨୪ ନିର୍ବାଚନ ପାଇଁ ସରକାର ତାରିଖ ଘୋଷଣା କରିଥିବା ବେଳେ, ବର୍ତ୍ତମାନ ବିଜେଡି, ବିଜେପି, କଂଗ୍ରେସ ତିନି ରାଜନୈତିକ ଦଳରେ ମାହୋଲ୍ ଦିନକୁ ଦିନ ସରଗରମ ହେବାରେ ଲାଗିଛି । ଏହି କ୍ରମରେ ମୁଖ୍ୟତଃ ବିଜେଡି ଓ ବିଜେପି ,ଭିତରେ ଲଢ଼େଇ କୁ ନେଇ କର୍ମୀ ଓ ଭୋଟର ସ୍ଥାନେ ସ୍ଥାନେ ଆଲୋଚନା କରୁଛନ୍ତି । କିନ୍ତୁ, ବର୍ତ୍ତମାନ ରାଜନୈତିକ ସମୀକ୍ଷକ ଙ୍କ ମତରେ ଦେଖିବାକୁ ଗଲେ ନର୍ଲା ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ମନୋରମା ମହାନ୍ତି ଦୁଇ ଦୁଇ,ଥର ଅଧକ୍ଷା ପଦରେ ଅଳଙ୍କୃତ ହୋଇ ତାଙ୍କର ଲୋକପ୍ରିୟତା ବଢ଼ିଛି ଏବଂ ତାଙ୍କର ସ୍ୱାମୀ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ମଧ ବିଜେଡି ର ଜଣେ ଛାମୁଆଁ ଯୁବ ସଂଗଠକ ଭାବରେ କ୍ଷାତି ଅର୍ଜନ କରିଛନ୍ତି । ତେଣୁ ଶ୍ରୀମତୀ ମହାନ୍ତି ମଧ ପ୍ରାର୍ଥୀ ହେଲେ ଯେତେ ବଡ଼ ନେତାଙ୍କ ସହ ତାଙ୍କର ଲଢ଼େଇ କରିବା ସମର୍ଥ ଥିବା ଆଲୋଚନା ହେଉଛି । ସେହିଭଳି ବର୍ତ୍ତମାନ ନର୍ଲା ନିର୍ବାଚନ ମଣ୍ଡଳୀ ର ବିଜେଡି ସଭାପତି ତଥା ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ମଣ୍ଡଳ (ବାବୁଲି ମଣ୍ଡଳ) ମଧ କଳାହାଣ୍ଡି ର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବେଶ୍ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ଭାବରେ ଘରେ ଘରେ ପରିଚିତ ଅଟନ୍ତି । ବର୍ତ୍ତମାନ ତାଙ୍କର ସେବା କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା ମିଳୁଥିବା ବାଟେ ଘାଟେ ଆଲୋଚନା ହେଉଛି ।ଏଭଳି ନର୍ଲା ଆସନ ପାଇଁ ବିଜେଡି ରୁ ଚିତ୍ତ ରଞ୍ଜନ ମଣ୍ଡଳ ଏବଂ ସ୍ଥାନୀୟ ନେତ୍ରୀ ତଥା ବ୍ଲକ ଅଧକ୍ଷା ମନୋରମା ମହାନ୍ତି ଆଶାୟୀ ଥିବା ବେଳେ ବର୍ତ୍ତମାନ କଳାହାଣ୍ଡି ର ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା କଂଗ୍ରେସ ର ଟାଣୁଆ ନେତା,ଭକ୍ତ ଚରଣ ଦାସ ମଧ ନର୍ଲା ଆସନ ର ପ୍ରାର୍ଥୀ ହେବା ଘୋଷଣା କରିବା ପରେ ଟିକେ ରାଜନୈତିକ ରଙ୍ଗ ବଦଳିଛି । କାରଣ ଏହି ଆସନ ପାଇଁ ପୂର୍ବରୁ ନର୍ଲା ର ସମୀର ଚାନ୍ଦ କଂଗ୍ରେସ ରୁ ଆଶାୟୀ ଥିବା ବେଳେ କଂଗ୍ରେସ ର ଗଡ଼ କୁହାଯାଉଥିବା ନର୍ଲା ଆସନ ଭକ୍ତ ବାବୁ ଙ୍କ ପାଇଁ କିଛିଟା ଅଡୁଆ ସୃଷ୍ଟି କରିପାରେ । ଗତ ୨୦୧୯ ନିର୍ବାଚନ ରେ କଂଗ୍ରେସ ରୁ ଚିତ୍ତରଞ୍ଜନ ମଣ୍ଡଳ ପ୍ରାର୍ଥୀ ଭାବରେ ଛିଡା ହୋଇ ୩୫୭୫୩ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଶ୍ରୀଯୁକ୍ତ ମଣ୍ଡଳ କଂଗ୍ରେସ ର ହାତ ଛାଡ଼ି ତାଙ୍କର ସମସ୍ତ କର୍ମୀ ଓ ଶୁଭେଚ୍ଛୁ ମାନଙ୍କୁ ନେଇ ବିଜେଡି ରେ ଯୋଗଦେଲେ । ଫଳରେ ବର୍ତ୍ତମାନ ନର୍ଲା କଂଗ୍ରେସ ପୂର୍ବ ଭଳି ମଜଭୁତ ନ ଥିବା ରାଜନୈତିକ ସମୀକ୍ଷକ ମାନେ ମତ ପ୍ରକାଶ କରିଛନ୍ତି । ଏଭଳି ସ୍ଥିତିରେ ବିଜେପି ପ୍ରାର୍ଥୀ ଭାବରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, ତଥା କଳାହାଣ୍ଡି ଓବିସି ସେଲ ର ସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ନାଏକ ମଧ ପ୍ରାର୍ଥୀ ଭାବରେ ଆଶାୟୀ ଅଛନ୍ତି । କାରଣ ତାଙ୍କ ଦଳ ୨୦୧୯ ନିର୍ବାଚନ ରେ ୪୪୨୦୪ ଖଣ୍ଡ ଭୋଟ ପାଇ ଦିତ୍ୱୀୟ ସ୍ଥାନରେ ଥିବାରୁ ସେ ମଧ ଦାବେଦାର ଅଛନ୍ତି । କିନ୍ତୁ ଗତ ଥର ଶାସକ ଦଳର ମାନ୍ୟବର ବିଧାୟକ ଭୂପିନ୍ଦର ସିଂ ବହୁତ୍ କମ୍ ଭୋଟ ବ୍ୟବଧାନ ରେ ୫୩୨୬୪ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ତାଙ୍କ ବାୟସାଧିକ୍ୟ କାରଣ ଓ ଲୋକପ୍ରିୟତା ହ୍ରାସ ହେଉଥିବା ଆଲୋଚନା କୁ ମଧ ଅସ୍ୱୀକାର କରାଯାଇ ନ ପାରେ ବୋଲି ସମୀକ୍ଷକ ମାନେ ମତ ଦିଅନ୍ତି । ଏଣୁ ନର୍ଲା ନିର୍ବାଚନ ମଣ୍ଡଳୀ ର ଚାରିଟି ବ୍ଲକ ର ୬୬ ପଞ୍ଚାୟତ ର ଦୁଇଲକ୍ଷ ଶୋହଳ ହଜାର ସାତଶହ ଭୋଟର ଆଗାମୀ ଦିନରେ ଏମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ବୋଲି ମତ ପ୍ରକାଶ ପାଇଛି ।

## ମଦନିଶାରେ ଚାଷୀର ବିଲାତିଗଛ ଓ ପାଇପ୍ କାଟି ଫସଲ ନଷ୍ଟ



**ଆନନ୍ଦପୁର (ଅମୃତ ମିଡିଆ):** ଆନନ୍ଦପୁର ଥାନା ଅନ୍ତର୍ଗତ ଟାଙ୍ଗର ଗ୍ରାମର ରେ ଚାଷ କରୁଥିବା ବଳଦୁଆଁ ଗ୍ରାମର ଅକ୍ଷୟ ଦାସ ଦୁଡୁଗାଁ ର ଚିନ୍ମୟ ଜେନା ସାଙ୍ଗ ହୋଇ ତିନି ରୁ ଚାରି ହେକଟର ଜମି ଚାରି ବର୍ଷ ହେଲାଣି ବିଲାତି ବାଇଗଣ ଚାଷ କରି ଆସୁଥିଲେ, ଆଜିକୁ ତିନି ଦିନ ହେବ ରାତି ରେ ଚାଷ ଜମିରେ କୌଣସି ଚୋର ପଶି ବିଲାତି ବାଇଗଣ ଚୋରି କରୁଛନ୍ତି କିଛି କିଛି ବିଲାତି ବାଇଗଣ ଗଛ କାଟି ଆସୁଥିଲେ, ପାଣି ମଡା ଯାଉଥିବା ପାଇପି ଖଣ୍ଡ ଖଣ୍ଡ କରିଦେଉଥିଲେ,ଏହା ଚାଷୀ ଜାଣି ପାରିନଥିଲା, କିଏ କାଟୁଚି, କାହାକୁ ନ ଜଣାଇ ଦୁଇଚାଷି ରାତି ଅ ନିଦ୍ରା ହୋଇ ଜଗିଲେ, ଠିକ ରାତି ସମୟରେ ଜମି ରେ ଦୁଇ ଦୃବୁତ ବିଲଟି ଗଛ ଓ ପାଇପ କାଟିବା ସମୟରେ ଦୁଇ ଚାଷୀ ଓ ତାର ଏକ ସାଙ୍ଗ ଦୁଇ ଚୋରକୁ କାବୁ କରିବା ସମୟରେ ତାଭିତରୁ ଜଣେ ଖସି ପଳାଇ ଥିଲା, ଅନ୍ୟ ଜଣକୁ ଧରି ଗଛ ରେ ବାନ୍ଧି ରଖିଥିଲେ, ସକାଳୁ ସକାଳୁ ତାର ପରିବାର କୁ ଜଣାଇଥିଲେ, ପରିବାର ଲୋକେ କହିଲେ ମଦ ପିଇ ଆମକୁ ବାଡାଉଛି, ଆମକୁ ସିଏ ମାନୁ ନାହିଁ, ଆଜି ଦୁଇ ଚାଷୀ ଆନନ୍ଦପୁର ପୋଲିସ କୁ ଖବର ଦେଲେ ଆନନ୍ଦପୁର ପୋଲିସ ଆସି ତଦନ୍ତ କରି ଚାର ଜଣକୁ ଅଟକ ରଖି ପଚରେ ଉଚରା କରୁଛନ୍ତି,ଚୋର ଟିର ପରିଚୟ ଟାଙ୍ଗର ଗ୍ରାମର ସୁରେନ୍ଦ୍ର ନାଏକ ବୋଲି ଜଣାପଡିଛି, (ଚୋର )ସୁରେନ୍ଦ୍ର ନାଏକ ଚାଷୀ ନଷ୍ଟ ହୋଇଥିବା ପାଉଣା ୩୦୦୦ ଦେବ ବୋଲି କହିଛି, ତା ସହିତ ଯାଇଥିବା ଖଡ଼ିପାଳ ଗ୍ରାମର ନାଏବ ସରପଞ୍ଚ ଲକ୍ଷ୍ମୀଧର ନାଏକ (ସୁଦର )ମାନି ହୋଇଛି,ସାଙ୍ଗେ ସାଙ୍ଗେ ଆନନ୍ଦପୁର ପୋଲିସ ଲେଖା ରଖି ସୁରେନ୍ଦ୍ର ନାଏକ କୁ ଛାଡିଛନ୍ତି, ପାଉଣା ନ ମିଳିଲେ ପୁଣି କାଯ୍ୟ ନୁଷ୍କାନ ନେବ ବୋଲି ଚାଷୀ ଅଭିଯୋଗ କରିଛନ୍ତି ।

## ଗଣ୍ଡାନାଳୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣ ନିମ୍ନମାନର ଅଭିଯୋଗ



**ହିନ୍ଦୋଳ (ଅମୃତ ମିଡିଆ):** ସରକାରୀ କାର୍ଯ୍ୟାଳୟ ନିର୍ମାଣ କରିବା ନିମନ୍ତେ ସରକାର ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଦେଉଥିଲେ ମଧ୍ୟ ଅନେକ ସ୍ଥାନରେ ସଠିକ୍ ଭାବେ କାର୍ଯ୍ୟ ନହୋଇ ନିମ୍ନମାନର କାର୍ଯ୍ୟ କରି ଟଙ୍କା ହଡ଼ପ କରୁଥିବାର ଅଭିଯୋଗ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ହିନ୍ଦୋଳ ବ୍ଲକ୍ ଗଣ୍ଡାନାଳୀ ପଂଚାୟତ ଅନ୍ତର୍ଗତ ଚିଲତଇଳା ହନୁମାନ ମନ୍ଦିର ନିକଟସ୍ଥ ପୁରୁଣା କଟକ ସମ୍ବଲପୁର ରାସ୍ତା ପାର୍ଶ୍ୱରେ ନିର୍ମିତ ହୋଇଥିବା ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ । ଏହି ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ଚଡଉ ବିଭାଗ ନିର୍ମାଣ କରିବାର ଦିନ କେଇଟା ନହେଉଣୁ କାନ୍ଥ ଫାଟି ଆଁ ହୋଇ ରହିଲାଣି। ଯାହାକୁ ନେଇ ରାସ୍ତା ରେ ଚଳପ୍ରଚଳ କରୁଥିବା ଲୋକମାନେ ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସଂପର୍କରେ ଆମେ ଚଡଉ କନିଷ୍ଠଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରେ ଖଳି ମାଟି ଯୋଗୁଁ ଏହା ଫାଟିଛି ବୋଲି ସଫେଇ ଦେଇଥିଲେ। ତେବେ ଘଟଣାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଯାଇ ସଂପୃକ୍ତ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି।

## ନିଖିଳ ଓଡ଼ିଶା ଓକିଲ ସଂଘର ୫୨ତମ ଦୁଇଦିନିଆ ବାର୍ଷିକ ଉତ୍ସବ



**ବ୍ରହ୍ମପୁର (ଅମୃତ ମିଡିଆ):** ଫୁଲବାଣୀ ଜିଲ୍ଲା ଓକିଲ ସଂଘ ତଥା ବାର ଏସୋସିୟେସନ ତରଫରୁ ଆୟୋଜିତ 'ନିଖିଳ ଓଡ଼ିଶା ଓକିଲ ସଂଘର ୫୨ତମ ଦୁଇଦିନିଆ ବାର୍ଷିକ ଉତ୍ସବ ଆଜି ଉଦଘାଟନ ହୋଇଯାଇଛି । ଅନୁଷ୍ଠିତ ଏହି ଉଦଘାଟନ କାର୍ଯ୍ୟକ୍ରମକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଭିର୍ଚୁଅଲ୍ ମାଧ୍ୟମରେ ଉଦଘାଟନ କରି ନିଖିଳ ଓଡ଼ିଶା ଓକିଲ ସଂଘ ପଦାଧିକାରୀ, କର୍ମକର୍ତ୍ତା ତଥା ଉପସ୍ଥିତ ଓକିଲ ତଥା ଆଇନ ସଙ୍ଗେ ଅତପ୍ରତଃ ଭାବେ ଜଡ଼ିତ ସମସ୍ତ ଆଇନଜ୍ଞ ମାନଙ୍କୁ ଅଭିନନ୍ଦନ ଜଣାଇ ଉତ୍ସବକୁ ସମ୍ବୋଧିତ କରିଥିଲେ। ସମଗ୍ର ରାଜ୍ୟର ଓକିଲ ମାନଙ୍କ ତରଫରୁ, ଗଞ୍ଜାମ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ଶ୍ରୀ ବିକ୍ରମ କୁମାର ପଣ୍ଡା ମାନ୍ୟବର ମୁଖ୍ୟମନ୍ତ୍ରୀ 'ରାଜ୍ୟ ଓକିଲ କଲ୍ୟାଣ ପାଣ୍ଠି ପାଇଁ ପୂର୍ବରୁ ରହିଥିବା ୫ କୋଟି ଅନୁଦାନ ଅର୍ଥ ରାଶିକୁ ୧୦ କୋଟିକୁ ବୃଦ୍ଧି କରିବା ଏବଂ ଶୂନ୍ୟ ଆୟକର ଦାତା ଓକିଲ ମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତଥା ସ୍ମାର୍ଟ୍ କାର୍ଡର ଅନ୍ତର୍ଭୁକ୍ତ କରିଥିବା ନେଇ ଘୋଷଣା କରିଥିବା ହେତୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇବା ସହିତ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଥିଲେ.. । ଉକ୍ତ ଉତ୍ସବରେ ବହୁ ସୁନାମ ଧନ୍ୟ ସର୍ବୋଚ୍ଚ ତଥା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି, ବର୍ତ୍ତମାନର ବିଚାରପତି, ବହୁ ରାଜ୍ୟ ସଭା ସାଂସଦ, ଲୋକସଭା ସାଂସଦ, ରାଜ୍ୟ ଆଇନ, ଅର୍ଥ, ଜଙ୍ଗଲ ଓ ପରିବେଶ ତଥା ବହୁ ମନ୍ତ୍ରାଳୟ ମନ୍ତ୍ରୀଗଣ, ପୂର୍ବତନ ବିଧାୟକ, ବିଧାୟିକା ମାନେ ଉପସ୍ଥିତ ରହିଥିଲେ।

# କୋଟଗଡ଼ ବନ ବିଭାଗ ପକ୍ଷରୁ ଚଢ଼ଉ ମୂଲ୍ୟବାନ ଶାଳ ଓ ପିଆଶାଳ ପଟା ଜବତ



**ବାଲିଗୁଡା (ଅମୃତ ମିଡିଆ):** କୋଟଗଡ଼ ରେଞ୍ଜ ମାଟିକାଡା ଗ୍ରାମ ମାଝୀମାହା ଜଙ୍ଗଲ ରେ ମୂଲ୍ୟବାନ ଶାଳ ଓ ପିଆଶାଳ ପଟା ଚାଲାଣ ବେଳେ କୋଟଗଡ଼ ବନ ବିଭାଗ ପକ୍ଷରୁ ଚଢ଼ଉ । କୋଟଗଡ଼ ରେଞ୍ଜର ରୋମାକାନ୍ତ କଂହରଙ୍କ ନେତୃତ୍ୱ ରେ ଏକ ଟିମ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଜବତ କରାଯାଇଛି । ଏହି ଘଟଣା ରେ ୨ ଜଣ କାଠ ମାଫିଆ କୁ ଗିରଫ କରିବା ସହ ମୋଟ ଶହେ ଖଣ୍ଡ ଶାଳ ଓ ପିଆଶାଳ ପଟା ଓ ୨୦ ଖଣ୍ଡ ଶାଳ କାଠ ଜବତ ହୋଇଛି । ଦୁଇ କାଠ ମାଫିଆ ଆସାମ ର ପଦ୍ମ ସିଂ ନାଜାରେ ଓ ମାଟିକାଡା ଗାଁ ର ଲକ୍ଷ୍ମଣ ମଣ୍ଡଳ ନାୟକ ହୋଇଥିବା କୋଟଗଡ଼ ରେଞ୍ଜର ରୋମାକାନ୍ତ କଂହର ସୂଚନା ଦେଇଛନ୍ତି ।

## ରୋଶନି ଟ୍ରେଡର୍ସ ଉପରେ ଜିଏସ୍‌ଟି ଚଢ଼ଉ

**ବୌଦ୍ଧ (ଅମୃତ ମିଡିଆ):** ବୌଦ୍ଧ ସହରର ପୋଡାପୋଡା ସ୍ଥିତ ରୋଶନି ଟ୍ରେଡର୍ସ ଉପରେ ଶୁକ୍ରବାର ଦିନ ଜିଏସଟି ଚଢଉ ହୋଇଥିବା ଜଣାପଡିଛି । ସମ୍ବଲପୁର ସିଟି ଜିଏସଟି ପକ୍ଷରୁ ଏକ ୬ ଜଣିଆ ଟିମ ଆସି ବ୍ୟବସାୟୀ କୁଶ ଅଗ୍ରୱାଲାଙ୍କ ବାସଭବନ, ଦୋକାନ ଓ ଗୋଦାମ ଉପରେ ଏକକାଳୀନ ତିନି ସ୍ଥାନରେ ଚଢଉ ଜାରି ରଖିଛନ୍ତି । ଚଢଉ ସମୟରେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଛନ୍ତି । କମର୍ଚାରୀମାନେ ବ୍ୟବସାୟୀଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି । ଯାଞ୍ଚ ଚାଲିଥିବାରୁ ଅଧିକାରୀମାନେ କୌଣସି ସୂଚନା ଦେଇନାହାନ୍ତି ।

# ବିଦ୍ୟାଳୟ ପରିଚାଳନା କମିଟି ତାଲିମ ଶିବିର



**ବୌଦ୍ଧ (ଅମୃତ ମିଡିଆ):** ବୌଦ୍ଧ ଜିଲ୍ଲା ବାଉଁଶୁଣୀ ସ୍ଥିତ ଓ୍ୱାଇସିଡିଏ ପକ୍ଷରୁ ବୌଦ୍ଧ ବ୍ଲକର ଟିକରପଡା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବିଦ୍ୟାଳୟ ପରିଚାଳନା କମିଟିର ଦୁଇ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଦିବ୍ୟଲୋଚନ ବାରିକ, ପୂର୍ଣ୍ଣଚନ୍ଦ୍ର କରଡିଆ ତାଲିମ ଦାତା ଭାବେ ଯୋଗ ଦେଇଥିଲେ । ଏଫଏଫଭିଡିପି ପ୍ରାଜେକ୍ଟର ପୋଗ୍ରାମ ଅଫିସର ଅଙ୍ଗୁରବାଳା ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଦୁଇଦିନିଆ କମର୍ଶାଳାରେ ମଲିକପଡା, ଜାମାଖୋଲ, ବିରିଗଡ, ବୁରେଗାର ବିଦ୍ୟାଳୟର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ନୂଆ-ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ




**ବ୍ରହ୍ମପୁର (ଅମୃତ ମିଡିଆ):** ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ସହଯୋଗରେ ଓଡ଼ିଶା ସରକାରଙ୍କ ନୂଆ-ଓ ଅନ୍ତର୍ଗତ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ବିନାୟକ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଉକ୍ତ ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧକ୍ଷା ଡ.ପ୍ରମିଳା ଖାଡଙ୍ଗା ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା କାଜୁ ଉନ୍ନୟନ ନିଗମର ଅଧକ୍ଷ ତଥା ଜୀବନବିନ୍ଦୁ ଗଂଜାମର ସଂଯୋଜକ ସୁବାଷ ଚନ୍ଦ୍ର ମହାରଣା ଯୋଗଦେଇ ଛାତ୍ରଛାତ୍ରୀ ଙ୍କୁ ବୃକ୍ଷରୋପଣର ମହତ୍ତ୍ୱ ସହିତ ସେବା ମନୋବୃତି ଆପଣାଇବାକୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମକର୍ତ୍ତା ତଥା ଲାଞ୍ଜିଆ ସମିତି ସଭ୍ୟ ଓ ଆମ୍ବଗଡ ସେବା ସମବାୟ ସମିତିର ସଭାପତି କାହ୍ନୁ ଚରଣ ପାତ୍ର ସ୍ୱେଚ୍ଛାକୃତ ରକ୍ତଦାନ ଦ୍ୱାରା କିପରି ନିଜର ଏବଂ ସମାଜର କଲ୍ୟାଣ ହୋଇପାରିବ ଏବଂ ଶରୀର ର ଅଙ୍ଗଦାନ କରିବା ଉପରେ ସମସ୍ତଙ୍କୁ ସଚେତନ କରାଇବା ସହିତ ସେ ନିଜର ମୃତ୍ୟୁ ପରେ ତାଙ୍କ ସମ୍ପୂର୍ଣ ଶରୀର ଦାନ କରିଦେଇଛନ୍ତି ବୋଲି ସମସ୍ତ ଛାତ୍ରଛାତ୍ରୀ ଙ୍କୁ ତାହା ସୁଚାଇଥିଲେ। ସ୍ନାତକ ଓ ସ୍ନାତକୋତ୍ତର ସାମାଜିକ ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଡ.ରବୀନ୍ଦ୍ର କୁମାର ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲା ବେଳେ ଯୁକ୍ତ ଦୁଇ ସାମାଜିକ ସଚେତନ କାର୍ଯ୍ୟକ୍ରମର ସଂଯୋଜକ ଡ.ଶୁଭଶ୍ରୀ ଅପରାଜିତା ଧନ୍ୟବାଦ ଅର୍ପଣ କରିଥିଲେ । ଏତଦ୍ ବ୍ୟତୀତ ମଞ୍ଚାସୀନ ସଦସ୍ୟ ଡ.ଚିତ୍ତରଞ୍ଜନ ମହାନ୍ତି ଓ ଶ୍ରୀଯୁକ୍ତ ଗଙ୍ଗାଧର ବେହେରା ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଓ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ସଭାରେ କମିଟିର ସଦସ୍ୟ ଶ୍ରୀଯୁକ୍ତ ସୁଶାନ୍ତ ପ୍ରଧାନ, ଶ୍ରୀଯୁକ୍ତ ଶଙ୍କର ପ୍ରସାଦ ମହାପାତ୍ର, ଡ.କାଳି ପ୍ରସାଦ ମୁଣ୍ଡା ଡ.ଶାରଦା ପ୍ରସାଦ ଦାସ, ଡ. ଶିବାନୀ ମିଶ୍ର, ଡ.ମାମ୍ପ ମିଲିଆନଙ୍କ ସାଙ୍ଗକୁ କଲେଜର ଅନେକ ଅଧ୍ୟାପକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଓଡିଶା ସରକାରଙ୍କ ଉକ୍ତ ନୂଆ-ଓ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ମନରେ ଅପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା।

## ମୃତ ମିଟର ରିଡରଙ୍କ ପରିବାରକୁ ଆର୍ଥିକ ସହାୟତା



**ଭଞ୍ଜନଗର (ଅମୃତ ମିଡିଆ):** ଟିପିଏସଓଡିଏଲ ଅଧୀନସ୍ଥ ବିଲ୍ଲିଙ୍ଗ କାର୍ଯ୍ୟ ତୁଲାଉଥବା ଏଜେନସି ଇନଭେଷ୍ଟିଭ ସଫ୍ଟୱେର ସଲୁସନ ପକ୍ଷରୁ ଏକ ବୈଠକ ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଭାଗୃହ ଠାରେ ବିଭାଗୀୟ ମୁଖ୍ୟ ଅଧିକାରୀ ତପନ କୁମାର ଦେଓଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟିପିଏସଓଡିଏଲ ଭଞ୍ଜନଗର ସମସ୍ତ ପଦାଧିକାରୀ ଓ ଇନ୍‌ଭେନଟିଭ କମ୍ପାନୀର ସମସ୍ତ କର୍ମକର୍ତା ଏବଂ ସମସ୍ତ ମିଟର ରିଡର ଉପସ୍ଥିତ ରହିଥିଲେ । ବିଭିନ୍ନ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧର୍ମଘଟ ପରେ ଟିପିଏସଓଡିଏଲ ଅଧିନସ୍ଥ କାର୍ଯ୍ୟ ରତ ଇନଭେଷ୍ଟିଭ ସଫ୍ଟୱେର ସୋଲୁସନ ଏଜେନସି ତରଫରୁ ୧୫ ଲକ୍ଷ ଟଙ୍କା ଦେବାକୁ ନେଇ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରାଯିବା ସହ ପନ୍ଦର ଲକ୍ଷ ଟଙ୍କାର ଏକ ଚେକ ଇନଭେଷ୍ଟିଭ ଏଜେନସି ଅଧକ୍ଷ ଅମିତ ଶର୍ମା ମୃତ ମିଟର ରିଡର ଲକ୍ଷ୍ମୀନାରାୟଣ ତ୍ରିପାଠୀ ଙ୍କ ପରିବାରକୁ ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ସ୍ୱର୍ଗତ ତ୍ରିପାଠୀ ଙ୍କ ପୁଅକୁ ଚାକିରୀ ଦେବା ସହ ତାଙ୍କ ପତ୍ନୀଙ୍କୁ ଇପିଏଫଓ ଓ ଇଏସଆଇ ଜନିତ ଆଜୀବନ ପେନସନ ର ମଧ ସୁବିଧା ଯୋଗାଇ ଦିଆଯିବ ବୋଲି ଇନଭେଷ୍ଟିଭ କମ୍ପାନୀ ଅଧକ୍ଷ ଶ୍ରୀ ଅମିତ ଶର୍ମା କହିଛନ୍ତି । ଏଥି ସହ ଉତ୍ତମ କାର୍ଯ୍ୟ କରିଥିବା ମିଟର ରିଡର ମାନଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କୁ ନିଜେ ନିଜର କାର୍ଯ୍ୟ କେମିତି ସୁଚାରୁ ରୂପେ ତୁଲାଇବେ ସେ ନେଇ ସମସ୍ତଙ୍କୁ ଉଦବୋଧନ ଦେଇ ଉତ୍ସାହିତ କରିଥିଲେ ।

# ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଉଦ୍‌ଯାପିତ

## ସମନ୍ୱିତ କୃଷି ପଦ୍ଧତିରେ ଲାଭାନ୍ୱିତ ହେବେ ଚାଷୀ



**ନୂଆପଡ଼ା (ଅମୃତ ମିଡିଆ):** ସ୍ଥାନୀୟ ପୁଲିସ ପଡ଼ିଆରେ ଜିଲ୍ଲା କୃଷି ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚାଲିଥିବା ୫ ଦିନିଆ ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଆଜି ଉଦ୍‌ଯାପିତ ହୋଇଛି। ମଧ୍ୟାହ୍ନରେ ଜିଲ୍ଲା ମୁଖ୍ୟକୃଷି ଅଧିକାରୀ ହିମାଂଶୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ ?ଯାପନୀ ଉତ୍ସବରେ ମୁଖ୍ୟଅତିଥି ? ଭାବେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ବିଶିଷ୍ଟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗତରାମ ମାଝି, ସମ୍ମାନିତ ଅତିଥି ଭାବେ କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ନୂଆପଡ଼ା ଏନଏସି ଅଧକ୍ଷ ମହମ୍ମଦ ଆଦମ, ଖରିଆରରୋଡ଼ ଏନଏସି ଅଧ୍ୟକ୍ଷା ସୋନିଆ ଜୈନ ପ୍ରମୁଖ ଯୋଗଦେଇଥିଲେ। ସିନାପାଲି ବ୍ଲକ କୃଷି ଅଧିକାରୀ ଦୀପ୍ତିମୟୀ ବାରିକ, ସହକାରୀ କୃଷି ଅଧିକାରୀ ବର୍ଷା ଆଳାଦ ଓ ସହକାରୀ କୃଷି ଅଧିକାରୀ ତପସ୍ୱିନୀ ମାଝି ମଞ୍ଚ ପରିଚାଳନା କରିଥିଲେ। ଜଳବାୟୁର ପରିବର୍ତନ ହେତୁ ସ୍ୱଳ୍ପ ବୃଷ୍ଟିପାତ ହେଉଥ ?ିବାରୁ ଚାଷକାର୍ଯ୍ୟ ପ୍ରଭାବିତ ହେଉଛି। ତେଣୁ ମିଶ୍ରିତ ଚାଷରେ ଚାଷୀ ସୁଫଳ ପାଇବେ। ନିରନ୍ତର କୃଷି ପାଇଁ ସମନ୍ୱିତ କୃଷି ପଦ୍ଧରିରେ ଚାଷୀ ଲାଭାନ୍ୱିତ ହେବେ ବୋଲି ସାଂସଦ ଶ୍ରୀ ପଣ୍ଡା କହିଥିଲେ। ମଧ୍ୟାହ୍ନରେ କୃଷିକ୍ଷେତ୍ରରେ ସଫଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ ଏହି ୫ ଦିନିଆ ମେଳାରେ ଉଦ୍ୟାନ, କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ଜଳ ବିଭାଜନ, ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେସନ, ଇଫକୋ, ଏସବିଆଇ, ମିଶନ ଶକ୍ତି, ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ଅଂଶଗ୍ରହଣ କରିଥିଲେ। ଏହି ମେଳାରେ ୫ କୋଟି ୭୩ ଲକ୍ଷ ୪୨ ହଜାର ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରୟ ହୋଇଥିଲା । ପ୍ରତିଦିନ ସନ୍ଧ୍ୟାରେ ଯୁବ କଣ୍ଠଶିଳ୍ପୀ ପ୍ରତାପ ସାହୁ ଓ ସାଥିଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚାଷୀ ଉପଭୋଗ କରିଥିଲେ । ସେହିପରି ଅଞ୍ଚଳର ଲୋକକଳା ଓ ସଂସ୍କୃତିକୁ ଗୁରୁତ୍ୱ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ନୂଆପଡ଼ା ବ୍ଲକ କୃଷି ଅଧିକାରୀ ସତ୍ୟଭୂଷଣ ନାଗ, ଦୁଃଖୀରାମ ଟୁଡୁ, ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ସାହୁ, ସୁଧାଂଶୁ ଶେଖର ମେହେର, ଦୀପାଶ୍ରୀ ମଣ୍ଡଳ, ସରୋଜ ମିର୍ଦ୍ଧା, ଆଭାସ ନାଏକ, ଆଶିଷ ମେହେର, ସଂଗୀତା ମେହେର, ସହକାରୀ ଉଦ୍ୟାନ ଅଧିକାରୀ ଆରାଧନା ଶବର ପ୍ରମୁଖଙ୍କ ସମେତ ସମସ୍ତ କୃଷି ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

## ଠିକ୍ ସମୟରେ ଆସୁନାହାନ୍ତି ଡାକ୍ତର, ବାଧାପ୍ରାପ୍ତ ହେଉଛି ରୋଗୀ ସେବା

**ପୁରୀ(ବ୍ୟୁରୋ):** ପ୍ରହସନ ପାଲଟିଛି ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ଚିକିତ୍ସା ସେବା। ଏବେ ସଦର ମୁଖ୍ୟ ଚିକିତ୍ସାଳୟ ସହ ମିଶି ଏହି ମେଡିକାଲ କଲେଜର ଚିକିତ୍ସା ବ୍ୟବସ୍ଥା ଚାଲୁଛି। ମାତ୍ର ଆବଶ୍ୟକ ଚିକିତ୍ସା ଯୋଗାଇବାରେ ଉଭୟ ମେଡିକାଲ କର୍ତ୍ତୃପକ୍ଷ ଫେଲ ମାରିଛନ୍ତି। ଠିକ୍ ସମୟରେ ଦିନର ଦୁଇବେଳା ଓପିଡିର ଅନେକ ବିଭାଗ ଖୋଲୁନି। ଅନେକ ବିଭାଗ ଖୋଲୁଥିଲେ ହେଁ ପ୍ରଫେସର, ଆସୋସିଏଟ ପ୍ରଫେସର ଉପସ୍ଥିତ ରହୁନାହାନ୍ତି। ରୋଗୀମାନେ ଘଣ୍ଟା ଘଣ୍ଟା ଧରି ଏହି ଡାକ୍ତରଙ୍କ ଅପେକ୍ଷା କରି କଷ୍ଟ ଭୋଗୁଛନ୍ତି। ତେବେ ଗତ ବୁଧବାର ଇଏନଟି ବିଭାଗରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ଅପରାହ୍ନରେ ଓପିଡି ସମୟରେ ଘଣ୍ଟା ଘଣ୍ଟା ଧରି ଡାକ୍ତର ଅନୁପସ୍ଥିତ ଥିବାରୁ ରୋଗୀ ଅସନ୍ତୋଷ ପ୍ରକାଶ ପାଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଡାକ୍ତର ପହଞ୍ଚି ରୋଗୀ ଦେଖିଥିଲେ। ସେହିପରି ଚର୍ମ ରୋଗ ବିଭାଗରେ ପ୍ରଫେସର, ଆସୋସିଏଟ ପ୍ରଫେସର ଆଜି ଉପସ୍ଥିତ ନଥିବା ମଧ୍ୟ ଅଭିଯୋଗ ହୋଇଛି।

ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ପ୍ରଫେସର ପଦବୀ ସଂଖ୍ୟା ୧୪, ଆସୋସିଏଟ୍ ପ୍ରଫେସର ସଂଖ୍ୟା ୨୦, ଆସିଷ୍ଟାଣ୍ଟ ପ୍ରଫେସର ସଂଖ୍ୟା ୪୫। ଏଥିମଧ୍ୟରୁ ଅଧିକାଂଶ ପଦବୀ ପୂରଣ ହୋଇସାରିଛି। ସେହିପରି ୨୪ ଜଣ ଟ୍ୟୁଟର, ୨୬ ଜଣ ଏସ୍କାର, ୨୯ ଜଣ ଜେଆର୍ ପଦବୀ ଥିବାବେଳେ ଅଧିକାଂଶ ପଦବୀ ପୂରଣ ହୋଇସାରିଛି। ଅନ୍ୟପଟେ ଗତମାସ ଶେଷ ସୁଦ୍ଧା ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ୪୬ ଜଣ ଡାକ୍ତର ଓ




ସହକାରୀ ଡାକ୍ତର ନିଯୁକ୍ତ ହୋଇଛନ୍ତି। ଯେତେବେଳେ କି ମଞ୍ଜୁର ୧୫୧ ପଦବୀରୁ ୧୦୫ ପଦବି ଖାଲି ପଡ଼ିଛି। ତେବେ ଡ୍ୟୁଟିରେ ମୁତୟନ ଡାକ୍ତର ଠିକ୍ ସମୟରେ ଆସୁନଥିବା ଅଭିଯୋଗ ବାରମ୍ବାର ହେଉଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନର ଚେତା ପଶୁନାହିଁ। ମାସକ ତଳେ ବସିଥିବା ଜିଲ୍ଲା ପରିଷଦ ବୈଠକରେ ରୋଗୀ ସେବା ଅବ୍ୟବସ୍ଥା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ସିଡିଏମ୍‌ଓଙ୍କୁ ପଚାରି ବୁଝିଥିଲେ। ସନ୍ତୋଷଜନକ ଉତ୍ତର ନମିଳିବାରୁ ତାଗିଦ୍ କରିଥିଲେ। ଏହି ସମୟରେ ଜିଲ୍ଲାପାଳ ହସ୍ତକ୍ଷେପ କରିଥିବାବେଳେ ଡିସେମ୍ବର ସୁଦ୍ଧା ଓପିଡିର ସମସ୍ତ ସମସ୍ୟା ସମାଧାନ ହୋଇଯିବ ବୋଲି ଡିପିଏମ୍ କହିଥିଲେ। ହେଲେ ଏପର୍ଯ୍ୟନ୍ତ ଅବ୍ୟବସ୍ଥା ସୁଧୁରିନି। ଓପିଡି ଖୋଲୁଥିବା ସମୟରେ ରୋଗୀଙ୍କୁ ରକ୍ତ, ମଳ, ମୂତ୍ର ପ୍ରଭୃତିର ପରୀକ୍ଷା ସୁବିଧା ମିଳୁନି। ରିପୋର୍ଟ ପାଇବାକୁ ମଧ୍ୟ ଦିନଟିଏରୁ ଅଧିକ ଅପେକ୍ଷା କରିବାକୁ ପଡୁଛି। ଅଧିକ ସଂଖ୍ୟକ ରୋଗୀ ଟିକେଟ କାଉଣ୍ଟର, ଔଷଧ ବିତରଣ କେନ୍ଦ୍ର, ରିପୋର୍ଟ ପ୍ରଦାନ କେନ୍ଦ୍ର ଖୋଲୁନଥିବାରୁ ରୋଗୀ ଘଣ୍ଟା ଘଣ୍ଟା ଠିଆ ହେବା ପରେ ସେବା ପାଉଛନ୍ତି। ସକାଳ ୯ରୁ ଅପରାହ୍ନ ଗୋଟେ ପର୍ଯ୍ୟନ୍ତ ରୋଗୀଙ୍କ ଭିଡ଼ ରହୁଥିବାବେଳେ ପବ୍ଲିକ୍ ଆଡ୍ରେସ ସିଷ୍ଟମ ନଥିବାରୁ ସେମାନଙ୍କୁ ଘଣ୍ଟାଘଣ୍ଟା ଠିଆ ହୋଇ ହଇରାଣ ହେବାକୁ ପଡୁଛି। ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇ ରୋଗୀ ସେବାକୁ ଉନ୍ନତ କରିବାକୁ ନଜର ଦେଉନଥିବାରୁ ଏଠାରେ ତତ୍କାଳ ରୋଗୀ ସମସ୍ୟା ସମାଧାନ ହେଉଛି। ସଦର ମୁଖ୍ୟ ଚିକିତ୍ସାଳୟରେ ପୁରୁଷ ଓ ମହିଳା ବିଭାଗ ଆଇପିଡିରେ ଆବଶ୍ୟକ ସଂଖ୍ୟକ ରୋଗୀ ଶଯ୍ୟା ନଥିବାରୁ ଅଧିକାଂଶ ସମୟରେ ତଳେ ମ୍ୟାଟ୍ ପକାଇ ରୋଗୀ ଚିକିତ୍ସା କରାଯାଉଛି। ସେପଟେ ସମସ୍ୟାକୁ ଲକ୍ଷ୍ୟରେ ରଖି ସରକାର ଏଠାରେ ୯୮ କୋଟି ଟଙ୍କା ଖର୍ଚ୍ଚରେ ୩୦୦ ଶଯ୍ୟା ବିଶିଷ୍ଟ ୬ ମହଲା କୋଠା ନିର୍ମାଣ କରୁଥିଲେ ହେଁ ଏହା ସରିବାକୁ ୨୦୨୫ ଏପ୍ରିଲ ସମୟ ନିର୍ଘଣ୍ଟ କରାଯାଇଛି। ଅନ୍ୟପଟେ ୨୦୧୫ ଜୁଲାଇରେ ଶିଳାନ୍ୟାସ ହୋଇଥିବା ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ନାଁ ଲେଖା ହୋଇ ପାଠପଢ଼ା ହୋଇଥିଲେ ହେଁ ନିଜସ୍ୱ ହସ୍ପିଟାଲ ନିର୍ମାଣ ସରିନି। ଏହା ସରିବାକୁ ଆହୁରି ବର୍ଷେ ଲାଗିଯିବ। ପୁରୀ ସହର ଠାରୁ ୮ କିଲେମିଟର ଦୂର ବାଲିଗୁ ଆଳି ଠାରେ ପ୍ରାୟ ୨୫ ଏକର ଜମିରେ ମେଡିକାଲ କଲେଜ ହୋଇଥିବା ବେଳେ ୮ ଏକର ଜମିରେ ଟିଚିଂ ହସ୍ପିଟାଲ ନିର୍ମାଣ କାମ ଚାଲିଛି। ତେବେ ଏ ନେଇ କୌଣସି ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

# ଅଚଳ ପଡିଛି ପଞ୍ଚତୀର୍ଥ ପୁଷ୍କରିଣୀର ଜଳ ବିଶୋଧନ ପ୍ଲାଣ୍ଟ

**ପୁରୀ(ବ୍ୟୁରୋ):** ପଞ୍ଚତୀର୍ଥ ପୁଷ୍କରିଣୀକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରୀରର ପଞ୍ଚଭୂତ ବିବେଚନା କରାଯାଏ। ଏଥିପାଇଁ ଦୂରଦୂରାନ୍ତରରୁ ଆସୁଥିବା ପର୍ଯ୍ୟଟକମାନେ ଏହି ପୁଷ୍କରିଣୀର ଜଳକୁ ସାଙ୍ଗରେ ନେଇ ଘରକୁ ଫେରନ୍ତି। ଏହାକୁ ସିଞ୍ଚି ହେଲେ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି। ବିଶେଷ କରି ଶ୍ୱେତଗଙ୍ଗା ପୁଷ୍କରିଣୀ ପବିତ୍ର ଗଙ୍ଗା ନଦୀ ସହ ସଂଯୋଗ ଥିବା ବିଶ୍ୱାସ ରହିଛି। ତେଣୁ ଏହାର ଜଳକୁ ନିର୍ମଳ ରଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳ ବିଶୋଧନ ପ୍ଲାଣ୍ଟ ସ୍ଥାପନ ହୋଇଥିଲା। କିନ୍ତୁ ୧୫ ବର୍ଷ ତଳୁ ସ୍ଥାପନ ହୋଇଥିବା ଏହି ମୂଲ୍ୟବାନ ମେସିନ୍ ନଷ୍ଟ ହୋଇଗଲା। ଅଚଳ ହୋଇ ବହୁ ବର୍ଷ ପଡ଼ି ରହିଥିଲେ ବି ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଗୁରୁତ୍ୱ ଦେଲା ନାହିଁ। ତେଣୁ ବହୁ ଆଡ଼ମ୍ବରରେ ଆରମ୍ଭ ହୋଇଥିବା ଏହି ସୁଦୂରପ୍ରସାରୀ ପ୍ରକଳ୍ପର ଭାଗ୍ୟରେ ଯବନିକା ପଡ଼ିଗଲା।

ସୁରେଶ ଚନ୍ଦ୍ର ମହାପାତ୍ର ପୁରୀର ଜିଲ୍ଲାପାଳ ଥିବାବେଳେ ଏଇ ପ୍ରକଳ୍ପର ପରିକଳ୍ପନା ହୋଇଥିଲା। ନ୍ୟାସ୍‌ନାଲ୍ ପାୱାର ଥର୍ମାଲ୍ କର୍ପୋରେସନ୍ (ଏନ୍‌ଟିପିସି) ଜରିଆରେ ଏହା ଶ୍ୱେତଗଙ୍ଗାରେ ସ୍ଥାପନ ହୋଇଥିଲା। ଏଥିପାଇଁ ସେତେବେଳେ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ଆଧୁନିକ ଜ୍ଞାନକୌଶଳର ଉପଯୋଗ ପୂର୍ବକ ପୁଷ୍କରିଣୀ ଜଳରାଶିକୁ ବିଶୋଧନ କରାଯାଉଥିଲା। ତେବେ ଦୁଇ ତିନିମାସ ଚାଲିବା ପରେ ଏହା ଅକାମୀ ହୋଇଗଲା। ଏ ନେଇ ସ୍ଥାନୀୟ ବାସିନ୍ଦା ଆଇନଜୀବୀ ବିଶ୍ୱଜିତ ମହାପାତ୍ର କହିଛନ୍ତି, ଏହା ଏକ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଥିଲା। ତେବେ ଏହାକୁ ବଜାୟ ରଖିବା ପାଇଁ ଶ୍ରୀ ମହାପାତ୍ର ଯେତିକି ଉଦ୍ୟମ କରିଥିଲେ ଏହା ପରବର୍ତ୍ତୀ ଅଧିକାରୀମାନେ ସେତିକି ଆନ୍ତରିକତା ଦେଖାଇଲେ ନାହିଁ। ଶ୍ରୀ ମହାପାତ୍ର ପୁନର୍ବାର ଯେବେ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତ ହେଲେ ସେତେବେଳେ ସେ ପୁନଃ ଏନ୍‌ଟିପିସିର ଯନ୍ତ୍ରୀମାନଙ୍କୁ ଡକାଇ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ କରିଥିଲେ। କାମ ହେବା ପରେ ଏହା କିଛିଦିନ ଚାଲିଲା। କିନ୍ତୁ ପୁଣି ୧୫ ଦିନ ପରେ ତ୍ରୁଟି



ଦେଖାଦେଲା। ପରବର୍ତ୍ତୀ ସମୟରେ ପ୍ରଦୀପ୍ତ କୁମାର ମହାପାତ୍ର ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଥିବା ସମୟରେ ଏହାକୁ କାର୍ଯ୍ୟକ୍ଷମ କରାଇବା ସହ କିଛି କର୍ମଚାରୀଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦେଇଥିଲେ। କିନ୍ତୁ ପୁନର୍ବାର କିଛିଦିନ ପରେ ଏହା ଅଚଳ ହୋଇଗଲା। ତା'ପରଠୁ ଏହି ଜଳ ବିଶୋଧନ ପ୍ଲାଣ୍ଟ ନଷ୍ଟ ହେଉଥିଲେ ହେଁ କେହି ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଆନ୍ତରିକତା ଦେଖାଇଲେ ନାହିଁ। ଶ୍ରୀ ମହାପାତ୍ରଙ୍କ କହିବା ଅନୁଯାୟୀ, ଶ୍ୱେତ ମାଧବ ରାଜା ଏଠାରେ ଯଜ୍ଞ କରିଥିବାରୁ ଏହି ତୀର୍ଥ ପୁଷ୍କରିଣୀ ଶ୍ୱେତଗଙ୍ଗା ଭାବେ ପରିଚିତ। ତେବେ ଜଣେ ମାତାଜୀ ଏହି ଶ୍ୱେତଗଙ୍ଗାରେ ସ୍ନାନ କରିବା ବେଳେ ବୁଡ଼ ପକାଇବା ବେଳେ ସେ ଯାଇ ଆହ୍ଲାବାଦରେ ଗଙ୍ଗା ନଦୀରେ ବାହାରିଥିଲେ। ଏହା ସେଠାରେ ଥିବା ଲୋକଙ୍କୁ ଆଚମ୍ବିତ କରିଥିଲା। ସେଠାରେ ୩ଦିନ ରହଣି ପରେ ଯେବେ ଗଙ୍ଗାରେ ବୁଡ଼ ପକାଇଲେ, ସେଠାରୁ ଆସି ଶ୍ୱେତଗଙ୍ଗାରେ ବାହାରିଲେ। ତେଣୁ ରାଜା ଏକଥା ଜାଣିବା ପରେ ମାତାଜୀଙ୍କ ନାମରେ ଶ୍ୱେତଗଙ୍ଗା ନିକଟରେ ଏକ ମାତା ମଠ ସ୍ଥାପନ କରାଇଥିଲେ। ତେଣୁ ଏହି ପୁଷ୍କରିଣୀକୁ ଗୁପ୍ତଗଙ୍ଗା ବୋଲି ମଧ୍ୟ କୁହାଯାଏ। ଏଥିପାଇଁ ପ୍ରତିଦିନ ଶ୍ୱେତଗଙ୍ଗାକୁ ବହୁ ପର୍ଯ୍ୟଟକଙ୍କ ଆଗମନ ହୁଏ। ବହୁ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଶ୍ରାଦ୍ଧ ତର୍ପଣ ଉଦ୍ଦେଶ୍ୟରେ ଏଠାକୁ ଆସି ବୁଡ଼ ପକାଇଥାଆନ୍ତି। ତେଣୁ ଏହି ଜଳର ପବିତ୍ରତା ଅକ୍ଷୁର୍ଣ୍ଣ ରଖିବା ପାଇଁ ଜଳ ବିଶୋଧନ ପ୍ଲାଣ୍ଟ ସ୍ଥାପନକୁ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପକୁ ବଜାୟ ରଖିପାରିଲା ନାହିଁ ଶ୍ରୀମନ୍ଦିର ପ୍ରଶାସନ।

# ନୂଆବର୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ହେବ ଭକ୍ତଙ୍କ ସମାଗମ

## ରାତି ଗୋଟାଏରୁ ଆରମ୍ଭ ହେବ ଜଗାଦର୍ଶନ

**ପୁରୀ(ବ୍ୟୁରୋ):** ନୂଆବର୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ଗହଳି ଲାଗିବ। ଏଥିପାଇଁ ଆଜି ରାତି ଗୋଟାଏରୁ ମହାପ୍ରଭୁଙ୍କ ଦ୍ୱାରଫିଟା ନୀତି ହେବ। ଗୋଟାଏରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବେ ଭକ୍ତ। ନୂଆବର୍ଷରେ ଭିଡ଼କୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଏପରି ନିଷ୍ପତ୍ତି ନେଇଛି। ଗତକାଲି ମଧ୍ୟ ଭକ୍ତଙ୍କ ପାଇଁ ରାତି ୨ଟାରୁ ମନ୍ଦିର ଖୋଲା ରହିଥିଲା। ଆସନ୍ତାକାଲି ଠାରୁ ନୂଆ ବ୍ୟବସ୍ଥାରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହେବାକୁ ଯାଉଛି। ଏସି ସେଡ୍ ଦେଇ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯିବେ। ବିଶ୍ରାମ ପାଇଁ ତିଆରି ହୋଇଛି ଜର୍ମାନ ହ୍ୟାଙ୍ଗର। ୧୦ଟି ଧାଡିରେ ମନ୍ଦିରକୁ ପ୍ରବେଶ କରିବେ ଭକ୍ତ। ଏହି ବ୍ୟବସ୍ଥା ଭକ୍ତଙ୍କ ପାଇଁ ସୁବିଧା ଓ ସୁରକ୍ଷିତ ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ବ୍ୟବସ୍ଥାର ଟ୍ରାଏଲ ରନ୍ କରିଛି ପ୍ରଶାସନ। ଭକ୍ତମାନେ କିପରି କାଳିଆ ସାଆନ୍ତଙ୍କୁ ଭଲରେ ଦର୍ଶନ କରିବେ ସେଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୁରୀ ସହର କଡ଼ା ସୁରକ୍ଷା ମଧ୍ୟରେ ରହିଛି। ନୂଆବର୍ଷରେ ପୁରୀରେ ୪ରୁ ୫ଲକ୍ଷ ଭକ୍ତଙ୍କ ଆଗମନ ଆକଳନ କରାଯାଉଛି। ନୂଆ ବର୍ଷ ପାଇଁ ୨୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ମାର୍କେଟ୍ ଛକରୁ ସିଂହଦ୍ୱାର ପର୍ଯ୍ୟନ୍ତ ପର୍ଯ୍ୟନ୍ତ ବଡ଼ଦାଣ୍ଡକୁ ଯାନବାହନ ନିଷିଦ୍ଧ ଅଂଚଳ ଭାବେ ଘୋଷଣା ହୋଇଛି। ଦିଗବାରେଣିଠାରୁ ବତିଘର ପର୍ଯ୍ୟନ୍ତ ସମୁଦ୍ରକୂଳ ରାସ୍ତାକୁ ଯାନବାହାନ ନିଷିଦ୍ଧ ଅଂଚଳ ଭାବେ ଘୋଷଣା କରାଯାଇଛି। ଆଜି ରାତି ୧୨ଟାରୁ ଜାନୁଆରୀ ୨ ତାରିଖ ରାତି ୧୨ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ।

# ହେଲମେଟ୍ ନ ପିନ୍ଧିଲେ ସରକାରୀ ଅଫିସ ମନା

**ପୁରୀ(ବ୍ୟୁରୋ):** ଜାନୁଆରୀ୧ରୁ ୭ ତାରିଖ ସଡ଼କ ସୁରକ୍ଷା ପରିବାର ରକ୍ଷା ବାର୍ତ୍ତା ନେଇ ପାଳନ ହେଉଛି ଜାତୀୟ ସଡ଼କ ସୁରକ୍ଷା ସପ୍ତାହ। ଏହି ସପ୍ତାହରେ ହେଲମେଟ୍ ନ ପିନ୍ଧିଲେ ସରକାରୀ ଅଧିକାରୀ ଅଫିସ ଆସିବେ ନାହିଁ ବୋଲି ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକରେ ନିଷ୍ପତି ହୋଇଥିବା ଆର ଟି ଓ ରବିନ୍ ପଟ୍ଟନାୟକ ସୂଚନା ଦେଇଛନ୍ତି। ବିଭିନ୍ନ ବସ୍,ଅଟୋ ଓ କର୍ମଚାରୀ ସଂଘ ସହିତ ବୈଠକ ପରେ ଏହି ସୂଚନା ଦିଆଯାଇଛି। ସପ୍ତାହ ପାଳନ ଅବସରରେ ମଦ ପିଇ ଡ୍ରାଇଭିଂ, ମୋବାଇଲରେ କଥା ହେବା, ଦ୍ରୁତ ଗତି, ମାଲ୍‌ବାହୀ ଗାଡ଼ିରେ ଯାତ୍ରୀ ପରିବହନ ଏବଂ ହେଲମେଟ ଚେକିଂକୁ କଡାକଡି କରାଯିବ। ଏଥିସହ ଡ୍ରାଇଭରମାନଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ, ବିଭିନ୍ନ ଥାନା ଅଞ୍ଚଳରେ ମିଳିତ ଯାଞ୍ଚ, ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ସହ ଲୋକମାନଙ୍କୁ ସଡ଼କ ସୁରକ୍ଷା ସଂପର୍କରେ ସଚେତନତା କରାଯିବ। ବୈଠକରେ ମୋଟର ଯାନ ନିରୀକ୍ଷକ ରାଜେଶ୍ ମହାପାତ୍ର, ଟ୍ରାଫିକ ନିରୀକ୍ଷକ ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ପୁରୀ(ବ୍ୟୁରୋ):** ମଣିଷ ଜୀବନ ଅମୂଲ୍ୟ। ଏହାର ସୁରକ୍ଷା ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ଜୀବନ ସୁରକ୍ଷିତ ରହିଲେ ଦେଶ ଓ ଜାତି ହସି ଉଠିବ, ମଣିଷ ଏକ ସୁସ୍ଥ ଜୀବନ ଅତିବାହିତ କରିପାରିବ। ଏହି ପରିପ୍ରେକ୍ଷୀରେ ସଂକଳ୍ପ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଏକ ସଡ଼କ ସୁରକ୍ଷା ଉପରେ ଛୋଟ ଛୋଟ ପିଲାମାନଙ୍କୁ ନେଇ ଏକ ସଙ୍ଗୀତ ନୃତ୍ୟ ଦ୍ୱାରା ନୂତନ ବର୍ଷରେ ପୁରୀକୁ ଆସୁଥିବା ଅସଂଖ୍ୟ ପର୍ଯ୍ୟଟକ ମାନଙ୍କୁ ସଚେତନତା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ମଙ୍ଗଳା ଘାଟ ବାସେଲିସାହି ଥାନା ନିକଟରେ ପରିବେଷଣ ହୋଇଯାଇଛି। ଆପଣମାନେ ଜାଣନ୍ତି ଯଦି କାହାର ଦୁର୍ଘଟଣା ହୁଏ, କେବଳ ସେଇ ଗୋଟେ ଲୋକର କ୍ଷତି ହୋଇନଥାଏ; ଗୋଟେ ପରିବାର



ସେଇ ଦୁର୍ଘଟଣା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ଏହି କାର୍ଯ୍ୟକ୍ରମରେ ବାସେଲିସାହି ଥାନା ଭାରପ୍ରାପ୍ତ ଅଧିକାରୀ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରସା ସୁଷମା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଛୋଟ ପିଲାମାନେ ସଡ଼କ ସୁରକ୍ଷା ସଚେତନ ସ୍ଲୋଗାନ ଦେବା ସହିତ ନୃତ୍ୟ ଶିକ୍ଷକ ହରିହର ବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପିଲାମାନଙ୍କୁ ସାର୍ଟିଫିକେଟ ଦିଆଯିବା ପରେ ଅଧ୍ୟକ୍ଷା ଆଗକୁ ଅନୁଷ୍ଠାନ ପକ୍ଷରୁ ସଡକ ସୁରକ୍ଷା ଅଭିଯାନ ଜାରି ରହିବ ବୋଲି ଜଣାଇ ଧନ୍ୟବାଦ୍ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଯଥା ରାକେଶ ଦାସ, ହରିହର ବେହେରା, ପୂର୍ଣ୍ଣିମା ରଥ, ସୁଷମା ବେହେରା, ବାସନ୍ତୀ ସାହୁ, ହରସ ରାଉତ, ପିଙ୍କି ସାହୁ, ନମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବାଲୁକା କଳାରେ ନବବର୍ଷର ଶୁଭେଚ୍ଛା




**ପୁରୀ(ବ୍ୟୁରୋ):** ନୂଆ ବର୍ଷ ଆଗମନ ପାଇଁ ସାରା ବିଶ୍ୱ ଉତ୍ସବମୁଖର। ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ବାଲୁକା କଳା ମାଧ୍ୟମରେ ନୂତନ ବର୍ଷକୁ ସ୍ୱାଗତ କରି ସାରା ବିଶ୍ୱକୁ ଇଂରାଜୀ ନୂତନ ବର୍ଷର ଅଭିନନ୍ଦନ ଜଣାଇଛନ୍ତି। ସେ ତାଙ୍କ ବାଲୁକା କଳାରେ ବିଶ୍ୱକୁ Happy New Year 2024ର ଶୁଭେଚ୍ଛା ଜଣାଇ ବାଲୁକା କଳା ନିର୍ମାଣ କରିଛନ୍ତି। ଇଂରାଜୀ ନୂତନ ବର୍ଷ ସମସ୍ତଙ୍କ ଜୀବନରେ ସୁଖ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ। ପ୍ରଭୁ ଜଗନ୍ନାଥଙ୍କ କୃପାରେ ସମସ୍ତେ ସୁସ୍ଥ ଏବଂ ସୁଖୀ ରୁହନ୍ତୁ। ଏହି ବାଲୁକା କଳାଟି ୨୦ ଫୁଟ ଓସାର ବିଶିଷ୍ଟ। ଏଥିରେ ୧୫ ଟନ୍ ବାଲି ଉପଯୋଗ କରାଯାଇଛି। ଏହାକୁ ନିର୍ମାଣ କରିବାକୁ ମାନସ ସାହୁଙ୍କୁ ୭ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା।

# ଉଠାଦୋକାନୀଙ୍କ ପାଇଁ ହେବ ବିଶ୍ୱସ୍ତରୀୟ ଭେଣ୍ଡିଂ ଜୋନ୍

**ପୁରୀ(ବ୍ୟୁରୋ):** ପୁରୀରେ ଉଠା ଦୋକାନୀଙ୍କ ପାଇଁ ହେବ ବିଶ୍ୱସ୍ତରୀୟ ଭେଣ୍ଡିଂ ଜୋନ୍। ଏହା ସମଗ୍ର ଦେଶରେ ମଡେଲ ହେବ। ବଡ଼ଦାଣ୍ଡ ସମ୍ପ୍ରସାରଣ ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଉଠା ଦୋକାନୀଙ୍କୁ ଉଠାଯାଇଛି। ଶ୍ରୀସେତୁ ତଳେ ଉଠା ଦୋକାନୀଙ୍କୁ ଥଇଥାନ ସହ ବିଶ୍ୱସ୍ତରୀୟ ଭେଣ୍ଡିଂ ଜୋନ ହେବ। ଜିଲ୍ଲାପାଳ ସମର୍ଥ ବର୍ମା ଆଜି ଏହି ସୂଚନା ଦେଇଛନ୍ତି। ପୁରୀ ବଡଦାଣ୍ଡରୁ ହଟିଛନ୍ତି ରାସ୍ତା କଡରେ ବେପାର କରି ଗୁଜୁରାଣ ମେଣ୍ଟାଇ ପରିବାର ପ୍ରତିପୋଷଣ କରୁଥିବା ସମସ୍ତ ଉଠାଦୋକାନୀ। ଏ ନେଇ ପ୍ରାଥମିକ ଭାବରେ ମରଚିକୋଟ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ସମସ୍ତ ଉଠାଦୋକାନୀମାନଙ୍କୁ ଉଠାଇବା ପରେ ମରଚିକୋଟ ଛକ ଠାରୁ ମାର୍କେଟ ଛକ ଓ ପରେ ମାର୍କେଟ ଛକ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ସମସ୍ତ ଉଠା ଦୋକାନୀମାନଙ୍କୁ ଉଠାଇ ଦିଆଯାଇଛି। ତେବେ ବିସ୍ଥାପିତ ଉଠାଦୋକାନୀମାନଙ୍କ ସମସ୍ୟା ସମାଧାନ ପାଇଁ ଆଜି ବିଜେପି ପକ୍ଷରୁ ଜିଲ୍ଲାପାଳଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯାଇଛି। ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ଜିଲ୍ଲାପାଳଙ୍କ ସହ ଉଠାଦୋକାନୀମାନେ ଭୋଗୁଥିବା ନାନାଦି ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେପଟେ ସମସ୍ତ ଉଠାଦୋକାନୀମାନଙ୍କୁ ଶ୍ରୀସେତୁ ତଳେ ଭେଣ୍ଡିଂ ଜୋନ୍ ଖୋଲି ବିସ୍ଥାପିତ କରାଯିବା ସହ ଏବେ ସେମାନଙ୍କୁ ମାସକୁ ୧୫ ହଜାର ଟଙ୍କା, ସେମାନଙ୍କ ଜିନିଷପତ୍ର ସ୍ଥାନାନ୍ତର ପାଇଁ ୫୦୦୦ ଓ ଶ୍ରୀସେତୁ ତଳେ କିଓସ୍କ କରିବା ପାଇଁ ୫୦ହଜାର ଟଙ୍କା ଦିଆଯାଇଥିବା ଜିଲ୍ଲାପାଳ କହିଛନ୍ତି। ଯେଉଁ ପର୍ଯ୍ୟନ୍ତ ଉଠା ଦୋକାନୀମାନେ ଥଇଥାନ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ସେମାନଙ୍କୁ ଏ ପ୍ୟାକେଜ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଅନ୍ୟପଟେ ମରଚିକୋଟ ଛକ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଯେଉଁ ସମସ୍ତ ଉଠାଦୋକାନୀ ଥିଲା, ସେମାନଙ୍କୁ ବିସ୍ଥାପିତ କରିବା ପର୍ଯ୍ୟନ୍ତ ସେହି ଜାଗାରେ ଦୋକାନ ଖୋଲିବାକୁ ଦିଆଯାଉ ବୋଲି ବିଧାୟକ କହିଛନ୍ତି।

## ଶ୍ରୀ ସଦାଶିବ ପରିସରରେ ତ୍ରିଦିବସୀୟ କର୍ମଶାଳା 'ଅଧ୍ୟୟନ'

# 'ଭାରତବର୍ଷର ମୂଳ ସଂସ୍କୃତି ହେଉଛି ଆଦିବାସୀ ସଂସ୍କୃତି'

**ପୁରୀ(ବ୍ୟୁରୋ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ଜନଜାତି ଗବେଷଣା ଓ ଜ୍ଞାନକେନ୍ଦ୍ର ଆନୁକୂଲ୍ୟରେ ପୁରୀ ସ୍ଥିତ ଶ୍ରୀ ସଦାଶିବ ପରିସର ଠାରେ ତ୍ରିଦିବସୀୟ କର୍ମଶାଳା 'ଅଧ୍ୟୟନ' କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ପ୍ରେରଣାରେ ଆଜି ସମାପନ ହୋଇଛି। ଶାସ୍ତ୍ରୀୟ ସଂସ୍କୃତି ଶାସ୍ତ୍ର ଦୃଷ୍ଟିରୁ ଆଦିବାସୀ ତତ୍ତ୍ୱକୁ କିଭଳି ଅନ୍ୱେଷଣ କରାଯାଇପାରିବ ଏହା ଉପରେ ଚର୍ଚ୍ଚା କରାଯାଇଛି। ଭାରତୀୟ ସଂସ୍କୃତି ଭାରତୀୟ ଉପମହାଦେଶରୁ ଉତ୍ପନ୍ନ କିମ୍ବା ଏହା ସହ ଜଡ଼ିତ ସାମାଜିକ ମାନଦଣ୍ଡ, ନୈତିକ ମୂଲ୍ୟବୋଧ, ପାରମ୍ପାରିକ ରୀତିନୀତି, ବିଶ୍ୱାସ ବ୍ୟବସ୍ଥା, ରାଜନୈତିକ ବ୍ୟବସ୍ଥା, କଳାକୃତି ଏବଂ ପ୍ରଯୁକ୍ତିବିଦ୍ୟାର ଐତିହ୍ୟ। ଏହି ନାମ ଭାରତ ବାହାରେ ଥିବା, ବିଶେଷ କରି ଦକ୍ଷିଣ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆର ଦେଶ ଏବଂ ସଂସ୍କୃତି ସମୂହ ଭାରତର ଇତିହାସ, ବିସ୍ଥାପନ, ଉପନିବେଶ କିମ୍ବା ପ୍ରଭାବଦ୍ୱାରା ଭାରତ ସହିତ ଦୃଢ଼ ଭାବରେ ଜଡ଼ିତ ହୋଇଥିଲେ ସେସବୁ ଦେଶ ଓ ସଂସ୍କୃତି ସବୁ ପାଇଁ ମଧ୍ୟ ପ୍ରଯୁଜ୍ୟ। ଭାରତ ମଧ୍ୟରେ ଭାଷା, ଧର୍ମ, ନୃତ୍ୟ, ସଙ୍ଗୀତ, ସ୍ଥାପତ୍ୟ, ଖାଦ୍ୟ ଏବଂ ରୀତିନୀତି ସ୍ଥାନ ଭିତ୍ତିରେ ଭିନ୍ନ। ଇତିହାସ ପୃଷ୍ଠା ଅବଲୋକନ କଲେ ଜଣାଯାଏ ଭାରତବର୍ଷର ମୂଳ ସଂସ୍କୃତି ହେଉଛି ଆଦିବାସୀ ସଂସ୍କୃତି। ଏହି ଆଦିମ ଜାତିକୁ ଅନେକେ ଅଷ୍ଟ୍ରିକ ବୋଲି କହିଛନ୍ତି। ଅଭିଲେଖଗୁଡ଼ିକରେ ସେମାନଙ୍କୁ ଆଟବିକ ବୋଲି କୁହାଯାଇଛି। ଆମେ କହୁଛୁ ଆଦିବାସୀ। ଆମର ଧର୍ମ, କର୍ମ, ଶ୍ରାଦ୍ଧ, ବିବାହ, ସନ୍ତାନ ଜନ୍ମ, ମୃତ୍ୟୁ ପ୍ରଭୃତିରେ ଆଦିବାସୀ ପ୍ରଭାବ ବ୍ୟାପକ ଭାବେ ରହିଅଛି। ଆମେ ସେମାନଙ୍କଠାରୁ ଜନ୍ମାନ୍ତରବାଦ, ପରଲୋକ ଧାରଣା, ପ୍ରେତତତ୍ତ୍ୱ, ପିତୃ ତର୍ପଣ, ପିଣ୍ଡଦାନ ଓ ବହୁ ଓଷାବ୍ରତ ପ୍ରଭୃତି ଗ୍ରହଣ କରିଛୁ। ଗ୍ରାମଦେବତା ପୂଜା, ଲିଙ୍ଗ ପୂଜା, ନାଗ ପୂଜା, ଇନ୍ଦ୍ର ପୂଜା ମୂଳତଃ ସେଇମାନଙ୍କର। ଯଦି ଆମେ ଶବ୍ଦଭଣ୍ଡାରକୁ ଦେଖିବା ତେବେ ଆମ ତୋଷାଳି, କଳିଙ୍ଗ, ଧଉଳି ଓ ଉକଳ ପ୍ରଭୃତି ଶବ୍ଦ ମୂଳତଃ ଆଦିବାସୀ।

ଓଡ଼ିଶା ଉତ୍ତର ଓ ଦକ୍ଷିଣ ଭାରତର ସଂଯୋଗ ସେତୁ ସହ ଆର୍ଯ୍ୟ, ଦ୍ରାବିଡ଼ ଶାବର ସଂସ୍କୃତିର ମନୋଜ୍ଞ ସମନ୍ୱୟ। କେବଳ ଭୌଗୋଳିକ ଦୃଷ୍ଟିକୋଣରୁ ନୁହେଁ; ଚିନ୍ତା ଚେତନା, ଦର୍ଶନ, ଧର୍ମଭାବନା, ରୀତିନୀତି, ଆଚାର ବିଚାରରେ ଓଡ଼ିଶା ହେଉଛି ସମଗ୍ର ଭାରତବର୍ଷରେ ଏକ ମନୋଜ୍ଞ ସମନ୍ୱୟ କ୍ଷେତ୍ର। ଏହା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସଂସ୍କୃତି ସହ ଆସି ସେଥିରୁ ଭଲଭାବକୁ ଗ୍ରହଣ କରିଛି ଏବଂ ନିଜର ଅସ୍ତିତ୍ୱକୁ ବଜାୟ ରଖିଛି। ଏହାର ପରିପ୍ରକାଶ ଘଟିଛି କଳା, ଭାସ୍କର୍ଯ୍ୟ, ଶିଳ୍ପ, ସ୍ଥାପତ୍ୟ, ନୃତ୍ୟ, ଗୀତ, ସାମରିକ ଐତିହ୍ୟ ପ୍ରଭୃତି ମାଧ୍ୟମରେ। ପୋଥି ଓ ପଥର ମଧ୍ୟରେ ଆଦିବାସୀ ସଂସ୍କୃତିର ପ୍ରଭାବ ଏବେ ମଧ୍ୟ ଦୃଷ୍ଟିଗୋଚର ହୁଏ। ଏହି ଆଦିମ ତତ୍ତ୍ୱକୁ ଦେବ ଭାଷା ସଂସ୍କୃତ ଅନୁଯାୟୀ କିପରି ଗବେଷଣା କରାଯିବ, ସେଥିଲାଗି ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ବୁଦ୍ଧିଜୀବୀମାନେ ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା ପରିସରର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦ କରିଥିବାବେଳେ ମୁଖ୍ୟଅତିଥି ଭାବେ ଅନନ୍ତ ନାୟକ, ସମ୍ମାନିତ ଅତିଥି ଅତୁଲ ଯୋଗ, ସ୍ୱତନ୍ତ୍ର ଅତିଥି ସ୍ୱାମୀ ଜୀବନ ମୁକ୍ତାନନ୍ଦ ଜୀ, ଏବଂ ଜନଜାତି ଗବେଷଣା ଓ ଜ୍ଞାନକେନ୍ଦ୍ରର ସଭାପତି ଶ୍ରୀଡି ଏମ କିରଣ




ପ୍ରମୁଖ ଯୋଗ ଦେଇଥିଲେ। ଏନ୍‌ସିଏସ୍‌ଟିର ପ୍ରାକ୍ତନ ସଭାପତି ହର୍ଷ ଚୌହାନ, ବିଶିଷ୍ଟ ସମାଜସେବୀ ଶ୍ରୀ ସନ୍ଦୀପ ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ବିବେକାନନ୍ଦ ନରୋତ୍ତମ, ସମାଜସେବୀ ବୈଭବ ସୁରାଙ୍ଗେ ବନବାସୀଙ୍କର ଅସ୍ମିତା ସମ୍ପର୍କରେ ଆଲୋଚନା କରିଥିବାବେଳେ ଜନଜାତିଙ୍କର ବିକାଶ ସମ୍ପର୍କରେ VNSGUର ସିନେଟ ସଭ୍ୟ ବିମଳ ସାହ, ସମାଜସେବୀ ରାଜାରାମ ବନବାସୀଙ୍କର ବିକାଶ ସଂକ୍ରାନ୍ତୀୟ ଚର୍ଚ୍ଚା କରିଥିଲେ। ପରେ ସମାଜସେବୀ ଶ୍ରୀ କୁବେର, ପ୍ରତିଷ୍ଠାତା CTEER ମିଳନ୍ଦ ଟେଟେ ଜନଜାତିଙ୍କ ଅସ୍ତିତ୍ୱ, ଏବଂ ପ୍ରାକ୍ତନ ସଭାପତି ଆଇସିଏସ୍‌ଏସ୍‌ଆର୍ ପ୍ରଫେସର ଜେ.କେ ବଜାଜ ବନବାସୀ ସମ୍ପର୍କିତ ଗବେଷଣା ପବିଧି ଉପରେ ଆଲୋଚନା କରିଥିଲେ। ତତ୍ପରେ ଅମିତ ବିଶ୍ୱବିଦ୍ୟାଳୟ ନୋଇଡାର ଅଧ୍ୟାପକ ଡକ୍ଟର ପିୟାଶୀ ଦତ୍ତ ଗବେଷଣା ଓ ତଥ୍ୟ ସମ୍ପର୍କରେ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଏତଦ୍ ବ୍ୟତୀତ ପାଠ୍ୟଖସଡ଼ା, ନିୟମ, ଗବେଷକ, ଉତ୍ସ,ନିୟମ ଗୋଷ୍ଠୀ, ଗବେଷଣା ଗୋଷ୍ଠୀ, ଉତ୍ସ ଗୋଷ୍ଠୀ ସମ୍ପର୍କିତ ଚର୍ଚ୍ଚା ସମେତ ମୁକ୍ତ ଚର୍ଚ୍ଚା, ସମାନ୍ତରାଳ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଆଇଆଇଟି ପ୍ରଫେସର ବିବେକ କୁମାର ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମର କେନ୍ଦ୍ରୀୟ ସଂଯୋଜକ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ପକ୍ଷରୁ ଡକ୍ଟର ଚକ୍ରଧର ମେହେର ଥିବାବେଳେ ଆଞ୍ଚଳିକ ସଂଯୋଜକ ଥିଲେ ଶ୍ରୀସଦାଶିବ ପରିସରର ଶିକ୍ଷାଶାସ୍ତ୍ର ବିଭାଗ ପ୍ରଫେସର ଡକ୍ଟର ରମାକାନ୍ତ ମିଶ୍ର। ଏଥିରେ ପରିସରର ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ମଧ୍ୟ ଉପସ୍ଥିତ ଥିଲେ।



# କିପରି କରିବେ ଜବ୍ ସର୍ଚ୍ଚ

**ସମୟ ଥିଲା ଚାକିରୀଟିଏ ପାଇବା ପାଇଁ ଖବରକାଗଜର ପୃଷ୍ଠା ପରେ ପୃଷ୍ଠାକୁ ଲେଉଟାଇବାକୁ ହେଉଥିଲା ବା ନିର୍ଦ୍ଦିଷ୍ଟ କୌଣସି ଦିନ ଚାକିରି ସୁଯୋଗ ବାହାରିଲେ ତାକୁ ଦେଖିବା ପାଇଁ କୌଣସି ପୁସ୍ତକ ଷ୍ଟଲକୁ ଯିବାକୁ ହେଉଥିଲା। କିନ୍ତୁ ଏବେ ସମୟ ବଦଳିବା ସହିତ କଂପ୍ୟୁଟର ଇଣ୍ଟରନେଟ୍ର ଯୁଗ ଆରମ୍ଭ ହୋଇଯାଇଛି। ତେଣୁ ଆଗଭଳି ଏବେ ଆଉ କାହାକୁ ପେପର ଖୋଜିବା ଦରକାର ପଡ଼ିବ ନାହିଁ। ବାସ୍ ଏକ ଚୁଟ୍କୀରେ କଂପ୍ୟୁଟର ଖୋଲନ୍ତୁ ଓ ଇଣ୍ଟରନେଟ୍ରେ ସର୍ଚ୍ଚ କରନ୍ତୁ ନିଜ ମନପସନ୍ଦର ଚାକିରିକୁ। ଏଥିପାଇଁ ଲୋଡ଼ା ଖାଲି ଏହାର ସାଇଟ୍ଗୁଡ଼ିକୁ ଜାଣିବା।**

ଆଜିର ସମୟରେ ଅନ୍‌ଲାଇନ୍ ଜବ ସର୍ଚ୍ଚକାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ତେଣୁ ଯୁବପିଢିମାନେ ଆଉ ଖବରକାଗଜ ନଲେଉଟାଇ କୌଣସି କାଫେରେ ଯାଇ ଜବ୍ସର୍ଚ୍ଚ କରୁଛନ୍ତି। ଚାକିରୀ ଖୋଜିବା ପାଇଁ ଆଗଭଳି ଆଉ ଛୁଟି ନେବାର ଆବଶ୍ୟକତା ପଡୁନିକି ଚାକିରୀ କରୁଥିବା ଲୋକଙ୍କୁ ମିଛ ବାହାନା କରିବାକୁ ହେଉନି। ଏସବୁ ଏବେ ପୁରୁଣା କଥା ହୋଇଗଲାଣି। ଯେବେଠାରୁ ଜବ୍‌ସାଇଟ୍‌ରେ ଏସବୁ ଉପଲବ୍ଧ ହେଲାଣି ସେବେଠାରୁ ଯୁବପିଢିମାନେ ନିଦ୍ୱନ୍ଦରେ ଘରେ ବସି ଚାକିରି ଖୋଜିବାର ସୁଯୋଗ ପାଇପାରୁଛନ୍ତି।

## କେମିତି ହୁଏ ପ୍ରକ୍ରିୟା:

ଜବ୍ସର୍ଚ୍ଚ ପାଇଁ ଯେକୌଣସି ଜବ୍ସାଇଟ୍ କୁ ଯାଇ ନିଜର ଡ଼ିଟେଲ୍ସକୁ ଲେଖନ୍ତୁ। କାରଣ ଅନେକ ବଡ଼ ବଡ଼ କମ୍ପାନୀ ପ୍ରାର୍ଥୀଙ୍କର ଯୋଗ୍ୟତାକୁ ଜାଣି ସେମାନଙ୍କୁ ନିଜ ଆଡ଼ୁ ଡ଼ାକିଥାନ୍ତି। ଏବେ ପ୍ରାୟକମ୍ପାନୀ ନିଯୁକ୍ତି ପାଇଁ ଜବ୍ସାଇଟ୍‌ର ସାହାରା ନେଉଛନ୍ତି , ତେଣୁ ଆପଣ ଏହି ସୁଯୋଗକୁ ହାତଛଡ଼ା କରନ୍ତୁନି।

## ନିଜର ପ୍ରୋଫାଇଲ କିପରି କରିବେ ?

ଆଜି ସାକ୍ଷାତକାର ଠାରୁ ନେଇ ପ୍ରବେଶ ପରୀକ୍ଷା ପର୍ଯ୍ୟନ୍ତ ସବୁକିଛି ଅନ୍‌ଲାଇନ୍ ମାଧ୍ୟମରେ କରାଯାଉଛି। ଏବେ ଆଇଟି, ଆଇଟିଏସ୍, ଆର୍ଥିକ ସେବା ସହିତ ଜଡ଼ିତ କମ୍ପାନୀ ଗୁଡ଼ିକ ପଚାଶ ପ୍ରତିଶତରୁ ଅଧିକ କର୍ମଚାରୀଙ୍କ ନିଯୁକ୍ତିକୁ ଇ- ନିଯୁକ୍ତି ମାଧ୍ୟମରେ କରୁଛନ୍ତି। ମାତ୍ର ମନେରଖନ୍ତୁ ଭଲ ଚାକିରୀଟିଏ ପାଇବାକୁ ଇଚ୍ଛୁକ ଥିଲେ ଆପଣଙ୍କ ବାୟୋଡ଼ାଟା କୁ ପ୍ରଭାବଶାଳୀ କରନ୍ତୁ। ଏଣୁ ଆପଣଙ୍କୁ ପ୍ରଥମେ ଯେକୌଣସି ଜବ୍ ପୋର୍ଟାଲରେ ରେଜିଷ୍ଟ୍ରେସନ କରିବାକୁ ହେବ।

## ରେଜିଷ୍ଟ୍ରେସନ କାଳୀନ ସାବଧାନତା

ରେଜିଷ୍ଟ୍ରେସନ ପାଇଁ ଆପଣଙ୍କୁ ଏକ ଅନ୍‌ଲାଇନ୍ ଫର୍ମ ଭରିବାକୁ ହେବ। ଏହି ଫର୍ମରେ ଆପଣଙ୍କର ନାମ, ଠିକଣା, ଇ-ମେଲ ଆଇଡ଼ି, ମୋବାଇଲ୍ ନମ୍ବର, ଶିକ୍ଷାଗତ ଓ ବ୍ୟବସାୟିକ ଯୋଗ୍ୟତା, ଦକ୍ଷତା, କାଟେଗୋରୀ ତଥା ଏକ୍ସପେରିଏନ୍ସ ସମ୍ବନ୍ଧରେ ସମସ୍ତ ସୂଚନା ଦେବାକୁ ହୋଇଥାଏ। ଏହି ପ୍ରକ୍ରିୟାରେ ଆପଣଙ୍କୁ ଲଗ୍ ଇନ୍ ଆଇଡ଼ି, ପାସ୍‌ୱାର୍ଡ଼ବି ଦେବାକୁ ହୋଇଥାଏ , ଯାହାଦ୍ୱାରାକି ଭବିଷ୍ୟତରେ ଆପଣ ସାଇଟ୍‌ରେ ଲଗ୍‌ଇନ୍ କରି ଜବ୍ସର୍ଚ୍ଚ ବା ନିଜର ପ୍ରୋଫାଇଲ ଅପ୍‌ଡ଼େଟ୍ କରିପାରିବେ। ଏହି ଫର୍ମ ବିଭିନ୍ନ ସାଇଟ୍‌ରେ ଭିନ୍ନ ଭିନ୍ନ ଭାବେ ରହିଥାଏ। ମାତ୍ର ଏସବୁର ଏକମାତ୍ର ଉଦ୍ଦେଶ୍ୟ ଅଟେଯେ ଆପଣଙ୍କୁ ପ୍ରୋଫାଇଲ୍ ସମ୍ବନ୍ଧରେ ସୂଚନା ଏକାଠି କରିବାକୁ ହୋଇଥାଏ। ଏହାଦ୍ୱାରା ଆପଣଙ୍କର ଅନ୍‌ଲାଇନ୍ ରିଜ୍ୟୁମ୍ କ୍ରିଏଟ୍ ହୋଇଯାଏ।

## ଆବେଦନର ପ୍ରାରୂପ:

ଚାକିରୀ ଖୋଜିବା ପାଇଁ ସାଇଟ୍ ଉପରେ ଗୋଟିଏ ଲିଙ୍କ ରହିଥାଏ। ଏଥିରେ କ୍ଲିକ୍ କଲେ ଏକ ନୂତନ ୱେବ୍‌ପେଜ୍ ଖୋଲିଯାଏ। ଏହି ପେଜ୍‌ରେ ଆପଣଙ୍କୁ ନିଜର ମନ ପସନ୍ଦ ଜବ୍ ସମ୍ବନ୍ଧରେ ସୂଚନା ମଗାଯାଏ। ଅର୍ଥାତ ସ୍କିଲ, ଲୋକେସନ୍, ଦକ୍ଷତା, ଦରମା ପ୍ରଭୃତିକୁ ଲେଖି କ୍ଲିକ୍ କଲେ ଆପଣଙ୍କ ପାଇଁ ଏକ ନୂତନ ପେଜ୍ ଖୋଲିଯାଏ।, ଯେଉଁଥିରେକି ବିଭିନ୍ନ ପ୍ରକାରର ଜବ୍ସ ଉପଲବ୍ଧ ହୋଇଥାଏ। ଆପଣ ଯେଉଁ କ୍ଷେତ୍ର ପାଇଁ ନିଜକୁ ଦକ୍ଷ ବୋଲି ମନେ କରୁଥାନ୍ତି, ଏହାପାଇଁ ସିଧାସଳଖ ଆବେଦନବି କରିପାରିବେ। ଆପଣଙ୍କର ଏହି ଆବେଦନ ଇମେଲ୍ ଭାବରେ ଜବ୍‌ପୋଷ୍ଟ କରୁଥିବା କମ୍ପାନୀ ନିକଟକୁ ଚାଲିଯାଏ। ଏହାପରେ ଯଦି ଆପଣଙ୍କର ପ୍ରୋଫାଇଲ, କୌଣସି କମ୍ପାନୀ ମନକୁ ମାନିଥାଏ, ତେବେ ଇମେଲ୍ ବା ଫୋନ୍ ଜରିଆରେ ଆପଣ ଆଗାମୀ ପ୍ରକ୍ରିୟାକୁ ଆରମ୍ଭ କରିପାରିବେ।

## କମ୍ପାନୀ ମଧ୍ୟ କରନ୍ତି ସର୍ଚ୍ଚ

ଯେମିତି କୌଣସି ବ୍ୟକ୍ତି ଜବ୍ସର୍ଚ୍ଚ କରେ, ଠିକ୍ ସେମିତି କମ୍ପାନୀକୁ ବି ଉତ୍ତମ କାର୍ଯ୍ୟ କରିପାରୁଥିବା ଲୋକର ଆବଶ୍ୟକତା ରହିଥାଏ। ସେମାନେ ମଧ୍ୟ ଜବ୍‌ସାଇଟ୍‌କୁ ଯାଇ ରିଜ୍ୟୁମ୍ ସର୍ଚ୍ଚ କରନ୍ତି। ଏଣୁ ଆପଣଙ୍କୁ ଆପଣଙ୍କର ପ୍ରୋଫାଇଲ୍‌ରେ ଠିକ୍ ଠିକ୍ ତଥ୍ୟ ଅପ୍‌ଡ଼େଟ୍ ସୂଚନା ରଖିବା ଉଚିତ। ଯଦି ଆପଣ ଗମ୍ଭୀରତା ଭାବେ ଜବ୍ ସର୍ଚ୍ଚ କରୁଛନ୍ତି, ତେବେ ନିଜର ଦକ୍ଷତା, ଅନୁଭବ ଓ ଲୋକେସନ୍ ଇତ୍ୟାଦିର ବିସ୍ତୃତ ସୂଚନା ଦିଅନ୍ତୁ।

## ଏମ୍ପ୍ଲୟମେଣ୍ଟ ଏଜେନ୍ସୀର ଭୂମିକା

ଆଜିକାଲି ରୋଜଗାର ଦେବାରେ ଜବ୍ ପ୍ଲେସ୍‌ମେଣ୍ଟ ଏଜେନ୍ସୀର ଭୂମିକା ବହୁତ ବଢିବାରେ ଲାଗିଛି। ରାଜଧାନୀ ଦିଲ୍ଲୀରେ ହଜାରରୁ ଅଧିକ ପ୍ଲେସ୍ ମେଣ୍ଟ ଏଜେନ୍ସୀ ରହିଥିବା ବେଳେ ଭୁବନେଶ୍ୱରରେବି ଏହାଠାରୁ କୌଣସି ଗୁଣରେ କମ୍ ନାହିଁ। ତେବେ ଏଜେନ୍ସୀ ଗୁଡ଼ିକ ଏହି ପ୍ରକ୍ରିୟା ପାଇଁ କିଛି ଶୁଳ୍କ ୧୦୦ରୁ ୫୦୦ ପର୍ଯ୍ୟନ୍ତ ନେଇଥାନ୍ତି। ଏହି ଜବ୍‌ଏଜେନ୍ସୀଙ୍କ ନିକଟକୁ କିଛି କମ୍ପାନୀର ରିକ୍ୱାରମେଣ୍ଟବି ଆସିଥାଏ। ଏଥିରେ କୌଣସି ପ୍ରୋଫାଇଲ ମ୍ୟାଚ୍ କରିଥାଏତ, ତେବେ ତାଙ୍କୁ ତତ୍କାଳ କଲ୍ କରାଯାଏ।



# ଯୁବସଂକଳ୍ପର ତୂର୍ଯ୍ୟନାଦ-ୟୁଥ୍ ପାର୍ଲାମେଣ୍ଟ

ଅମାନିଆ ମନରେ ଅସୁମାରୀ ଆଶା। ଜୀବନରେ ସଫଳତାର ମଧୁସ୍ପର୍ଶ କରିବା ସମସ୍ତଙ୍କ ଲକ୍ଷ୍ୟ। ଏହାରି ଭିତରେ ରାଜନୀତିର ପଶାପାଲି ଖେଳ ଟିକେ ନିଆରା। ଏ ଖେଳରେ ଏମିତି ଆକର୍ଷଣ ଯେ ଏହା ସଭିଙ୍କୁ ଆକର୍ଷିକ କରିପାରେ। ରାଜା ମାନଙ୍କର ନୀତିକୁ ରାଜନୀତି ବୋଲି କୁହାଯାଏ। ଗଣତନ୍ତ୍ରର ପରିସୀମା ଭିତରେ ରାଜନୀତି ଶବ୍ଦର ଗୁରୁତ୍ୱ ଅନେକ। ଏଠି ବାହୁବଳ କି କ୍ଷମତାବଳ ନୁହେଁ ବରଂ କଠୋର ମନୋବଳ ହିଁ ପ୍ରକୃତ ଅସ୍ତିତ୍ୱ। ଜାଣିବା ଓ ଜିଣିବାର ଏକ ଅପୂର୍ବ ସମନ୍ୱୟ ରାଜନୀତିରୁ ହିଁ ଶିଖିବାକୁ ମିଳେ। ପାର୍ଲାମେଣ୍ଟ- ଗଣତନ୍ତ୍ରର ମନ୍ଦିର। ଯେଉଁଠାରୁ ଶାସନର ସଂଜ୍ଞା ଆରମ୍ଭ ହୁଏ ଆଉ ଯିଏ ରାଜନୀତି ସିନ୍ଦୁକର ଅଦୃଶ୍ୟ ଚାବିକାଠି। ଏବର ଯୁବସମାଜ ରାଜନୀତିର ମରିଚିକା ପଛରେ ଧାଉଁଛନ୍ତି ସତ ହେଲେ ପ୍ରକୃତରେ ଆଜିର ଯୁବସମାଜ ହିଁ ଭବିଷ୍ୟତରେ ଏହାର ପରିମାପକ ହେବେ, ଏଥିରେ ସନ୍ଦେହ ନାହିଁ। ବହୁ ଅଭିଜ୍ଞ ରାଜନେତା ଯୁବାବସ୍ଥାରୁ ହିଁ ରାଜନୀତି ଆରମ୍ଭ କରି ଆଜି ସଫଳ ହୋଇପାରିଛନ୍ତି। ଇତି ମଧ୍ୟରେ ୟୁଥ୍ ପାର୍ଲାମେଣ୍ଟର ଆଭିମୁଖ୍ୟ ଅତି ସ୍ୱତନ୍ତ୍ର। ଆଜିର ଯୁବପିଢ଼ିଙ୍କ ପାଇଁ ଏହା ଏକ ପରିବ୍ୟାପ୍ତ ମାଇଲଖୁଣ୍ଟ। ଯାହା ସେମାନଙ୍କୁ ନିଜ ମଧ୍ୟରେ ଥିବା ଆତ୍ମବିଶ୍ୱାସକୁ ବଢ଼ାଇବାରେ ସାହାଯ୍ୟ କରିବା ସହ ଏକତାର ମନ୍ତ୍ରରେ ଦୀକ୍ଷିତ କରାଏ। ମିଳିମିଶି କାମ କରିବାର ଶିକ୍ଷା ସହିତ ଜାତୀୟ ସ୍ତରରେ ନିଜ ମତ ଉପସ୍ଥାପନ କରିବାର କୌଶଳ ବି ଶିଖାଏ। ଆମେରିକାରେ ସର୍ବପ୍ରଥମେ ୨୦୦୦ ମସିହାରେ ଆରମ୍ଭ ହୋଇଥିବା ୟୁଥ୍ ପାର୍ଲାମେଣ୍ଟ ୧୧ରୁ୧୮ ବର୍ଷ ବୟସର ଯୁବପିଢ଼ିଙ୍କୁ ସରକାରଙ୍କ ଆଗରେ ସ୍ୱମତ ଉପସ୍ଥାପନ କରିବାର ସୁଯୋଗ ଦିଆଯାଇଥିଲା। ସୁତରାଂ ଏହା ଯୁବପିଢ଼ୀଙ୍କ ପାଇଁ ମାଧ୍ୟମ ନୁହଁ ବରଂ ଯୁବସଂକଳ୍ପର ତୂର୍ଯ୍ୟନାଦ। ନବ ଭାରତର ସ୍ୱର ହିଁ ଯୁବ ସଂସଦ। ତେବେ ଏ ସମ୍ପର୍କରେ ଯୁବପିଢ଼ୀମାନେ କଣ କୁହନ୍ତି , ଆସନ୍ତୁ ଶୁଣିବା ..............।

### ସାକ୍ଷାତକାର- ଡି. ଶୁଭମ୍



ସାମ୍ବିଧାନିକ ବିଧିବ୍ୟବସ୍ଥା ବିଷୟରେ ସମ୍ୟକ ଜ୍ଞାନ ଆହରଣ ନିମନ୍ତେ ଯୁବସଂସଦ ବା ୟୁଥ୍ ପାର୍ଲାମେଣ୍ଟ ଏକ ସୁନ୍ଦର ବ୍ୟବସ୍ଥା। ମାତ୍ର ସୀମିତ କ୍ଷମତା ଯୋଗୁଁ ଏହାର କାର୍ଯ୍ୟ ପରିସର ବ୍ୟାପକ ହୋଇପାରୁନାହିଁ। ଏହା ଛଡ଼ା ନିତିଗତ ନିଷ୍ପତ୍ତି କ୍ଷେତ୍ରରେ ଏହାର କୌଣସି ଅସ୍ତିତ୍ୱ ନାହିଁ କହିଲେ ଚଳେ। ଏ ଧାରା ବଜାୟ ରହିଲେ ଯୁବ ସଂସଦ କେବଳ ଏକ ପାଠ୍ୟପୁସ୍ତକର ବିଷୟ ହୋଇ ରହିବ।

ସୌମ୍ୟଶ୍ରୀ ପାଣିଗ୍ରାହୀ
ସହକାରୀ ଜିଲ୍ଲାପାଳ , ଭଦ୍ରକ



ରାଷ୍ଟ୍ରନିର୍ମାଣରେ ରାଷ୍ଟ୍ର ଚରିତ୍ର ଗଠନ ଏକାନ୍ତ ଆବଶ୍ୟକ। ୨୦୨୨ରେ ଏକ ନୂଆ ଭାରତର ପରିକଳ୍ପନାରେ ଯୁବକଯୁବତୀ ମାନଙ୍କର ଭୂମିକାକୁ ନେଇ ଆରମ୍ଭ ହୋଇଥିବା ୟୁଥ୍ ପାର୍ଲାମେଣ୍ଟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ରାଷ୍ଟ୍ରହିତରେ କାମ କରିବା ଓ ଆମ ରାଷ୍ଟ୍ରକୁ ବିଶ୍ୱଗୁରୁ କରିବାର କଟିବଦ୍ଧିତାର ସ୍ୱରକୁ ଶାଣିତ କରିବା ପାଇଁ ୟୁଥ୍ ପାର୍ଲାମେଣ୍ଟର ଆବଶ୍ୟକତା ନିତାନ୍ତ ଆବଶ୍ୟକ।

ସମ୍ମିତ ମହାନ୍ତି,
ସଭାପତ, ଭାରତୀୟ ଜନତା ଯୁବମୋର୍ଚ୍ଚା,ବାସୁଦେବପୁର



ୟୁଥ୍ ପାର୍ଲାମେଣ୍ଟ ଯୁବକମାନଙ୍କର ବହୁ ଅନ୍ତର୍ନିହିତ କାର୍ଯ୍ୟଦକ୍ଷତାକୁ ବିକଶିତ କରିବା ସହ ସର୍ବସାଧାରଣରେ ନିଜର ଅଭିମତକୁ ପରିପ୍ରକାଶ କରିବାର ପ୍ରତିବଦ୍ଧତାକୁ ଆଲୋକପାତ କରାଏ। ଚିନ୍ତା ଓ ଚେତନାର ଶକ୍ତି ସହିତ ବିଶ୍ୱସ୍ତରରେ ନିଜକୁ ପରିଚିତ କରାଇବାର ଏକ ମାଧ୍ୟମ ଯୁବ ସଂସଦ। ଏହା ଛଡ଼ା ଯୁବକମାନଙ୍କୁ ନିଜ ଜ୍ଞାନର ବିକାଶ ସହିତ ସଫଳତାର ଦିଗରେ ଅଗ୍ରସର ହେବାକୁ ପ୍ରେରଣା ଯୋଗାଏ।

ରାଜା ଅଭିଜିତ୍ କୁଣ୍ଡୁ
ଯୁବନେତା , ଭଦ୍ରକ



ଏବର ଯୁବସମାଜ ନିଜମଧ୍ୟରେ ଅତୁଟ ଇଚ୍ଛାଶକ୍ତି ଓ ଉଦ୍ଦମନାର ପରିଚୟ ଦେଇ ବାହ୍ୟ ଆବରଣକୁ ପରିତ୍ୟାଗ କରି ଦେଶ ପାଇଁ କିଛି କରିବାର ଅହେତୁକ ସ୍ପୃହା ସତରେ ପ୍ରଶଂସନୀୟ। ଆଜିର ଗଣତନ୍ତ୍ରରେ ଏମାନଙ୍କ ଭୂମିକା ଅପରିହାର୍ଯ୍ୟ। ନିଜର ଏହି ଇଚ୍ଛାଶକ୍ତି ହିଁ ଦିନେ ସେମାନଙ୍କୁ ଲୋକଲୋଚନରେ ପରିଚିତ କରାଇବାରେ ସାହାଯ୍ୟ କରିବ। ତେଣୁ ଯୁବସମାଜ ନିଜ ମତ ପ୍ରକାଶ କରିବାର ଶ୍ରେଷ୍ଠ ମାଧ୍ୟମ ଯୁବ ସଂସଦ।

ଚିନ୍ମୟ ଜେନା , ପୁରୀ

ସମ୍ପାଦକ- ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର ,ଭଦ୍ରକ
ମୋ - ୯୪୩୮୪୬୭୦୭୯




ଅମୃତ ଦୁନିଆ
୦୧ ଜାନୁଆରୀ ୨୦୨୪
ଏକାମ୍ର

# 'ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍' ପାଇଁ ରାଜ୍ୟ ସରକାରଙ୍କ ଆହ୍ୱାନ

**ଭୁବନେଶ୍ୱର, (ବ୍ୟୁରୋ):** ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଓ ପଲିଥିନର ବହୁଳ ବ୍ୟବହାର ଆଜି ସାରା ବିଶ୍ୱରେ ବଡ଼ ଆହ୍ୱାନ ସୃଷ୍ଟି କରିଛି। ତେଣୁ ଏହାର ବ୍ୟବହାରକୁ ରୋକିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ବିଶେଷ ସଚେତନତା କାର୍ଯ୍ୟକ୍ରମ - 'ପ୍ଲାଷ୍ଟିକ୍ ମୁକ୍ତ ପିକନିକ'। ଏହା ଅଧୀନରେ ରାଜ୍ୟର ପ୍ରମୁଖ ପିକନିକ ସ୍ଥାନଗୁଡ଼ିକୁ ପ୍ଲାଷ୍ଟିକ ମୁକ୍ତ କରିବା ଲାଗି ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଓ ସାଧାରଣ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଉଛି। ଏବେ ପିକ୍‌ନିକ୍ ଋତୁ ଆରମ୍ଭ ହୋଇଯାଇଛି। ବଣ ଭୋଜି କରିବା ପାଇଁ ରାଜ୍ୟର ବିଭିନ୍ନ ପିକ୍‌ନିକ୍ ସ୍ପଟ୍‌ରେ ଭିଡ଼ ଜମୁଛି। ଭୋଜି ପରେ ପିକ୍‌ନିକ୍ ସ୍ପଟରେ ଏଣେତେଣେ ପ୍ଲାଷ୍ଟିକ୍ ପ୍ଲେଟ୍, ବାଉଲ୍, ଗ୍ଲାସ୍, ଚାମଚ, ସ୍ନାକ୍ସ ଜରି, ସୋଲୋ ଥାଳି ଓ ପଲିଥିନ୍ ପଡ଼ିରହୁଛି। ଏହା ପରିବେଶ ପାଇଁ କ୍ଷତିକାରକ ହୋଇଥିବାରୁ ବଣଭୋଜି ବେଳେ ପରିବେଶ-ଅନୁକୂଳ ସାମଗ୍ରୀ ବ୍ୟବହାର କରିବାକୁ ଅନୁରୋଧ କରାଯାଉଛି। 'ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସବୁଜ ତଥା ସୁନ୍ଦର ପରିବେଶର ଆବଶ୍ୟକତା ରହିଛି। ତେଣୁ ପରିବେଶକୁ କିପରି ସୁରକ୍ଷିତ ରଖିବା ସେଥିପାଇଁ ଏବେଠୁ ସମସ୍ତେ ଯତ୍ନବାନ ହେବାର ବେଳ ଆସିଛି। ପିକ୍‌ନିକ୍ ବେଳେ ପୁନଃବ୍ୟହାରଯୋଗ୍ୟ ସାମଗ୍ରୀ ବ୍ୟବହାର କରିବା ସହ ପରିବେଶକୁ କିପରି ସଫା ସୁତରା ରଖିବା ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଭବିଷ୍ୟତ ପିଢ଼ିଙ୍କ ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ସମସ୍ତେ ଆଗେଇ ଆସନ୍ତୁ', ପ୍ଲାଷ୍ଟିକ୍ ମୁକ୍ତ ପିକନିକ ଅଭିଯାନ ଅବସରରେ ଏହା କହିଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା। ଏଥର ପିକ୍‌ନିକ୍ ପ୍ଲାନ୍ କରିବା ବେଳେ ପ୍ଲାଷ୍ଟିକ୍ ଜିନିଷ ଓ ପଲିଥିନ ବଦଳରେ ଖଲିପତ୍ର ଏବଂ ଦନା ବ୍ୟବହାର କରିପାରିବେ। ସେହିପରି ଟିସୁ ପେପର ବଦଳରେ କପଡ଼ା ରୁମାଲ ବା ଟାୱେଲ୍ ଏବଂ କପଡ଼ା ବ୍ୟାଗ୍ ଆଦି ସାଙ୍ଗରେ ନେଇପାରିବେ। ପିକ୍‌ନିକ୍ ସ୍ଥାନରେ ଆବର୍ଜନାଗୁଡ଼ିକୁ ଏଣେତେଣେ ନପକାଇ ଡଷ୍ଟବିନ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ 'ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍' କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ଓଲିଉଡ୍ ଅଭିନେତା ସବ୍ୟସାଚି ମିଶ୍ର ସାମିଲ ହୋଇ ପିକ୍‌ନିକ୍ ବେଳେ ପ୍ଲାଷ୍ଟିକ ଜିନିଷ ବର୍ଜନ କରିବାକୁ ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି। 'ପ୍ଲାଷ୍ଟିକ୍ ଏବଂ ପଲିଥିନ୍ ଭଳି ପ୍ରଦୂଷଣକାରୀ ଜିନିଷ ଆମ ପରିବେଶ ପାଇଁ କ୍ଷତିକାରକ। ତେଣୁ ପ୍ରାକୃତିକ ସ୍ଥାନରେ ପିକ୍‌ନିକ୍ କରିବା ବେଳେ ଏଭଳି ସାମଗ୍ରୀ ବ୍ୟବହାର କରିବା ନାହିଁ। ଏହି ପ୍ରଦୂଷଣକାରୀ ଜିନିଷ ମଣିଷ ସମାଜକୁ ବିପଦରେ ପକାଇବା ସହିତ ଅନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ପ୍ରଭାବିତ କରିଥାଏ। ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍ ଅଭିଯାନରେ ସାମିଲ ହୋଇ ପରିବେଶକୁ ସୁରକ୍ଷିତ ରଖନ୍ତୁ', ଏହି ଆହ୍ୱାନ ଦେଇଛନ୍ତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡକ୍ଟର କେ ମୁରୁଗେସନ। ପ୍ଲାଷ୍ଟିକ୍ ଓ ପଲିଥିନଜାତୀୟ ଆବର୍ଜନା ବର୍ଷ ବର୍ଷ ପରେ ବି ମାଟିରେ ମିଶିପାରେ ନାହିଁ। ଏହା ମାଟିର ଉର୍ବରତା ନଷ୍ଟ କରିବା ସହ ଭୂତଳ ଜଳକୁ ମଧ୍ୟ ପ୍ରଦୂଷିତ କରିଥାଏ। ଖୋଲାଜାଗାରେ ପ୍ଲାଷ୍ଟିକ୍ ଓ ପଲିଥିନ୍ ଆବର୍ଜନା ଗଦା ହେବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୁଏ। ତେଣୁ ଏସବୁ ସମସ୍ୟା ବିଷୟରେ ଲୋକମାନଙ୍କୁ ସଚେତନ କରିବାରେ 'ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍' ବିଶେଷ ସହାୟକ ହେବ।

# ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ ପାଇବେ

**ଭୁବନେଶ୍ୱର, (ବ୍ୟୁରୋ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଆସନ୍ତା ୩ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ପ୍ରତିବର୍ଷ ପରି ଚଳିତବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ, ସାମ୍ବାଦିକତା କ୍ଷେତ୍ରରେ ବିଶେଷ ଦକ୍ଷତା ପାଇଁ ସମାଜର ସମ୍ପାଦକ ଶ୍ରୀ ପ୍ରମୋଦ ମହାପାତ୍ରଙ୍କୁ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପୂର୍ବତନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡଃ ବିଜୟ କେତନ ପଟ୍ଟନାୟକ (ପୂର୍ବତନ ଆଇ.ଏଫ୍.ଏସ୍)ଙ୍କୁ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସମ୍ମାନ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ପ୍ରଦାନ କରାଯିବ ବୋଲି ଏକ ପ୍ରେସ୍ ଇସ୍ତାହାରରେ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଓ ସମ୍ପାଦକ ଇଂ ବିଶ୍ୱମୋହନ ପଟ୍ଟନାୟକ ଜଣାଇଛନ୍ତି। ସେହିପରି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ରଚନା, ଚିତ୍ରାଙ୍କନ, କୁଇଜ ଓ ଗଣଦୌଡ଼ ପ୍ରତିଯୋଗିତାରେ ହାଇସ୍କୁଲ୍ ଓ କଲେଜସ୍ତରର ଯେଉଁ ଛାତ୍ରଛାତ୍ରୀ ମାନେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି, ସେମାନଙ୍କୁ ମଧ୍ୟ ଏହି ଉତ୍ସବରେ ସମ୍ମାନିତ କରାଯିବ।

# ବିଷ ବଳୟରେ କଟକ ସହର: ବାୟୁମଣ୍ଡଳରେ ଅତି ସୂକ୍ଷ୍ମ କଣିକାର ମାତ୍ରା ସର୍ବାଧିକ

**କଟକ, (ବ୍ୟୁରୋ):** ବିଷାକ୍ତ ହେଉଛି କଟକ ସହରର ବାୟୁମଣ୍ଡଳ। ସହରର ବାୟୁ ଆଉ ଶ୍ୱସନଯୋଗ୍ୟ ହୋଇ ରହି ନାହିଁ। ବାୟୁମଣ୍ଡଳରେ ଅତି ସୂକ୍ଷ୍ମକଣିକା ସର୍ବାଧିକ ପରିମାଣରେ ଅଛି। ଏହି କଣିକାମାନ ସହଜରେ ଶ୍ୱାସକ୍ରିୟାରେ ଶରୀରକୁ ଯାଇ ଫୁସ୍‌ଫୁସକୁ ଆକ୍ରାନ୍ତ କରିପାରେ। ସହରର ବାୟୁମଣ୍ଡଳରେ ଅଧିକ ସମୟରେ ରହିଲେ, ଶ୍ୱାସକ୍ରିୟାଜନିତ ରୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଡିସେମ୍ବର ୨୯ ତାରିଖ ସେଣ୍ଟ୍ରାଲ୍ ପଲ୍ୟୁସନ କଣ୍ଟ୍ରୋଲ୍ ବୋର୍ଡ (ସିପିସିବି) ପକ୍ଷରୁ ଏଭଳି ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ସିପିସିବି ପକ୍ଷରୁ ଦେଶର ୨୩୪ଟି ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ସର୍ଭେ କରାଯାଇଥିବା ବେଳେ ଦେଶର ୧୫ଟି ସହରର ବାୟୁମଣ୍ଡଳ ଅତି ଦୁର୍ବଳ ଜଣାପଡ଼ିଛି। ଓଡ଼ିଶାର ୪ଟି ସହର ମଧ୍ୟରୁ କଟକ ସହର ତୃତୀୟ ସ୍ଥାନରେ ରହିଛି। ଅତି ଦୁର୍ବଳ ବାୟୁମଣ୍ଡଳ ରହିଥିବା ଓଡ଼ିଶାର ଅନ୍ୟ ସହର ମଧ୍ୟରେ ଅନୁଗୁଳ, ବାଲେଶ୍ୱର, ତାଳଚେର ଆଦି ଅଛି। ନଦୀ, ସବୁଜିମା ବଳୟରେ ଥିବା କଟକ ସହରର ବାୟୁମଣ୍ଡଳ ଅତ୍ୟନ୍ତ ସ୍ୱାସ୍ଥ୍ୟ ଉପଯୋଗୀ ଥିଲା। କିନ୍ତୁ ପୂର୍ବ ସ୍ଥିତିକୁ ଠିକ୍‌ରେ ପରିଚାଳନା ନ କରିବା ଦ୍ୱାରା ବାୟୁର ଗୁଣାତ୍ମକ ମାନ ଅତ୍ୟନ୍ତ ଦୁର୍ବଳ ହୋଇଛି।

# ପଣ୍ଡିତ ନିରନ ବ୍ରହ୍ମାଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପାଳନ

**ଭୁବନେଶ୍ୱର, (ବ୍ୟୁରୋ):** ଜ୍ୟୋତିଷ ବିଶାରଦ, ଯଜ୍ଞପୁରୁଷ, ବେଦବାଚସ୍ପତି ବାଣୀଭୂଷଣ ପଣ୍ଡିତ ଡଃ ନିରନ ବ୍ରହ୍ମାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବରେ ଶ୍ରଦ୍ଧାଳି ଜଣାଇ ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସର ସଭାପତି ଶ୍ରୀ ସୀତାବଲ୍ଲଭ ମହାପାତ୍ର କହିଲେ ଯେ, ପଣ୍ଡିତ ଡଃ ନିରନ ବ୍ରହ୍ମା ଓଡ଼ିଶାରେ ଗଣିତ ଜ୍ୟୋତିଷ ଗଣନାରେ ଜଣେ ଅନନ୍ୟ ପ୍ରତିଭା ଥିଲେ। ଅଷ୍ଟୋତ୍ତରୀ ଓ ବିଂଶୋତ୍ତରୀ ଗଣନାରେ ସେ ସିଦ୍ଧହସ୍ତ ଥିଲେ। ଜଣେ ଯାଜ୍ଞିକ ଭାବରେ ପୁରୀର



ଷୋଳଶାସନରେ ତାଙ୍କର ଯଥେଷ୍ଟ ପ୍ରତିଷ୍ଠା ଥିଲା। ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଶ୍ରାଦ୍ଧ ସଭାରେ ଶ୍ରଦ୍ଧାଳି ଜଣାଇ ପୂର୍ବତନ ଡିନ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର କହିଲେ ଯେ, ପଣ୍ଡିତ ମହାଶୟଙ୍କର ସଂସ୍କୃତ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା। ଗୋଟିଏ ଗୋଟିଏ ଶ୍ଳୋକକୁ ସେ ପାଞ୍ଚ ପାଞ୍ଚ ପ୍ରକାର ଅର୍ଥ କରିପାରୁଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଳି ସଭାରେ ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର, ବାସ୍ତୁବିତ ଡଃ ମନୋଜ ଲେଙ୍କା, ବୁଦ୍ଧ ମନ୍ଦିର ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର, କଂଗ୍ରେସ ନେତା ପଦ୍ମାକର ଗୁରୁ, କବି ଭୁବନ ମୋହନ ମହାନ୍ତି ପ୍ରମୁଖ ବହୁ ଛାତ୍ର ଯୁବକ ଡଃ ବ୍ରହ୍ମାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଳି ଜଣାଇଥିଲେ।

# ଉତର-ପୂର୍ବ ଭାରତର ହୋଟେଲ୍ ଗୁଡ଼ିକ ପାଇଁ ସ୍ୱତନ୍ତ୍ର ନୂଆବର୍ଷ ଅଫର ଘୋଷଣା

**ଭୁବନେଶ୍ୱର, (ବ୍ୟୁରୋ):** ଟାଟା ଗ୍ରୁପ୍‌ର ହୋଟେଲ୍ ବ୍ୟବସାୟ ସଂସ୍ଥା ଇଣ୍ଡିଆନ ହୋଟେଲ୍ ସକଂ ପାନି ଲିମିଟେଡ୍ (ଆଇଏଚ୍‌ସିଏଲ୍)ର ଦାର୍ଜିଲିଂରେ ଥିବା ତାଜ୍‌ଚିଆକୁଟୀ ରରିସୋର୍ଟସ୍ ଆଣ୍ଡ୍‌ସ୍ପା, ତାଜଗୁରାସ୍ କୁଟୀର ରିଜୋର୍ଟସ୍ ଆଣ୍ଡ୍ ସ୍ପା ଏବଂ ଭିଭାନ୍ତା ସିକିମ୍, ପାକ୍‌ୟଙ୍ଗ୍‌ରେ ଚଳିତ ବର୍ଷ ଡିସେମ୍ବର ୨୨ରୁ ନୂଆବର୍ଷ ଅଫର ଆରମ୍ଭ ହୋଇଛି ଯାହା ୨୦୨୪ ଜାନୁଆରି ୭ ପର୍ଯ୍ୟନ୍ତ ଚାଲିବ। ତାଜ୍ ଚିଆ କୁଟୀର ରିସୋର୍ଟସ୍ ଆଣ୍ଡ୍ ସ୍ପା ରେ ରାତି ପିଛା ୨୬,୦୦୦ ଟଙ୍କା ସହିତ ଜିଏସ୍‌ଟି ପ୍ୟାକେଜ୍, ୨୦୨୩ ଡିସେମ୍ବର ୩୧ରେ ବ୍ୟକ୍ତି ପିଛା ୧୨,୦୦୦ ଟଙ୍କା ପ୍ୟାକେଜ ରହିଛି। ସେହିପରି ତାଜ ଗୁରାସ୍ କୁଟୀର ରିଜୋର୍ଟସ୍ ଆଣ୍ଡ୍ ସ୍ପା ରାତି ପିଛା ଡିଲକ୍ସ ରୁମ୍‌ସର ମୂଲ୍ୟ ୩୦,୦୦୦ ଟଙ୍କା ସହ ଜିଏସ୍‌ଟି ରହିଛି। ୨୦୨୩ ଡିସେମ୍ବର ୩୧ରେ ବ୍ୟକ୍ତି ପିଛା ୨୫୦୦ ଟଙ୍କାର ପ୍ୟାକେଜ୍ ରହିଛି। ସିକିମ୍, ପାକ୍‌ୟଙ୍ଗ୍‌ରେ ରାତି ପିଛା ୯,୯୯୯ ଟଙ୍କା ସହିତ ଜିଏସ୍‌ଟି ପ୍ୟାକେଜ ରହିଛି। ୨୫୦୦ ଟଙ୍କାର ପ୍ୟାକେଜ୍ ରହିଛି।

# ଜିରୋ ନାଇଟରେ ମଧ୍ୟ ରାତ୍ରରେ ମଦ ବାର ଖୋଲିବା ନିଷ୍ପତିକୁ ବିରୋଧ

**ଭୁବନେଶ୍ୱର, (ବ୍ୟୁରୋ):** ଭକ୍ତି, ଆଧ୍ୟାତ୍ମିକତା ଓ ଜଗନ୍ନାଥ ସଂସ୍କୃତିର ରାଜ୍ୟ ଓଡିଶା ତଥା ପ୍ରଭୁ ଲିଙ୍ଗରାଜଙ୍କ ପୀଠ ରାଜଧାନୀ ଭୁବନେଶ୍ୱରରେ ଇଂରାଜି ନୂଆ ବର୍ଷ ଉପଲକ୍ଷେ ଜିରୋ ନାଇଟ ପାଳନ ଅବସରରେ ଓଡିଶା ସରକାରଙ୍କ ଅବକାରୀ ବିଭାଗ ତରଫରୁ ବିଳମ୍ବିତ ରାତ୍ରୀ ଯାଏ ମଦ ବାର ଖୋଲିବା ନିଷ୍ପତିକୁ ଦୃଢ ବିରୋଧ କରି ଆଜି ସ୍ଥାନୀୟ ଲୋୟର ପି ଏମ ଜି ଠାରେ ମୋନା ଓ ସମାଜ ଆନ୍ଦୋଳନ, ଓଡିଶା ମିଳିତ ଆନୁକୂଲ୍ୟରେ ଏକ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଗଠନର ପ୍ରତିନିଧିମାନେ ସରକାରଙ୍କର ଏହି ଜନ ବିରୋଧି ଓ ସଂସ୍କୃତି ବିରୋଧି ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦୃଢ ଦାବୀ କରାଯାଇଛି । ଦୀର୍ଘ ଦଶ ବର୍ଷ ଧରି ୧୯୫୬ ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରି ଓଡିଶାକୁ ସଂପୂର୍ଣ୍ଣ ମଦମୁକ୍ତ ରାଜ୍ୟଭାବେ ଘୋଷଣା କରିବାକୁ ନିରନ୍ତର ଆନ୍ଦୋଳନ କରିଚାଲିଥିବା ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ଏବଂ ଓଡିଆ ଭାଷା, ସଂସ୍କୃତି ଓ ସ୍ୱାଭିମାନ ସୁରକ୍ଷା ପାଇଁ ସଂଗ୍ରାମରତ ସମାଜ ଆନ୍ଦୋଳନ, ଓଡିଶା, ଉଭୟ ସଂଗଠନ ତରଫରୁ ସରକାରଙ୍କୁ ଏଭଳି ଉଦ୍ଭଟ ନିଷ୍ପତିରୁ କ୍ଷାନ୍ତ ହେବାକୁ ଚେତାବନୀ ଦିଆଯାଇଛି । ଆସନ୍ନ ସାଧାରଣ ନିର୍ବାଚନକୁ ଲକ୍ଷ୍ୟ ରଖି ଓଡିଶାର ଯୁବ ଗୋଷ୍ଠୀଙ୍କୁ ମଦ, ନିଶା, ଅଶ୍ଳୀଳତା ଓ ଅପସଂସ୍କୃତିର ମାୟା ଜାଲରେ କବଳିତ କରି ସହଜରେ ଭୋଟ ହାତେଇବା ଏବଂ ସେମାନଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେବାର ଅଭିସନ୍ଧିର ଗନ୍ଧ ସରକାରଙ୍କର ଏଭଳି ମାରାତ୍ମକ ନିଷ୍ପତିରୁ ସ୍ପଷ୍ଟ ବାରି ହୋଇପଡୁଛି । ଓଡିଶାର ରୂପାନ୍ତରଣ ନାମରେ ଗୋଟେ ପକ୍ଷରେ ପ୍ରଭୁ ଜଗନ୍ନାଥ ଓ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରର ସୌନ୍ଦର୍ଯ୍ୟ କରଣ ଚଳାଇ ରଖିଥିବା ବେଳେ ଅନ୍ୟ ପକ୍ଷରେ ସାରା ରାଜ୍ୟରେ ଓ ଖୋଦ ରାଜଧାନୀରେ ଜଗନ୍ନାଥ ତଥା ଓଡିଆ ସଂସ୍କୃତି ବିରୋଧି ମଦ, ନିଶା ଓ ଅପସଂସ୍କୃତିର ବ୍ୟାପକ ପ୍ରସାର କରାଇବା ଭଳି ପଦକ୍ଷେପ ପରସ୍ପରର ବିରୁଦ୍ଧାଚରଣ କରୁଅଛି । ସମସ୍ତ ପ୍ରକାର ସାମାଜିକ ବିଶୃଙ୍ଖଳା, ଦୃଘଟଣା, ଘରୋଇ ହିଂସା, ଗଣ ଦୁଃଷ୍କର୍ମ ଭଳି ଅପରାଧ ପଛରେ ମଦ୍ୟପାନ ପ୍ରମୁଖ କାରଣ ବୋଲି ବାରମ୍ବାର ପ୍ରମାଣିତ ହୋଇଛି । ପରିଣାମ ସ୍ୱରୂପ ଓଡିଶାବାସୀଙ୍କ ସ୍ୱାସ୍ଥ୍ୟ, ମା ଭଉଣୀଙ୍କର ସମ୍ମାନ, ଭବିଷ୍ୟ ପିଢି ଛାତ୍ର ଯୁବକଙ୍କ ଭବିଷ୍ୟତ, ପଛୁଆ ବର୍ଗର ଆର୍ଥିକ ସ୍ଥିତି ଏବଂ ଓଡିଶାର ସାଂସ୍କୃତିକ ପରମ୍ପରା ଅବକ୍ଷୟ ଓ ବିପର୍ଯ୍ୟୟର ଚରମ ଦୁଃସ୍ଥିତିରେ ପହଂଚିଛି । ଆଦି ପିତା ପ୍ରଭୁ ଲିଙ୍ଗରାଜଙ୍କ ଭୂମି ଏକାମ୍ର କ୍ଷେତ୍ରରେ ରାଜ୍ୟ ସରକାରଙ୍କର ଏଭଳି ଅପ ସଂସ୍କୃତି ପ୍ରସାର ନୀତି ବିରୁଦ୍ଧରେ ସଂଗଠନର କର୍ମକର୍ତାମାନେ ଶିବଙ୍କ ପ୍ରଦତ ତାଣ୍ଡବ ନୃତ୍ୟ କରି ବିରୋଧ ପ୍ରଦର୍ଶନ କରିଥିଲେ । ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଗଠନ ଦୁଇଟିର ପ୍ରମୁଖ କର୍ମକର୍ତାଙ୍କ ମଧ୍ୟରେ ମୋନାର ସଭାପତି ପଦ୍ମଚରଣ ନାୟକ, ମଳୟ କୁମାର ତ୍ରିପାଠୀ, ଖଗେଶ୍ୱର ବଳ, ପ୍ରିୟନାଥ ଆଚାର୍ଯ୍ୟ, ଅପର୍ଣ୍ଣା ନାୟକ, ଜ୍ୟୋସ୍ନାରାଣି ମିଶ୍ର, କନକଲତା ଭ, ସଚିତ୍ର କୁମାର ନାୟକଙ୍କ ସମେତ ସମାଜ ଆନ୍ଦୋଳନ, ଓଡିଶାର ସମ୍ପାଦକ କାହ୍ନୁଚରଣ ବେହୁରା, ଅରୁଣ ସ୍ୱାଇଁ, ସରାଜ ମହାପାତ୍ର, ବିଷ୍ଣୁ ସାମନ୍ତରାୟ, ଗିତାଳି ସ୍ୱାଇଁ, ରାଜଶ୍ରୀ ବିଶ୍ୱାଳ, କବିତା ମହାପାତ୍ର, ପ୍ରଭାସିନି ସାମନ୍ତରାୟଙ୍କ ସମେତ ଶତାଧିକ କର୍ମକର୍ତା। ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳ କରିଥିଲେ ।

# ବିଶିଷ୍ଟ ଜନନେତା ଅଶୋକ ଦାସଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ ସ୍ମୃତିଚାରଣ ସଭା ପାଳିତ

**ଭୁବନେଶ୍ୱର, (ବ୍ୟୁରୋ):** ବିଶିଷ୍ଟ ଜନନେତା ସ୍ୱର୍ଗତ ଅଶୋକ ଦାସଙ୍କର ୧୪ ତମ ଶ୍ରାଦ୍ଧବାର୍ଷିକ ଉତ୍ସବ ତା ୨୯.୧୨.୨୦୨୩ରିଖ ସ୍ଥାନୀୟ ଜୟଦେବ ଭବନ, ଭୁବନେଶ୍ୱରଠାରେ ଦିବା ୧୧.୩୦ମିନିଟ୍ ସମୟରେ "ଅଶୋକ ଦାସ ସ୍ମୃତି କମିଟ" ପକ୍ଷରୁ ପାଳନ ହୋଇଯାଇଅଛି । ଏହି ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀଯୁକ୍ତ ମୁନା ଖାଁ ମହୋଦୟ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ରବି ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ସ୍ମୃତିସଭାରେ ସ୍ମୃତି କମିଟିର ସଭାପତି ଶ୍ରୀଯୁକ୍ତ ଦିଗମ୍ବର ଜେନା ଏବଂ ସମ୍ପାଦିକା କୁଞ୍ଜଲତା ଭିତ୍ରିୟା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ତାଙ୍କ ଅଭିଭାଷଣରେ କହିଥିଲେ ଅଶୋକ ଦାସ ଥିଲେ ଜୀବନବ୍ୟାପୀ ସଂଗ୍ରାମ, ଜନସେବା ଏବଂ ଓଡ଼ିଶା ରାଜନୀତିରେ ତାଙ୍କର ଉଲ୍ଲେଖଯୋଗ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରି ବିଗତ ୫୦ ବର୍ଷର ଓଡ଼ିଶାର ରାଜନୈତିକ ଇତିହାସରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଥିବା ବିଶିଷ୍ଟ ସମାଜବାଦୀ ଜନନେତା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ, ପଞ୍ଚଶିଷ୍ୟ ଓଡ଼ିଶା ଜନତା ଦଳର ପ୍ରାକ୍ତନ ସଭାପତି ବିଧାନସଭାରେ ବିରୋଧି ଦଳର ଲଢୁଆ ନେତା, ଓଡ଼ିଶାରେ ଜଣେ ବିରଳ ନୀତିନିଷ୍ଠ ରାଜନୀତିଜ୍ଞ, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଧର୍ମନିରପେକ୍ଷ ସମାଜବାଦୀ ବିଚାରର ଅନନ୍ୟ କାଣ୍ଡାରୀ ଜନଦରଦୀ ନେତା ଥିଲେ ସ୍ୱର୍ଗତ ଅଶୋକ ଦାସ । ଏହି ସ୍ମୃତି ସଭାରେ ବିଞ୍ଝାରପର ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପ୍ରଫୁଲ୍ଲ ନାୟକ, ଖଲିକୋର୍ଟ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ଅଜୟ ଦାସ, ମାମି ନାୟକ, ପ୍ରସନ୍ନ ମହାରଥି, ଚୌଦ୍ୱାର, କଟକର ଅଜୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ସ୍ମୃତି ଚାରଣ କରିଥିଲେ ।

# ନୀଳାଦ୍ରି ବିହାର ବରିଷ୍ଠ ନାଗରିକ ସଂଘର ବନ୍ଧୁ ମିଳନ ଉତ୍ସବ



**ଭୁବନେଶ୍ୱର, (ବ୍ୟୁରୋ):** ନୀଳାଦ୍ରି ବିହାର ବରିଷ୍ଠ ନାଗରିକ ସଂଘର ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ଈଶାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଆନନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ନୀଳାଦ୍ରି ବିହାର ସେକ୍ଟର ୧, ୨, ୩, ୪, ୫ ଓ ସିପି ପ୍ଲଟ, ଜିଏ ଏବଂ ଲୁମ୍ବିନୀ ବିହାରର ବରିଷ୍ଠ ନାଗରିକ ମାନେ ଯୋଗଦାନ କରିଥିଲେ। ଏଥିରେ ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା, କଲୋନୀର ସମସ୍ତ ନାଗରିକ ମାନଙ୍କୁ ସଂଘବଦ୍ଧ କରି ଏକତା ବୃଦ୍ଧି କରିବା, ସମସ୍ତଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବା ଓ କଲୋନୀର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ସଂଘର ସମ୍ପାଦକ ଯୋଗେଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ମୁକ୍ତେଶ୍ୱର ତ୍ରିପାଠୀ, ବିଷ୍ଣୁ ଚରଣ ବଳ, ଅଦ୍ୱୈତ ଶତପଥିଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ଓଡ଼ିଶାରେ ଭାଷା କମିଶନ ଗଠନ ପାଇଁ ଦାବି: ସମାଜବାଦୀ ପାର୍ଟି

**ଭୁବନେଶ୍ୱର, (ବ୍ୟୁରୋ):** ଉତ୍କଳ ସମ୍ମିଳନୀର ୧୨୦ବର୍ଷ ପୂର୍ତ୍ତି ଆଜି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟରେ ମହାସମାରୋହରେ ପାଳିତ ହୋଇଯାଇଅଛି । ପ୍ରାରମ୍ଭରେ ପାର୍ଟିର କର୍ମୀମାନେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ଯୋଗଦେଇ ପାର୍ଟିର ରାଜ୍ୟସଭାପତି ରବି ବେହେରା କହିଥିଲେ ଯେ, ସମଗ୍ର ଭାରତ ବର୍ଷରେ ଭାଷା ଭିତିରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବରେ ଗଠିତ ହୋଇଥିଲା । ଓଡ଼ିଶା ସ୍ୱାଧୀନତା ପରେ ଆନ୍ଧ୍ରପ୍ରଦେଶ, ଗୁଜୁରାଟ ପ୍ରଭୃତି ରାଜ୍ୟ ଭାଷା ଭିତିରେ ଗଠନ କରାଯାଇଥିଲା । କିନ୍ତୁ ଦୁଃଖର କଥା, ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହେବାର ୭୭ ବର୍ଷ ତଥା ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ହେବାର ୧୨୦ ବର୍ଷ ବିତିଯାଇଥିଲେ ମଧ୍ୟ ଓଡ଼ିଶାରେ ଓଡ଼ିଆ ଭାଷା ଯେଉଁଭଳି ଆଦର ପାଇବା କଥା, ତାହା ପାଇପାରିନାହିଁ । ରାଜ୍ୟ ସରକାର ଓଡ଼ିଆ ଭାଷାର ଉନ୍ନତି ପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଓଡ଼ିଆ ଭାଷା ଆନ୍ଦୋଳନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇପାରିନାହିଁ । ରାଜ୍ୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ରାଜ୍ୟ ବାହାରେ ଦିଲ୍ଲୀ ଜେ.ଏନ୍.ୟୁ ରେ ଓଡ଼ିଆ ଭାଷା ଚେୟାର ପ୍ରତିଷ୍ଠା କରିବା, ଓଡ଼ିଆ ଭାଷା ପ୍ରତିଷ୍ଠାନ ଜରିଆରେ ଓଡ଼ିଆ ଭାଷାର ଉନ୍ନତି ପାଇଁ ରାଜ୍ୟ ସରକାର ବହୁବିଧ କାମ ହାତକୁ ନେଇଛନ୍ତି । କିନ୍ତୁ ରାଜ୍ୟରେ ଏପର୍ଯ୍ୟନ୍ତ ଭାଷାର ଉନ୍ନତି ପାଇଁ ଏକ ସ୍ୱତନ୍ତ୍ର ଭାଷା କମିଶନ ଗଠନ କରାଯାଇନାହିଁ । ଉତ୍କଳ ସମ୍ମିଳନୀ ୧୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସରକାର ଓଡ଼ିଶାର ଭାଷା କମିଶନ ଗଠନ ପାଇଁ ପଦକ୍ଷେପ ନେବାକୁ ଶ୍ରୀ ବେହେରା ଦାବି କରିଥିଲେ । ଏହାବ୍ୟତୀତ ପ୍ରତି ଜିଲ୍ଲାରେ ଓଡ଼ିଆ ଭାଷାର ଉନ୍ନତି ପାଇଁ ଜିଲ୍ଲା ସମ୍ମିଳନୀ ମାନ କରିବା ସହିତ ଜଣେ ନୋଡାଲ୍ ଅଫିସର ନିଯୁକ୍ତ ଦେବାକୁ ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ । ଆସନ୍ତା ଫେବୃୟାରୀ ମାସରେ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ପକ୍ଷରୁ ଯେଉଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି, ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀ ବେହେରା ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର କୋଷାଧ୍ୟକ୍ଷ ସଂଜୟ ନାୟକ, ଯୁବନେତା ଓମ୍ ପ୍ରକାଶ ଦାସ, ଭିକାରୀ ସେଠୀ, ନରେନ୍ଦ୍ର ନାଥ ପଣ୍ଡା, ଦେଶପ୍ରିୟ ଦାସ ଓ ନାରୀ ନେତ୍ରୀ ରୀତା ପଟ୍ଟନାୟକ ଓ ସୋନା ମହାରଣା ଏବଂ ଆଇନଜୀବୀ ସ୍ୱର୍ଣ୍ଣଲତା ମଲ୍ଲିକ ପ୍ରମୁଖ ଉତ୍କଳ ସମ୍ମିଳନୀର ଗୌରବମୟ ଇତିହାସ ଏବଂ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ ।

# ଏନସିପିଏ ପକ୍ଷରୁ ସିଟି ଏନସିପିଏ ଶାସ୍ତ୍ରୀୟ ସଙ୍ଗୀତ ସ୍କଲାରସିପର ନୂଆ ସଂସ୍କରଣର ଘୋଷଣା

**ଭୁବନେଶ୍ୱର, (ବ୍ୟୁରୋ):** ନ୍ୟାସନାଲ ସେଂଟର ଫର ପରଫରମିଂ ଆର୍ଟସ (ଏନସିପିଏ), ମୁମ୍ବାଇ ଆଣ୍ଡ ସିଟି ଇଣ୍ଡିଆ ପକ୍ଷରୁ 'ସିଟି ଏନସିପିଏ ସ୍କଲାରସିପ ଫର ୟଙ୍ଗ ମ୍ୟୁଜିସିଆନ୍ସ'ର ନୂଆ ସଂସ୍କରଣ ଘୋଷଣା କରାଯାଇଛି। ହିନ୍ଦୁସ୍ତାନୀ ସଙ୍ଗୀତ କ୍ଷେତ୍ରରେ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀଙ୍କଠାରୁ ଏଥିପାଇଁ ଆବେଦନ ଆହ୍ୱାନ କରାଯାଇଛି। ଏହି ସ୍କଲାରସିପ୍ ମୁଖ୍ୟତଃ ଯୁବ ଏବଂ ଆଶାୟୀ ସଙ୍ଗୀତ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବ (ବୟସ ବର୍ଗ: ୧୮-୩୫), (ସ୍ୱର - ଧ୍ରୁପଦ ଏବଂ ଖୟାଲ, ବାଦ୍ୟ ସଙ୍ଗୀତ - ମେଲୋଡି) ପାଇଁ ଉଦ୍ଦିଷ୍ଟ । ହିନ୍ଦୁସ୍ତାନୀ ସଙ୍ଗୀତରେ ପୂର୍ଣ୍ଣକାଳୀନ ପ୍ରଶିକ୍ଷଣ ନେବା ପାଇଁ ଚୟନ ହୋଇଥିବା ୯ ଜଣ ପ୍ରାର୍ଥୀଙ୍କୁ ବୃତି ପ୍ରଦାନ କରାଯିବ ଏବଂ ଛାତ୍ରବୃତି ମୂଲ୍ୟ - ଦୁଇ ବର୍ଷ ପାଇଁ ମାସିକ ୧୦,୦୦୦/- ଟଙ୍କା (ଏପ୍ରିଲ ୨୦୨୪ରୁ ମାର୍ଚ୍ଚ ୨୦୨୬) ରହିଛି। ଭିଡିଓ ରେକର୍ଡିଂ ଆଧାରରେ ଫେବୃଆରୀ ୨୦୨୪ରେ ଚୟନ ହୋଇଥିବା ପ୍ରାର୍ଥୀଙ୍କ ପାଇଁ ଅଡିସନ ଅନୁଷ୍ଠିତ ହେବ ଏବଂ ୮୯୨୮୦୦୧୮୯୬ (କେବଳ ସୋମବାରରୁ ଶୁକ୍ରବାର ସକାଳ ୧୦.୦୦ରୁ ଅପରାହ୍ନ ୫.୦୦ଟା ମଧ୍ୟରେ)ରେ ଯୋଗାଯୋଗ କରପାରିବେ। ଖୟାଲ ଏବଂ ମେଲୋଡି ବାଦ୍ୟଯନ୍ତ୍ର ପାଇଁ ବୟସ ସୀମା - ୧୮ରୁ ୩୦ ବର୍ଷ (୧ ମାର୍ଚ୍ଚ ୨୦୨୪ରୁ ଆରମ୍ଭ) ଏବଂ ଧ୍ରୁପଦ ପାଇଁ ବୟସ ସୀମା - ୧୮ରୁ ୩୫ ବର୍ଷ (୧ ମାର୍ଚ୍ଚ ୨୦୨୪ ସୁଦ୍ଧା) ରହିଛି। ଆବେଦନ ସମୟରେ ଦୟାକରି ଆପଣଙ୍କ ବାୟୋ-ଡାଟାରେ ଆପଣ ଆବେଦନ କରୁଥିବା ଶ୍ରେଣୀ (ଖୟାଲ / ଧ୍ରୁପଦ / ମେଲୋଡି ଯନ୍ତ୍ରର ନାମ) ଉଲ୍ଲେଖ କରନ୍ତୁ । ଆବେଦନରେ ପ୍ରାର୍ଥୀଙ୍କ ନାମ, ଜନ୍ମ ତାରିଖ, ଠିକଣା, ଯୋଗାଯୋଗ ନମ୍ବର/ବିକଳ୍ପ ଯୋଗାଯୋଗ ନମ୍ବର, ଇମେଲ୍ ଆଇଡି, ବୃତିଗତ ଯୋଗ୍ୟତା, ଶିକ୍ଷକ/ଗୁରୁଙ୍କ ସମେତ ସଙ୍ଗୀତ ପ୍ରଶିକ୍ଷଣର ବିବରଣୀ, ମୋଟ ପ୍ରଶିକ୍ଷଣର ବର୍ଷ ସଂଖ୍ୟା, ଉପଲବ୍ଧି/ପୁରସ୍କାର/ବୃତି ଓ ପ୍ରଦର୍ଶନର ବିବରଣୀ ଏବଂ ଅନ୍ୟାନ୍ୟ ଉଲ୍ଲେଖନୀୟ ବିବରଣୀ ରହିବା ଆବଶ୍ୟକ। ସଂଗୀତ ପରିବେଷଣର ସାର୍ଟିଫିକେଟ୍/ ଡିଓ କିମ୍ବା ଭିଡିଓ କ୍ଲିପ୍‌ର କୌଣସି ସ୍କାନ୍ କପି ପଠାନ୍ତୁ ନାହିଁ। ଲିଷ୍ଟିଂ ଫର୍ମାଟରେ ସମସ୍ତ ବିବରଣୀ ଥିବା ବାୟୋ-ଡାଟା ଯଥେଷ୍ଟ ହେବ। ଚୟନ ହୋଇଥିବା ପ୍ରାର୍ଥୀମାନଙ୍କୁ ଇମେଲ୍ କିମ୍ବା ଟେଲିଫୋନ୍ ମାଧ୍ୟମରେ ଅବଗତ କରାଯିବ। ପ୍ରାର୍ଥୀଙ୍କ ବାୟୋଡାଟାକୁ ତାଙ୍କ ଆବେଦନ ଭାବରେ ବିବେଚନା କରାଯିବ। କୌଣସି ପୃଥକ ଫର୍ମ ପୂରଣ କରିବାକୁ ପଡ଼ିବ ନାହିଁ। ଏପ୍ରିଲ ୨୦୨୪ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ସଙ୍ଗୀତ କ୍ଷେତ୍ରରେ ଅନ୍ୟାନ୍ୟ ବୃତି/ଅନୁଦାନପ୍ରାପ୍ତ ପ୍ରାର୍ଥୀମାନେ ଆବେଦନ ପାଇଁ ଯୋଗ୍ୟ ନୁହନ୍ତି। ପୂର୍ଣ୍ଣକାଳୀନ/ ସାମୟିକ ଚାକିରି କରୁଥିବା ପ୍ରାର୍ଥୀମାନେ ଆବେଦନ କରିବାର ଆବଶ୍ୟକତା ନାହିଁ । ଅଲ୍ ଇଣ୍ଡିଆ ରେଡିଓରୁ 'ଏ' ଗ୍ରେଡ୍ ଥିବା ପେସାଦାର ସଙ୍ଗୀତଜ୍ଞମାନେ ଏଥିପାଇଁ ଯୋଗ୍ୟ ନୁହଁନ୍ତି । କୋରିଅର ମାଧ୍ୟମରେ ପ୍ରାପ୍ତ ଆବେଦନଗ୍ରହଣ କରାଯିବ ନାହିଁ । କେବଳ ଉପରୋକ୍ତ ଇମେଲ୍ ଆଇଡିରେ ପ୍ରାପ୍ତ ଆବେଦନକୁ ବିଚାର କରାଯିବ ।

# ଉଦ୍‌ଯାପନୀ ସମାରୋହରେ ଓଡ଼ିଶୀ ଅଭିନୟର ଯାଦୁକରୀ ମୂର୍ଚ୍ଛନା

**ଭୁବନେଶ୍ୱର, (ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ରବିନ୍ଦ୍ର ମଣ୍ଡପରେ ୫ ଦିନ ଧରି ଆୟୋଜିତ ହେଉଥିବା ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଆଜି ଥିଲା ଉଦ୍‌ଯାପନୀ ଦିବସ । ଏହି ଓଡ଼ଶୀ ମହାକୁମ୍ଭରେ ଦେଶ ତଥା ଦେଶ ବାହାରୁ ଆସିଥିବା ବିଶିଷ୍ଟ ଖ୍ୟାତନାମା ନୃତ୍ୟଶିଳ୍ପୀମାନେ ଅଂଶଗ୍ରହଣ କରିବା ସହିତ ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟ ଶୈଳୀ ଯଥା ଏକକ, ଦ୍ୱୈତ୍ୟ ଓ ଦଳଗତ ନୃତ୍ୟ ଉପସ୍ଥାପନ କରି ଏହି ନୃତ୍ୟ ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଛନ୍ତି । ପୂର୍ବାହ୍ନ ଅଧିବେଶନର ଅତିଥିମାନେ ଥିଲେ ବିଶିଷ୍ଟ ଓଡ଼ିଶୀ ଗୁରୁ ମୁକ୍ତିଲାଲ ପାଲ, ଗୁରୁ ପିତାମ୍ବର ବିଶ୍ୱାଳ ଓ ଗୁରୁ ଜ୍ୟୋତି ରାଉତ । ପୂର୍ବାହ୍ନ ଅଧିବେଶନ ଆରମ୍ଭ ହୋଇଥିଲା ଆଦି ଗୁରୁ ଓଡ଼ିଶୀ ଗୁରୁକୁଳ ଚାରିଟେବୁଲ ଟ୍ରଷ୍ଟ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ମଙ୍ଗଳା ଚରଣ ପରିବେଷଣରୁ । ଏକକ ପର୍ଯ୍ୟାୟରେ କଲିକତାର ଶତରୂପା ସାହାଙ୍କ ଦ୍ୱାରା ଅଭିନୟ ମାତଙ୍ଗୀ ଧ୍ୟାନମ୍, ଭୁବନେଶ୍ୱରର ମହାରାଜା ଭୋଇଙ୍କ ଦ୍ୱାରା ରାଗେଶ୍ରୀ





ପଲ୍ଲବୀ, ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ଭୁବନେଶ୍ୱରର ଅମ୍ରିତା ଅମ୍ରିତା ଓ ସୁଜାତା ସେଠଙ୍କ ଦ୍ୱାରା ଅଭିନୟ ନମାମି କୃଷ୍ଣ ସୁନ୍ଦରମ୍, ଏକକ ପର୍ଯ୍ୟାୟରେ ଭୁବନେଶ୍ୱରର ଲିପ୍ସା ଦଳାଇଙ୍କ ଦ୍ୱାରା ଅଭିନୟ କୋଣାର୍କ କା'ୀ, ଆମେରିକାର କିଷ୍ଟା ରତଙ୍କ ଦ୍ୱାରା ଅଭିନୟ ତୋ ଲାଗି ଗୋପ ଦାଣ୍ଡ ମନାରେ, ଦ୍ୱୈତ ପର୍ଯ୍ୟାୟରେ ପୁରୀର ଅର୍ଚ୍ଚନା ସାହୁ ଓ ମମତା ଭୋଇଙ୍କ ଦ୍ୱାରା ଅଭିନୟ ଶିବ ସ୍ତୁତି, ଏକକ ପର୍ଯ୍ୟାୟରେ ଭୁବନେଶ୍ୱରର ମ୍ରିତିକା ମୁଖପାଧ୍ୟାୟଙ୍କ ଦ୍ୱାରା ଅଭିନୟ ତୋ ଲାଗି ଗୋପ ଦାଣ୍ଡ ମନାରେ, ଭୁବନେଶ୍ୱରର ସେଫାଳୀ ପଟ୍ଟନାୟକଙ୍କ ଦ୍ୱାରା ଅଭିନୟ ଅର୍ଦ୍ଧନାରୀଶ୍ୱର ଏବଂ ଶେଷରେ ପୁରୀ ଡ୍ୟାନ୍ସ ଏକାଡ଼େମୀର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ନାର୍ଚ୍ଚି ରଙ୍ଗେ ଶ୍ରୀହରି ପରିବେଷିତ ହୋଇଥିଲା । ଅପରାହ୍ନ ଅଧିବେଶନର ଅତିଥିମାନେ ଥିଲେ ବିଶିଷ୍ଟ ଓଡ଼ିଶୀ ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ ନିରନ ରାଉତ ଓ ଗୁରୁ ରମେଶ ଚନ୍ଦ୍ର ଦାସ । କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଭୁବନେଶ୍ୱରର ନୃତ୍ୟସୁଧା ଡ୍ୟାନ୍ସ ଏକାଡ଼େମୀ ଟ୍ରଷ୍ଟର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟାଭିନୟ ଶିବ ପଞ୍ଚକ ପରିବେଷଣରୁ । ପରେ ପରେ କୋଲକାତାର ରୋହିନୀ ଯାଦବ ଓ ପ୍ରଜ୍ଞାସେନଙ୍କ ଦ୍ୱାରା ମାଲକୋଷ ପଲ୍ଲବୀ, ଭଦ୍ରକର ସତ୍ୟ ପ୍ରକାଶ ସାହୁଙ୍କ ଦ୍ୱାରା ଅଭିନୟ ଚାରି ଯୁଗରେ ନମୋ ନମୋ ନମୋ ଦୁର୍ଗେ, ଅନୁସ୍କା ନାୟକ ଓ ସାଲୋନି ଦାସଙ୍କ ଦ୍ୱାରା ଅଭିନୟ ନାଦ ଓ ମୋହନ ମୁରଲୀ ଛଇ ଲୋ, ସସ୍ମିତା ଦାସଙ୍କ ଦ୍ୱାରା ଅଭିନୟ ସଙ୍ଗୀନିରେ ଚାହା ବେଣୁ ପାଣିକି ଏବଂ ଶେଷରେ କୋଲକାତାର ଶାତାବ୍ଦୀ ନୃତ୍ୟାୟନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ଶିବାଷ୍ଟକ ପରିବେଷିତ ହୋଇଥିଲା । ସଂଧ୍ୟା ଅଧିବେଶନର ପ୍ରଥମ କାର୍ଯ୍ୟକ୍ରମ ଥିଲା ଏକକ ନୃତ୍ୟ ପର୍ଯ୍ୟାୟରେ ବିଶିଷ୍ଟ ନୃତ୍ୟଶିଳ୍ପୀ ଶର୍ମିଳା ବିଶ୍ୱାସଙ୍କ ଦ୍ୱାରା ଅଭିନୟ ବିଳାଶିନୀ । ପରେ ପରେ ଶରିତା ମିଶ୍ରଙ୍କ ଦ୍ୱାରା ଅଭିନୟ ବରବଧୂ, ବୁଦ୍ଧିରାମ ବଳ ଓ ବିଶ୍ୱଜିତ ମହାପାତ୍ରଙ୍କ ଦ୍ୱାରା ଅଭିନୟ ସଂହିତା, ଅଙ୍କିତା ରଥଙ୍କ ଦ୍ୱାରା ଶ୍ୟାମ ଫେରିଯା, ଅନୁଶ୍ରୀ ପଦ୍ମନାଭଙ୍କ ଦ୍ୱାରା ଯମନ୍ ପଲ୍ଲବୀ, ଯକୁ ଯଶିୟିକା ଓ ମାୟୀ ଓ୍ୱାତମ୍ବେଙ୍କ ଦ୍ୱାରା ଗୁରୁ ବନ୍ଦନା (ହରିହର), ଦିପ୍ତିରନ ବରାଳ (ଏକକ), ଦୀକ୍ଷା ରଥ ଓ ଦିବ୍ୟା ରଥ (ଦ୍ୱୈତ) ଏବଂ ଶେଷରେ ସିନ ନେତ୍ରାଳୟ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ବନ୍ଦେମାତରମ୍ ଓ ତାରା ପଲ୍ଲବୀ ପରିବେଷିତ ହୋଇଥିଲା । ସଂଧ୍ୟା ଅଧିବେଶନର ଅତିଥି ଥିଲେ ମାନ୍ୟବର ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର, ଭୁବନେଶ୍ୱରର ମାନ୍ୟବର ମେୟର ଶୁଲୋଚନା ଦାସ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଲେନିନ୍ ମହାନ୍ତି, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା କୁମ୍‌କୁମ୍ ମହାନ୍ତି, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ସିକତା ଦାସ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଡଃ. ଅନୁଜା ତାରିଣୀ ମିଶ୍ର ।

# ଜାନୁଆରି ପହିଲାରେ ବିଶ୍ୱ ଜନସଂଖ୍ୟା ୮ ଶହ କୋଟି ଟପିବ

**ନୂଆଦିଲ୍ଲୀ:** ନୂଆବର୍ଷରେ ମାନବଜାତି ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ୨୦୨୪ ଜାନୁଆରି ପହିଲା ମଧ୍ୟରାତ୍ରରେ ବିଶ୍ୱର ଜନସଂଖ୍ୟା ଆନୁଷ୍ଠାନିକ ଭାବେ ୮ ବିଲିୟନ (୮୦୦ କୋଟି) ଅତିକ୍ରମ କରିବ ବୋଲି ଗୁରୁବାର ଆମେରିକୀୟ ଜନଗଣନା ବ୍ୟୁରୋ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଏହି ସଂଖ୍ୟା ମାତ୍ର ଗୋଟିଏ ବର୍ଷରେ ୭୫ ନିୟୁତରୁ ଅଧିକ ଲୋକଙ୍କ ବୃଦ୍ଧିକୁ ଦର୍ଶାଉଛି। ବିଶ୍ୱରେ ପ୍ରତି ସେକେଣ୍ଡରେ ପ୍ରାୟ ୪.୩ଟି ଜନ୍ମ ଏବଂ ୨ ଜଣଙ୍କ ମୃତ୍ୟୁ ହେଉଛି। ବିଗତ ବର୍ଷ ତୁଳନାରେ ବୃଦ୍ଧି ହାର ସାମାନ୍ୟ ହ୍ରାସ ପାଇ



ମାତ୍ର ୧%ରୁ କମ୍ ରହିଛି। ୨୦୨୪ ଜାନୁଆରି ପହିଲାରେ ବିଶ୍ୱର ଆନୁମାନିକ ଜନସଂଖ୍ୟା ୮,୦୧୯,୮୭୬,୧୮୯ ରହିଛି, ଯାହା କି ୨୦୨୩ ନବବର୍ଷ ତୁଳନାରେ ୭୫,୧୬୨,୫୪୧ ଅଧିକ। ଫୋର୍ବସ୍‌ର ଏକ ରିପୋର୍ଟ ଅନୁଯାୟୀ, ନଭେମ୍ବର ୨୦୨୨ରେ ଜାତିସଂଘ ଆକଳନ କରିଥିଲା ଯେ ୭ ବିଲିୟନରେ ପହଞ୍ଚିବାର ୧୧ ବର୍ଷ ପରେ ବିଶ୍ୱଜନସଂଖ୍ୟା ୮ ବିଲିୟନରେ ପହଞ୍ଚିବ। ପ୍ରଜନନ ହାର ହ୍ରାସ ଏବଂ ଯୁବକଙ୍କ ସଂଖ୍ୟା କମ୍ ହେବା ଭଳି କାରଣରୁ ଜନଗଣନା ବ୍ୟୁରୋ ଆକଳନ କରିଛି ଯେ ୯ ବିଲିୟନ ଜନସଂଖ୍ୟା ହାସଲ କରିବା ପାଇଁ ୧୪ ବର୍ଷରୁ ଅଧିକ ସମୟ ଲାଗିବ। ଏହାବ୍ୟତୀତ ୧୦ ବିଲିୟନ ଛୁଇଁବା ପାଇଁ ଅତିରିକ୍ତ ୧୬.୪ ବର୍ଷ ସମୟ ଲାଗିବ ବୋଲି ଆକଳନ କରାଯାଇଛି।

# ନିର୍ବାଚନ ଲଢ଼ିପାରିବେନି ଇମ୍ରାନ୍

**ନୂଆଦିଲ୍ଲୀ:** ୨୦୨୪ରେ ପାକିସ୍ତାନରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ। ପାକିସ୍ତାନର ନିର୍ବାଚନ ଆୟୋଗ ତାଙ୍କ ନାମାଙ୍କନକୁ ଖାରଜ କରିଛନ୍ତି। ନ୍ୟୁଜ୍ ଏଜେନ୍ସି ରଏଟର୍ସ ଅନୁଯାୟୀ, ପାକିସ୍ତାନ ନିର୍ବାଚନ ଆୟୋଗ ଶନିବାର ଏହି ସୂଚନା ଦେଇଛନ୍ତି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଇମ୍ରାନ ଖାନ ଦୁଇଟି ନିର୍ବାଚନମଣ୍ଡଳୀରୁ ନାମାଙ୍କନ ଦାଖଲ କରିଥିବା ଅଧିକାରୀ କହିଛନ୍ତି। ଏପ୍ରିଲ୍ ୨୦୨୨ରେ ପ୍ରଧାନମନ୍ତ୍ରୀ ପଦରୁ ହଟାଯିବା ପରଠାରୁ ୭୧ ବର୍ଷୀୟ ଇମ୍ରାନ ଖାନ ଏକ ରାଜନୈତିକ ଏବଂ ଆଇନଗତ ଯୁଦ୍ଧରେ



ଲଢ଼େଇ ଜାରି ରହିଛି। ପ୍ରଧାନମନ୍ତ୍ରୀ ଥିବା ସମୟରେ ଖାନ ବେଆଇନ ଭାବେ ସରକାରୀ ଉପହାର ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ଯେଉଁଥିପାଇଁ ତାଙ୍କୁ ଅଗଷ୍ଟରେ ତିନି ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। ସେବେଠାରୁ ତାଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳି ନଥିଲା। ଇମ୍ରାନ ଖାନଙ୍କ ମିଡିଆ ଟିମ୍ କହିଛି ଯେ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେତୁ ଫେବୃଆରୀ ୮ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଖାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି, ତଥାପି ସେ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଲାହୋରର ପ୍ରତ୍ୟାଖ୍ୟାନ ପ୍ରାର୍ଥୀଙ୍କ ତାଲିକାରେ ପାକିସ୍ତାନର ନିର୍ବାଚନ ଆୟୋଗ କହିଛନ୍ତି ଯେ ଇମ୍ରାନ ଖାନଙ୍କ ନାମାଙ୍କନ ଖାରଜ କରାଯାଇଛି କାରଣ ସେ ଏହି ନିର୍ବାଚନମଣ୍ଡଳୀର ପଞ୍ଜୀକୃତ ଭୋଟର ନୁହଁନ୍ତି ଏବଂ ତାଙ୍କୁ କୋର୍ଟ ଦୋଷୀ ଏବଂ ଅଯୋଗ୍ୟ ଘୋଷଣା କରିଛନ୍ତି।

## ଆନ୍ଧ୍ରପ୍ରଦେଶରେ ବୁଲା କୁକୁରଙ୍କ ଆତଙ୍କ



**ନୂଆଦିଲ୍ଲୀ :** ଶନିବାର ସକାଳେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲାର ଏକ ଛୁଆକୁ ବାରବୁଲ କୁକୁର ଆକ୍ରମଣ କରିଛି । ଅଧିକାରୀଙ୍କ କହିବାନୁସାରେ, ପିଲାଟି ସେଠାକାର ଅବସ୍ଥିତ ଶିବ ମନ୍ଦିର ନିକଟରେ କରାଟେ କ୍ଲାସ୍‌କୁ ଯାଉଥିଲା । ସେହି ସମୟରେ କୁକୁର ଦଳ ପିଲାଟିକୁ ଗୋଡାଇ ତାଙ୍କୁ ଆକ୍ରମଣ କରିଥିଲେ। ସୋସିଆଲ ମିଡିଆରେ ଏହି ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ପାଞ୍ଚଟି କୁକୁର ଭୁକିବା ପରେ ପିଲାଟି ଉପରେ ଆକ୍ରମଣ କରୁଛି। ଭିଡିଓରୁ ଜଣାପଡିଛି ଯେ ପିଲାଟି ସେଠାରୁ ପଳାଇବାକୁ ଚେଷ୍ଟା କରୁଛି କିନ୍ତୁ ପୂରା କୁକୁର ଦଳ ଘେରି ଯାଇଥିଲା। କିଛି ସେକେଣ୍ଡ ପରେ ମୋଟର ସାଇକେଲରେ ଯାଉଥିବା ଜଣେ ବ୍ୟକ୍ତି କୁକୁରମାନଙ୍କ ଠାରୁ ରକ୍ଷା କରିଥିଲେ। ପିଟିଆଇ ରିପୋର୍ଟ ଅନୁଯାୟୀ, ଏହି ଘଟଣା ସମ୍ପର୍କରେ ପୋଲିସ କହିଛି ଯେ ପିଲାଟି ଗୁରୁତର ଆହତ ହୋଇଛି ଏବଂ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଛି। ପୋଲିସ କହିଛି ଯେ ପିଲାଟି ଛୁଟିରେ ଏଠାକୁ ଆସିଥିଲେ। ତାଙ୍କ ମା ହାଇଦ୍ରାବାଦରେ ରୁହନ୍ତି। ବର୍ତ୍ତମାନ ଏହି ଘଟଣା ସମ୍ପର୍କରେ ସେମାନଙ୍କୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ କିଛି ମାସ ମଧ୍ୟରେ ବାରବୁଲା କୁକୁରମାନଙ୍କ ଆକ୍ରମଣରେ ଅନେକ ଘଟଣା ସାମ୍ନାକୁ ଆସିଛି।

# ଆଇଆଇଟି ବିଏଚୟୁ ଦୁଷ୍କର୍ମ ମାମଲା : ୩ ଅଭିଯୁକ୍ତ ଗିରଫ

**ବନାରସ :** ୨ ମାସ ତଳେ ଆଇଆଇଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ହୋଇଥିବା ଦୁଷ୍କର୍ମ ମାମଲାରେ ସମସ୍ତ ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଏହି ୩ ଅଭିଯୁକ୍ତ ବିଜେପି ଆଇଟି ସେଲର କର୍ମୀ ବୋଲି ଜଣାପଡିଛି । ଘଟଣାର ୬୦ ଦିନ ପରେ ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ବିଜେପିକୁ ଟାର୍ଗେଟ୍ କରିଛନ୍ତି । ଏହି ମାମଲାରେ କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷ ଅଜୟ ରାୟ କହିଛନ୍ତି କି, ଗିରଫଦାରୀ ବିଳମ୍ବ ନେଇ ସ୍ପଷ୍ଟ ହୋଇସାରିଥିଲା କି, ଅଭିଯୁକ୍ତମାନଙ୍କ ସହ ବିଜେପିର ସଂପର୍କ ରହିଛି । ଅଖିଳେଶ କହିଛନ୍ତି କି, ବିଜେପି




ସଂସଦରେ ଏକଛତ୍ରବାଦ ଚଳାଇବା ପରେ ତାଙ୍କ ଦଳର ଶିଷ୍ୟମାନେ ଏବେ ରାଜରାସ୍ତାରେ ଏକଛତ୍ରବାଦ ଚଳାଇଛନ୍ତି । ସୂଚନା ଥାଉକି ୨ମାସ ତଳେ ଆଇଆଇଟି ବିଏଚୟୁରେ ଜଣେ ଛାତ୍ରୀଙ୍କୁ ବନ୍ଧୁକ ମୁନରେ କିଛି ଯୁବକ ଉଠାଇ ନେଇଯାଇଥିଲେ । ତା ପରେ ତାଙ୍କୁ ଉଲଗ୍ନ କରି ଭିଡିଓ କରିଥିଲେ ଓ ଦୁଷ୍କର୍ମ କରିଥିଲେ ମଧ୍ୟ । ଏନେଇ ପ୍ରଥମେ ଛାତ୍ରୀଙ୍କ ଅଭିଯୋଗ ଆଧାରରେ ଅସଦାଚରଣ ମାମଲା ରୁଜୁ ହୋଇଥିଲା । ପରେ ଏହି ମାମଲାରେ ସାମୁହିକ ଦୁଷ୍କର୍ମ ଧାରା ଯୋଡା ଯାଇଥିଲା । ପୋଲିସ ଏତେ ଚାପରେ ଥିଲା କି ଘଟଣା ଘଟିବାର ୮ ଦିନ ପରେ ପୀଡିତାଙ୍କ ବୟାନ ରେକର୍ଡ କରିଥିଲା ପୋଲିସ । ଏହାକୁ ନେଇ କ୍ୟାମ୍ପସରେ ଛାତ୍ରଛାତ୍ରୀମାନେ ବଡ ଧରଣର ଆନ୍ଦୋଳନ କରିଥିଲେ । ଏସବୁ ଭିତରେ ଗତ ରାତିରେ ବାରଣାସୀ ପୋଲିସ ଏହି ମାମଲାରେ କୃଣାଳ ପାଣ୍ଡେ, ସକ୍ଷମ ପଟେଲ ଓ ଅଭିଶେକ ଚୌହାନଙ୍କୁ ଗିରଫ କରିଛି । ଏହି ୩ଜଣ ଯାକ ବିଜେପି ଆଇଟି ସେଲ ପାଇଁ କାମ କରୁଥିଲେ । ଏସପି ଅତୁଲ ରଞ୍ଜନ କହିଛନ୍ତି କି, ଏହି ମାମଲାର ଏବେ ଯାଂଚ ଜାରି ରହିଛି ।

# ମଣିପୁରରେ ପୁଣି ହିଂସା: ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ, ଜଣେ ମୃତ



**ଇମ୍ଫାଲ :** ମଣିପୁରରେ ପୁଣି ହିଂସା । ଶନିବାର ଅପରାହ୍ନ ପ୍ରାୟ ୩.୫୦ ସମୟରେ ମଣିପୁରର ତେଙ୍ଗନୁପାଲ ଜିଲାର ମୋରେହରେ ଅଜ୍ଞାତ ବନ୍ଧୁକଧାରୀ ଏବଂ ପୋଲିସ କମାଣ୍ଡୋଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଏଥିରେ ମଣିପୁରର ପୋଲିସ କମାଣ୍ଡୋମାନେ ଆହତ ହୋଇଛନ୍ତି। ଘଟଣାଟି ଭାରତ-ମିଆଁମିଆଁ ସୀମାରେ ଅବସ୍ଥିତ ମୋରେହରେ ଘଟିଛି । ସୂଚନାଥାଉ କି, ମେ ମାସରୁ ମଣିପୁରରେ ହିଂସା ଜାରି ରହିଛି। ଏନେଇ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ଅଜ୍ଞାତ ବନ୍ଧୁକଧାରୀମାନେ ମୋରେହରୁ 'କି ଲୋକେସନ ପଏଣ୍ଟ' (କେଏଲପି) ଆଡ଼କୁ ଯାଉଥିବା ପୋଲିସ କମାଣ୍ଡୋଙ୍କ ଗାଡିକୁ ଟାର୍ଗେଟ କରିଥିଲେ । ଏହି ଆକ୍ରମଣରେ କମାଣ୍ଡୋ ଆହତ ହୋଇଛନ୍ତି। ସେ ବର୍ତ୍ତମାନ ଆସାମ ରାଇଫଲ୍ସ କ୍ୟାମ୍ପରେ ଚିକିତ୍ସିତ ହେଉଛନ୍ତି। ମଣିପୁରୁ ପୋଲିସ କମାଣ୍ଡୋମାନେ ଏହି ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରୁଥିବାବେଳେ ଏହି ଘଟଣା ଘଟିଥିଲା । ସେହିପରି ଇମ୍ଫାଲ ୱେଷ୍ଟ ଜିଲାର କଦଙ୍ଗବଙ୍ଗଦ ଗାଁରେ ସୁରକ୍ଷା କର୍ମୀ ଭାବେ ନିୟୋଜିତ ଜଣେ ବ୍ୟକ୍ତିଙ୍କୁ ଅଜ୍ଞାତ ବନ୍ଧୁକଧାରୀମାନେ ଗୁଳିକରି ହତ୍ୟା କରିଛନ୍ତି। ଘଟଣା ଅନୁଯାୟୀ, ପ୍ରଥମେ ଦୁଇଟି ବୋମା ବିସ୍ଫୋରଣ ହୋଇଥିଲା। ଏହା ପରେ ୩୫୦ ରୁ ୪୦୦ ଗୁଳମାଡ କରାଯାଇଥିଲା। ଏବେ ବି ଗୁଳି ବିନିମୟ ଜାରି ରହିଛି।

# ନୂଆବର୍ଷରୁ ଇସ୍ରୋ ଆରମ୍ଭ କରିବ ବ୍ଲାକ୍-ହୋଲ୍ ଅଭିଯାନ



**ନୂଆଦିଲ୍ଲୀ:** ୨୦୨୩ ଭାରତ ପାଇଁ ସଫଳତାର ବର୍ଷ । ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ଶୀର୍ଷରେ ପହଞ୍ଚିଛି । ଇସ୍ରୋ ଭାରତକୁ ଚନ୍ଦ୍ରରେ ପହଞ୍ଚାଇଛି । ଚନ୍ଦ୍ରାୟନ-୩ ସଫଳ ହେବା ପରେ ଭାରତକୁ ଭୂରି ଭୂରି ପ୍ରଶଂସା କରିଛନ୍ତି ଅଧିକାଂଶ ଦେଶ । ସେହିପରି ଇସ୍ରୋର ମିଶନ ସୂର୍ଯ୍ୟ ମଧ୍ୟ ସଫଳତା ଦିଗରେ ଅଗ୍ରସର ହେଉଛି । ଏବେ ବ୍ଲାକ-ହୋଲ୍ ଗବେଷଣାରେ ଲାଗିଛି ଇସ୍ରୋ । ବ୍ରହ୍ମାଣ୍ଡ ଓ ବ୍ଲାକ୍ ହୋଲ୍ ରହସ୍ୟ ଖୋଲିବ ଭାରତୀୟ ମହାକାଶ ଗବେଷଣା ସଂସ୍ଥା । ୨୦୨୪ରେ ଏହି ମିଶନ ପୂରଣ ହେବ । ଏନେଇ ଖୁବଶୀଘ୍ର ଏହି ମହତକାଂକ୍ଷୀ ଅଭିଯାନ ଆରମ୍ଭ କରିବାକୁ ଯାଉଛି । ନୂଆବର୍ଷ ଆରମ୍ଭରୁ ଇସ୍ରୋ ଏହି ମିଶନ ଆରମ୍ଭ କରିବ । ଜାନୁଆରୀ ୧ ତାରିଖ ସକାଳେ ଭାରତ ଆଡଭାନ୍ସଡ୍ ଆଷ୍ଟ୍ରୋନମୀ ଅବ୍‌ଜର୍ଭେଟାରୀ ଲଞ୍ଚ୍ କରିବାକୁ ଯାଉଛି । ଏହି ଉପଗ୍ରହକୁ ବିଶେଷ ଭାବେ ବ୍ଲାକ-ହୋଲ୍ ଏବଂ ନ୍ୟୁଟ୍ରନ ଷ୍ଟାର୍ସ ଉପରେ ଅଧ୍ୟୟନ କରିବା ପାଇଁ ତିଆରି କରାଯାଉଛି । ଇସ୍ରୋର ଏହା ପ୍ରଥମ ଅଭିଯାନ ଏବଂ ସାରା ବିଶ୍ୱରେ ଏହା ଦ୍ୱିତୀୟ । ଭାରତର ଢଚକ୍ଟଝଇଞ୍ଜ ଉପଗ୍ରହ ବା ଏକ୍ସ-ରେ ପୋଲାରମିଟର ସାଟେଲାଇଟ୍ ତାରା ଏବଂ ବ୍ଲାକ୍ ହୋଲ ବିଷୟରେ ଅଧ୍ୟୟନ କରିବ । ଏହା ଇସ୍ରୋ ବିଶେଷ ରକେଟ୍ ପୋଲାର ସାଟେଲାଇଟ୍ ଲଞ୍ଚ ବେହିକିଲ୍ ବା ଚଝଖଠ ଦ୍ୱାରା ଏହାକୁ ମହାକାଶରୁ ପଠାଇବ । ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ବମ୍ବେର ଜ୍ୟୋତିର୍ବିଜ୍ଞାନୀ ଡ. ବରୁଣ ଭାଲେରାଓ କହିଛନ୍ତି, ୨୦୨୧ରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଏଭଳି ମିଶନକୁ ସଫଳତାର ସମ୍ପନ୍ନ କରିଛି । ଇସ୍ରୋର ଏହି ମିଶନରେ ସଫଳ ହେଲେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିବ । ଢଚକ୍ଟଝଇଞ୍ଜ ଉପଗ୍ରହ ବ୍ଲାକ-ହୋଲ୍ ଏବଂ ନ୍ୟୁଟ୍ରନ ତାରାର ପାଖକୁ ଯାଇ ଅଧ୍ୟୟନ କରିବ । ଡ. ବରୁଣ ଭାଲେରାଓ କହିଛନ୍ତି, ବ୍ଲାକ-ହୋଲ୍ ଏଭଳି ଏକ ବସ୍ତୁ, ଯାହାର ମାଧ୍ୟାକର୍ଷଣ ବଳ ସବୁଠୁ ଅଧିକ । ତେଣୁ ଏହା ଉପରେ ଭାରତୀୟ ମହାକାଶ ସଂସ୍ଥା ବା ଇସ୍ରୋ ଗବେଷଣା କରିବାକୁ ଯାଉଛି ।

## ଦେଶରେ ଧୂଳି ପ୍ରଦୂଷଣ ଚିନ୍ତାଜନକ

**ଅହମଦାବାଦ:** ଭାରତରେ ଏବେ ଧୂଳି ପ୍ରଦୂଷଣ ଉଦ୍‌ବେଗଜନକ ହେଲାଣି। ଧୂଳି ଯୋଗୁଁ ଅଧିକରୁ ଅଧିକ ସଂଖ୍ୟକ ଲୋକ ପ୍ରତିବର୍ଷା ରୋଗାକ୍ରାନ୍ତ ହେଉଛନ୍ତି। ଆଇଆଇଟି ଦିଲ୍ଲୀ ଓ କାନପୁର ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି, କ୍ଷୁଦ୍ର କଣିକା ପଦାର୍ଥ (ପିଏମ୍୨.୫ ଓ ୧୦) ଦୃଷ୍ଟିରୁ ଦେଶର ମୋଟ ଧୂଳି ନିର୍ଗମନରେ ପାଞ୍ଚଟି ରାଜ୍ୟର ଯୋଗଦାନ ୬୦% ରହିଛି। ଏହି ଅଧ୍ୟୟନରେ ଭାରତର ୧୩୫୨ଟି ଆରଟିଓର ଯାନ ପଞ୍ଜୀକରଣ ତଥ୍ୟକୁ ବ୍ୟବହାର କରି ୨୦୨୨ ପାଇଁ ଏକ ବିସ୍ତୃତ ରାସ୍ତା ଧୂଳି ନିର୍ଗମନ ତାଲିକା ପ୍ରସ୍ତୁତ କରାଯାଇଥିଲା। ରାଜସ୍ଥାନ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ଗୁଜରାଟ ଭଳି ରାଜ୍ୟ ସଡ଼କ ଧୂଳି ନିର୍ଗମନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହି ରାଜ୍ୟଗୁଡ଼ିକ କେବଳ ଅଧିକ ସିଲ୍‌ଟ ଲୋଡିଂ (ଏସ୍‌ଏଲ୍) ମୂଲ୍ୟ ପ୍ରଦର୍ଶନ କରନ୍ତି ନାହିଁ, ବରଂ ଏଠାରେ ଭାରତରେ ମୋଟ ପଞ୍ଜୀକୃତ ଯାନର ଯଥେଷ୍ଟ ଅନୁପାତ (୪୩%) ମଧ୍ୟ ରହିଛି ବୋଲି ଏଥିରେ ଦର୍ଶାଯାଇଛି। ଏଲସେଭିୟରର ପତ୍ରିକା ସାଇନ୍ସ ଅଫ୍ ଦ ଟୋଟାଲ ଏନଭାଇରନମେଣ୍ଟରେ ଏହି ଗବେଷଣା ତଥ୍ୟ ପ୍ରକାଶ ପାଇଛି।

# ଶ୍ରୀଲଙ୍କାରେ ନଙ୍ଗର ପକାଇବ ଚୀନ୍‌ର ଆଉ ଏକ ଗୁଇନ୍ଦା ଜାହାଜ

**ନୂଆଦିଲ୍ଲୀ:** ଭାରତର ଆପତ୍ତି ସତ୍ତ୍ୱେ ଗତ ଅକ୍ଟୋବର ମାସରେ ଶ୍ରୀଲଙ୍କାରେ ଚୀନର ଏକ ଗୁଇନ୍ଦା ଜାହାଜ ନଙ୍ଗର ପକାଇଥିବା ବେଳେ ଆସନ୍ତା ଜାନୁଆରି ପ୍ରାରମ୍ଭରେ ଆଉ ଏକ ଜାହାଜ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଭାରତର ନିରାପତ୍ତା ଉପରେ ଏହାର ପ୍ରଭାବ ରହିଥିବାରୁ ଏହା ଉପରେ ନଜର ରଖାଯିବ ବୋଲି ଗୁରୁବାର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି। ଜାନୁଆରି ୫ରୁ ମେ ଶେଷ ପର୍ଯ୍ୟନ୍ତ ଚୀନ୍ ଏହାର 'ରିସର୍ଚ୍ଚ ସର୍ଭେ ଭେସେଲ୍' ପାଇଁ ଇନ୍ଧନ ଭର୍ତ୍ତି ନିମନ୍ତେ ଉଭୟ ଶ୍ରୀଲଙ୍କା ଓ ମାଳଦ୍ୱୀପଠାରୁ ଅନୁମତି ମାଗିଛି। ଗତ ଅକ୍ଟୋବର ମାସରେ ଭାରତର ତୀବ୍ର ଆପତ୍ତି ସତ୍ତ୍ୱେ ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂହେ ଚୀନର ଏକ 'ସର୍ଭେ' ଜାହାଜ ସି ୟାନ୍-୬କୁ ଅନୁମତି ଦେଇଥିଲେ। ବର୍ତ୍ତମାନ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଥିବା ସିଆଙ୍ଗ ୟାଙ୍ଗ୍ ହଙ୍ଗ୍ ୦୩ ନାମକ ଏହି ଜାହାଜ ଖୁବ୍ ଶୀଘ୍ର ମାଲାକା ପ୍ରଣାଳୀ ଦେଇ ଭାରତ ମହାସାଗରରେ ପ୍ରବେଶ କରିବ। ଜୁଲାଇରେ ବିକ୍ରମସିଂହେଙ୍କ ଭାରତ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ରସଙ୍ଗ ଉଠାଇବା ପରେ ମଧ୍ୟ କଲମ୍ବୋ ଉପରେ କୌଣସି ପ୍ରଭାବ ପଡ଼ିନାହିଁ।



# ରେଡ ସି'ରେ ପୁଣି ବାଲେଷ୍ଟିକ ମିଜାଇଲ ପକାଇଲେ ହୁତି ବିଦ୍ରୋହୀ

**ୱାଶିଂଟନ :** ଆମେରିକା ପୁଣିଥରେ ହୁତି ବିଦ୍ରୋହୀମାନଙ୍କ ଦ୍ୱାରା ଗୁଳି ଚଳାଇଥିବା ଦୁଇଟି ଆଣ୍ଟି-ଜାହାଜ ବାଲିଷ୍ଟିକ କ୍ଷେପଣାସ୍ତ୍ରକୁ ଗୁଳି କରି ଖସାଇ ଦେଇଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ କହିଛି ଯେ ଗୋଟିଏ ସପ୍ତାହ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ଆକ୍ରମଣ। ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଅନୁଯାୟୀ, ହୁତି ବିଦ୍ରୋହୀମାନେ ଏକ ବାଣିଜ୍ୟ ଜାହାଜରେ ଦୁଇଟି ଆଣ୍ଟି-ବାଲିଷ୍ଟିକ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲେ। ତେବେ ରବିବାର ସକାଳେ ଆମେରିକା ସେନା ଉଭୟ କ୍ଷେପଣାସ୍ତ୍ରକୁ ଗୁଳି କରି ଖସାଇ ଦେଇଥିଲା। ଏକ୍ସରେ ଆମେରିକାର ସେଣ୍ଟ୍ରାଲ କମାଣ୍ଡ ସୂଚନା ଦେଇ କହିଛନ୍ତି ଯେ ଏକ ବାଣିଜ୍ୟିକ ଜାହାଜରେ ହୁତି ବିଦ୍ରୋହୀଙ୍କ ଆକ୍ରମଣକୁ ଆମେରିକା ଖଣ୍ଡନ କରିଛି। ଆଜି ପ୍ରାୟ ୮ଟା ୩୦ସମୟରେ ଏକ କଣ୍ଟେନର ଜାହାଜରେ ଏହି ଆକ୍ରମଣ କରାଯାଇଥିଲା। ଏହି ଜାହାଜ ଲୋହିତ ସାଗର ବା ରେଡ ସି ଦେଇ ଯାଉଥିଲା। ଡେନମାର୍କ ମାଲିକାନା ଜାହାଜ ସାହାଯ୍ୟ ମାଗିଲା। ଏହା ପରେ ଆମେରିକା ଦୁଇଟି ଆଣ୍ଟି-ଜାହାଜ ବାଲିଷ୍ଟିକ କ୍ଷେପଣାସ୍ତ୍ରକୁ ନିଷ୍କ୍ରିୟ କଲା ।



# ଆଉ ୩ଟି 'ସ୍ପାଇ ସାଟେଲାଇଟ୍' ଛାଡ଼ିବା ଓ ଆଣବିକ ଶକ୍ତି ବୃଦ୍ଧି ପାଇଁ ପ୍ରତିଜ୍ଞା କଲେ କିମ୍ ଜୋଙ୍ଗ୍ ଉନ୍

**ପ୍ୟୋଙ୍ଗ୍ୟାଙ୍ଗ୍:** ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛନ୍ତି ବୋଲି 'ୱାର୍କର ପାର୍ଟି ଅଫ୍ କୋରିଆ'ର ବର୍ଷାନ୍ତ ସମ୍ମିଳନୀରେ ଉତ୍ତର କୋରିଆର ନେତା କିମ୍ ଜୋଙ୍ଗ୍ ଉନ୍ ସ୍ପଷ୍ଟ କରି କହିବା ସହିତ ନବବର୍ଷରେ ଆଉ ୩ଟି ସାଟେଲାଇଟ୍ ଉତ୍କ୍ଷେପଣ କରିବା ଓ ଆଣବିକ ଶକ୍ତି ବୃଦ୍ଧି କରିବା ଲାଗି ପ୍ରତିଜ୍ଞା କରିଛନ୍ତି। କିମ୍‌ଙ୍କ ବକ୍ତବ୍ୟରୁ ଉଦ୍ଧୃତି କରି ରାଷ୍ଟ୍ରାୟାତ ନିଉଜ୍ ଏଜେନ୍‌ସି 'କେସିଏନ୍‌ଏ' କହିଛି, ୨୦୨୩ରେ ସଫଳତାର ସହିତ ପ୍ରଥମ 'ସ୍ପାଏ ସାଟେଲାଇଟ୍' ଉତ୍କ୍ଷେପଣ ଓ ଚଳାଇବାର ଅଭିଜ୍ଞତାକୁ ଆଧାର କରି ୨୦୨୪ରେ ଆହୁରି ୩ଟି 'ସ୍ପାଏ ସାଟେଲାଇଟ୍' ଉତ୍କ୍ଷେପଣ କରାଯିବ। ଏହା ମହାକାଶ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିକାଶର ପ୍ରସାର ପାଇଁ ଉଦ୍ଦିଷ୍ଟ। ଏହି ସମ୍ମିଳନୀରେ କିମ୍ ଆହୁରି ମଧ୍ୟ କହିଛନ୍ତି, ଆମେରିକା ବିରୋଧୀ ରାଷ୍ଟ୍ରମାନଙ୍କ ସହିତ ମିତ୍ରତା ବୃଦ୍ଧି



କରିଥିବାରୁ ଉତ୍ତର କୋରିଆ ନିକଟରେ ଆଣବିକ ଶକ୍ତି ବୃଦ୍ଧି କରିବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ। କିନ୍ତୁ, ଆମେରିକା ବିରୋଧୀ ରାଷ୍ଟ୍ର କିଏ ତାହା କିମ୍ କହି ନ ଥିଲେ ବି ତାଙ୍କ ତାଲିକାରେ ରୁଷ୍ ନିଶ୍ଚୟ ଥିବ ବୋଲି କଳ୍ପନାଜଳ୍ପନା ଚାଲିଛି। ଏହାଛଡ଼ା, ଦକ୍ଷିଣ କୋରିଆ ସହିତ ଉତ୍ତର କୋରିଆର ମିଶ୍ରଣ ସମ୍ଭାବନାକୁ କିମ୍ ଅସ୍ୱୀକାର କରି କହିଛନ୍ତି ଯେ, ଦକ୍ଷିଣ କୋରିଆ ପ୍ରତି ଥିବା ନୀତିନିୟମକୁ ପ୍ୟୋଙ୍ଗ୍ୟାଙ୍ଗ୍ ନିଶ୍ଚୟ ପରିବର୍ତ୍ତନ କରିବ। ଆମକୁ ଆକ୍ରମଣ କରିବା ଲାଗି ଶତ୍ରୁମାନେ ବିପଜ୍ଜନକ ପଦକ୍ଷେପ ଗ୍ରହଣ କରୁଥିବାରୁ କୋରୀୟ ଉପଦ୍ୱୀପରେ ଯେକୌଣସି ସମୟରେ ଯୁଦ୍ଧ ଲାଗିପାରେ। ଆକ୍ରମଣକୁ ପ୍ରତିହତ କରିବା ଲାଗି ପ୍ରସ୍ତୁତି କରିବା ସହିତ ଆଣବିକ ବୋମା ତିଆରି କରିବା ଲାଗି ସେ ସେନାକୁ କହିଛନ୍ତି।

# ଧମକ ଆସିବାରୁ ମୁମ୍ବାଇରେ ହାଇଆଲର୍ଟ

**ମୁମ୍ବାଇ :** ନବବର୍ଷ ପାଳନ ବେଳେ ସହରର କେତେକ ସ୍ଥାନରେ ବୋମା ବିସ୍ଫୋରଣ କରିବେ ବୋଲି ଫୋନ୍‌ରେ ଜଣେ ଅଜ୍ଞାତ ବ୍ୟକ୍ତି ଧମକ ଦେବା ପରେ ମୁମ୍ବାଇ ପୁଲିସ ହାଇଆଲର୍ଟରେ ରହିଥିବା କଥା 'ଇଣ୍ଡିଆ ଟୁଡେ' ରିପୋର୍ଟ କରିଛି। ସୂଚନା ମୁତାବକ, ମୁମ୍ବାଇରେ ବିସ୍ଫୋରଣ ହେବ କହି ଫୋନ୍ କରିଥିବା ବ୍ୟକ୍ତି ଫୋନ୍ କଲ୍ କାଟି ଦେଇଥିଲେ। ମୁମ୍ବାଇ ପୁଲିସର ଜଣେ ମୁଖପାତ୍ର କହିଛନ୍ତି, ଫୋନ୍ କଲ୍ ଆସିବା ପରେ ଅନେକ ସ୍ଥାନରେ ଯାଞ୍ଚ କରାଯାଇଛି। କିନ୍ତୁ, କୌଣସି ସନ୍ଦିଗ୍ଧ ଜିନିଷ ମିଳି ନ ଥିଲା। ଫୋନ କରୁଥିବା ବ୍ୟକ୍ତିଙ୍କର ସନ୍ଧାନ ପାଇବା ଲାଗି ପୁଲିସ ଉଦ୍ୟମ ଜାରି ରଖିଛି।






# ମହାବିଦ୍ୟାଳୟରେ ନୂଆ- ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ବାଲୁଗାଁ(ଅମୃତ ମିଡିଆ):** ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଗତ ନଭେମ୍ବର ମାସରେ ସମନ୍ୱିତ ଯୁବ ବିକାଶ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ନୂତନ ଉନ୍ନତ ଅଭିଳାଷ ଓଡ଼ିଶା ( ନୂଆ- ଓ) ଅନ୍ତର୍ଗତ କ୍ରୀଡା, ସାଂସ୍କୃତିକ,ସର୍ଜନକ୍ଷମ୍ୟକ ତଥା ସମକ୍ଷଜବିକାଶ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷକ୍ଷ ଡକ୍ଟର କଳ୍ପନା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ତଥା ବିଶିଷ୍ଟ ସମାଜସେବୀ ସୌମ୍ୟ ଶଙ୍କର ଚକ୍ର, ମୁଖ୍ୟବକ୍ତା ତଥା ପ୍ରାକ୍ତନ ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ନାଥ ମାନସିଂହ , ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧକ୍ଷ ଗୋପୀନାଥ ମହାରଣା,ବାଲୁଗାଁ କଲେଜ ପରିଚାଳନା ପରିଷଦ ଅଧକ୍ଷ ପ୍ରବାସ କୁମାର ସୁନ୍ଦରାୟ ଓ ମୋ କଲେଜ ସମ୍ପାଦକ ବିକ୍ରମ ବିଷୋୟୀ ଯୋଗ ଦେଇଥିଲେ ।ପ୍ରାରମ୍ଭରେ ଛାତ୍ରୀମାନେ ଉଭୟ ସ୍ୱାଗତ ସଙ୍ଗୀତ ଓ ଚିତ୍ତାକର୍ଷକ ସ୍ୱାଗତ ନୃତ୍ୟ ମାଧ୍ୟମରେ ଅତିଥି ମାନଙ୍କୁ ସ୍ୱାଗତ ଜଣାଇବା ପରେ ଅଧକ୍ଷା ଡକ୍ଟର କଳ୍ପନା ଦାଶ ଅତିଥି ମାନଙ୍କ ଉଦ୍ଦେଶ୍ୟରେ ଆନୁଷ୍ଠାନିକ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଉପଢୌକନ ପ୍ରଦାନ କରି ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଏହାପରେ ଯୁକ୍ତ ତିନି ନୋଡାଲ ଅଫିସର ଡଃ କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁକ୍ତ ଦୁଇ ଅଧକ୍ଷା ଡକ୍ଟର ଜୟନ୍ତୀ ସାମଲ ଦେଢ଼ ମାସ ଧରି ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ତଥା ଯୁବ ଓଡ଼ିଶା- ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ କିପରି ଶିକ୍ଷାର୍ଥୀ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିଛି ତାହାର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ ।ମୁଖ୍ୟବକ୍ତା ଡାକ୍ତର ଦେବେନ୍ଦ୍ର ନାଥ ମାନସିଂହ କିଶୋର ବୟସ ତଥା ଯୁବ ଅବସ୍ଥାରେ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ମହାନାୟକ ମାନେ କିପରି ନିଜ ଅନ୍ତର୍ନିହିତ ଶକ୍ତିର ବିକାଶ ଘଟାଇଛନ୍ତି ସେ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ କ୍ଷ ମୁଖ୍ୟ ଅତିଥି ସୌମ୍ୟ ଶଙ୍କର ଚକ୍ର ତୃଣମୂଳ ସ୍ତରରୁ ସଂଘର୍ଷ କରି କିପରି ବ୍ୟକ୍ତିତ୍ୱ ବିକାଶ ନିର୍ମାଣ କରାଯାଇପାରେ ତାହା ବିଭିନ୍ନ ମହାପୁରୁଷ ମାନଙ୍କର ପ୍ରେରଣାଦାୟୀ ଜୀବନ ଦର୍ଶନର ଆଲେଖ୍ୟ ମାଧ୍ୟମରେ ଏକ ପ୍ରଭାବଶାଳୀ ବକ୍ତବ୍ୟ ପ୍ରଦକ୍ଷନ କରିଥିଲେ ।ଏହି ଅବସରରେ ସମ୍ମାନିତ ଅତିଥି ଗୋପୀନାଥ ମହାରଣା,ପ୍ରବାସ କୁମାର ସୁନ୍ଦରାୟ ଓ ବିକ୍ରମ ବିଷୋୟୀ ଶ୍ରେଣୀଗୃହର ବୌଦ୍ଧିକ କାର୍ଯ୍ୟକ୍ରମ ବ୍ୟତୀତ ସଙ୍ଗୀତ, ନୃତ୍ୟ, କ୍ରୀଡା, ସମାଜସେବା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଯଥାର୍ଥ ବ୍ୟକ୍ତିତ୍ୱ ବିକଶିତ ହୁଏ ବୋଲି ବକ୍ତବ୍ୟ ପ୍ରଦନ କରିଥିଲେ ।ଏହି ଅବସରରେ ଅଧକ୍ଷା ପ୍ରଧାପିକା କଳ୍ପନା ଦାଶ ଦେଢ଼ ମାସ ଧରି ଏହି କାର୍ଯ୍ୟକ୍ରମ ଗୁଡିକୁ ପ୍ରଚାରିତ ଓ ପ୍ରସାରିତ କରିଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ପ୍ରକାଶ କରିଥିଲେ ।ଏଥି ସହିତ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ମାନଙ୍କର ଅକ୍ଲାନ୍ତ ପରିଶ୍ରମ ,ସର୍ଜନଶୀଳତା ଓ ସାଂସ୍କୃତିକ ଦକ୍ଷତା ଯୋଗୁଁ ଏହି ଯୁବବିକକ୍ଷଶ କାର୍ଯ୍ୟକ୍ରମ ସଫଳ ହୋଇପାରିଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହା ପରେ ଅତିଥି ମାନେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ ସହ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରିଥିଲେ। ପ୍ରାଧାପକ ଡଃ ଲକ୍ଷ୍ମୀଧର ସୁବୁଦ୍ଧି ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିବା ପରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ଡଃ ମୋନାଲିସା ମାନସିଂହ, ଡଃ ସନ୍ତୋଷ ରଥ, ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ସୁବ୍ରତ କୁମାର ତ୍ରିପାଠୀ, ଡଃ ଅକ୍ଷୟ କୁମାର ମିଶ୍ର, ମୃଦାନି ଶଙ୍କର ପ୍ରସାଦ ମିଶ୍ର, ପ୍ରବୀଣ ଜେନା, ମନସ୍ୱିନୀ ପଟ୍ଟନାୟକ, ରୀନା ରାଉତ, ହିମାଂଶୁ ଦାଶ, ଡଃ ପୂର୍ଣ୍ଣ ଚନ୍ଦ୍ର ସାମନ୍ତରାୟ,ବିଦ୍ୟାଧର ଯୁଝାର ସିଂହ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ମାନେ ପରିଚାଳନା କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



**ଟାଙ୍ଗୀ -ଚୌଦ୍ୱାର( ଅମୃତ ମିଡ଼ିଆ ):** ଇମ୍ଫା ଶିଳ୍ପ ଗୋଷ୍ଠୀ ର ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ତରଫରୁ ଏକ ବହୁମୁଖୀ ମାଗଣା ସ୍ୱାସ୍ଥ୍ୟ ଶିବିର ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଶଙ୍କରପୁର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଆଜିର ଏହି ସ୍ୱାସ୍ଥ୍ୟ ଶିବିରଟିକୁ ଚୌଦ୍ୱାର କଟକର ପ୍ରାକ୍ତନ ବିଧାୟକ ଶ୍ରୀ ଧର୍ମାନନ୍ଦ ବେହେରା ଉଦଘାଟନ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ହାଇଟେକ ମେଡିକାଲ ର ସ୍ତ୍ରୀ ଓ ପ୍ରସୂତି ବିଭାଗ, ଚର୍ମରୋଗ ବିଭାଗ, ଶିଶୁରୋଗ ବିଭାଗ,ଅସ୍ଥି ଓ ସଲ୍ୟ ବିଭାଗ ର ଡାକ୍ତର ମାନେ ଆସି ରୋଗୀମାନଂକୁ ଚିକିତ୍ସା କରିଥିଲେ କ୍ଷ ଏହି ଶିବିରରେ ୪୨୬ ଜଣଙ୍କୁ ଭେଷଜ ବିଭାଗ ରେ ଇମ୍ଫା ତରଫରୁ ମାଗଣା ଚିକିତ୍ସା ସହିତ ଔଷଧ ବଣ୍ଟନ କରାଯାଇଥିଲା କ୍ଷ ଆଜିର ଏହି କାର୍ଯ୍ୟକ୍ରମ ରେ ଶଙ୍କରପୁର ର ସରପଞ୍ଚ ଶ୍ରୀମତୀ ପ୍ରମୋଦିନୀ ଖଟୁଆ, ସମିତି ସଭ୍ୟ ସୁକାନ୍ତ ରାଉତ, ସରୋଜ ଖଟୁଆ, ପ୍ରଶାନ୍ତ ହାତୀ, ଦେବାଶିଷ ତ୍ରିପାଠୀ, ଉମେଶ ଚନ୍ଦ୍ର ପଟ୍ଟନାୟକ, ପି. କେ ସାହୁ, ସଂଜୀବ ପୁରହିତ, ଆଶିଷ ଦାସ, ଜ୍ଞାନ ରଞ୍ଜନ ବେହେରା, ଶୁଭଶ୍ରୀ ନାୟକ, ମନୋଜ ମହାପାତ୍ର, ନିର୍ଲିପ୍ତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଇମ୍ଫା ର ଏହି ଜନ କଲ୍ୟାଣକାରୀ କୁ ଟାଙ୍ଗୀ ଚୌଦ୍ୱାର ର ବୁଦ୍ଧିଜୀବୀ ମାନେ ଖୁବ ପ୍ରଶଂସା କରିଥିଲେ କ୍ଷ ଏହି ସ୍ୱାସ୍ଥ୍ୟ ଶିବର କୁ ଇମ୍ଫା ର ଜନ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ ପରିଚାଳନା କରିଥିଲେ।

# ମେଡିକାଲ କଲେଜ ହାଉସ ସର୍ଜନଙ୍କୁ ଆକ୍ରମଣ ଘଟଣା:୨ଗିରଫ



**ବଲାଙ୍ଗୀର(ଅମୃତ ମିଡିଆ):** ୩୦ ଡିସେମ୍ବର ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ କଲେଜ୍ ଓ ହସ୍ପିଟାଲ୍‌ର ଯୁବ ଡାକ୍ତରଙ୍କୁ ମାଡ଼ ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଏକ ପ୍ରେସ୍ ମିଟ୍ ଆହ୍ୱାନ କରି ଘଟଣାର ସଂପୂର୍ଣ୍ଣ ଖୁଲାସା କରିଛନ୍ତି ଏସ୍‌ଡ଼ିପିଓ ତୋଫାନ ବାଗ । ଦିଆଯାଇଥିବା ସୂଚନା ଅନୁସାରେ ଗତ ୨୮ ତାରିଖ ଦିନ ଅପରାହ୍ନ ପ୍ରାୟ ୫ଟା ୧୫ରେ ଆଉଟ୍? ଡୋ ଡ୍ୟୁଟି ସାରି ସାଥୀ ଡାକ୍ତରଙ୍କ ସହିତ ଗାଇନିକ୍ ଡାକ୍ତର ବିଶ୍ୱରଂଜନ ସାହୁ ବାଇକ୍ ଯୋଗେ ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ କଲେଜ୍ ଓ ହସ୍ପିଟାଲ୍‌କୁ ଫେରୁଥିବା ବେଳେ ଲାଲଟିକ୍ରା ଗ୍ରୀଡ୍ ନିକଟସ୍ଥ ଗ୍ୟାରେଜ ପାଖରେ ତାଙ୍କୁ ଦୁଇ ଜଣ ଦୁର୍ବୃତ୍ତ ଆସି ମରଣାନ୍ତକ ଆକ୍ରମଣ କରିଥିଲେ । ଗୁରୁତର ଡାକ୍ତର ବିଶ୍ୱରଂଜନଙ୍କୁ ତୁରନ୍ତ ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା । ଘଟଣା ସଂପର୍କରେ ବିବିଏମ୍ ସିଏଚ୍ ସୁପରିଣ୍ଟେଣ୍ଡେଣ୍ଟ ଡା.ମାନସୀ ପଣ୍ଡା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ । ଅନ୍ୟପଟେ ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ମେଡ଼ିକାଲ୍? ଛାତ୍ରଛାତ୍ରୀ ବିବିଏମ୍‌ସିଏଚ୍ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ । ବଲାଙ୍ଗିର ଏସ୍‌ପି ରିଷିକେଶ ଖିଲାରୀ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଥିବା ବେଳେ ତାଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ବଲାଙ୍ଗିର ପୋଲିସ ଏକ ମଲ୍‌ଟିପଲ୍? ଟିମ୍? ଗଠନ କରି ଛାନ୍?ଭିନ୍? ଆରମ୍ଭ କରିଥିଲା । ୨୮ ତାରିଖ ରାତି ସାରା ଖୋଜାଖୋଜି ପରେ ୨୯ ତାରିଖ ଦିନ କନ୍ଧମାଳ ଜିଲ୍ଲା ଗୋଛାପଡ଼ାରୁ ୨ ଅଭିଯୁକ୍ତ ସମୀର ବଡ଼ମାଲି(୨୬) ଏବଂ ଲିପୁନ ଓରଫ୍ ରାଜୁ ସାହୁ(୨୪)ଙ୍କୁ ଗିରଫ୍? କରାଯାଇଥିଲା । ଅଭିଯୁକ୍ତମାନଙ୍କଠାରୁ ଘଟଣାରେ ବ୍ୟବହୃତ ଗୋଟିଏ ଷ୍ଟିଲ୍ ମୁଠି ପଞ୍ଚ ସହ ଗୋଟିଏ ବାଇକ୍? ଜବତ୍? କରାଯାଇଛି । ସଂପୃକ୍ତ ଦୁଇ ଅଭିଯୁକ୍ତ ପୂର୍ବରୁ ଏକ ଡକାୟତି ଘଟଣାରେ ମଧ ସଂଶ୍ଳିଷ୍ଟ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ମୁଖ୍ୟ ଅଭିଯୁକ୍ତ ସମୀରଙ୍କ ପତ୍ନୀଙ୍କୁ ଚିକିତ୍ସା ବେଳେ ଡାକ୍ତର ବିଶ୍ୱରଂଜନ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବାରୁ ସେମାନେ ଆକ୍ରମଣ କରିଥିବା ପୋଲିସ ଆଗରେ କହିଥିବା ଏସ୍‌ଡ଼ିପିଓ ଶ୍ରୀ ବାଗ କହିଛନ୍ତି । ଅନ୍ୟ ପକ୍ଷରେ ଅଭିଯୁକ୍ତ ସମୀରଙ୍କ ପତ୍ନୀ ଡାକ୍ତର ବିଶ୍ୱରଂଜନଙ୍କ ନାମରେ ଟାଉନ ଥାନାରେ ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗ କରିଥିବା ମଧ କୁହାଯାଇଛି । ଏଦିଗରେ ମଧ ପୋଲିସ ତଦନ୍ତ କରିବ ବୋଲି ଏସ୍‌ଡ଼ିପିଓ କହିଛନ୍ତି ।

# ଗ୍ରାମପଞ୍ଚାୟତରେ ବିଜେଡ଼ିର କର୍ମୀ ସମ୍ମିଳନୀ



**ବାଲିଅନ୍ତା(ଅମୃତ ମିଡିଆ):** ବାଲିଅନ୍ତା ବ୍ଲକ୍ ଅଧିନ ସରକଣା ଗ୍ରାମ ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଏହି ସମ୍ମିଳନୀ ରେ ବିଜୁ ଜନତା ଦଳର ବରିଷ୍ଠ ନେତା କମଳ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀରେ ଯୋଗେନ୍ଦ୍ରନାଥ ପଣ୍ଡା, ସମିତିସଭ୍ୟା ସଂଯୁକ୍ତା ବିଶ୍ୱାଳ, ପୂର୍ବତନ ସରପଂଚ ସୂର୍ଯ୍ୟ ନାରାୟଣ ଦାସ, ୧୭ନମ୍ବର୍ ଜୋନର ଜିଲ୍ଲା ପରିଷଦ ସଭ୍ୟା କୁନୁମୁନ ଲେଙ୍କା, ୧୮ନମ୍ବର୍ ଜୋନର ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା, ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦିପ୍ତ ଜେନାମଣି, ବାଲିଅନ୍ତା ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ବିଜୁ ଜନତା ଦଳର ମହିଳା ଉପସଭାପତି ରିନା ରାଣୀ ଜେନା, ପୁରୋହିତ ପୁର ସରପଞ୍ଚ ଭଗବାନ୍ ବେହେରା, ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମୀଧର ନାୟକ, ବିଜୁ ଜନତା ଦଳର ଛାତ୍ର ସଭାପତି ବ୍ରହ୍ମଲାଭ ମହାପାତ୍ର, ପୂରଣ ପ୍ରଧାନ ସରପଞ୍ଚ ଦୁର୍ଯ୍ୟଧନ ମାଲିକ୍,ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଆଗାମୀ ୨୦୨୪ ରେ ଜୟଦେବ ନିର୍ବାଚନ ମଣ୍ଡଳୀରେ କିପରି ଯୋଡି ଶଙ୍ଖ ବାଜିବ ଏବଂ ଏଥି ପାଇଁ ରଣ କୌସଳ କରିବା ପାଇଁ ଏନେଇ ଶତାଧିକ ପୁରୁଷ ଓ ମହିଳା କର୍ମୀ ଙ୍କୁ ଆହ୍ୱାନ ଦେଇଥିଲେ। ତତ୍ ସହ ଏହି ପରିପ୍ରେକ୍ଷୀରେ ବିଭିନ୍ନ ମିଶନ ଶକ୍ତିର ମହିଳା ସାଙ୍ଗଠକ ଯୋଗ ଦେଇ ରାଜ୍ୟ ସରକାରଙ୍କ ଠାରୁ ପାଇଥିବା ବିଭିନ୍ନ ପ୍ରକାରର ସରକାରୀ ସହାୟତା ଉପରେ ଆଲୋକପାତ କରିଥିଲେ।

# ପକ୍ଷାଘାତ ପୀଡିତ ନିମାଇଁ ସେଠୀଙ୍କୁ ଆର୍ଥିକ ସହାୟତା



**କୁଜଙ୍ଗ(ଅମୃତ ମିଡିଆ):** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ କାଠକୋଟ ପଞ୍ଚାୟତ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମର ନିମାଇଁ ଚରଣ ସେଠୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନା ଯୋଗ୍ୟ କି, ନିମାଇଁ ଦୀର୍ଘ ତିନି ମାସ ହେବ ପକ୍ଷାଘାତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ । ଯାହା ଚାଷବାସ କରି ପରିବାର ପ୍ରତିପୋଷଣ କରୁଥିଲେ ତାହା ଏବେ ବନ୍ଦ ହୋଇଯାଇଛି ଯେବେଠୁ ସେ ଏହି ରୋଗର ଶୀକାର ହେଲେଣି । ପାଖରେ ଅର୍ଥ ନଥିବାରୁ ନିଜର ଚିକିତ୍ସା ଠିକ ସେ କରାଇପାରୁନାହାନ୍ତି । ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ଫଳରେ ପରିବାର ଘୋର ମାନସିକ ଅଶାନ୍ତିରେ କାଳାତିପାତ କରୁଛନ୍ତି । ଚିକିତ୍ସା କରାଇବା ଲାଗି ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ପରାମର୍ଶଦାତା ଦେବାଶିଷ ମହାପାତ୍ର , ସଂଯୋଜକ ମାନସ କୁମାର ମଲ୍ଲିକ ଏବଂ ବରିଷ୍ଠ ସଦସ୍ୟ ନନ୍ଦନନ୍ଦନ ଜୟସିଂ ପ୍ରମୁଖ ନିମାଇଁଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର (୧୦୦୦୦) ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ନିମାଇଁ, ତାଙ୍କ ପତ୍ନୀ ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୁୟୀୟସୀ ପ୍ରଶଂସା କରାଯାଇଛି ।

# ବ୍ଲକସ୍ତରୀୟ ଟେଣ୍ଟ ହାଉସ ମାଲିକ ସଂଘର ବାର୍ଷିକ ବୈଠକ



**କୋକସରା(ଅମୃତ ମିଡ଼ିଆ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଙ୍ଗୋମୁଣ୍ଡା ଖେଲପଡିଆ ଠାରେ ରବିବାର କୋକସରା ବ୍ଲକ ସ୍ତରୀୟ ଟେଣ୍ଟ ହାଉସ ମାଲିକ ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ଶ୍ରୀଯୁକ୍ତ ଅଶୋକ ନାଏକଙ୍କ ସଭାପତିତ୍ୱରେଆୟୋଜିତ ଏହି ବୈଠକରେ କୋକସରା ତହସିଲଦାର ନବିନ କିଶୋର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟେଣ୍ଟ ହାଉସ ମାଲିକ ସଂଘ କୁ ଉତ୍ସାହିତ କରିବା ସହ ସମସ୍ତେ କିଭଳି ଏକତାର ଡୋରିରେ ବାନ୍ଧି ହୋଇ ଆଗକୁ ଲୋକଙ୍କ ସେବା ଯୋଗାବାରେ କିପରି ସଫଳତା ପାଇବେ ସେଥିପ୍ରତି ଆପଣମାନେ ଯତ୍ନ ବାନ ହେବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ । ଯାହା ହେଉ ଆପଣ ମାନେ ପ୍ରତିଟି ମୁହୂର୍ତ୍ତରେ ଆବଶ୍ୟକ ସ୍ଥଳେ ଗାଁ ଗାଁ ରେ ଟେଣ୍ଟ ସେବା ଯୋଗାଇ ଦେଉଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଧର୍ମଗତ ଉପଖଣ୍ଡ ସ୍ତରୀୟ ଟେଣ୍ଟ ହାଉସ ମାଲିକ ସଂଘ ସମ୍ପାଦକ ରାମଚନ୍ଦ୍ର ମେହେର ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ଧର୍ମଗତ ଉପଖଣ୍ଡ ଟେଣ୍ଟ ହାଉସ ମାଲିକ ସଂଘ ସଭାପତି ମଦନ ଯୋଏନ, ଉପଖଣ୍ଡ ସ୍ତରୀୟ ସହ ସମ୍ପାଦକ ଦିଗାମ୍ବର ସତପଥି, ଜୁନାଗଡ ଟେଣ୍ଟ ହାଉସ ମାଲିକ ସଂଘ ଉପଦେଷ୍ଟା ମିନକେତନ ହଂସ, କୋକସରା ବ୍ଲକ ଉପ ସଭାପତି ପ୍ରଭାତ ଚଣ୍ଡୀ, ସମ୍ପାଦକ ଗୋବିନ୍ଦ ମାଝୀ, କୋଷାଧକ୍ଷ ମନ୍ମଥ ଦାସ, ପ୍ରୋଜେକ୍ଟ କୋଡିନେଟର ଦେବେନ୍ଦ୍ର ଦାଶ, ରଜନୀକାନ୍ତ ମହାରଣା ପ୍ରମୁଖ ମଞ୍ଚାସୀନ ହୋଇ ଥିବାବେଳେ ବ୍ଲକ ସଂଘ ସମ୍ପାଦକ ଚିନ୍ତାମଣି ପଟେଲ ମଞ୍ଚ ପରିଚାଳନା କରିଥିଲେ । ସଂଘରେ ଜଡ଼ିତ ଥିବା ୧୧୧ ଜଣ ଟେଣ୍ଟ ହାଉସ ମାଲିକେ ମାନଙ୍କୁ ଆଇକାର୍ଡ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା

# କଲେଜରେ ନୂଆ ଓ 'ଯୁବ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ

**ଜୁନାଗଡ଼(ଅମୃତ ମିଡ଼ିଆ):** ଜୁନାଗଡ଼ ସ୍ଥିତ ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ନୂଆ ଓ' ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଅବସରରେ ପ୍ରଥମ ଦିନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର କୃତି ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା କ୍ଷ ଏହି ପୁରସ୍କାର ବିତରଣ ଉତ୍ସବ ରେ



ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ନଗରପାଳ ଶ୍ରୀ ମୁକେଶ ଅଗ୍ରୱାଲ ଯୋଗଦାନ କରି କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ କ୍ଷ ଏହି ଅବସରରେ ଅନୁଷ୍ଠିତ ସଭା ରେ ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧକ୍ଷ ଶ୍ରୀ ବିଭୁତି ଭୂଷଣ ମେହେର ସଭାପତିତ୍ୱ କରିଥିଲେ କ୍ଷ ମାଧ୍ୟମିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା କ୍ଷ ଏହା କୁ ସହାୟତା କରିଥିଲେ ମାଧ୍ୟମିକ ବିଦ୍ୟାଳୟ ର ପିଇଟି. ସମୀର ସାହୁ ,ଅଧ୍ୟାପକ ସରୋଜ ଠାକୁର, ପ୍ରିୟବ୍ରତ ବଣୁଆ, ଅଧ୍ୟାପିକା ଓ ଅଧ୍ୟାପିକା ।ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ କେପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧକ୍ଷ୍ୟା ସୁଧିରା ମେହେର,ପୂର୍ବତନ ନଗରପାଳ ମହେଶ ସାହୁ,ପାରିଷଦ ଚକ୍ରଧର ବାଗ ମଞ୍ଚାସିନ ଥିଲେ ।ଅଧକ୍ଷ ବିଭୁତି ମେହେର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।ଅଧ୍ୟାପକ ସରୋଜ ଠାକୁର ,ପ୍ରିୟବ୍ରତ ବଣୁଆ,ଦେବେନ୍ଦ୍ର ବେହେରା,ସାଗରିକ ଦାସ,ସାଂସ୍କୃତିକ କାର୍ଯ୍ୟକ୍ରମ କୁଁଅାର ଦଣ୍ଡସେନା,କ୍ଷିତି ସ ସଂଯୋଜନା କରିଥିଲେ ।ଏହି କାର୍ଯ୍ୟକ୍ରମ ରେ କଲେଜରେ ଅଧ୍ୟୟନ କରିଥିବା ପୁରାତନ ଛାତ୍ର ସାମ୍ବାଦିକ କ୍ଷେତ୍ରରେ ଉଲେଖନୀୟ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା ସେମାନେହେଲେ ବରିଷ୍ଠ ସାମ୍ବାଦିକ ହିମାଂଶୁ ବରାଡ଼, ନରେନ୍ଦ୍ର କ୍ଷିତି,ସନ୍ତୋଷ ସିଂହଦେଓ ,ଖଗେଶ୍ୱର ଧଙ୍ଗଡାମାଝୀ,ରବି ସୁନାନୀ,ରାକେଶ ବେମାଲ, ଉଗ୍ରେସନ କନ୍ଦପାନ,ପ୍ରମୁଖଙ୍କୁ ମୁଖ୍ୟ ଅତିଥିଙ୍କଦ୍ୱାରା ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା ।ଏହିକାର୍ଯ୍ୟକ୍ରମରେଅଧ୍ୟାପକ ଆଦିତ୍ୟ ଖମାରି,କୈଳାସ ମେହେର,ନେତ୍ରାନନ୍ଦ ପ୍ରଧାନ,ହେମନ୍ତ ରଣା,ବନିତା ସାହୁ,ନିତୁ ସାହୁ, ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିବା ବେଳେ ଶୁଭାଶିଷ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଜାଗୃତିକା'ର ସାଂଗଠନିକ ବୈଠକ

**ଚିଲିକା ( ଅମୃତ ମିଡ଼ିଆ):** ବାଣପୁର ବ୍ଲକ୍ ନାଚୁଣୀର ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ଜାଗୃତିକା ପକ୍ଷରୁ ବୋଇତିଆ ପାହାଡ଼ ପାଦଦେଶରେ ଅବସ୍ଥିତ ବୋଇତିଆଣୀ ଠାକୁରାଣୀଙ୍କ ମନ୍ଦିର ପରିସରରେ ସଂଘର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଏହି ବୈଠକକୁ ପରିଚାଳନା କରିଥିଲେ ସଭାପତି ଶ୍ରୀଯୁକ୍ତ ଗଙ୍ଗାଧର ପ୍ରଧାନ ଓ ବୈଠକର ବିବରଣୀ ପାଠ କରିଥିଲେ ସଂପାଦକ ଶ୍ରୀ ବିରଞ୍ଚି ନାରାୟଣ ପ୍ରସାଦ ନାୟକ। ସଂଘର ବରିଷ୍ଠ ସଦସ୍ୟ ବାଗ୍ମୀ ରାମଚନ୍ଦ୍ର କର, କାଳୁ ଚରଣ ସାମନ୍ତରାୟ, ପଠାଣି ବଳବନ୍ତରାୟ, ଭବାନୀ ପ୍ରସାଦ ମହାପାତ୍ର ପ୍ରମୁଖ ଦିଗ୍ ଦ୍ରଷ୍ଟାମାନେ ସଂଗଠନର ବିସ୍ତାର ମୁଖୀ ଚିନ୍ତା ଧାରାକୁ ସଫଳ ରୂପାୟନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ, ଯାହା ସମାଜ ପାଇଁ ଅତ୍ୟନ୍ତ କଲ୍ୟାଣକାରୀ। ବିଶେଷ କରି ଆଗାମୀ ତ୨୨-୧-୨୦୨୪ରିଖରେ ହେଉଥିବା ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସମର୍ଥନ ଜଣାଇ ଏକ ସଂକୀର୍ତ୍ତନ ମଣ୍ଡଳୀ ବୃଷଭ ଛକରୁ ବାହାରି ନଗର ପରିକ୍ରମା କରି କଉଡିଖଣୀ ରଘୁନାଥ ଦେବଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା ଓ ପ୍ରସାଦ ସେବନ କରିବା ପାଇଁ ସ୍ଥିର କରାଯାଇଛି। ଏହି ପ୍ରସ୍ତାବକୁ ସଂଘର ଅନ୍ୟ ସମସ୍ତ ସଦସ୍ୟମାନେ ଯଥା-ଆଶିଷ୍ କୁମାର ପତି, ଦୁର୍ଯ୍ୟୋଧନ ପ୍ରଧାନ, ନୀରଦ କୁମାର ମହାପାତ୍ର, ପ୍ରମୋଦ କୁମାର ପଣ୍ଡା, ଅଜିତ୍ କୁମାର ମିଶ୍ର,ପ୍ରଭାତ ସୁନ୍ଦରାୟ, ପୁରୁଷୋତ୍ତମ ମିଶ୍ର, ବେଣୁଧର ସାହୁ, ସୁରେଶ କୁମାର ହୋତା ଓ ରଘୁନାଥ ବେହେରା ପ୍ରମୁଖ ସମର୍ଥନ ଜଣାଇଥିଲେ। ସମସ୍ତ ସଦସ୍ୟମାନେ ୨୦୨୩ମସିହାର ଘଟଣ ଅଘଟଣ,ସୁଖ ଦୁଃଖ,ଭଲ ମନ୍ଦ ଇତ୍ୟାଦିକୁ ମା ବୋଇତିଆଣୀଙ୍କୁ ସମର୍ପୀ ଦେଇ ନୂତନ ବର୍ଷ ୨୦୨୪କୁ ସ୍ୱାଗତ ଅଭ୍ୟର୍ଥନା ଜଣାଇଥିଲେ। ଶେଷରେ ଶିବ କୁମାର ତ୍ରିପାଠୀ ମା ଭଗବତୀଙ୍କ ଜଣାଣ ଗାଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅନ୍ଧବିଶ୍ୱାସ ଯୋଗୁଁ ଆଥିୟା ଘରେ ରହିବାକୁ ପସନ୍ଦ କରନ୍ତି : ରାହୁଲ



ଭାରତରେ କ୍ରିକେଟ୍ କେବଳ ଏକ କ୍ରୀଡ଼ା ନୁହେଁ, ଲୋକଙ୍କ ଆବେଗ ସହ ଓତଃପ୍ରୋତଃ ଭାବେ ଜଡ଼ିତ । ବେଳେବେଳେ ବଡ଼ ମ୍ୟାଚ୍‌କୁ ନେଇ ଲୋକେ ଅନ୍ଧବିଶ୍ୱାସୀ ହୋଇଥାନ୍ତି । ବଲିଉଡ୍ ଅଭିନେତ୍ରୀ ଓ କ୍ରିକେଟର କେଏଲ୍ ରାହୁଲଙ୍କ ପତ୍ନୀ ଆଥିୟା ଶେଟ୍ଟୀ ସେହିଭଳି ଜଣେ ମଣିଷ । ବିଶ୍ୱକପ୍-୨୦୨୩ରେ ଆଥିୟାଙ୍କ ଅନ୍ଧବିଶ୍ୱାସ ବିଷୟରେ ଏକ କ୍ରୀଡ଼ା ଗଣମାଧ୍ୟମ ସହ ସାକ୍ଷାତକାରରେ ରାହୁଲ ଆଲୋଚନା କରିଛନ୍ତି । ରାହୁଲ କହିଛନ୍ତି, ବିଶ୍ୱକପ୍ ଫାଇନାଲ୍ ମ୍ୟାଚ୍ ଦେଖିବାକୁ ସେ ଆଥିୟାଙ୍କୁ ଆମନ୍ତ୍ରଣ କରିଥିଲେ । କିନ୍ତୁ ଅନ୍ଧବିଶ୍ୱାସ ଯୋଗୁ ଆଥିୟା ଘରେ ରହିବାକୁ ପସନ୍ଦ କଲେ । ମୁଁ ମ୍ୟାଚ୍ ଖେଳୁଥିବା ବେଳେ ଘରେ ରହି ଖେଳ ଦେଖିବାକୁ ସେ ଶୁଭଙ୍କର ବୋଲି ମନେକରନ୍ତି । ରାହୁଲ ଯେତେବେଳେ ବ୍ୟାଟିଂ କରନ୍ତି, ଆଥିୟା ନିଜ ସ୍ଥାନରୁ ଉଠନ୍ତି ନାହିଁ । ଏ ମାମଲାରେ ଆଥିୟା ବାପା ସୁନୀଲ ଶେଟ୍ଟୀଙ୍କ ଭଳି । ସୁନୀଲ ସମସ୍ତ ବିଶ୍ୱକପ୍ ମ୍ୟାଚ୍ ଚଟାଣରେ ବସି ଦେଖିଥିଲେ ବୋଲି ରାହୁଲ କହିଛନ୍ତି । ଏ ଭଳି ଅନ୍ଧବିଶ୍ୱାସ ସତ୍ତ୍ୱେ ନିଜ ଜୀବନରେ ଆଥିୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ମଧ୍ୟ ରାହୁଲ ଖୋଲି କହିଛନ୍ତି । ଆଥିୟାଙ୍କ ଦୃଢ଼ ସମର୍ଥନ କ୍ରୀଡ଼ା ପ୍ରଦର୍ଶନରେ ମାନସିକ ସନ୍ତୁଳନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ବୋଲି ରାହୁଲ କହିଛନ୍ତି । ନିଜ ସୀମାଠୁ ଆଗକୁ ଯାଇ ଅଧିକ ପ୍ରୟାସ କରିବାକୁ ଆଥିୟା ତାଙ୍କୁ ଉତ୍ସାହିତ କରନ୍ତି । କ୍ରିକେଟ୍‌ରେ ତାଙ୍କ ସଫଳତାରେ ଆଥିୟାଙ୍କ ବଡ଼ ଯୋଗଦାନ ରହିଥିବା ରାହୁଲ କହିଛନ୍ତି ।

## ଅଲଟିମେଟ ଖୋ ଖୋ ସିଜନ-୨

# ଓଡିଶା ଜଗରନଟସକୁ ୨୯-୨୮ରେ ପରାଜିତ କଲା ତେଲୁଗୁ ଯୋଦ୍ଧାସ





**କଟକ(ବ୍ୟୁରୋ):** ଅଲ୍ଟିମେଟ ଖୋ ଖୋ ସିଜନ ୨ରେ ଆଜି ୭ମ ଦିନରେ କଟକର ଜଓ୍ୱାହାରଲାଲ ନେହେରୁ ଷ୍ଟାଡିୟମରେ ଖେଳାଯାଇଥିବା ୧ମ ମ୍ୟାଚରେ ତେଲୁଗୁ ଯୋଦ୍ଧାସ, ଓଡିଶା ଜଗରନଟସକୁ ୨୯-୨୮ ପଏଂଟ୍‌ରେ ପରାଜିତ କରିଛି । ଆଜିର ରୋମାଂଚକର ମ୍ୟାଚରେ ତେଲୁଗୁ ଯୋଦ୍ଧାସ, ଓଡିଶା ଜଗରନଟସକୁ ୧ ପଏଂଟରେ ପରାଜିତ କରି ଲିଗରେ ନିଜର ୩ୟ ବିଜୟ ହାସଲ କରିଛି । ସେହିପରି ଚଳିତ ଲିଗରେ ଖେଳିଥିବା ମୋଟ ୫ଟି ମ୍ୟାଚ ମଧ୍ୟରୁ ଓଡିଶାର ଏହା ୨ୟ ପରାଜୟ । ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହ ସହଭାଗିତାରେ ଅମିତ ବର୍ମନ୍‌ଙ୍କ ଦ୍ୱାରା ପରିକଳ୍ପିତ ଅଲ୍ଟିମେଟ୍ ଖୋ ଖୋ ପ୍ରଥମ ସଂସ୍କରଣରେ ଏକ ବଡ ସଫଳତାରେ ପରିଣତ ହୋଇଥିଲା, ଯାହାକି ଟେଲିଭିଜନ ଭ୍ୟୁୟରସିପ୍ ଦୃଷ୍ଟିରୁ ଭାରତର ୩ୟ ସର୍ବବ୍ୟହତ୍ ଅଣ-କ୍ରିକେଟ୍ ଲିଗ୍ ଭାବେ ଉଭା ହୋଇଛି । ଏହା ଯୁକେ ସ୍ଥିତ ବିଏନ୍‌ପି ଗ୍ରୁପ୍ ସୌଜନ୍ୟରେ ଏହା ସିରିଜ୍ ଏ ଫଣ୍ଡିଙ୍ଗ୍ ପ୍ରାପ୍ତ କରିଥିବା ପ୍ରଥମ ଇଣ୍ଡିଆନ୍ ସ୍ପୋର୍ଟସ୍ ଲିଗ୍ ହେବାର ସ୍ୱତନ୍ତ୍ରତା ହାସଲ କରିଥିଲା । ଏହାର ୨ୟ ସଂସ୍କରଣରେ ପଏଂଟ ବ୍ୟବସ୍ଥାରେ ଏକସମାନତା ପ୍ରଚଳନ କରାଯାଇଛି ଯେଉଁଥିରେ ଦଳଗୁଡ଼ିକୁ ସମସ୍ତ ଆକ୍ରମଣାତ୍ମକ ପଦକ୍ଷେପ ପାଇଁ ଦୁଇ ପଏଂଟ ଦାୟୀ କରାଯିବ । ସେହିପରି ପ୍ରତିଦିନ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରୁ ଆରମ୍ଭ ହେଉଥିବା ଦୁଇଟି ମ୍ୟାଚ୍‌ର ଲାଇଭ୍ କଭରେଜ ସହିତ ସିଜନ୍ ୨ର ଉତ୍ସାହଜନକ ଆକ୍ସନ ସୋନି ସ୍ପୋର୍ଟସ୍ ନେଟ୍‌ୱର୍କର ଚ୍ୟାନେଲ ଓ ସୋନି ଲିଭ୍‌ରେ ଟେଲିକାଷ୍ଟ ବା ପ୍ରସାରିତ ହେବ । ପ୍ରତିଦିନ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରୁ ଆରମ୍ଭ ହେଉଥିବା ଦୁଇଟି ମ୍ୟାଚର ଲାଇଭ କଭରେଜ ସହିତ ଅଲ୍ଟିମେଟ ଖୋ ଖୋ ସିଜନ ୨ର ଆକ୍ସନଗୁଡିକ ସୋନି ସ୍ପୋର୍ଟସ ନେଟ୍‌ୱର୍କର ଚ୍ୟାନେଲ ଓ ସୋନିଲିଭ ଆପରେ ପ୍ରସାରିତ ହେବ । ଆଜିର ୧ମ ମ୍ୟାଚରେ ବିଜୟୀ ଦଳ ତେଲୁଗୁ ଯୋଦ୍ଧାସ୍ ଦଳରେ ଅରୁଣ ଗୁର୍ଜ୍ଜି, ଅବଧୂତ ପାଟିଲ, ପ୍ରତୀକ ଓ୍ୱାଇକର, ଅଧିକାର ଗାନପୁଲେ, ରାହୁଲ ମଣ୍ଡଳ, ନିଖିଲ ବାଘେ, ମିଲିନ୍ଦ ଚାଭରେକର, ଆକାଶ ତୋଗାରେ, କିରଣ ଭାସାଭେ, ଧ୍ରୁବ, ପ୍ରସାଦ ରାଡ଼ି, ରୁଦ୍ର ଥୋପାଟେ, ପ୍ରେମ ରାଣ୍ଡିଭ, ବୈଭବ ନିସ୍ପାନେ, ସୌରଭ ଆଡଭାକର, ବିଜୟଭାଇ ଭେଗଡ଼, ଅନୁକୁଳ ସରକାର, ଏମ ଫନି କୁମାର, ମହାମଦ ଉଜେର ହାରୁନ ମୋମିନ୍, ମାତଲୁମ୍, ଲିପୁନ ମୁଖୀ, ଅର୍ଜୁନ ବିଶ୍ୱକର୍ମା, ପ୍ରସାଦ ପାଟିଲ, ବୋଜଜମ ରଂଜିତ୍ ଏବଂ ରଜତ ମଲ୍ଲିକ ଆଦି ସାମିଲ ଥିଲେ । ସେହିପରି ଓଡ଼ିଶା ଜଗରନଟସ୍‌ରେ ଦିଲୀପ ଖଣ୍ଡଭି, ଦୀପେଶ ମୋରେ, ଗୌତମ ଏମକେ, ବିଶାଲ, ଓମକାର ସୋନାଓ୍ୱାନେ, ରୋହନ ଶିଙ୍ଗାଡେ, ଅକ୍ଷୟ ମାସାଲ, ମହେଶା ପି, ମନୋଜ ପାଟିଲ, ଅବିନାଶ ଦେଶାଇ, ମନୋଜ କୁମାର, ବିଶାଗ ଏସ, ଦେବେନ୍ଦ୍ର ନାଥ, ନିଖିଲ କୁମାର, ବିଶାଲ ଓରାମ, ସୟ କୁମାର ଭି, ଦୀପକ କୁମାର ସାହୁ, ନିଖିଲ ବି, ଏମଡି ମିରାଜୁଲ, ସୁଶା' କଲଧୋନ, ସୋଭାଗ ଭି ଶ୍ରୀଗଣ୍ଡା, ନିରନ ସାମଲ, ସବୀର ଅହମ୍ମଦ, ସୁରେଶ କୁମାର ଓ ସିଦ୍ଧେଶ୍ୱର ଟୁଡୁ ଆଦି ସାମିଲ ଥିଲେ ।


With Best Complements

ARYA IRON & STEEL COMPANY PVT. LTD.

ARYA GROUP

Manufacturer of Iron Ore Pellets

(Committed to Continuous Growth of Odisha)

Head Office
51-53A, Mittal Court,
Nariman Point, Mumbai-400 021
Tel: 022-40696000
Fax: 022-40696060
Email: info@aisco.co.in
Web site: www.aisco.co.in

Factory
107/1,108/1, Matkambeda,
Industrial Estate, Barbil
Dist-Keonjhar, Odisha
Ph: 06767-260500/600
Fax:-06767-260400
email: aisco@aisco.co.in


# ଦ୍ୱିତୀୟ ଦିନିକିଆ: ରିଚାଙ୍କ ୯୬ ସତ୍ତ୍ୱେ ହାରିଲା ଭାରତ



**ମୁମ୍ବାଇ :** ଉଇକେଟ କିପର ବ୍ୟାଟର ରିଚା ଘୋଷଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଅଷ୍ଟ୍ରେଲିଆ ଠାରୁ ୩ ରନରେ ହାରିଛି ଭାରତ । ଏହା ସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ନେଇଛି ଅଷ୍ଟ୍ରେଲିଆ । ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୫୦ ଓଭରରେ ୮ ଉଇକେଟ ହରାଇ ୨୫୮ ରନ୍ କରିଥିଲା । ଜବାବରେ ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୨୫୫ ରନ୍ ସ୍କୋର କରିଥିଲା । ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ତେବେ ଦୀପ୍ତି ଶର୍ମାଙ୍କ ୫ ଉଇକେଟ ସଫଳତା ବଳରେ ଅଷ୍ଟ୍ରେଲିଆ ୫ ଉଇକେଟ ହରାଇ ୨୫୮ ରନ୍ ସ୍କୋର କରିଥିଲା । ଫିବ୍ ଲିଚ୍‌ଫିଲ୍ଡ(୬୩) ଓ ଆଲିସା ହିଲୀ(୧୩) ପ୍ରଥମ ଉଇକେଟରେ ୪୦ ରନ୍ ଯୋଡିଥିଲେ । ଏଲିସ୍ ପେରୀ(୫୦)ଙ୍କ ସହିତ ଲିଚଫିଲ୍ଡ ୭୭ ରନ୍ ଯୋଡିଥିଲେ । ତେବେ ମିଡିଲ ଓଭରରେ ଦୀପ୍ତିଙ୍କ ଘାତକ ବୋଲିଂ ବଳରେ ଅଷ୍ଟ୍ରେଲିଆ ବଡ ସ୍କୋର କରିବାରେ ବିଫଳ ହୋଇଥିଲା ।ଶେଷ ଆଡକୁ ଆଲାନା କିଙ୍ଗ ଦ୍ରୁତ ୨୮ ରନ୍ ସ୍କୋର କରିଥିଲେ । ଦୀପ୍ତି ୩୮ ରନ୍ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ ଦୀପ୍ତି ଶର୍ମା । ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ୫ ଉଇକେଟ ସଫଳତା । ୨୫୯ ରନ୍ ଲକ୍ଷ୍ୟରେ ୟସ୍ତିକା ଭାଟିଆ(୧୪) ଓ ସ୍ମୃତି ମନ୍ଧାନା(୩୪) ପ୍ରଥମ ଉଇକେଟରେ ୩୭ ରନ୍ ଯୋଡିଥିଲେ । ୩ ନମ୍ବରରେ ବ୍ୟାଟିଂ କରିଥିବା ରିଚା ଘୋଷ କ୍ୟାରିୟର ଶ୍ରେଷ୍ଠ ୯୬ ରନ ସ୍କୋର କରିଥିଲେ । ୧୧୭ ବଲ୍ ଖେଳି ସେ ୯୬ ରନ୍ କରିଥିଲେ । ତୃତୀୟ ଉଇକେଟରେ ଜେମିମା ରୋଡ୍ରିଗୁଏଜ(୪୪)ଙ୍କ ସହ ମିଶି ୮୮ ରନ୍ ଯୋଡିଥିଲେ । ଉଭୟ ବ୍ୟାଟିଂ କରୁଥିବା ସମୟରେ ଭାରତର ବିଜୟ ହାତ ପାହାନ୍ତରେ ରହିଥିଲା । ତବେ ମଧ୍ୟକ୍ରମରେ ହରମନ୍‌ପ୍ରୀତ କୌର(୫), ଅମନଜୋତ୍ କୌର(୪), ପୂଜା ବସ୍ତ୍ରକାର(୮) ଓ ହରଲିନ୍ ଦେଓଲ(୧) ବିଫଳ ହେବାରୁ ଭାରତ ବିଜୟ ଲକ୍ଷ୍ୟରୁ ୩ ରନ୍ ଦୂରରେ ରହ ଯାଇଥିଲା । ଶେଷ ଓଭରରେ ୧୬ ରନ୍ ଆବଶ୍ୟକ ଥିବା ବେଳେ ଦୀପ୍ତି ଶର୍ମା(୨୪ଅ) ଓ ଡେବ୍ୟୁଟାଣ୍ଟ ଶ୍ରେୟଙ୍କା ପାଟିଲ(୫ଅ) ୧୨ ରନ୍ ସଂଗ୍ରହ କରି ପାରିଥିଲେ । ଶେଷ ଭାଗରେ ୩ ଉଇକେଟ ନେଇ ଆନାବେଲ ସଦରଲାଣ୍ଡ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ଜର୍ଜିଆ ଓ୍ୱେୟାରହାମ୍ ୨ ଉଇକେଟ ନେଇଥିବା ବେଳେ ଆସ୍‌ଲେ ଗାର୍ଡନର, କିମ୍ ଗାର୍ଥ ଓ ଆଲାନା କିଙ୍ଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ ।

# ଭେଟେରାନ ଟି -୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିନ



**ବାରିପଦା(ଅମୃତ ମିଡିଆ) :** ସ୍ଥାନୀୟ ବାରିପଦା କଲେଜ ପଡିଆରେ ସିକ୍ରେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ମୟୁରଭଞ୍ଜ ଭେଟେରାନ ଟି - ୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିନର ପ୍ରଥମ ମ୍ୟାଚ୍‌ରେ ସିକ୍ରେଟ ୧୧ ଡି ଆର କେ କୁ ୧୨ ରନରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ସିକ୍ରେଟ ୧୦ ଓଭରରେ ୬ ଉଇକେଟ ହରାଇ ୧୧୨ ରନ କରିଥିଲେ ଓ ଦଳ ପକ୍ଷରୁ ମଳୟ କୁମାର ବଳ ୪୦, ସମସେର ଆଲାମ ୩୧ ଓ ଆଲୋକ କୁମାର ପରିଡା ୨୯ ରନ କରିଥିବାବେଳେ ବିପକ୍ଷ ଦଳର ସୁବ୍ରତ ଲେଙ୍କା ୩ ଟି ଓ ଦୀପକ ରଞ୍ଜନ ସାହୁ ୨ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଡି ଆର କେ ୧୦ ଓଭରରେ ୨ ଉଇକେଟ ହରାଇ ୧୦୦ ରନ ହାସଲ କରିଥିଲେ ଓ ଦଳ ପକ୍ଷରୁ ଦିବ୍ୟେଶ ମହାନ୍ତି ସର୍ବାଧିକ ୬୮ ରନ କରିଥିଲେ ଓ ଦ୍ୱିତୀୟ ମ୍ୟାଚରେ ମା ଅମ୍ବିକା ଓ୍ୱାରିୟାର୍ସ ଏଟାକ ୧୧ କୁ ୯ ଉଇକେଟରେ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ଏଟାକ ୧୦ ଓଭରରେ ୬ ଉଇକେଟ ହରାଇ ୧୧୯ ରନ କରିଥିଲେ ଓ ଦଳ ପକ୍ଷରୁ ଦୀପକ କୁମାର ବେହେରା ୬୮ ରନ କରିଥିବା ବେଳେ ବିପକ୍ଷ ଦଳର ଅମିତ ବିଶ୍ୱାସ ଓ ଲକ୍ଷ୍ମୀଧର ସିଂ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ୮.୩ ଓଭରରେ ୧ ଉଇକେଟ ହରାଇ ୧୨୧ ରନ କରି ବିଜୟ ଲକ୍ଷ୍ୟ ହାସଲ କରିପାରିଥିଲେ ଓ ଦଳ ପକ୍ଷରୁ ଲକ୍ଷ୍ମୀଧର ସିଂ ୭୭ ଓ ଦେବାଶିଷ ଗୁପ୍ତା ୨୪ ରନ କରିଥିଲେ ଓ ଅବିନାଶ ରଥ, ଶେଖ ଲାଇକୁଦ୍ଦିନ ଓ ଚନ୍ଦନ ଦାସ ଖେଳ ପରିଚାଳନା କରିଥିବା ବେଳେ ଆନିଷ ମିଶ୍ର, ତୁଷାର ଦ୍ୱିବେଦୀ ସ୍କୋରିଙ୍ଗରେ ସହାୟତା କରିଥିଲେ ଓ ଦୀପକ ଦାସ ଧାରା ବିବରଣୀ ଦେଇଥିଲେ ଓ ଆସନ୍ତା କାଲିର ପ୍ରଥମ ମ୍ୟାଚ ଏ ଆର ଫାଇଟର ଓ ମହାନ୍ତି ଟାଇଗର୍ସ ଏବଂ ଦ୍ୱିତୀୟ ମ୍ୟାଚ ଜିଲ୍ଲା ବାର ଏସୋସିଏସନ ଓ ଖୁଣ୍ଟା ମଧ୍ୟରେ ଖେଳାଯିବ ବୋଲି ଆୟୋଜକ ସନ୍ତୋଷ ଓତା ଜଣାଇଛନ୍ତି ।

# ଜୁଭେନାଇଲ ଖେଳାଳି ଆଶୀର୍ବାଦ ସ୍ୱାଇଁ ଓ ସୁମିତ ଶର୍ମା ରଣଜୀ ଟ୍ରଫି ପାଇଁ ମନୋନୀତ



**କଟକ(ବ୍ୟୁରୋ) :** ଆଗାମୀ ରଣଜୀ ଟ୍ରଫି ପାଇଁ ଓଡିଶା ଟିମ୍‌ରେ ଆଶୀର୍ବାଦ ସ୍ୱାଇଁ ଏବଂ ସୁମିତ ଶର୍ମା ଯୋଗ୍ୟ ବିବେଚିତ ହୋଇ ଦଳରେ ସ୍ଥାନ ପାଇଛନ୍ତି । ସେମାନଙ୍କର କଠିନ ପରିଶ୍ରମ ହିଁ ସେମାନଙ୍କୁ ଆଜି ଏହି ସୋପାନରେ ଆଣି ପହଂଚାଇଛି । ଏହି ଦୁଇ ଖେଳାଳି ଜୁଭେନାଇଲ କ୍ଲବ୍‌ର ଖେଳାଳି । ତାଙ୍କର ଏହି ଆଚିଭ୍‌ମେଣ୍ଟ ପାଇଁ ଜୁଭେନାଇଲ କ୍ଲବର ସମସ୍ତ କର୍ମକର୍ତ୍ତା ସେମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ଅନିଲ ପରିଡା ଏବଂ ସାଇଦୀପ ମହାପାତ୍ର ମଧ୍ୟ ସିକେ ନାଇଡୁ ଟ୍ରଫି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତାଙ୍କୁ ମଧ୍ୟ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇବା ସହ ଆଗାମୀ ମ୍ୟାଚ୍ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।



## ମଲ୍ଲିପୁରଠାରେ ମା ସରସ୍ୱତୀ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ

**ଦଶରଥପୁର(ଅମୃତ ମିଡିଆ) :** ଦଶରଥପୁର ବ୍ଲକ ଅଧିନସ୍ଥ କୟାଁ ପଂଚାୟତ ଅନ୍ତର୍ଗତ ମଲ୍ଲିପୁର ଗ୍ରାମଠାରେ ମା ସରସ୍ୱତୀ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟ କୁ ଟିଡିସିସି ର ଅବସରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ପଣ୍ଡା ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଟୁର୍ନାମେଣ୍ଟରେ ୮ ଗୋଟି ଟିମ ଭାଗ ନେଇଥିବା ବେଳେ । ପ୍ରତ୍ୟେକ ଟିମ ୮ ଓଭର ଲେଖାଏଁ ଖେଳିଥିଲେ । କଣ୍ଟପଡ଼ା କ୍ରିକେଟ ଟିମ ଓ ପାଳସାହି କ୍ରିକେଟ ଟିମ ଫାଇନାଲରେ ମୁହାଁ ମୁହିଁ ହୋଇଥିବା ବେଳେ ଏଥିରେ କଣ୍ଟାପଡା ଚମ୍ପିୟାନ ହୋଇଥିଲା । ଏହି ଟୁର୍ନାମେଣ୍ଟ ଟିକୁ ପରିଚାଳନା କରିବାରେ ପ୍ରିୟରଞ୍ଜନ ପଣ୍ଡା, ରଂଜିତା ପଣ୍ଡା, ଦେବାଶିଷ ପଣ୍ଡା, ରଶ୍ମିରଂଜନ ପଣ୍ଡା, ବିଶ୍ୱରଂଜନ ପଣ୍ଡା, ସୌଦାଗର ନାୟକ, ଚିତ୍ତରଞ୍ଜନ ଦାସ, ମୃତ୍ୟୁଞ୍ଜୟ ପଣ୍ଡା ସହଯୋଗ କରିଥିଲେ । ଏଥିରେ ଅମ୍ପାୟାର ଭାବେ ଧୀରେନ୍ଦ୍ର ମଲ୍ଲିକ ଓ ଶଶାଙ୍କ ଶେଖର ପଣ୍ଡା ଦାଇତ୍ୱ ତୁଲାଇ ଥିଲେ ।






## ସର୍ବ ଭାରତୀୟ ଆଜାଦ୍ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରାଞ୍ଚି ୟୁସିସି ଫାଇନାଲରେ

**ବାରିପଦା/କରଞ୍ଜିଆ(ଅମୃତ ମିଡିଆ) :** କରିଆ ବ୍ଲକ୍ ଚଢେଇଭୋଳ ସ୍ଥିତ ଆଜାଦ ସ୍ପୋର୍ଟସ ଏବଂ କଲଚୁରାଲ କ୍ଲବ ଆନୁକୁଲ୍ୟରେ ଚଢେଇଭୋଳ ଷ୍ଟାଡିୟମ ଠାରେ ଡିଉଜ୍ ବଲରେ ଚାଲିଥିବା ସର୍ବ ଭାରତୀୟ ଆଜାଦ୍ କପ୍ କ୍ରିକେଟ ଟୁର୍ଣ୍ଣାମେଂଟର ପ୍ରଥମ ସେମିଫାଇନାଲ ଖେଳ ରାଂଚି ୟୁସିସି ଦଳ ଓ ରାଉରକେଲା କ୍ରିକେଟ୍ ଆସୋସିଏସନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ କରିଆ ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ଭୁବନ ବିହାରୀ ସାହୁ, ଉପସଭାପତି ଏମଡି ରିୟାଜୁଦ୍ଦିନ, କାର୍ଯ୍ୟକାରୀ ସମ୍ପାଦକ ସବିର ଅଲ୍ଲୀ, ପରିଚାଳକ ଏମଡି ଖଲିଲୁର ରେହେମାନ, ଯୁଗ୍ମ ସମ୍ପାଦକ ଏସକେ ଜାହାଙ୍ଗୀର, କୋଷାଧ୍ୟକ୍ଷ ସରାଫତ ଆଲାମ ଓ ଏମଡି ସଜରୁଲଙ୍କ ଉପସ୍ଥିତିରେ ଉଭୟ ଦଳର ଖେଳାଳୀମାନଙ୍କ ସହ ପରିଚୟ ଆଦାନ ପ୍ରଦାନ କରିଥିଲେ । ରାଉରକେଲା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ ବିନିମୟରେ ୧୫୭ ରନ୍ କରିଥିଲା ।ପ୍ରତି ଉତରରେ ରାଂଚି ୟୁସିସି ଦଳ ୫ ଓ୍ୱିକେଟ ବିନିମୟରେ ୧୫୯ ରନ୍ କରି ୫ ଓ୍ୱିକେଟରେ ବିଜୟୀ ହୋଇଥିଲା । ଏହି ସେମିଫାଇନାଲ ଖେଳ ଅତ୍ୟନ୍ତ ରୋମାଂଚକର ହେବାରୁ ଖେଳ ପ୍ରେମୀଙ୍କ ଭିଡ ଦେଖିବାକୁ ମିଳିଥିଲା । ବିଜୟୀ ଦଳର ଖେଳାଳୀ ଅରୁଣ ଯାଦବ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଅତିଥିଙ୍କ ନିକଟରୁ ପୁରସ୍କୃତ ହେଇଥିଲେ । ଏହି ଖେଳକୁ ଅମ୍ପାୟାର ଭାବେ ଖଗେଶ୍ୱର ମଲ୍ଲିକ, ଲଲାଟ କେଶରୀ ନନ୍ଦ ପରିଚାଳନା କରିଥିଲେ ।ଭାଷ୍ୟକାର ଭାବେ ସୁରେଶ ସାଣ୍ଡିଲ,ଅବଦୁଲ ମଲ୍ଲିକ ଏବଂ ଅସଗର ଅଲ୍ଲୀ ଓ ସ୍କୋରର ଭାବେ ଆବାସ ,ଏମଡି ଇରଫାନ କାର୍ଯ୍ୟ ସମ୍ପାଦନ କରିଥିଲେ । ଟୁର୍ଣ୍ଣାମେଣ୍ଟକୁ କ୍ଲବର ସଦସ୍ୟ ଅନିଶ ଅଲ୍ଲୀ, ସୁରେନ୍ଦ୍ର ବେହେରା ତଥା ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।






କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**


₹5/-
Saffron Blended
NB
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.